ପୃଷ୍ଠା-୮+୮

# ଧରିତ୍ରୀ
DHARITRI

୪୮ଶ ଭାଗ ୨୩ ସଂଖ୍ୟା | ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୧୬/୨୦୨୧ (୮+୮=୧୬ ପୃଷ୍ଠା) | Bhubaneswar, Thursday, December 16/2021 | ★★★★★★

www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-







Winter Collection 2021

This winter, go fashionable in trendy winter wears. Choose your style from the endless Kalamandir collection of winter garments and amazing range of shawls.

kalamandir କଳାମନ୍ଦିର | ODISHA'S MOST POPULAR FASHION SHOP | ଓଡ଼ିଶାର ସବୁଠୁ ଲୋକପ୍ରିୟ ଫ୍ୟାଶନ ଶପ୍

Shop with a smile.

3, Western Market, Bhubaneswar 751009

R.K.SWAMY BBDO KM 2927 21

JACKETS | PULLOVERS | SUITS | CARDIGANS | KIDSWEAR
WINTER ACCESORIES AND AN EXCITING COLLECTION OF SHAWLS

DADLS - 48

ଓଡ଼ିଶା ସରକାର

## ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା
## ନବନିଯୁକ୍ତ ୬୦୩୧ ଶିକ୍ଷକ ଏବଂ ଶିକ୍ଷୟିତ୍ରୀମାନଙ୍କର
## ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ସମାରୋହ

ମୁଖ୍ୟ ଅତିଥି
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

୧୬ ଡିସେମ୍ବର ୨୦୨୧

ସ୍ଥାନ: କଳିଙ୍ଗ ଷ୍ଟାଡିୟମ୍, ଭୁବନେଶ୍ୱର



ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

OIPR-27045/13/0023/2122

# ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

*କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ(ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀର ଟର୍ମ-୧ର ଇଂଲିଶ ଭାଷା ପରୀକ୍ଷାରେ ନାରୀ ସ୍ୱାଧୀନତା ବିରୋଧରେ ଏକ ପ୍ରଶ୍ନ ରହିଥିଲା, ଯାହାକୁ ନେଇ ସାରା ଦେଶରେ ପ୍ରତିବାଦ ଦେଖାଦେଇଛି। ଯଦିଓ ସିବିଏସ୍‌ଇ କର୍ତ୍ତୃପକ୍ଷ ଏଭଳି ତ୍ରୁଟି ପାଇଁ ଦୁଃଖ ପ୍ରକାଶ କରିଛନ୍ତି, ଉକ୍ତ ପ୍ରଶ୍ନକୁ ବାତିଲ କରିବା ସହ ପରୀକ୍ଷାର୍ଥୀଙ୍କୁ ଏଥିପାଇଁ ପୂର୍ଣ୍ଣ ନମ୍ବର ମିଳିବ ବୋଲି କହିସାରିଛନ୍ତି, ତଥାପି ଏଭଳି ତ୍ରୁଟି ପିଲାମାନଙ୍କ ଉପରେ ବିଶେଷ ପ୍ରଭାବ ପକାଇଛି। ଯେଉଁମାନେ ଏହି ପ୍ରଶ୍ନପତ୍ର ପ୍ରସ୍ତୁତିରେ ସମ୍ପୃକ୍ତ ଅଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସବୁଠି ଦାବି ହେଉଛି। ସିବିଏସ୍‌ଇ କର୍ତ୍ତୃପକ୍ଷ ଯଥାଶୀଘ୍ର ଏ ଦିଗରେ ପଦକ୍ଷେପ ନିଅନ୍ତୁ ବୋଲି ପିଲାଙ୍କଠାରୁ ଆରମ୍ଭ କରି ଅଭିଭାବକ, ଶିକ୍ଷାବିତ୍‌ମାନେ ମତପ୍ରକାଶ କରିଛନ୍ତି।*

**ସିବିଏସ୍‌ଇ ଦଶମ ଇଂଲିଶ ପ୍ରଶ୍ନପତ୍ରରେ ତ୍ରୁଟି ପ୍ରସଙ୍ଗ**






"ଆମେ ସବୁବେଳେ ଲିଙ୍ଗଗତ ସମାନତା କଥା କହୁଥିବାବେଳେ ଏପରି ପ୍ରଶ୍ନ ପ୍ରସ୍ତୁତ ହେବା ନିଶ୍ଚିତ ଭାବେ ଆଶ୍ଚର୍ଯ୍ୟଜନକ। ଏହା କେବଳ ମହିଳାଙ୍କୁ ଅସମ୍ମାନ କରିଛି ତାହା ନୁହେଁ, ପିଲାଙ୍କ ଉପରେ ବି ପ୍ରଭାବ ପକାଇଛି। ଉକ୍ତ ପ୍ରଶ୍ନ ପଢ଼ିବା ପରେ କିଛି ସମୟ ପାଇଁ ପିଲାମାନେ କ'ଣ ଲେଖିବେ ତାହା ଚିନ୍ତା କରିପାରି ନ ଥିଲେ। ଏକ ପ୍ରଶ୍ନରେ ଅଶ୍ଳୀଳ ଶବ୍ଦ ବ୍ୟବହାର ମଧ ହୋଇଥିଲା। ଏପରି କି ବାପାଙ୍କ ଅନୁମତି ବିନା ମା' ପିଲାକୁ କିଛି କହିପାରିବେ ନାହିଁ ବୋଲି ଉକ୍ତ ପ୍ରଶ୍ନର ସାରାଂଶରେ ଲେଖା ହୋଇଥିଲା, ଯାହାକି ସମ୍ପୂର୍ଣ୍ଣ ଭୁଲ୍ ଥିଲା।

**- ଅନ୍ୱତ ସନ୍‌କ୍ରିତ୍, ଛାତ୍ର**



"ମୁଁ ଯେତେବେଳେ ପ୍ରଶ୍ନ ପଢ଼ିଲି, କିଛି ସମୟ ପାଇଁ ସ୍ତବ୍ଧ ହୋଇଗଲି। ଏଭଳି ପ୍ରଶ୍ନର ଉତ୍ତର ଦେବି କିପରି ଚିନ୍ତା କଲି। ବୋର୍ଡ କେମିତି ଏଭଳି ପ୍ରଶ୍ନ ପ୍ରସ୍ତୁତ କରି ପିଲାଙ୍କ ମନରେ ଏହି ଖରାପ ଚିନ୍ତାଧାରା ଭର୍ତ୍ତି କରିବାକୁ ଚେଷ୍ଟା କରିପାରିଲା। ଯେଉଁମାନେ ଏହାକୁ ପ୍ରସ୍ତୁତ କରିଛନ୍ତି ସେମାନେ ପିଲାଙ୍କ ବୟସ କଥା ଚିନ୍ତା କରିବାର ଆବଶ୍ୟକ ଥିଲା। ସାରା ଦେଶର ପିଲାଙ୍କ ଉପରେ ଏହାର ପ୍ରଭାବ ପଡ଼ିଛି। ଆଗକୁ ଯେଭଳି ଏମିତି ଭୁଲ୍ ନ ହୁଏ, ବୋର୍ଡ ସେଥିପ୍ରତି ଦୃଷ୍ଟି ଦେବା ଉଚିତ।

**- ତୁହିନ ସାମନ୍ତରାୟ, ଛାତ୍ର**



"ମହିଳାଙ୍କ ଉନ୍ନତି ହେଉ, ମହିଳାମାନେ ଆଗକୁ ବଢ଼ନ୍ତୁ ବୋଲି ଆମେ କହୁଛେ। କିନ୍ତୁ ଆମ ମାନସିକତାରେ ପରିବର୍ତ୍ତନ ହୋଇ ନାହିଁ ବୋଲି ଏହି ଲେଖାରୁ ଜଣାପଡୁଛି। ଯିଏ ଏହି ପ୍ରଶ୍ନ ଲେଖିଛନ୍ତି ସେ ଯୋଗ୍ୟ ନୁହନ୍ତି। ମହିଳାମାନେ ପାଠ ପଢ଼ିଲେ, ସ୍ୱାଧୀନ ହେଲେ ସମାଜରେ ବିଶୃଙ୍ଖଳା ବଢୁଛି ବୋଲି କୁହାଯାଇଛି। ଯାହା ଏକ ସାମନ୍ତବାଦୀ ମାନସିକତା। ପିଲାମାନେ ଏହାକୁ ପଢ଼ିବା ପରେ ମହିଳାମାନେ ହିଁ ସମାଜରେ ସବୁ ଅସୁବିଧା କରୁଛନ୍ତି ବୋଲି ଭାବିବେ। ଏପରି କି ମହିଳାମାନେ ଅଧିକ ପାଠ ପଢ଼ିବା, ଆଗକୁ ବଢ଼ିବା ଉଚିତ ନୁହେଁ ବୋଲି ପିଲାମାନଙ୍କ ମନରେ ଭାବନା ସୃଷ୍ଟି ହେବ।

**- ଅମରେନ୍ଦ୍ର ଦାସ, ପ୍ରାଧାପକ, ନାଇଜର**



"ପ୍ରଶ୍ନରେ ଯାହା ଲେଖା ହୋଇଛି ଆମର ପ୍ରଚଳିତ ପୁରୁଷ କୈନ୍ଦ୍ରିକ ସମାଜରେ ଏହା ଚାଲି ଆସୁଛି। କିନ୍ତୁ ତାକୁ ନେଇ ପାଠ୍ୟପୁସ୍ତକରେ ରଖି ପ୍ରଶ୍ନ ପଚାରିବା ନିଶ୍ଚିତ ଭାବେ ନିନ୍ଦନୀୟ ବିଷୟ। ପିଲାଙ୍କ ଭିତରେ ଏଭଳି ଚିନ୍ତାଧାରାକୁ ଭର୍ତ୍ତି କରିବା ମଧ ଗ୍ରହଣୀୟ ନୁହେଁ। ପ୍ରଶ୍ନ ଜଣେ ଶିକ୍ଷକ ହିଁ ତିଆରି କରିଥିବେ। ସ୍କୁଲ, କଲେଜ ହେଉଛି ମଣିଷ ତିଆରି କାରଖାନା। ଶିକ୍ଷକମାନେ ହିଁ ପିଲାଙ୍କ ମାନସିକତା ଓ ଚିନ୍ତାଧାରାକୁ ସଜାଡ଼ନ୍ତି। ଯଦି ଜଣେ ଶିକ୍ଷକଙ୍କ ଏଭଳି ନକାରାତ୍ମକ ମାନସିକତା ରହିଛି, ତେବେ ପିଲାଙ୍କୁ କ'ଣ ଶିକ୍ଷା ଦିଆଯିବ। ପ୍ରଶ୍ନ ଯିଏ କରିଛନ୍ତି ଓ ଯିଏ ଏହାକୁ ଅନୁମତି ଦେଇଛନ୍ତି, ସେମାନଙ୍କ ବିରୋଧରେ ସିବିଏସ୍‌ଇ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ।

**- ଅପରାଜିତା ଚୌଧୁରୀ, କୁଳପତି, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ**



"ସିବିଏସ୍‌ଇର ଏଭଳି ତ୍ରୁଟିକୁ କ୍ଷମା କରିବା ଉଚିତ ନୁହେଁ। ଆଜିକା ଦିନରେ ଏଭଳି ପ୍ରସଙ୍ଗ ଉଠାଇବା, ତାହା ପୁଣି ପିଲାଙ୍କ ପାଠ୍ୟକ୍ରମରେ ତାହା କଦାପି ଗ୍ରହଣୀୟ ନୁହେଁ। ସିବିଏସ୍‌ଇ ସବୁବେଳେ କୁହେ, ବିଭିନ୍ନ ସ୍ତରଦେଇ ତର୍ଜମା ପରେ ଶ୍ରେଷ୍ଠ ପ୍ରଶ୍ନ ପ୍ରସ୍ତୁତ କରିଥାନ୍ତି। ହେଲେ ଏଠି କାହିଁକି ଏମିତି ହେଲା। କିଏ ଏଭଳି ପ୍ରଶ୍ନ ପ୍ରସ୍ତୁତ କରିଥିଲେ, କିଏ ଏହାକୁ ଦେଖିଲେ ଓ ଅନୁମତି ଦେଲେ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ଉଚିତ। ଏଥିସହିତ ବୋର୍ଡର ଏକ ଆମୂଳଚୁଳ ପରିବର୍ତ୍ତନର ଆବଶ୍ୟକତା ରହିଛି। ଯେଉଁ ଫର୍ମାଟରେ ଚାଲିଛି ତାକୁ ବଦଳାଇବା ଉଚିତ। ନଚେତ୍ ପୁଣି ଏଭଳି ଘଟଣା ଦେଖିବାକୁ ମିଳିବ।

**- ବାସୁଦେବ ଭଟ୍ଟ, ଅଧ୍ୟକ୍ଷ, ଓଡ଼ିଶା ଅଭିଭାବକ ମହାସଂଘ**



"ମା' ଶିକ୍ଷିତ ହେଲେ ପିଲାମାନେ ଶିକ୍ଷିତ ହୋଇପାରିବେ ବୋଲି କଥା ରହିଛି। ହେଲେ ଏଠାରେ ମହିଳା ଶିକ୍ଷିତ ହେବାକୁ ନିନ୍ଦା କରାଯାଇଛି। ଯାହା ଆଦୌ ଗ୍ରହଣୀୟ ନୁହେଁ। ଆମ ସମାଜରେ ଏଭଳି କୁପ୍ରଥା ଚାଲିଛି ସତ। କିନ୍ତୁ ବର୍ତ୍ତମାନ ଏଥିରେ ବହୁ ପରିବର୍ତ୍ତନ ହେଲାଣି। ତେବେ ଏଭଳି ପ୍ରସଙ୍ଗକୁ ନେଇ ପ୍ରଶ୍ନ ପ୍ରସ୍ତୁତ କରିବା ଠିକ୍ ନୁହେଁ। କିଏ ଏହାକୁ ଅନୁମତି ଦେଲେ। ଏଥିରେ ଯେଉଁମାନେ ସଂଶ୍ଳିଷ୍ଟ ଅଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ।

**- ସୁପ୍ରଭା ପଣ୍ଡା, ଅଭିଭାବକ**



"ସିବିଏସ୍‌ଇ କର୍ତ୍ତୃପକ୍ଷ ଡ୍ରାମା କରୁଛନ୍ତି। ଏହାକୁ ବୋର୍ଡ ପରୀକ୍ଷା ନୁହେଁ ବରଂ ମକ୍ ଟେଷ୍ଟ ବୋଲି ଭାବିଛନ୍ତି। ସେହି ପ୍ରଶ୍ନରେ କେବଳ ମହିଳାଙ୍କୁ ଅସମ୍ମାନ କରାଯାଇଛି ତାହା ନୁହେଁ, ବରଂ ପିଲାଙ୍କ ଉପରେ ଗଭୀର ପ୍ରଭାବ ମଧ ପକାଇଛି। ମୋ ପୁଅ ଇଂଲିଶ୍ ପରୀକ୍ଷା ଦେବା ପରେ ତା'ର ମାନସିକ ପ୍ରଭାବ ପଡ଼ିଛି। ସେ ଅଲଗା ପାଠ ପଢ଼ିବା ପାଇଁ ମନ କରୁନି। ମୁଁ ଭାବୁଛି ବୋର୍ଡ ଜାଣିଶୁଣି ଯୋଜନାବଦ୍ଧ ଭାବେ ଏଭଳି ପ୍ରଶ୍ନ ପ୍ରସ୍ତୁତ କରୁଛି। କାରଣ ସିବିଏସ୍‌ଇର ଏହା ପ୍ରଥମ ଭୁଲ୍ ନୁହେଁ। ପୂର୍ବରୁ ଦ୍ୱାଦଶ ପରୀକ୍ଷାରେ ବି ଏଭଳି ଏକ ନିନ୍ଦନୀୟ ପ୍ରସଙ୍ଗ ଉପରେ ପ୍ରଶ୍ନ ଆସିଥିଲା। ତେଣୁ ଏଭଳି ପ୍ରଶ୍ନ ପ୍ରସ୍ତୁତ କିଏ କରୁଛି, ପ୍ୟାନେଲ୍‌ରେ କିଏ କିଏ ଅଛନ୍ତି ତାହା ଜାଣି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଦରକାର।

**- ମମତା ସାମନ୍ତରାୟ, ଅଭିଭାବକ**

## ନୀତି ରାଜନୀତି

# ଚାଷୀଙ୍କ ପ୍ରତି ସରକାରଙ୍କ ଅବହେଳାର ପ୍ରତିବାଦ

**କିଷାନ କଂଗ୍ରେସର ଧାରଣା, ରାଜ୍ୟପାଳଙ୍କୁ ଦାବିପତ୍ର**

ଭୁବନେଶ୍ୱର,୧୫।୧୨(ବ୍ୟୁରୋ)

କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀଙ୍କ ପ୍ରତି ଚରମ ଅବହେଳା କରୁଥିବା ଦର୍ଶାଇ ଏହା ପ୍ରତିବାଦ କରିଛି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ। ବାତ୍ୟାଜନିତ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତି ପୂରଣ ପ୍ରଦାନ ସହ ୧୧ ଦଫା ଦାବିନେଇ ବୁଧବାର ରାଜଭବନ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏହି ଅବସରରେ କିଷାନ କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲା। ଏଥିସହିତ ଲଖିମପୁର ଖେରି ହିଂସାରେ ଚାଷୀ ହତ୍ୟାକୁ କେନ୍ଦ୍ର କରି କେନ୍ଦ୍ର ଗୃହ ରାଷ୍ଟ୍ର ମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଥିଲା।

ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ବିଧାୟକ ସୁରେଶ କୁମାର ରାଉତରାୟ, ପିସିସି ଉପସଭାପତି ଶିବାନନ୍ଦ ରାୟ, କଂଗ୍ରେସ ମୁଖପାତ୍ର ମନୋରଞ୍ଜନ ଦାସ ପ୍ରମୁଖ ଧାରଣାରେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷକ ନୀତିଗୁଡିକୁ ତୀବ୍ର ସମାଲୋଚନା କରିଥିଲେ। ସରକାରଙ୍କ ପକ୍ଷରୁ ଯେଉଁ ୫ ଲକ୍ଷ ୬୮ ହଜାର ହେକ୍ଟର ଫସଲ ନଷ୍ଟ ହୋଇଥିବା ଦର୍ଶାଯାଉଛି, ତାହା ଠିକ ଭାବେ ଆକଳନ କରାଯାଇ ନାହିଁ। ତେଣୁ ଠିକ୍ ଆକଳନ ସହ ତୁରନ୍ତ ସମସ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦେବାକୁ ଦାବି କରିଥିଲେ। ପରେ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ୪ ଜଣିଆ ପ୍ରତିନିଧି ମଣ୍ଡଳୀ ରାଜଭବନକୁ ଯାଇ ରାଜ୍ୟପାଳଙ୍କ ସହିତ ଆଲୋଚନା କରିଥିଲେ। ଏହି ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ପ୍ରଚଳିତ ରିଲିଫ୍ କୋଡ୍‌ର ସଂଶୋଧନ ଓ ବିପର୍ଯ୍ୟୟ ସମୟରେ ଚାଷୀଙ୍କୁ ତ୍ୱରିତ ସହାୟତା ପାଇଁ ସଶକ୍ତ କଣ୍ଟିଜେନ୍ସି ପ୍ଲାନର ବ୍ୟବସ୍ଥା, କ୍ଷତିଗ୍ରସ୍ତ ଚାଷୀଙ୍କୁ ଏକର ପିଛା ୨୦ ହଜାର ଟଙ୍କା ପ୍ରଦାନ, ଇନପୁଟ୍ ସହାୟତାର ତାରତମ୍ୟକୁ ଉଚ୍ଛେଦ, ଏନ୍‌ଡିଆରଏଫ୍/ ଏସଡିଆରଏଫ୍ ପାଣ୍ଠିରୁ ପ୍ରଚଳିତ କୃଷି ଇନ୍‌ପୁଟ ସହାୟତା ରାଶିର ୩ ଗୁଣା ବୃଦ୍ଧି, ସମ୍ପୂର୍ଣ୍ଣ କୃଷି ରଣ ଛାଡ଼, ବ୍ଲକ ସ୍ତରରେ ଶୀତଳ ଭଣ୍ଡାର ଓ ଅଞ୍ଚଳ ଭିତ୍ତିରେ କୃଷି ଭିତ୍ତିକ ଶିଳ୍ପଗାର ପ୍ରତିଷ୍ଠା, ଭାଗଚାଷୀଙ୍କୁ ଆଇନଗତ ସ୍ୱୀକୃତି ଆଦି ରହିଛି। ଆସନ୍ତା ୧୫ ଦିନ ମଧ୍ୟରେ ଚାଷୀଙ୍କ କ୍ଷତି ଭରଣା କରା ନ ଗଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି କିଷାନ କଂଗ୍ରେସ ଅଧ୍ୟକ୍ଷ ପଟ୍ଟନାୟକ ସୂଚନା ଦେଇଛନ୍ତି।



ବାତ୍ୟାଜନିତ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦାବିରେ ବୁଧବାର ରାଜଭବନ ସମ୍ମୁଖରେ କିଷାନ କଂଗ୍ରେସ ପକ୍ଷରୁ ଧାରଣା।

# ତାଳଚେର-ବିମଳାଗଡ଼ ରେଳ ପ୍ରକଳ୍ପ କାର୍ଯ୍ୟ ଶେଷ କରାଯାଉ

**ରେଳ ମନ୍ତ୍ରଣାଳୟକୁ ଅନୁରୋଧ କଲେ ଏମ୍‌ପି ନୀତେଶ ଗଙ୍ଗଦେବ**

ନୂଆଦିଲ୍ଲୀ, ୧୫।୧୨

ଦୀର୍ଘଦିନର ତାଳଚେର-ବିମଳାଗଡ ରେଳ ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ତ୍ୱରିତ ପଦକ୍ଷେପ ନେବାକୁ ବୁଧବାର ଭାଜପା ଏମ୍‌ପି ନୀତେଶ ଗଙ୍ଗଦେବ ରେଳ ମନ୍ତ୍ରଣାଳୟକୁ ଅନୁରୋଧ କରିଛନ୍ତି। ଲୋକ ସଭାରେ ଗଙ୍ଗଦେବ ଉଦ୍‌ବେଗ ପ୍ରକାଶ କରିବା ସହ କହିଥିଲେ ଯେ, ସ୍ୱାଧୀନତାର ୭୪ ବର୍ଷରେ ବି ଦେବଗଡ଼ ଜିଲା ରେଳ ସେବା ପାଇପାରି ନାହିଁ। ୧୪୯.୭୮କି.ମି. ଲମ୍ବର ତାଳଚେର-ବିମଳାଗଡ଼ ରେଳ ପ୍ରକଳ୍ପକୁ ୨୦୦୩-୦୪ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପାୟୀଙ୍କ ସମୟରେ ଆରମ୍ଭ କରାଯାଇଥିଲା। ହେଲେ ଜମି ଅଧିଗ୍ରହଣରେ ବିଳମ୍ବ ଯୋଗୁ ତାହା ଅଦ୍ୟାବଧି ମାତ୍ର ୧୭.୬୨ କି.ମି. କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ରାଜ୍ୟ ସରକାର ଏହି ପ୍ରକଳ୍ପ ପାଇଁ ୯୯୦.୪୫ ଏକର ବ୍ୟକ୍ତିଗତ ଜମିରୁ ମାତ୍ର ୪୧୦.୯ ଏକର ଏବଂ ୪୨୨.୩୮ଏକର



ସରକାର ଅବଶିଷ୍ଟ ଜମିକୁ ଶୀଘ୍ର ହସ୍ତାନ୍ତର ନ କଲେ ଏହି ପ୍ରକଳ୍ପ ୨୦୨୫ ସୁଦ୍ଧା ଶେଷ ହୋଇପାରିବ ନାହିଁ। ତେଣୁ ବଳକା ଜମିକୁ ୨୦୨୨ ମାର୍ଚ୍ଚ ସୁଦ୍ଧା ଅଧିଗ୍ରହଣ କରାଯାଇପାରିଲେ ଏହି ପ୍ରକଳ୍ପ ୨୦୨୫ସୁଦ୍ଧା ଶେଷ ହୋଇପାରିବ ବୋଲି ରେଳ ମନ୍ତ୍ରଣାଳୟକୁ ଗଙ୍ଗଦେବ କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଦାବି ରାଜ୍ୟ ସଭାରେ ଦୋହରାଇଲା ବିଜେଡି

**ପିଏମ୍‌ଏୱାଇରେ ରାଜ୍ୟକୁ ଘର ଯୋଗାଇବା ପ୍ରସଙ୍ଗ**

ଭୁବନେଶ୍ୱର, ୧୫।୧୨(ବ୍ୟୁରୋ)



ସସ୍ମିତ ପାତ୍ର

ରାଜ୍ୟ ସଭାରେ ଏମ୍‌ପି ସସ୍ମିତ ପାତ୍ର ପିଏମ୍ ଆବାସ ଯୋଜନା ପ୍ରସଙ୍ଗ ଉଠାଇଲେ। ଏହାସହ କେନ୍ଦ୍ର ସରକାରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲେଖିଥିବା ଚିଠି ବିଷୟ ମଧ ସେ ଉପସ୍ଥାପନ କରିଛନ୍ତି। ଆବାସ ପ୍ଲସ୍ ପୋର୍ଟାଲ ମାଧ୍ୟମରେ ରାଜ୍ୟର ଗ୍ରାମାଞ୍ଚଳରେ ୫ ଲକ୍ଷ ୯ ହଜାର ପରିବାରଙ୍କୁ ଘର ଯୋଗାଇଦେବାକୁ ସସ୍ମିତ ଦାବି ଦୋହରାଇଛନ୍ତି। ଏନେଇ ଅନ୍ୟ କିଛି ଦାବି ସସ୍ମିତ ଉଠାଇବା ପୂର୍ବରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ କରାଯାଇଛି। ସେହିପରି ପିଏମ୍‌ଏୱାଇରେ ୧.୮୪ ଲକ୍ଷ ସ୍ୱତନ୍ତ୍ର ଗୃହ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ଯାହା ଦାବି କରିଥିଲେ ସେକଥା ମଧ ସସ୍ମିତ ଦୋହରାଇଥିଲେ।

ପୂର୍ବରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇଦେବାକୁ ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଚିଠି ଲେଖିଥିଲେ। ଆଦିବାସୀ ଅଧୁଷିତ ଇଲାକାରେ ମଧ ହିତାଧିକାରୀଙ୍କୁ ୧୩ ଲକ୍ଷ ଘର ଯୋଗାଇଦେବାକୁ ଅନୁରୋଧ କରିଥିଲେ। ୨୦୧୯ ମାର୍ଚ୍ଚ ୩ ସୁଦ୍ଧା ପିଏମ୍‌ଏୱାଇ ଅଧୀନରେ ଯୋଗ୍ୟ ପରିବାରକୁ ଚିହ୍ନଟ କରିବାକୁ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଥିଲା। ହେଲେ ସାଧାରଣ ନିର୍ବାଚନ, ମାଓବାଦୀ ହିଂସା ଯୋଗୁ ସର୍ଭେ ସମ୍ପୂର୍ଣ୍ଣ ହୋଇପାରି ନ ଥିଲା। ନିର୍ଦ୍ଧାରିତ ସମୟ ଭିତରେ କେବଳ ୩୫ ହଜାର ଯୋଗ୍ୟ ପରିବାରକୁ ଚିହ୍ନଟ କରାଯାଇପାରିଛି। ଏହାପରେ ୧୪ଟି ଜିଲାରେ ୭ ଲକ୍ଷ ୮୭ ହଜାର ପରିବାରକୁ ଚିହ୍ନଟ କରାଯାଇଥିଲା। ଏଥିମଧ୍ୟରୁ କିଛି ହିତାଧିକାରୀ ଫନୀ ପ୍ରଭାବିତ ଜିଲାର ହୋଇଥିବା ବେଳେ ଅଧିକାଂଶ ଆଦିବାସୀ ଅଧୁଷିତ କେବିକେ ଜିଲାର ବୋଲି ମୁଖ୍ୟମନ୍ତ୍ରୀ ଚିଠି ଲେଖିଥିଲେ।

# ବଢ଼ିଛନ୍ତି ଭୋଟର କମିଛି ୱାର୍ଡ

**ପଞ୍ଚାୟତ ନିର୍ବାଚନ**

- ତାରିଖ ଘୋଷଣା ପୂର୍ବରୁ ବସିବ ସର୍ବଦଳୀୟ ବୈଠକ

ଭୁବନେଶ୍ୱର, ୧୫।୧୨(ବ୍ୟୁରୋ)

ରାଜ୍ୟରେ ପଞ୍ଚାୟତ ନିର୍ବାଚନ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ଚଳିତ ମାସ ଶେଷ ସପ୍ତାହ ସୁଦ୍ଧା ଲାଗୁ ହୋଇପାରେ। ଏହା ପୂର୍ବରୁ ପଞ୍ଚାୟତ ନିର୍ବାଚନ ନେଇ ପ୍ରସ୍ତୁତି ପ୍ରାୟ ଶେଷ ହୋଇସାରିଛି। ଡିସେମ୍ବର ୪ରେ ଜିଲାସ୍ତରରେ ଚୁଡାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ଗତଥର ଅପେକ୍ଷା ଏଥର ଭୋଟରଙ୍କ ସଂଖ୍ୟା ବୃଦ୍ଧି ପାଇଥିବା ରାଜ୍ୟ ନିର୍ବାଚନ ଆୟୋଗ ସଚିବ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ପଞ୍ଚାୟତ ନିର୍ବାଚନ ନେଇ ଖୁବଶୀଘ୍ର ସର୍ବଦଳୀୟ ବୈଠକ ଡକାଯିବ। ସର୍ବଦଳୀୟ ବୈଠକ ପରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ଚୁଡାନ୍ତ ତାରିଖ ଘୋଷଣା କରାଯିବ। ଏଥର ଭୋଟର ସଂଖ୍ୟା ବୃଦ୍ଧି ପାଇଥିବା ବେଳେ ୱାର୍ଡ ସଂଖ୍ୟା କିନ୍ତୁ ହ୍ରାସ ପାଇଛି। ୯୧ ହଜାର ୯୧୩ ୱାର୍ଡରେ ଭୋଟ ଗ୍ରହଣ କରାଯିବ। ୨୦୧୭ରେ ଭୋଟର ସଂଖ୍ୟା ୨ କୋଟି ୬୧ ଲକ୍ଷ ଥିଲା। ଏଥର କିନ୍ତୁ ଏହା ୨ କୋଟି ୬୩ ଲକ୍ଷ ୪୭ ହଜାର ହେବା ସମ୍ଭାବନା ରହିଥିବା ଜଣାପଡିଛି।

ପଞ୍ଚାୟତ ନିର୍ବାଚନ ସକାଶେ ସବୁ ଦଳ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି। ନେତାଙ୍କୁ ଆଉ ପୂର୍ବଭଳି ରାଜଧାନୀରେ ସେତେଟା ଦେଖିବାକୁ ମିଳୁନାହିଁ। ନିର୍ବାଚନ ଲାଗି ତୃଣମୂଳସ୍ତରକୁ ସବୁ ଦଳର ନେତା ଗସ୍ତ କରି ନିଜର ସାମାଜିକ ଗଣମାଧ୍ୟମ ଜରିଆରେ ଭିନ୍ନଭିନ୍ନ ଫଟୋ ଶେୟାର କରୁଥିବା ଦେଖିବାକୁ ମିଳୁଛି। ବିଜେଡି ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଓ ଦରଦାମ ବୃଦ୍ଧିକୁ ନେଇ କେନ୍ଦ୍ର ସରକାରଙ୍କ ବିଫଳତାକୁ ପ୍ରସଙ୍ଗ କରି ଲୋକଙ୍କ ନିକଟତର ହେବାକୁ ପ୍ରୟାସ ଜାରି ରଖିଛି। ସେହିପରି ଭାଜପା ମଧ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସହ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିକୁ ମୁଖ୍ୟ ପ୍ରସଙ୍ଗ କରିବାକୁ ଚେଷ୍ଟା ଚଳାଇଛି। କଂଗ୍ରେସ କିନ୍ତୁ ପଞ୍ଚାୟତ ନିର୍ବାଚନ ଲାଗି ବିଜେଡି, ଭାଜପା ଭଳି ପ୍ରସ୍ତୁତ ହୋଇପାରି ନାହିଁ।

# ବିଧାୟକଙ୍କୁ ଦୋଷ ଦେଇ ବିଜେଡି ଛାଡ଼ିଲେ ବିଜୟ

ଖଣ୍ଡପଡ଼ା,୧୫।୧୨(ସ୍ୱ.ପ୍ର.)



ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେଡି ନେତା ତଥା ସିଂଘାପଡା ପଞ୍ଚାୟତର ସମିତି ସଭ୍ୟ ବିଜୟ କୁମାର ନନ୍ଦ ଦଳରୁ ଇସ୍ତଫା ଦେଇଛନ୍ତି। ଏ ସଂକ୍ରାନ୍ତରେ ସେ ନିଜର ଇସ୍ତଫାପତ୍ର ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ, ସଙ୍ଗଠକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ନୟାଗଡ଼ ଜିଲା ପର୍ଯ୍ୟବେକ୍ଷକ ତଥା ମନ୍ତ୍ରୀ ପଦ୍ମନାଭ ବେହେରା, ଜିଲା ବିଜେଡି ସଭାପତି ରମେଶ କୁମାର ବେହେରାଙ୍କ ନିକଟକୁ ପ୍ରେରଣ କରିଥିବା ବୁଧବାର ଏଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସେ ପ୍ରକାଶ କରିଛନ୍ତି। ବିଧାୟକଙ୍କ ଏକାନ୍ତ ଅନୁଗତ ଭାବେ ଜଣାଶୁଣା ନନ୍ଦ ବିଭିନ୍ନ ପ୍ରସଙ୍ଗ ଉତ୍ଥାପନ କରି ସୌମ୍ୟଙ୍କ ଉପରେ ଦୋଷ ଲଦିଥିଲେ। ଏ ସଂକ୍ରାନ୍ତରେ ବିଧାୟକ ପଟ୍ଟନାୟକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ହଁ, ମୁଁ ଏ ସଂକ୍ରାନ୍ତରେ ଜାଣିଛି। ହେଲେ ତାଙ୍କର ନିଷ୍ପତ୍ତି ଉପରେ ମୋର କିଛି କହିବାର ନାହିଁ।

# ୨୨ ଲକ୍ଷ ଚାଷୀ ଲାଭ ପାଇବେ: ଧର୍ମେନ୍ଦ୍ର

**ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାର ସମ୍ପ୍ରସାରଣକୁ ଅନୁମୋଦନ**

ଭୁବନେଶ୍ୱର,୧୫।୧୨(ବ୍ୟୁରୋ)

ବୁଧବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍‌ରେ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାକୁ ଆର୍ଥିକ ବର୍ଷ ୨୦୨୫-୨୬ ପର୍ଯ୍ୟନ୍ତ ଜାରି ରଖିବା ନିଷ୍ପତ୍ତିକୁ ଅନୁମୋଦନ ଦେବା ଦ୍ୱାରା ଓଡ଼ିଶା ସମେତ ଦେଶର ୨୨ ଲକ୍ଷ ଚାଷୀ ଲାଭ ପାଇବେ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି କହିଛନ୍ତି। ଚାଷୀଙ୍କ କଲ୍ୟାଣ ଦୃଷ୍ଟିରେ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାକୁ ଆର୍ଥିକ ବର୍ଷ ୨୦୨୧-୨୨ରୁ ୨୦୨୫-୨୬ ପର୍ଯ୍ୟନ୍ତ ଜାରି ରଖିବା ପାଇଁ ନିଷ୍ପତ୍ତି ନେଇଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଐତିହାସିକ ନିଷ୍ପତ୍ତି ଦ୍ୱାରା ଦେଶର ୨.୫ ଲକ୍ଷ ଅନୁସୂଚିତ ଜାତି ଏବଂ ୨ ଲକ୍ଷ ଅନୁସୂଚିତ ଜନଜାତି ବର୍ଗର ଚାଷୀଙ୍କ ସମେତ ୨୨ ଲକ୍ଷ ଚାଷୀ ଲାଭ ପାଇବେ। ସେହିପରି ଦେଶରେ ସେମିକଣ୍ଡକ୍ଟର୍ସ ଏବଂ ଡିସ୍‌ପ୍ଲେ ମ୍ୟାନୁଫ୍ୟାକ୍ଚରିଂର ଏକ ଇକୋସିଷ୍ଟମ ତିଆରି କରିବା ପାଇଁ ଏକ ମହତ୍ୱାକାଂକ୍ଷୀ ଯୋଜନାକୁ ମଞ୍ଜୁର ଦେଇଛନ୍ତି। ଏହି ଯୋଜନା ଅନ୍ତର୍ଗତ ଆଗାମୀ ୬ ବର୍ଷ ମଧ୍ୟରେ ୭୬ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ କରାଯିବା ଯୋଜନା କରାଯାଇଛି। ଭାରତକୁ ଏକ



ବିଶ୍ୱସ୍ତରୀୟ ଇଲେକ୍ଟ୍ରୋନିକ ହବ୍ ଭାବେ ବିକଶିତ କରିବା, ମେକ୍ ଇନ୍ ଇଣ୍ଡିଆକୁ ଗତି ଦେବା, ସେମିକଣ୍ଡକ୍ଟର ଚିପ୍ସର ଡିଜାଇନ, ଫେବ୍ରିକେଶନ, ପ୍ୟାକେଜିଂ ଏବଂ ଟେଷ୍ଟିଂ କ୍ଷେତ୍ରରେ ରୋଜଗାର ଓ ସ୍ୱରୋଜଗାରର ସୁଯୋଗ ତିଆରି କରିବା ଦିଗରେ ଏହା ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ। ଏହାବ୍ୟତୀତ ରୂପେ ଡେବିଟ୍ କାର୍ଡ ତଥା କମ୍ ମୂଲ୍ୟର ଭିମ୍ ୟୁପିଆଇ ଟ୍ରାଞ୍ଜାକ୍ସନକୁ ପ୍ରୋତ୍ସାହନ ଦେବା ପାଇଁ ୧୩୦୦ କୋଟିର ସହାୟତା ରାଶିକୁ କ୍ୟାବିନେଟ୍ ମଞ୍ଜୁର ଦେଇଛି। ଏହି ନିଷ୍ପତ୍ତି ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାକୁ ଅଧିକ ବଢ଼ାଇବାରେ ସହାୟକ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଧରିତ୍ରୀ
DHARITRI

ଗୁରୁବାର, ଡିସେମ୍ବର ୧୬/୨୦୨୧ | Thursday, December 16/2021 | ପୃଷ୍ଠା-୧




**'ଆଟାକ'ର ଟିଜର ରିଲିଜ୍**

ଜନ୍ ଆବ୍ରାହମଙ୍କ ଆଗାମୀ ଚଳଚ୍ଚିତ୍ର 'ଆଟାକ'ର ଟିଜର ରିଲିଜ ହୋଇଛି। ଲକ୍ଷ୍ୟ ରାଜ ଆନନ୍ଦଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ଜାନୁୟାରୀ ୨୮ରେ ମୁକ୍ତିଲାଭ କରିବ।

୦୫

୦୬

**ମୁହଁ ଖୋଲିଲେ କୋହଲି**

ରୋହିତ ଶର୍ମାଙ୍କ ସହ ତାଙ୍କ ସମ୍ପର୍କ ଏବଂ ସୀମିତ ଓଭର କ୍ରିକେଟରେ ନେତୃତ୍ୱକୁ ନେଇ ଉଠିଥିବା ପ୍ରସଙ୍ଗରେ ମୁହଁ ଖୋଲିଛନ୍ତି ଟିମ୍ ଇଣ୍ଡିଆ ଟେଷ୍ଟ ଅଧିନାୟକ ବିରାଟ କୋହଲି।



# ଓଡ଼ିଶାକୁ ନୀତି ଆୟୋଗର ପ୍ରଶଂସା

## ରାଜ୍ୟର ବିକାଶ ପାଇଁ କେନ୍ଦ୍ର ସ୍ୱତନ୍ତ୍ର ଧ୍ୟାନ ଦେଉ: ମୁଖ୍ୟମନ୍ତ୍ରୀ



ଲୋକସେବା ଭବନରେ ଉପସ୍ଥିତ ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର ଓ ତାଙ୍କ ଟିମ୍‌ଙ୍କ ସହ ଭର୍ଚୁଆଲରେ ଆଲୋଚନାରତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭି.କେ.ପାଣ୍ଡିଆନ୍।

**ଭୁବନେଶ୍ୱର,୧୫।୧୨(ବ୍ୟୁରୋ)**

ରାଜ୍ୟର ମୁଣ୍ଡପିଛା ଆୟ ବଢ଼ିଛି। କୃଷି କ୍ଷେତ୍ର ଆଗକୁ ଯାଇଛି। ଖଣି କ୍ଷେତ୍ରରେ ଉନ୍ନତି ହେବା ସହିତ ରାଜ୍ୟର ଆର୍ଥିକ ନିଅଣ୍ଟକୁ ୫ ପ୍ରତିଶତରୁ କମ୍ ପରିଚାଳନା କରିବାରେ ଓଡ଼ିଶା ସଫଳ ହୋଇଥିବା ନୀତି ଆୟୋଗ ଉପାଧ୍ୟକ୍ଷ ଡକ୍ଟର ରାଜୀବ କୁମାର କହିଛନ୍ତି। ଏହି ସଫଳତା ପାଇଁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଅନ୍ୟପକ୍ଷରେ ନୀତି ଆୟୋଗ ଉପାଧ୍ୟକ୍ଷ କୃଷି, ପର୍ଯ୍ୟଟନ ଓ ଖଣି ଉତ୍ପାଦନକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଖଣିଜ ଉତ୍ପାଦନକୁ ୧ ପ୍ରତିଶତରୁ ଦୁଇ ପ୍ରତିଶତରୁ ଅଧିକ ବୃଦ୍ଧି କରିବାକୁ ରାଜ୍ୟକୁ ପରାମର୍ଶ ଦେଇଛନ୍ତି। ଏହାସହିତ ଏସ୍‌ଡିଜି ମନିଟରିଂ ୟୁନିଟ୍ ଗଠନ କରିବାକୁ ରାଜ୍ୟକୁ ପ୍ରସ୍ତାବ ଦେଇଛନ୍ତି। ପ୍ରତ୍ୟେକ ରାଜ୍ୟର ନିଜର ପ୍ରତିବଦ୍ଧତା ଓ ନିର୍ଦ୍ଦିଷ୍ଟତା ରହିଛି। ନିର୍ଦ୍ଦିଷ୍ଟ ବିକାଶ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବା ପାଇଁ ନୀତି ଆୟୋଗ ଓଡ଼ିଶା ସହ ସହଭାଗୀ ହେବାକୁ ଆଗ୍ରହୀ ଥିବା ରାଜୀବ କୁମାର କହିଛନ୍ତି। ରାଜ୍ୟରେ ରାସାୟନମୁକ୍ତ କୃଷିର ବହୁଳ ପ୍ରବର୍ତ୍ତନ ପାଇଁ ସେ ପରାମର୍ଶ ଦେଇଛନ୍ତି।

ବୁଧବାର ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ 'ଗତ ଦୁଇ ଦଶନ୍ଧି ଧରି ଓଡ଼ିଶାରେ ଉଭୟ ସମଷ୍ଟି ଅର୍ଥନୀତି ଓ ସାମାଜିକ ଅର୍ଥନୈତିକ ସୂଚକାଙ୍କରେ ବ୍ୟାପକ ଅଭିବୃଦ୍ଧି ହୋଇପାରିଛି। ରାଜ୍ୟର ବିକାଶ ପାଇଁ କେନ୍ଦ୍ର ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ନୀତି ଆୟୋଗ ଉପାଧ୍ୟକ୍ଷଙ୍କ ନିକଟରେ ଦାବି କରିଛନ୍ତି। ସଂଘୀୟ ବ୍ୟବସ୍ଥାରେ ଗଠନମୂଳକ ତାଳ ରଖି ନୀତି ଆୟୋଗ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ଏହା ହୋଇପାରିଲେ ରାଜ୍ୟଗୁଡ଼ିକ ଦୀର୍ଘକାଳୀନ ଏବଂ

**■ ନିର୍ଦ୍ଦିଷ୍ଟ ବିକାଶ ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବାକୁ ନୀତି ଆୟୋଗ ଇଚ୍ଛୁକ: ରାଜୀବ କୁମାର**

ଜରୁରୀ ବିକାଶମୂଳକ ପ୍ରସଙ୍ଗଗୁଡ଼ିକୁ ନୀତି ଆୟୋଗ ଏବଂ କେନ୍ଦ୍ର ସରକାରଙ୍କ ନିକଟରେ ତ୍ୱରାନ୍ୱିତ କରିବା ପାଇଁ ବ୍ଲୁପ୍ରିଣ୍ଟ ରଖିପାରିବେ। ଏଥିସହ କେନ୍ଦ୍ର ସରକାରଙ୍କ ଯୋଜନାଗୁଡ଼ିକୁ ସୁଚାରୁରୂପେ ପରିଚାଳନା ପାଇଁ ବାଟ ବାହାରିବ। ଚିହ୍ନିତ ଗୁରୁତ୍ୱପୂର୍ଣ୍ଣ ବିଷୟ, ବିଭିନ୍ନ କ୍ଷେତ୍ର ଏବଂ ଦୀର୍ଘକାଳୀନ ବିକାଶର ଯୋଜନା କ୍ଷେତ୍ରରେ ନୀତି ନିର୍ଦ୍ଧାରଣ କଲାବେଳେ ନୀତି ଆୟୋଗ ଅଧିକରୁ ଅଧିକ ଆଲୋଚନା ଏବଂ ସମନ୍ୱୟକୁ ରାଜ୍ୟଗୁଡ଼ିକ ସ୍ୱାଗତ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସଫଳତାର ସହ ମାଓବାଦୀ ଦମନ, ୭୦ ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଅର୍ଥନୈତିକ ସଶକ୍ତ କରିବା ରାଜ୍ୟର ବିକାଶକୁ ଦର୍ଶାଉଛି। ରାଜ୍ୟ ସରକାର ନିଜର ସ୍ୱାସ୍ଥ୍ୟ ଯୋଜନାରେ ସହବନ୍ଧିତ ହୋଇଥିବା ଡାକ୍ତରଖାନାଗୁଡ଼ିକରେ ମାଗଣା ଚିକିତ୍ସା ସୁବିଧା ବ୍ୟବସ୍ଥା କରିପାରିଛନ୍ତି। ଏଥିସହିତ ଓଡ଼ିଶା ସାଧାରଣ ଖାଉଟି ବଣ୍ଟନ ବ୍ୟବସ୍ଥା(ପିଡିଏସ୍) କ୍ଷେତ୍ରରେ ତୃତୀୟ ସର୍ବାଧିକ ଚାଉଳ ଯୋଗାଉଥିବା ରାଜ୍ୟରେ ପରିଣତ ହୋଇପାରିଛି। ଗର୍ଭବତୀ ମହିଳା ଏବଂ ପିଲା ଜନ୍ମ କରିଥିବା ମା'ମାନଙ୍କୁ ମାଗଣା ଚିକିତ୍ସା ସୁବଧା ଯୋଗାଇ ଦେଶରେ ଓଡ଼ିଶା ପ୍ରମୁଖ ରାଜ୍ୟ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ ନୀତି ଆୟୋଗ ଉପାଧ୍ୟକ୍ଷଙ୍କୁ ଅବଗତ କରାଇଛନ୍ତି। ଓଡ଼ିଶା ଭିତ୍ତିଭୂମି କ୍ଷେତ୍ରରେ ବହୁ ପୁଞ୍ଜିବିନିଯୋଗ କରି ଆସୁଛି। ଏଥିପାଇଁ ଓଡ଼ିଶା ମାନୁଫାକ୍ଚରିଂ ଏବଂ ଖଣି ଶିଳ୍ପଗୁଡ଼ିକ କ୍ଷେତ୍ରରେ ପୁଞ୍ଜିନିବେଶକାରୀଙ୍କୁ ଆକର୍ଷିତ କରିପାରିଛି। ପ୍ରାକୃତିକ ଦୁର୍ବିପାକ ମୁକାବିଲା ଭିତ୍ତିଭୂମି ରାଜ୍ୟ ଉପରେ ବୋଝ ହୋଇଚାଲିଛି। ଏଥିପାଇଁ କେନ୍ଦ୍ର ସରକାର ସ୍ୱତନ୍ତ୍ର ଧ୍ୟାନଦେବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ ଦାବି କରିଛନ୍ତି।

# ସୁନୀଲ ବନ୍‌ଶଲ ନୂଆ ଡିଜିପି

**ଭୁବନେଶ୍ୱର, ୧୫।୧୨ (ବ୍ୟୁରୋ)**



ସୁନୀଲ ବନ୍‌ଶଲ

**■ ୩୧ରେ ଅବସର ନେବେ ଅଭୟ**

**■ ୨୭ବର୍ଷ ଧରି କେନ୍ଦ୍ରୀୟ ଡେପୁଟେଶନରେ ଅଛନ୍ତି**

**■ ଓଡ଼ିଶା ଫେରିଲେ ଖୁସି ହେବି: ବନ୍‌ଶଲ**

ଦୀର୍ଘ ୨୭ବର୍ଷ ଧରି କେନ୍ଦ୍ରୀୟ ଡେପୁଟେଶନରେ ଥିବା ୧୯୮୭ ବ୍ୟାଚ୍ ଆଇପିଏସ୍ ଅଫିସର ସୁନୀଲ ବନ୍‌ଶଲଙ୍କୁ ରାଜ୍ୟ ସରକାର ବୁଧବାର ନୂଆ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଭାବେ ନିଯୁକ୍ତି ଦେଇଛନ୍ତି। ଡିଜିପି ଅଭୟ ଆସନ୍ତା ୩୧ରେ ଅବସର ନେବେ। ତାଙ୍କ ସ୍ଥାନରେ ବନ୍‌ଶଲଙ୍କୁ ଏହି ନିଯୁକ୍ତି ମିଳିଛି। ୨୦୨୨ ଜାନୁୟାରୀ ୧ରେ ସେ ଡିଜିପି ଦାୟିତ୍ୱ ଗ୍ରହଣ କରିବେ ବୋଲି ସୂଚନା ମିଳିଛି। ସେ ଏବେ ମୁମ୍ବାଇରେ ଗୋଇନ୍ଦା ସଂସ୍ଥାର ସ୍ୱତନ୍ତ୍ର ନିର୍ଦ୍ଦେଶକ ଦାୟିତ୍ୱରେ ରହିଛନ୍ତି। ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସର ହୋଇ ମଧ୍ୟ ଚାକିରି କାଳର ଅଧିକାଂଶ ସମୟ ରାଜ୍ୟ ବାହାରେ କାଟିଥିବା ବନ୍‌ଶଲଙ୍କୁ ରାଜ୍ୟ ସରକାର ପୋଲିସ ବିଭାଗର ମୁଖିଆ ଭାବେ ନିଯୁକ୍ତି ଦେଇଛନ୍ତି। ଏହି ନିଯୁକ୍ତି ପାଇଁ ସେ ସରକାରଙ୍କୁ କୃତଜ୍ଞତା ଜଣାଇବା ସହ ଓଡ଼ିଶା ଫେରିଲେ ଖୁସି ହେବେ ବୋଲି ବନ୍‌ଶଲ କହିଛନ୍ତି। ଠିକ୍‌ଭାବେ ☞ପୃଷ୍ଠା-୨

# କମିଶନରେଟ ପୋଲିସରେ ଖୋଲିବ ସ୍ୱତନ୍ତ୍ର ଅପରାଧ ଅନୁସନ୍ଧାନ ଶାଖା

**ଭୁବନେଶ୍ୱର, ୧୫।୧୨(ବ୍ୟୁରୋ)**

**■ ନିଯୁକ୍ତ ହେବେ ସ୍ୱତନ୍ତ୍ର ଡିସିପି**

**■ ୩ ଫାଣ୍ଡି ହେବ ଥାନା, ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ**

ରାଜଧାନୀ ଭୁବନେଶ୍ୱର ଓ ବ୍ୟବସାୟିକ ରାଜଧାନୀ କଟକରେ ଦିନକୁ ଦିନ ଅପରାଧ ବଢ଼ିବାରେ ଲାଗିଛି। ଏହା କମିଶନରେଟ ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରୁଥିବାବେଳେ ଅପରାଧ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଅପରାଧ ଅନୁସନ୍ଧାନ ଶାଖା ଖୋଲିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏ ସଂକ୍ରାନ୍ତ ପ୍ରସ୍ତାବକୁ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଞ୍ଜୁରୀ ଦେଇଛନ୍ତି। ଏହି ଅପରାଧ ଶାଖା ଦାୟିତ୍ୱରେ ଜଣେ ସ୍ୱତନ୍ତ୍ର ଡିସିପିଙ୍କୁ ନିଯୁକ୍ତି ଦିଆଯିବ। ଏଥିସହ ଜଣେ ଅତିରିକ୍ତ ଡିସିପି, ୩ ଏସିପି, ୯ ଇନ୍ସପେକ୍ଟର, ୧୨ ସବ୍‌ଇନ୍ସପେକ୍ଟର, ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ବିଶ୍ୱାସ ଓ ସହଯୋଗର ସଙ୍କଟ

**ସୂଚନା:** ଏଣିକି 'ସାହିତ୍ୟାୟନ' ପୃଷ୍ଠା ଗୁରୁବାର ପରିବର୍ତ୍ତେ ଶନିବାର ପ୍ରକାଶ ପାଇବ।

# ଆରମ୍ଭ ହେଲା ଇକୋ ପର୍ଯ୍ୟଟନ ପର୍ବ






କୋରାପୁଟ ଇକୋ ରିଟ୍ରିଟ୍ ମୁଖ୍ୟ ଫାଟକ (ଉପର) କୋଣାର୍କ ରାମଚଣ୍ଡୀ ନିକଟ ଇକୋ ରିଟ୍ରିଟ୍ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିମାନେ।

**■ ୭ ଇକୋ ରିଟ୍ରିଟ୍ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ**

**■ କୋରାପୁଟ, ଗଞ୍ଜାମରେ ଖୋଲିଲା ନୂଆ ଇକୋ ରିଟ୍ରିଟ୍**

**ଭୁବନେଶ୍ୱର, (ବ୍ୟୁରୋ)/ କୋଣାର୍କ (ଡି.ଏନ୍.ଏ.)**

କୋଭିଡ୍-୧୯ ଯୋଗୁ ରାଜ୍ୟରେ ପର୍ଯ୍ୟଟନ ଶିଳ୍ପ ଏକପ୍ରକାର ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ଗତ କିଛିମାସ ହେବ ପର୍ଯ୍ୟଟନ ଶିଳ୍ପ ଚଳଚଞ୍ଚଳ ହେବା ଆରମ୍ଭ କରିଛି। ଚଳିତ ବର୍ଷର ଇକୋ ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଛି। ରାଜ୍ୟରେ ଥିବା ୭ଟି ଇକୋ ରିଟ୍ରିଟ୍‌ରେ ପର୍ଯ୍ୟଟକମାନେ ମଜା ନେଇପାରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭର୍ଚୁଆଲରେ ୭ଟି ପର୍ଯ୍ୟଟନସ୍ଥଳୀରେ ଇକୋ ରିଟ୍ରିଟ୍‌ର ଉଦ୍‌ଘାଟନ କରିଛନ୍ତି। ଗତବର୍ଷ ପରି ୫ଟି ସ୍ଥାନ ସହ ଚଳିତ ବର୍ଷ ଆଉ ୨ଟି ସ୍ଥାନରେ ପର୍ଯ୍ୟଟକଙ୍କୁ ମିଳିବ ଇକୋ ରିଟ୍ରିଟ୍‌ର ମଜା। ପ୍ରଥମ କରି କୋରାପୁଟ ଓ ଗଞ୍ଜାମରେ ଇକୋ ରିଟ୍ରିଟ୍ ଓଡ଼ିଶା-୨୦୨୧କୁ ମୁଖ୍ୟମନ୍ତ୍ରୀ ☞ପୃଷ୍ଠା-୨

# ୧୮ ବର୍ଷ ଦଣ୍ଡ ଭୋଗି ନିର୍ଦ୍ଦୋଷରେ ଖଲାସ

**ବାରିପଦା ଅଫିସ,୧୫।୧୨**



ହାବିଲ ସିଦ୍ଧୁ

**■ ଟ୍ରିପଲ ମର୍ଡର ଘଟଣାରେ ଜେଲ ଯାଇଥିଲେ**

**■ ଅନ୍ୟାୟ ବିରୋଧରେ ଉଚ୍ଚ ନ୍ୟାୟାଳୟ ଦ୍ୱାରସ୍ଥ ହେବେ**

ଅନ୍ଧବିଶ୍ୱାସ ଓ ଗୁଣିଗାରେଡ଼ିକୁ ନେଇ ଟ୍ରିପଲ ମର୍ଡର ଘଟଣାରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇ ୧୮ବର୍ଷ ହେଲା ଜେଲରେ ବନ୍ଦୀ ଜୀବନ ବିତାଉଥିବା ଜଣେ ବ୍ୟକ୍ତି ନିର୍ଦ୍ଦୋଷରେ ମୁକୁଳିଛନ୍ତି। ମଙ୍ଗଳବାର ମୟୂରଭଞ୍ଜ ଜିଲା ଓ ଦୌରା ଜଜ୍ ପ୍ରଦୀପ କୁମାର ପଟ୍ଟନାୟକ ମାମଲାର ବିଚାର କରି ପ୍ରମାଣ ଅଭାବରୁ ତାଙ୍କୁ ଖଲାସ କରିଛନ୍ତି। ସେ ହେଲେ ଯଶିପୁର ଥାନା ଅଧୀନ ବଳରାମପୁର ଗ୍ରାମର ହାବିଲ ସିଦ୍ଧୁ(୫୯)। ୨୦୦୩ ଜାନୁୟାରୀ ୩ରେ ଜମାଦାର ପିଙ୍ଗୁଆ ନିଜ ଶିଶୁପୁତ୍ର ଶୁକ୍ରୁ ପିଙ୍ଗୁଆ ଓ ଦାଦା ତୁରାମ ପୂର୍ତ୍ତିଙ୍କ ସହିତ ପୁଡୁଗୁଣ୍ଡୁ ଗ୍ରାମସ୍ଥିତ ଶ୍ୱଶୁରଘରକୁ ଯାଇଥିଲେ। ସେମାନେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରେ ନିକଟସ୍ଥ ବିଲରେ ସେମାନଙ୍କ କ୍ଷତବିକ୍ଷତ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ତିନିଜଣଙ୍କର ମୁଣ୍ଡ ଗଣ୍ଡି ଅଲଗା କରିଦିଆଯାଇଥିବା ବେଳେ ଯୌନାଙ୍ଗକୁ କାଟି ବୀଭତ୍ସ ଭାବେ ହତ୍ୟା କରାଯାଇଥିଲା। ଖବରପାଇ ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ ଘଟଣାର ତଦନ୍ତ କରି ହାବିଲଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ୨୦୦୫ରେ ଅତିରିକ୍ତ ଜିଲା ଓ ଦୌରାଜଜ୍ ମାମଲାର ବିଚାର କରି ହାବିଲଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଉକ୍ତ ରାୟ ବିରୋଧରେ ହାବିଲ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ। ତେବେ ମାମଲାର ☞ପୃଷ୍ଠା-୨


www.licindia.in

ଏଲ୍ଆଇସି ପଲିସୀଧାରକ, ଧ୍ୟାନ ଦିଅନ୍ତୁ:

ପ୍ରସ୍ତୁତ ହେବା ପାଇଁ ଏହା ଜୀବନର ସର୍ବୋତ୍ତମ ସମୟ ।

ଭାରତ ସରକାର ଲାଇଫ୍ ଇନସୁରାନ୍ସ କର୍ପୋରେସନ୍ ଆକ୍ଟ, 1956 ରେ ସଂଶୋଧନ କରିଛନ୍ତି, ଯାହାକି କର୍ପୋରେସନ୍‌କୁ ଏହାର ପ୍ରସ୍ତାବିତ ସାର୍ବଜନିକ ପ୍ରସଙ୍ଗରେ ଅଂଶଧନ ସଂରକ୍ଷଣ କରିବାକୁ ଅନୁମତି ଦେଇଛି ।*

ଅଂଶଗ୍ରହଣ କରିବାକୁ ସକ୍ଷମ ହେବା ନିମନ୍ତେ, ପଲିସୀଧାରକମାନେ ଦୁଇଟି ପଦକ୍ଷେପ ନେବା ଜରୁରୀ:

1 ଏଲ୍ଆଇସି ସହିତ ଆପଣଙ୍କର ବ୍ୟକ୍ତିଗତ ରେକର୍ଡଗୁଡ଼ିକ ଅପଡେଟ୍ କରନ୍ତୁ



- www.licindia.in ଭିଜିଟ୍ କରନ୍ତୁ ଏବଂ ଅନଲାଇନ୍‌ରେ ଆପଣଙ୍କର ସ୍ଥାୟୀ ଆକାଉଣ୍ଟ ନମ୍ବର (PAN) ପଞ୍ଜିକରଣ କରିବା ପାଇଁ ଆଇକନ୍ ଉପରେ କ୍ଲିକ୍ କରନ୍ତୁ ।
- ଆପଣଙ୍କର ଜନ୍ମ ତାରିଖ, ଲିଙ୍ଗ, ଇମେଲ୍ ID, PAN, ପୂରା ନାମ, ମୋବାଇଲ ନମ୍ବର ଏବଂ ଏଲ୍ଆଇସି ପଲିସୀ ନମ୍ବର ଦିଅନ୍ତୁ ।
- ଆପଣଙ୍କର ସମସ୍ତ LIC ପଲିସୀ ପାଇଁ ଆପଣଙ୍କର PAN ରେକର୍ଡଗୁଡ଼ିକ ଅପଡେଟ୍ କରିବା ପାଇଁ ନିର୍ଦ୍ଦେଶାବଳୀ ଅନୁସରଣ କରନ୍ତୁ ।

କୌଣସି ସହାୟତା ପାଇଁ ଆପଣଙ୍କ LIC ଏଜେଣ୍ଟଙ୍କ ସହିତ ଯୋଗାଯୋଗ କରିପାରିବେ ।

2 ଏକ DEMAT ଆକାଉଣ୍ଟ ଖୋଲନ୍ତୁ (ଯଦି ଆପଣ ପାଖରେ ନାହିଁ)

- ଏକ DEMAT ଖାତା ଖୋଲିବାକୁ, ପଞ୍ଜୀକୃତ ଡିପୋଜିଟୋରୀ ପାର୍ଟିସିପାଣ୍ଟ (DP) ପାଇଁ ଏହି ୱେବସାଇଟଗୁଡ଼ିକ ମଧ୍ୟରୁ କୌଣସିଟି ଭିଜିଟ୍ କରନ୍ତୁ:
  NSDL: https://sebi.gov.in/sebiweb/other/OtherAction.do?doRecognisedFpi=yes&intmId=19
  CDSL: https://sebi.gov.in/sebiweb/other/OtherAction.do?doRecognisedFpi=yes&intmId=18
- DEMAT ଖାତା ଖୋଲିବା ପାଇଁ ଆପଣଙ୍କୁ ନିମ୍ନଲିଖିତ ଦସ୍ତାବିଜ୍ କୁ ପ୍ରଦାନ କରିବା ଜରୁରୀ:
  - ସାମ୍ପ୍ରତିକ ଫଟୋଗ୍ରାଫ
  - PAN କାର୍ଡ
  - ଠିକଣା ପ୍ରମାଣ
  - କ୍ୟାନସେଲ୍ ଚେକ୍
- DP ଅଧିକ ସୂଚନା ବି ଚାହିଁ ପାରନ୍ତି ।

କୌଣସି ସହାୟତା ପାଇଁ ଆପଣଙ୍କର ବ୍ୟାଙ୍କର କିମ୍ବା ବ୍ରୋକରଙ୍କ ସହିତ ଯୋଗାଯୋଗ କରନ୍ତୁ ।

ଦୟାକରି ଧ୍ୟାନ ଦିଅନ୍ତୁ

ଏହି ବିଜ୍ଞପ୍ତି କିମ୍ବା ପଲିସୀଧାରକଙ୍କ ସହ ଶେୟାର କରାଯାଉଥିବା କୌଣସି ସୂଚନା ନିଗମର ଇକ୍ୱିଟୀ ଶେୟାରର ଅଫର୍ ନୁହେଁ । ପଲିସୀଧାରକମାନେ ଡିପୋଜିଟୋରୀ ଅଂଶଗ୍ରହଣକାରୀଙ୍କ ନିକଟକୁ ଯିବାକୁ ପଡିବ ଏବଂ DEMAT ଆକାଉଣ୍ଟ ଏବଂ ଏହାର କାର୍ଯ୍ୟକାରିତା ପାଇଁ ପୂରା ଦାୟୀ ରହିବାକୁ ପଡିବ । ସମସ୍ତ ଆନୁସଙ୍ଗିକ ଖର୍ଚ୍ଚ ପଲିସୀଧାରକ ବହନ କରିବେ । କୌଣସି ନିଶ୍ଚିତତା ନାହିଁ ଯେ ପଲିସୀଧାରକ ଯେକୌଣସି ପ୍ରସ୍ତାବିତ ପ୍ରଚଳନରେ ପଲିସୀଧାରକଙ୍କ ପାଇଁ ଶେୟାର ସଂରକ୍ଷଣ ଘଟଣା ନିମନ୍ତେ ମଧ୍ୟ ସେମାନେ ଆବେଦନ କରୁଥିବା ଯେକୌଣସି କିମ୍ବା ସମସ୍ତ ଇକ୍ୱିଟୀ ଶେୟାର ବଣ୍ଟନ କରାଯିବ । କର୍ପୋରେସନ୍ ଏହାର ଇକ୍ୱିଟୀ ଶେୟାରଗୁଡ଼ିକର ପ୍ରଦର୍ଶନକୁ ଗ୍ୟାରେଣ୍ଟି ଦିଏ ନାହିଁ ଏବଂ ଏକ ସାଧାରଣ ଅଫରରେ କୌଣସି ବିନିଯୋଗ ସହିତ ଜଡିତ ବିପଦ ବିଷୟରେ ନିବେଶକମାନେ ସଚେତନ ହେବା ଆବଶ୍ୟକ ଅଟେ ।

ପଲିସୀଧାରକଙ୍କ ପାଇଁ ପ୍ରସ୍ତାବିତ ସଂରକ୍ଷଣ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ସୂଚନା ପାଇଁ, ଭିଜିଟ୍ କରନ୍ତୁ https://licindia.in/ipo

*ପ୍ରସ୍ତାବିତ IPOର ସବିଶେଷ ତଥ୍ୟ ବୃତ୍ତାନ୍ତ ହେବା ପରେ ସୂଚିତ କରାଯିବ ।

LIC
ଲାଇଫ ଇନ୍‌ସିଓରେନ୍ସ କର୍ପୋରେଶନ ଅଫ ଇଣ୍ଡିଆ
LIFE INSURANCE CORPORATION OF INDIA
ପ୍ରତି କ୍ଷଣ ଆପଣଙ୍କ ସାଥିରେ

LIC/RKS/2021-22/39/ORI

ଆମକୁ ଅନୁସରଣ କରନ୍ତୁ: LIC India Forever | IRDAI Regn No.: 512

**ଆଜିର ମନ୍ତବ୍ୟ**

ଲଖିମପୁର ଖେରି ହିଂସା ଘଟଣାରେ ମୃତକଙ୍କ ପରିବାରକୁ ନ୍ୟାୟ ଦେବାକୁ ହେଲେ କେନ୍ଦ୍ରମନ୍ତ୍ରୀ ପଦରୁ ଅଜୟ ମିଶ୍ରଙ୍କୁ ବହିଷ୍କାର କରାଯାଉ। ବିରୋଧୀ ଦଳ ପାର୍ଲାମେଣ୍ଟରେ ଏହି ପ୍ରସଙ୍ଗରେ ଆଲୋଚନା ଚାହାନ୍ତି। –ରାହୁଲ ଗାନ୍ଧୀ, କଂଗ୍ରେସ ନେତା


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................


ଡୁଡୁଲ
ପରିବାରବର୍ଗ


ଜଗୁ ଭାଇ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସ୍କୁଲ ପରିସରରେ ୩ ଭାଲୁ

ମାଲକାନଗିରି,୧୫।୧୨(ଡି.ଏନ୍.ଏ.)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଗୋବିନ୍ଦପାଲ୍ଲୀ ହାଇସ୍କୁଲରେ ୩ ଭାଲୁ ପ୍ରବେଶ କରିଛନ୍ତି। ମଙ୍ଗଳବାର ରାତିରେ ଭାଲୁ ସ୍କୁଲ ପରିସରକୁ ପ୍ରବେଶ କରିଥିବା ସିସିଟିଭି ଫୁଟେଜ୍‌ରେ କଏଦ୍ ହୋଇଛି। ଏହା ଜଣାପଡ଼ିବା ପରେ ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ମେଘ ବରଷୁ
କାହାରି ଘରକୁ
କେହି ନ ଆସୁ ।

ମେଘକୁ ସ୍ୱାଗତ, ଅଥଚ ଏଇ ମେଘ ବରଷା ହିଁ ଘରକୁ ଘର ବୁଲିବାର ମଉକା ବନ୍ଦ କରିଦିଏ। ବର୍ଷା ଦିନେ ଯାତାୟାତ କରିବାରେ ନାନା ସମସ୍ୟା ବା ଅସୁବିଧା ଦେଖାଦେବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ମେଘୁଆ ଖରା, ଭୃତ୍ୟ ମଗରା
ନିର୍ମୁଣ୍ଡି ନାରୀ, ଗୋଦରୀ ଦାରୀ
ଏ ଚାରିଙ୍କ ଗାରିମା ସହି ନ ପାରି ।

ମେଘ ପରେ ଯେଉଁ ଖରା ହୁଏ, ତାହା ଦେହକୁ କାଟିଥାଏ। ଭୃତ୍ୟ ମଗରା ପ୍ରକୃତିର ହେବା ମାଲିକ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଥାଏ। ସେହିପରି ନିର୍ମୁଣ୍ଡି ନାରୀ ଓ ଗୋଦରୀ ଦାରୀଙ୍କ ଗୁଣଗ୍ରାମ ଅତି ଅସହ୍ୟ ହେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ**



ଓଡ଼ିଶା ଗସ୍ତରେ ଆସିଥିବା ନୀତି ଆୟୋଗ ଉପାଧ୍ୟକ୍ଷ ଡକ୍ଟର ରାଜୀବ କୁମାରଙ୍କୁ ଲୋକସେବା ଭବନଠାରେ ବୁଧବାର ମୁଖ୍ୟ ଶାସନ ସଚିବ ସୁରେଶଚନ୍ଦ୍ର ମହାପାତ୍ର ତାରକସି କାରୁକାର୍ଯ୍ୟର ମେମେଣ୍ଟୋ ପ୍ରଦାନ କରୁଛନ୍ତି।

## ୧୮ ବର୍ଷ ଦଣ୍ଡ ...

ପରିଚାଳନା ଠିକ୍ ଭାବେ କରାଯାଇ ନ ଥିବାରୁ ଅବୈତନିକ ଆଇନଜୀବୀ ମାମଲା ଲଢ଼ିବାକୁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ। ଆଦେଶ ମୁତାବକ ଅବୈତନିକ ଆଇନଜୀବୀ ଅସିତ ଓତା ମାମଲା ପରିଚାଳନା କରିଥିଲେ। ୧୩ଜଣ ସାକ୍ଷୀଙ୍କ ବୟାନ, ପୋଲିସ ତଦନ୍ତ ରିପୋର୍ଟ ଓ ଜବତ ମାରଣାସ୍ତ୍ରକୁ ଆଧାର କରି ଜିଲା ଓ ଦୌରାଜଜ୍ ପଟ୍ଟନାୟକ ହାବିଲଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ତେବେ ଦୀର୍ଘଦିନ ଧରି ବିଚାରାଧୀନ କଏଦୀ ଓ ଆଜୀବନ ଜେଲ ଦଣ୍ଡ ଭୋଗିଥିବାରୁ ତାଙ୍କ ପରିବାର ପ୍ରତି ଅନ୍ୟାୟ ହୋଇଥିବା ହାବିଲ ପ୍ରକାଶ କରିଛନ୍ତି। ନ୍ୟାୟ ପାଇଁ ସେ ପୁନର୍ବାର ଉଚ୍ଚ ନ୍ୟାୟାଳୟ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।

## ଆରମ୍ଭ ହେଲା ...

ପ୍ରଥମ ପୃଷ୍ଠାରୁ...

ଉଦ୍‌ଘାଟନ କରିଛନ୍ତି। ପର୍ଯ୍ୟଟକମାନେ କୋଣାର୍କ, ଦାରିଙ୍ଗବାଡ଼ି, ଭିତରକନିକା, ସମ୍ବଲପୁର, ସାତକୋଶିଆ ସମେତ କୋରାପୁଟ ଓ ଗଞ୍ଜାମରେ ନିଆରା ଉତ୍ସବର ମଜା ନେଇପାରିବେ। କୋଭିଡ୍ କଟକଣାରେ ପ୍ରକୃତି କୋଳରେ ପ୍ରକୃତିର ମଜା ନେଇପାରିବେ ପର୍ଯ୍ୟଟକ। ପର୍ଯ୍ୟଟକଙ୍କ ପାଇଁ କଟେଜ୍ ସହିତ ବିଳାସପୂର୍ଣ୍ଣ ଟେଣ୍ଟ, ଖେଳ ସହ ଭଳିକି ଭଳି ଦେଶୀ, ବିଦେଶୀ ଖାଦ୍ୟ ଏବଂ ମନୋରଞ୍ଜନ ପାଇଁ ଭରପୂର କାର୍ଯ୍ୟକ୍ରମ ଆୟୋଜନ ହୋଇଛି। କୋଣାର୍କର ରାମଚଣ୍ଡୀ ନିକଟ କୁଶଭଦ୍ରା ନଦୀ ମୁହାଣରେ ୭୦ଟି ଅତ୍ୟାଧୁନିକ ଟେଣ୍ଟ ନିର୍ମାଣ କରାଯାଇଛି। ସେହିପରି ଭିତରକନିକା ପେଣ୍ଠ ବେଳାଭୂମି, ଦାରିଙ୍ଗବାଡ଼ି, ସମ୍ବଲପୁର ଆଦି ସ୍ଥାନରେ ହୋଇଥିବା ଇକୋ-ରିଟ୍ରିଟ୍‌ର ଭରପୂର ମଜା ନେଇପାରିବେ ପର୍ଯ୍ୟଟକ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଇକୋ ରିଟ୍ରିଟ୍ ଜରିଆରେ ପର୍ଯ୍ୟଟକମାନେ ପ୍ରକୃତି କୋଳର ମଜା ନେଇପାରିବେ। ଓଡ଼ିଶାରେ ଥିବା ଭାରତର ଉତ୍ତମ ଗୋପନ ସ୍ଥାନକୁ ଖୋଜି ବାହାର କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଛନ୍ତି। ରାମଚଣ୍ଡୀ ଇକୋ ରିଟ୍ରିଟ୍‌ରେ ଅତିଥି ଭାବେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥି, ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ପୁରୀ ଜିଲାପାଳ ସମର୍ଥ ବର୍ମା ଯୋଗଦେଇ ବେଲୁନ ଉଡ଼ାଇ ଉତ୍ସବକୁ ଆରମ୍ଭ କରିଥିଲେ। ଏଠାରେ ସମୁଦ୍ର ବେଳାଭୂମିରେ ପର୍ଯ୍ୟଟକଙ୍କ ପାଇଁ ନିର୍ମାଣ ହୋଇଛି ୫୮ଟି ଅତ୍ୟାଧୁନିକ ତମ୍ବୁଘର। ଏଥିରେ ପଞ୍ଚତାରକା ହୋଟେଲ ଭଳି ସମସ୍ତ ସୁବିଧା ରହିଛି। ତମ୍ବୁଘରଗୁଡ଼ିକର ମୂଲ୍ୟ ୧୧ହଜାରଠାରୁ ଆରମ୍ଭ କରି ୩୫ହଜାର ପର୍ଯ୍ୟନ୍ତ ରହିଛି। ସନ୍ଧ୍ୟାହେଲେ ବିଭିନ୍ନ ଲାଇଟ୍ ଆଲୋକରେ ଝଲସି ଉଠୁଛି ଏହି ବେଳାଭୂମି। ଏଥିସହିତ ଇକୋ ରିଟ୍ରିଟ୍ ପରିସରରେ ଜଳ କ୍ରୀଡ଼ା ସହିତ ପର୍ଯ୍ୟଟକଙ୍କୁ ଆକୃଷ୍ଟ କଲାଭଳି ପାରା ମୋଟରିଙ୍ଗ, ଜରବିଙ୍ଗ, ବିଚ ଭଲିବଲ, କାଇଟ ଫ୍ଲାଇଙ୍ଗ, ପାରାସେଲିଂ, ସେଲଫି ପଏଣ୍ଟ ଆଦି ଦେଖିବାକୁ ମିଳୁଛି। ମାସ୍କ ଓ ସାମାଜିକ ଦୂରତାକୁ ବିଶେଷ ଗୁରୁତ୍ୱ ଦିଆଯାଇଥିବାବେଳେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ତେବେ ପ୍ରଥମଦିନରେ ୫ଟି ଟେଣ୍ଟ ବୁକିଂ ହୋଇଥିବାବେଳେ ୧୫ଜଣ ପର୍ଯ୍ୟଟକ ରହିଥିବା ଜଣାପଡ଼ିଛି। ଅନ୍ୟମାନଙ୍କ ମଧ୍ୟରେ ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, ଅମିୟ କୁମାର ସେଠୀ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ।

## ସୁନୀଲ ବଂଶଲ ...

ପ୍ରଥମ ପୃଷ୍ଠାରୁ...

କାର୍ଯ୍ୟ କରିବା ସହ ରାଜ୍ୟରେ ଏକ ଭୟମୁକ୍ତ ବାତାବରଣ ସୃଷ୍ଟି କରାଇବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି। ବନ୍‌ଶଲଙ୍କୁ ନୂଆ ନିଯୁକ୍ତି ମିଳିବା ପରେ ଡିଜିପି ଅଭୟ ଟୁଇଟ ଯୋଗେ ଅଭିନନ୍ଦନ ଜଣାଇଛନ୍ତି। ଡିଜିପି ଅଭୟ ଡିସେମ୍ବର ୩୧ରେ ଅବସର ନେବାକୁ ଯାଉଥିବାରୁ ରାଜ୍ୟ ସରକାର ନୂଆ ଡିଜିପି ଭାବେ କାହା ନାମ ଘୋଷଣା କରିବେ ତାକୁ ନେଇ ବିଭିନ୍ନ ମହଲରେ କଳ୍ପନାଜଳ୍ପନା ଲାଗି ରହିଥିଲା। ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ପାଇଁ ରାଜ୍ୟ ସରକାର କେନ୍ଦ୍ରୀୟ ଲୋକସେବା ଆୟୋଗ(ୟୁପିଏସ୍‌ସି)କୁ ୩୦ବର୍ଷ କାର୍ଯ୍ୟକାଳ ପୂରଣ କରିଥିବା ୧୪ଜଣ ବରିଷ୍ଠ ଅଧିକାରୀଙ୍କ ନାମ ଦେଇଥିଲେ। ସେଥିମଧ୍ୟରୁ ୟୁପିଏସ୍‌ସି ୩ଜଣଙ୍କ ନାମ ମନୋନୀତ କରି ରାଜ୍ୟ ସରକାରଙ୍କୁ ପଠାଇଥିଲା। ସେମାନଙ୍କ ମଧ୍ୟରେ ୧୯୮୬ ବ୍ୟାଚ୍ ଆଇପିଏସ୍ ଅଫିସର ପ୍ରଦୀପ କପୁର, ୧୯୮୭ ବ୍ୟାଚ୍ ସୁନୀଲ ବନ୍‌ଶଲ ଏବଂ ୧୯୮୮ ବ୍ୟାଚ୍ ମନୋଜ ଛାବ୍ରାଙ୍କ ନାମ ରହିଥିଲା। ପ୍ରଦୀପ ଏବେ କେନ୍ଦ୍ରୀୟ ଡେପୁଟେଶନରେ ଥିବାବେଳେ ମନୋଜ ଆର୍ମଡ ଫୋର୍ସ(ସାପ୍)ର ଡିଜି ପଦବୀରେ ଅଛନ୍ତି। ରାଜସ୍ଥାନ ଜନ୍ମିତ ବନ୍‌ଶଲ ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସର। ସେ ୧୯୮୮ ନଭେମ୍ବର ୨୮ରେ ପ୍ରଥମେ ଢେଙ୍କାନାଳ ଅତିରିକ୍ତ ଏସ୍‌ପି ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ତାଳଚେର ଏସ୍‌ଡିପିଓ, ସମ୍ବଲପୁର ଅତିରିକ୍ତ ଏସ୍‌ପି, ରାଉରକେଲା ୪ର୍ଥ ବାଟାଲିୟନ କମାଣ୍ଡାଣ୍ଟ ଏବଂ ସେ ୧୫।୫।୧୯୯୨ରୁ ୨୨।୫।୧୯୯୪ ପର୍ଯ୍ୟନ୍ତ ମୟୂରଭଞ୍ଜ ଏସ୍‌ପି ଭାବେ କାର୍ଯ୍ୟ କରିଥିଲେ। ଏହାପରେ ତାଙ୍କୁ ସମ୍ବଲପୁର ଭିଜିଲାନ୍ସ ଏସ୍‌ପି ଭାବେ ବଦଳି କରାଯାଇଥିଲା। ହେଲେ କିଛି ଦିନ କାମ କରିବା ପରେ ୧୯୯୪ରୁ ସେ କେନ୍ଦ୍ରୀୟ ଡେପୁଟେଶନରେ ଚାଲିଯାଇଥିଲେ। ୨୦୨୨ ଜୁନ୍ ୩୦ରେ ତାଙ୍କ କାର୍ଯ୍ୟକାଳ ଶେଷ ହେବ। ଆସନ୍ତା ଫେବୃୟାରୀରେ ରାଜ୍ୟରେ ପଞ୍ଚାୟତ ନିର୍ବାଚନ ହେବାକୁ ଥିବାରୁ ଆଇନ୍‌ଶୃଙ୍ଖଳା ରକ୍ଷା କରିବା ବନ୍‌ଶଲଙ୍କ ପାଇଁ ଚ୍ୟାଲେଞ୍ଜ ରହିବ। ସେହିପରି ରାଜ୍ୟରେ ମାଓବାଦୀ ଏବଂ ଆପରାଧିକ କାର୍ଯ୍ୟକଳାପ ଦମନରେ ତାଙ୍କର କାର୍ଯ୍ୟଶୈଳୀ କିପରି ରହିବ ତାହା ଉପରେ ସମସ୍ତଙ୍କ ନଜର ରହିଛି। ଅଭୟଙ୍କୁ ରାଜ୍ୟ ସରକାର ୨୦୧୯ ନଭେମ୍ବର ୨୦ରେ ଡିଜିପି ଭାବେ ନିଯୁକ୍ତି ଦେବା ପରେ ଡିସେମ୍ବର ୯ରେ ଦାୟିତ୍ୱ ଗ୍ରହଣ କରିଥିଲେ। ୨୦୨୧ ଜୁନ୍ ଶେଷରେ ସେ ସ୍ୱାଭାବିକ ଭାବେ ଅବସର ନେଇଥାନ୍ତେ, ହେଲେ ପୋଲିସ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟକାଳ ଅତି କମ୍‌ରେ ୨ବର୍ଷ ହେବା ନେଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ରାଜ୍ୟ ସରକାର ତାଙ୍କ କାର୍ଯ୍ୟକାଳକୁ ୬ମାସ ଅର୍ଥାତ୍ ଡିସେମ୍ବର ୩୧ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ।

ବନ୍‌ଶଲଙ୍କ ନୂଆ ନିଯୁକ୍ତି ସମ୍ପର୍କରେ ଅବସରପ୍ରାପ୍ତ ପୋଲିସ ମହାନିର୍ଦ୍ଦେଶକ ବିପିନ ବିହାରୀ ମିଶ୍ର କହିଛନ୍ତି, ଏକଦା ସେ ମୋ ଅଧୀନରେ କାମ କରିଥିଲେ। ତାଙ୍କ କାମ ତୃଟିହୀନ। ଭବିଷ୍ୟତରେ କ'ଣ ହେବ ସେ ଅନୁମାନ କରିପାରନ୍ତି ଏବଂ ସେହି ଅନୁସାରେ ମଧ୍ୟ ପଦକ୍ଷେପ ନିଅନ୍ତି। ସେ ପୂର୍ବରୁ ବହୁତ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ କରିଛନ୍ତି। ସମସ୍ତଙ୍କ ସାଙ୍ଗରେ ଭଲ ସମ୍ପର୍କ ରଖି କାର୍ଯ୍ୟ କରନ୍ତି। ତେଣୁ ତାଙ୍କ ଅଧିନରେ ଥିବା ସହକର୍ମୀଙ୍କୁ ନେଇ ଭଲ ଟିମ୍‌ଟେ କରିବେ ବୋଲି ଆଶା। ଅନେକ ଲୋକ ରାଜ୍ୟ ବାହାରେ ବହୁ ବର୍ଷ ରହି ପୁଣି ଫେରି ଭଲ କାମ କରିଛନ୍ତି। ଦକ୍ଷତା ଥିବ, ସାଧୁତା ଥିଲେ ଜଣେ ଯୁଆଡ଼େ ଯିବେ ସେଠାରେ ଭଲ କାମ କରିପାରିବେ।

## କମିଶନରେଟ ...

୩ ଏଏସ୍‌ଆଇ, ୩ କନ୍‌ଷ୍ଟେବଲ (ଯୋଗାଯୋଗ) ଏବଂ ୨୭ଜଣ କନ୍‌ଷ୍ଟେବଲଙ୍କୁ ମିଶାଇ ମୋଟ ୫୯ଜଣ କାର୍ଯ୍ୟ କରିବେ। ବିଶେଷକରି ସଂଗଠିତ ଅପରାଧ, ଅର୍ଥନୈତିକ ଅପରାଧ ଓ ନିଶାଦ୍ରବ୍ୟ ସମ୍ପର୍କିତ ବିଭିନ୍ନ ଅପରାଧ ରୋକିବା କ୍ଷେତ୍ରରେ କମିଶନରେଟ ପୋଲିସର ଏହି ସ୍ୱତନ୍ତ୍ର ଅପରାଧ ଶାଖା ତଦନ୍ତ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ସେହିପରି କମିଶନରେଟ ପୋଲିସ ଅଞ୍ଚଳରେ ଜନସଂଖ୍ୟା ବୃଦ୍ଧିକୁ ନଜରରେ ରଖି ଓ ଲୋକଙ୍କୁ ଉତ୍ତମ ପୋଲିସ ସେବା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ୩ ନୂତନ ଥାନାକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ସେହି ନୂଆ ଥାନାଗୁଡ଼ିକ ହେଲା ପାହାଳ, ଇନ୍‌ଫୋଭ୍ୟାଲି ଓ ବୟାଳିଶମୌଜା/ବେଣ୍ଟକାର। ଏଥିପାଇଁ ଭୁବନେଶ୍ୱର ଅର୍ବାନ ପୋଲିସ ଅନ୍ତର୍ଗତ ବାଲିଅନ୍ତା ଥାନା ଅଧୀନରେ ଥିବା ପାହାଳ ଫାଣ୍ଡି, ଜଟଣୀ ଥାନା ଅଧୀନରେ ଥିବା ଇନ୍‌ଫୋଭ୍ୟାଲି ଫାଣ୍ଡି ଓ କଟକ ଅର୍ବାନ ପୋଲିସ ଅନ୍ତର୍ଗତ କଟକ ସଦର ଥାନା ଅଧୀନରେ ଥିବା ବେଣ୍ଟକାର ଫାଣ୍ଡିକୁ ଥାନାରେ ଉନ୍ନୀତ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଏକ ଖବରଦାତା ସମ୍ମିଳନୀ କରି କହିଛନ୍ତି, କମିଶନରେଟ ପୋଲିସ ଅଞ୍ଚଳରେ ଜନସଂଖ୍ୟା, ଯାନବାହାନ ଏବଂ କଳେବର ବୃଦ୍ଧି ଦୃଷ୍ଟିରୁ ଦିନକୁ ଦିନ ଚ୍ୟାଲେଞ୍ଜିଂ ହୋଇରହିଛି। ଏହାକୁ ରୋକିବାକୁ ହେଲେ କ୍ୱାଲିଟି ପୋଲିସିଂର ଆବଶ୍ୟକତା ଥିଲା। ମୁଖ୍ୟମନ୍ତ୍ରୀଙ୍କ ଦୟାରୁ ଏହି ଆବଶ୍ୟକତା ଆଜି ପୂର୍ଣ୍ଣ ହୋଇଛି। ଯେଉଁ ଘୋଷାଣା କରାଯାଇଛି, ଆମେ ତାକୁ ଅତିଶୀଘ୍ର ରୂପରେଖ ଦେବୁ। ଖୋଲିବାକୁ ଥିବା ୩ଟି ଥାନାକୁ ତୁରନ୍ତ କାର୍ଯ୍ୟକ୍ଷମ କରାହେବ। ଏଥିସହ ସାଇବର କ୍ରାଇମ୍ ଓ ଇକୋନୋମିକ୍ ଅଫେନ୍ସ ଥାନାକୁ କାର୍ଯ୍ୟକ୍ଷମ କରିବୁ ଏବଂ ଅତିଶ୍ରୀଘ୍ର କ୍ରାଇମ୍ ଡିସିପିଙ୍କୁ ନିଯୁକ୍ତି ଦିଆଯିବ। ଏହାଦ୍ୱାରା ଅପରାଧ ଦମନ କ୍ଷେତ୍ରରେ ବହୁ ମାତ୍ରାରେ ଉନ୍ନତି ହେବ ବୋଲି ଦୃଢ଼ବିଶ୍ୱାସ ରହିଛି। ଟୁଇନ୍ ସିଟିରେ ଜନସାଧାରଣ ଅଧିକ ସୁରକ୍ଷିତ ହେବେ ବୋଲି କମିଶନର କହିଛନ୍ତି। ସୂଚନାଯୋଗ୍ୟ, ବର୍ତ୍ତମାନ ଦ୍ୱୈତନଗରୀରେ ଆପରାଧିକ କାର୍ଯ୍ୟାକଳାପ ବୃଦ୍ଧିପାଉଛି। ଛୋଟ ଅପରାଧୀଙ୍କଠାରୁ ଗ୍ୟାଙ୍ଗଷ୍ଟର୍ କଟକ ଓ ଭୁବନେଶ୍ୱରକୁ ଆଖଡ଼ାସ୍ଥଳ କରିଥିବା ପୂର୍ବରୁ ନଜିର ରହିଛି। ଯୁବଗୋଷ୍ଠୀ ବ୍ରାଉନ୍‌ସୁଗାର ଭଳି ନିଶା କାରବାରରେ ଲିପ୍ତ ରହି ଅପରାଧ ଘଟାଉଛନ୍ତି। ବସ୍ତିଅଞ୍ଚଳରେ କଥା କଥାରେ ଖଣ୍ଡା, ଭୁଜାଲି ବୁଲିବା ସହ ଗୁଳି ଫୁଟୁଛି। ଦିନରାତି ଲୁଟେରାମାନେ ଆତଙ୍କ ଖେଳାଉଛନ୍ତି। ଲୁଟ୍ ପାଇଁ ରକ୍ତପାତ ସହ ଜୀବନ ନେଉଛନ୍ତି। ଆଇନଶୃଙ୍ଖଳା, ସଂଗଠିତ ଅପରାଧ, ଟ୍ରାଫିକ୍ ଜାମ୍ ଓ ଆନ୍ଦୋଳନ ଆଦି ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରୁଛି। ଏବେ ଦୁଇ ସହରରେ ୨ଜଣ ଡିସିପି କାର୍ଯ୍ୟ ତୁଲାଉଛନ୍ତି। ତେବେ ବଡ଼ ଅପରାଧର ବଳିଷ୍ଠ ତଦନ୍ତ ଏହି ସ୍ୱତନ୍ତ୍ର ଅପରାଧ ଶାଖା କରିବ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ଆଜି ପରିବାର ସଦସ୍ୟ ଓ ବନ୍ଧୁଙ୍କ ସହ ଯାତ୍ରାରମ୍ଭ କରି ଖୁସି ମନେଇବେ। ବକେୟା ଅର୍ଥ ଲାଭ, ଶାରୀରିକ ସୁସ୍ଥତା, ବନ୍ଧୁଙ୍କ ପରାମର୍ଶ କାମକୁ ଆସିବ। ପ୍ରତିଯୋଗିତାରେ ସଫଳତା ଯୋଗୁ କେତେକାଂଶରେ ମନକୁ ବୁଝାଇବାରେ ସମର୍ଥ ହେବେ। ଅଫିସ୍ କାମରେ ଏପରିକି ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରିନେବେ।

**ବୃଷ**: ପରିସ୍ଥିତି ଭଲ ନ ଥିବା ହେତୁ ଭଲ କଥା କହିଲେ ମଧ୍ୟ ଅନ୍ୟମାନେ ଭୁଲ୍ ବୁଝିବେ। ବାହାର ଜାଗାରେ ସାଧାରଣ କଥାରେ କୌଣସି ବ୍ୟକ୍ତିଙ୍କ ସହ ମତାନ୍ତର ଘଟିପାରେ। ବାରମ୍ବାର ବିଫଳତା ଜନିତ କାର୍ଯ୍ୟହାନି କାରଣରୁ ମନରେ ସବୁବେଳେ ଟେନ୍‌ସନ ଲାଗି ରହିବ। ଆକସ୍ମିକ ଆବଶ୍ୟକତା କାରଣରୁ ଖର୍ଚ୍ଚ ପରିମାଣ ବୃଦ୍ଧି ପାଇ ଚିନ୍ତାକୁ ବଢ଼ାଇଦେବ।

**ମିଥୁନ**: ଋଣ ପରିଶୋଧ ସକାଶେ କିମ୍ବା ବିଭିନ୍ନ ଧନ୍ଦା କରିବା ଲାଗି ବନ୍ଧୁମାନେ ପ୍ରୋତ୍ସାହିତ କରିପାରନ୍ତି। ଜଣେ ସହକର୍ମୀ ମାର୍ଗଦର୍ଶକ ସାଜିବେ, ଯାହାକି ଆପଣଙ୍କ ପାଇଁ ହିତକର ହେବ। କର୍ମକ୍ଷେତ୍ରରେ ସହକର୍ମୀ ଓ ବ୍ୟବସାୟରେ ସ୍ତ୍ରୀଙ୍କ ପରାମର୍ଶକୁ ଗ୍ରହଣ କଲେ ଭଲ। ଜଣାଶୁଣା ବ୍ୟକ୍ତିଙ୍କ ଦ୍ୱାରା ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ।

**କର୍କଟ**: ଘରର ଅକୁହାକଥା ଓ ଆର୍ଥିକ ସମସ୍ୟା ନେଇ ମନରେ ବିଭିନ୍ନ ପ୍ରକାର ଦୁର୍ଭାବନା ସୃଷ୍ଟି ହେବ। କର୍ମକ୍ଷେତ୍ରରେ ସାଧାରଣ କଥାକୁ ବଡ଼ କରି ସହକର୍ମୀମାନେ କଳହର ମାତ୍ରାକୁ ବଢ଼ାଇବେ। ପରସ୍ପର ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ସିଂହ**: ଚୁପ୍‌ଚାପ୍ ବସି ନ ରହି ସାହସ ବାନ୍ଧି କୌଣସି କାମ କଲେ ଅବଶ୍ୟ ସଫଳତା ପାଇବେ। ଯେତେ ସୁବିଧା ସୁଯୋଗ କଲେ ମଧ୍ୟ ଅନ୍ୟମାନେ ସନ୍ତୁଷ୍ଟ ହେବେ ନାହିଁ ବରଂ ଓଲଟି ନିନ୍ଦାଗାନ କରିବେ। ଏକା ସଙ୍ଗରେ ବହୁତ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ବହୁତ ଦିନରୁ ହଜିଯାଇଥିବା କିମ୍ବା ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ।

**କନ୍ୟା**: କିଛିଟା ସମସ୍ୟା ଭିତର ଦେଇ ଗତି କରିବାକୁ ପଡ଼ିବ। ଟଙ୍କା ବାକି ରଖିଥିବା ଲୋକଟି ଆପଣଙ୍କୁ ଖୋଜି ଖୋଜି ଶେଷରେ ଘରେ ଆସି ଟଙ୍କା ଦେଇଯାଇପାରେ। ଅନ୍ୟମାନଙ୍କ କଥାରେ ପ୍ରଭାବିତ ହୋଇ ଅଫିସରେ ସାଧାରଣ କଥାରେ ମତାନ୍ତରରୁ ବିତର୍କ ସୃଷ୍ଟି ହେବ। ଗୃହ ସଜା, ଗାଡ଼ି ମରାମତି, ପୁରୁଣା ଘରକୁ ସଜାଡ଼ିବାରେ ମନୋନିବେଶ କରିବେ।

**ତୁଳା**: ମନ ଅସ୍ଥିର କାରଣରୁ ପରିବାର ଭିତରେ ସାଧାରଣ କଥାକୁ କେନ୍ଦ୍ରକରି ଝଡ଼ ଉଠିପାରେ। କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ନ ରହିଲେ ସମସ୍ୟା ସୃଷ୍ଟି ହୋଇପାରେ। ମାନସିକ ଅଶାନ୍ତି ଲାଗି ରହିବା କାରଣରୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମାଲିମକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା**: ଆଜି ଘର କାମ ସାଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଳିଯିବା ହେତୁ ମନ ବିଚଳିତ ରହିବ। ଧାର କରଜ କରି ଆବଶ୍ୟକତା ଚଳାଇ ନେବେ। କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଦେଖାଦେବ, କିନ୍ତୁ କିଛି ଅସୁବିଧା ହେବନି। କିନ୍ତୁ ପରିବହନ ଓ ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ**: ବିଭିନ୍ନ ସମସ୍ୟା ଓ ପ୍ରତିବନ୍ଧକ ଭିତରେ ଚଳିବାକୁ ବାଧ୍ୟ ହେବେ। ଆଶା କରିଥିବା ଜିନିଷ ଅବଶ୍ୟ ପାଇବେ କିନ୍ତୁ ମନ ଭଲ ନଥିବା କାରଣରୁ ଖୁସି ହୋଇପାରିବେ ନାହିଁ। ପରିବହନ, ଆମଦାନୀ କାରବାର,କ୍ଷେତ୍ରରେ ନିଜ ନିଜର ସ୍ଥାନରେ ବେଶ୍ ଖୁସି ରହିବେ। ସାଂଗଠନିକ କ୍ଷେତ୍ରରେ ବହୁତ ଜନ କଲ୍ୟାଣ କାମ ହାତକୁ ନେଇ ପ୍ରଶଂସିତ ହେବେ।

**ମକର**: ଯାହା କରିବା ସକାଶେ ମନସ୍ଥ କରିଛନ୍ତି ସେଥିପାଇଁ ବନ୍ଧୁଙ୍କ କଥାକୁ ପ୍ରାଧାନ୍ୟ ଦେଇ କାମକଲେ ବହୁତ ଭଲ। ଘରୋଇ କଳହରୁ ମଧ୍ୟ ରକ୍ଷା ପାଇବା ସହ ସମସ୍ୟା ସମାଧାନ ହୋଇପାରିବ । ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ପରିବହନରୁ ଲାଭବାନ ହେବେ। ଶତ୍ରୁମାନେ ସୁଯୋଗ ଅପେକ୍ଷାରେ ରହିପାରନ୍ତି, ଏଣୁ ସତର୍କ ରହିବା ଭଲ।

**କୁମ୍ଭ**: ଆଜି ସବୁ କାମ ଘାତପ୍ରତିଘାତ ମଧ୍ୟ ଦେଇ ସମ୍ପନ୍ନ ହେବାର ସମ୍ଭାବନା ରହିଛି। ସ୍ୱାସ୍ଥ୍ୟ ସକାଶେ ମନ ବ୍ୟସ୍ତ ରହିବା ସାଙ୍ଗକୁ ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ବ୍ୟବସାୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବିଶେଷ କିଛି ଅସୁବିଧା ନ ଥିଲେ ସୁଦ୍ଧା ମାନସିକ ସ୍ତରରେ ଅଶାନ୍ତ ଅନୁଭବ କରିପାରନ୍ତି।

**ମୀନ**: ଆଜି ଆପଣ କିଛି କରିବା ପୂର୍ବରୁ ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ମାଲି ମକଦ୍ଦମା, ସଂଗଠନ, ଲେଖାପଢ଼ାରେ କିଛିଟା ସାମୟିକ ସମସ୍ୟା ଲାଗି ରହିବ। ସମସ୍ତ ପ୍ରକାର ସୁବିଧା ଥାଇ ମଧ୍ୟ କେତେକ କାମ ଅଧୁରା ରହିଯିବ। ସ୍ୱାସ୍ଥ୍ୟ ପ୍ରତି ସଚେତନ ରହି କାମ କରିବା ଭଲ ହେବ।


## classifieds Everyday 0674-2580101, 2549302

**real estate**

**SALE**

ଭୁବନେଶ୍ୱରର ସୁନ୍ଦରପଦା OEC ନିକଟରେ 10000 ବର୍ଗଫୁଟ ପ୍ଲଟ୍ 40,00,000/- ରେ ବିକ୍ରି ହେବ । 9439493164. D-71752

Bhubaneswar CRP ଛକରୁ ୧୫କି.ମି. ଦୂରରେ ଘରବାଡ଼ି ପ୍ଲଟ୍ ବର୍ଗଫୁଟକୁ 1500/-, 950/-, 400/-, 650/- କିଣି ଘର କରନ୍ତୁ। Pinky. 6370476317. D-71751

ଘରବାଡ଼ି ପ୍ଲଟ୍ 30'road ସହିତ Sum Hospitalରୁ 4k.m. ଘଙ୍ଗାପାଟଣାରେ ମିଳୁଛି। Owner- 9090963952. D-71746

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥପୁରବଜାର sqft.- 200/- (outright). 9348232008. D-22469

Ready to move 1BHK Holiday apartment sale Jagannathdham Puri, Rate-14.5lakhs-18.5lakhs Bank Loan available with monthly rent facilities. 9040033905, 6372753860. D-71749

Gharabari plots available with boundarywall, 30' road, Electricity at Gudiapokhari near Sai Mandir. 9438463129, 7205988009. D-71750

**healthcare**

Newly open Spa offer price @599/-, positively health benefits - 8455987557. D-71455

Newly open spa New Year Dhamaka @699/-, Smart therapist. 7846814019. D-71456

@999 refreshing your mind, body with the best therapy - 7873794731. D-71918

Newly open full body massage ladies and gents. 8327740003. D-71828

Newly Open Saikrupa Panchakarma Spa positively health benefits with Expert. 8984068077. D-22470

**astrology**

୨ ଘଣ୍ଟାରେ ସବୁ ସମସ୍ୟାର ସମାଧାନ। ଗୁରୁ ରହେମତ ଅଲି ବଶୀକରଣ ସ୍ପେଶାଲିଷ୍ଟ ବେପାରବୃଦ୍ଧି, ଗୃହ ସମସ୍ୟା, ପ୍ରେମ ବିବାହ, ସଉତୁଣୀ, ଶତ୍ରୁଦମନ। 8114984446. D-71452

**AFFIDAVIT**

By virtue of an affidavit before Executive Magistrate, Baripada on dt.17.11.21. My original name is Manorama Dash. Manorama Dash and Manorama Panda is one and same person. My name is treated Manorama Dash in all purpose. D-22561

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ନୋଟିସ

ମାନ୍ୟବର ଅତିରିକ୍ତ କମିଶନର ରିଭିଜନ କୋର୍ଟ ନଂ. ୨ ଇଜିଲାସ ଚତୁର୍ଥ ମହଲା, ହେଡ୍‌ଶ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଂ, ଭୁବନେଶ୍ୱର, ଓ.ଏସ୍.ଏସ୍. ନଂ.୧୩୦୮/ ୨୦୧୯
ଦୁର୍ଗାଚରଣ ମିଶ୍ର ...... ବାଦୀ
ବନାମ
ତହସିଲଦାର, ଭୁବନେଶ୍ୱର ଓଗେର ... ପ୍ରତିବାଦୀ

**ନୋଟିସ ଅର୍ଡର - ୫ ରୁଲ୍ -୨୦ C.P.C. ମୁତାବକ**

ପ୍ରତିବାଦୀ O.P.-8 ଶତ୍ରୁଘନ ବେହେରା, ପିତା- ମୃତ ଭଜନୀ ବେହେରା, ଗ୍ରାମ- ପାଣ୍ଡରା, ସାମିଲୀ - ଚକେଇସିଆଣୀ, ପୋ.- ରସୁଲଗଡ଼, ଥାନା - ମଞ୍ଚେଶ୍ୱର, ଜିଲ୍ଲା-ଖୋର୍ଦ୍ଧା ଏତଦ୍ୱାରା ଉପରୋକ୍ତ ସମସ୍ତ କେସ୍‌ରେ ପ୍ରତିବାଦୀ ନଂ.-୮ଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି କି ଯେ, ଉପରଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ଅଦାଲତ- ନଂ.୨ ଇଜିଲାସ ଚତୁର୍ଥ ମହଲା, ହେଡ୍‌ଶ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଂ, ଭୁବନେଶ୍ୱର, କାର୍ଯ୍ୟାଳୟଠାରେ ଆସନ୍ତା ତା୩୧।୦୧।୨୦୨୨ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି ।

**ଜମିର ବିବରଣୀ**

ମୌଜା- ଭୁବନେଶ୍ୱର ସହର, ୟୁନିଟ୍ ନଂ.- ୩୯ ଗାଡ଼କଣ, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ସାବିକ ଖାତା ନଂ. - ୬୯୭, ସାବିକ ପ୍ଲଟ୍ ନଂ.- ୩୨୦୧, ଏରିଆ- ଏ୦.୩୨୦ ଡିସିମିଲି ସମ୍ବନ୍ଧ କ୍ରୟ ବୃତ୍ତି ଏରିଆ- ଏ୦.୦୩୩ ଡିସିମିଲି, ହାଲ୍ ଖାତା ନଂ. - ୩୫୦୮, ହାଲ୍ ପ୍ଲଟ୍ ନଂ.- ୫୪୩୮, ଏରିଆ- ଏ୦.୦୮୦ ଡିସିମିଲି ।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ଓ ମୃତ ପ୍ରତିବାଦୀ ୱାରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ ।

ମାନ୍ୟବର ଅତିରିକ୍ତ କମିଶନରଙ୍କ ଆଦେଶ ଅନୁଯାୟୀ ।

ଧ-୭୧୪୫୪

## ନୋଟିସ

ମାନ୍ୟବର ଅତିରିକ୍ତ କମିଶନର ରିଭିଜନ କୋର୍ଟ ନଂ. ୨ ଇଜିଲାସ ଚତୁର୍ଥ ମହଲା, ହେଡ୍‌ଶ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଂ, ଭୁବନେଶ୍ୱର, ଓ.ଏସ୍.ଏସ୍. ନଂ.୧୩୦୭/ ୨୦୧୯
ଦୁର୍ଗାଚରଣ ମିଶ୍ର ...... ବାଦୀ
ବନାମ
ତହସିଲଦାର, ଭୁବନେଶ୍ୱର ଓଗେର ... ପ୍ରତିବାଦୀ

**ନୋଟିସ ଅର୍ଡର - ୫ ରୁଲ୍ -୨୦ C.P.C. ମୁତାବକ**

ପ୍ରତିବାଦୀ O.P.-8 ଶତ୍ରୁଘନ ବେହେରା, ପିତା- ମୃତ ଭଜନୀ ବେହେରା, ଗ୍ରାମ- ପାଣ୍ଡରା, ସାମିଲୀ - ଚକେଇସିଆଣୀ, ପୋ.- ରସୁଲଗଡ଼, ଥାନା - ମଞ୍ଚେଶ୍ୱର, ଜିଲ୍ଲା-ଖୋର୍ଦ୍ଧା ଏତଦ୍ୱାରା ଉପରୋକ୍ତ ସମସ୍ତ କେସ୍‌ରେ ପ୍ରତିବାଦୀ ନଂ.-୮ଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି କି ଯେ, ଉପରଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ଅଦାଲତ- ନଂ.୨ ଇଜିଲାସ ଚତୁର୍ଥ ମହଲା, ହେଡ୍‌ଶ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଂ, ଭୁବନେଶ୍ୱର, କାର୍ଯ୍ୟାଳୟଠାରେ ଆସନ୍ତା ତା୩୧।୦୧।୨୦୨୨ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି ।

**ଜମିର ବିବରଣୀ**

ମୌଜା- ଭୁବନେଶ୍ୱର ସହର, ୟୁନିଟ୍ ନଂ.- ୩୯ ଗାଡ଼କଣ, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ସାବିକ ଖାତା ନଂ. - ୬୯୭, ସାବିକ ପ୍ଲଟ୍ ନଂ.- ୩୨୦୧, ଏରିଆ- ଏ୦.୩୨୦ ଡିସିମିଲି ସମ୍ବନ୍ଧ କ୍ରୟ ବୃତ୍ତି ଏରିଆ- ଏ୦.୦୪୫ ଡିସିମିଲି, ହାଲ୍ ଖାତା ନଂ. - ୩୫୦୮, ହାଲ୍ ପ୍ଲଟ୍ ନଂ.- ୫୪୩୮, ଏରିଆ- ଏ୦.୦୮୦ ଡିସିମିଲି ।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ଓ ମୃତ ପ୍ରତିବାଦୀ ୱାରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ ।

ମାନ୍ୟବର ଅତିରିକ୍ତ କମିଶନରଙ୍କ ଆଦେଶ ଅନୁଯାୟୀ ।

ଧ-୭୧୪୫୩

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୭,୨୦,୩୭,୧୬୧ | ୫୩,୪୧,୧୫୩ | ୨୪,୪୫,୪୪,୮୨୬ |
| ଭାରତ | ୩,୪୭,୧୦,୬୩୦ | ୪,୭୬,୧୩୫ | ୩,୪୧,୪୬,୯୩୧ |
| ଓଡ଼ିଶା | ୧୦,୫୨,୧୪୫ | ୮୪୩୯(+୫୩) | ୧୦,୪୧,୮୩୬ |

ବୁଧବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ସିଙ୍ଗିଲ ୱିଣ୍ଡୋରେ ୫୧୧ କୋଟିର ପ୍ରକଳ୍ପ ମଞ୍ଜୁର

## ସୃଷ୍ଟି ହେବ ୬୪୦୨ରୁ ଅଧିକ ନିଯୁକ୍ତି ସୁଯୋଗ

ଭୁବନେଶ୍ୱର,୧୫।୧୨(ବ୍ୟୁରୋ)

୫୧୧.୧୯ କୋଟି ବ୍ୟୟରେ ୭ଟି ଶିଳ୍ପ ପ୍ରକଳ୍ପକୁ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି(ଏସ୍‌ଏଲ୍‌ଏସ୍‌ଡବ୍ଲୁସିଏ) ବୈଠକରେ ମଞ୍ଜୁରୀ ଦିଆଯାଇଛି। ଏହାଦ୍ୱାରା ୬୪୦୨ରୁ ଅଧିକ କର୍ମନିଯୁକ୍ତି ସୃଷ୍ଟି ହେବ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବସିଥିବା ଏସ୍‌ଏଲ୍‌ଏସ୍‌ଡବ୍ଲୁସିଏ ବୈଠକରେ ଏହି ପ୍ରକଳ୍ପଗୁଡ଼ିକ ଉପରେ ମୋହର ବାଜିଛି।

୨୩ ଦିନ ତଳେ ଏସ୍‌ଏଲ୍‌ଏସ୍‌ଡବ୍ଲୁସିଏ ୧୮୭୨.୧୧ କୋଟି ଟଙ୍କାର ୮ ପ୍ରକଳ୍ପକୁ ମଞ୍ଜୁରୀ ଦେଇଥିଲେ, ଯେଉଁଥିରେ ୩୪୬୨ କର୍ମନିଯୁକ୍ତି ସମ୍ଭାବନା ରହିଛି। ୨୩ ଦିନରେ ଏସ୍‌ଏଲ୍‌ଏସ୍‌ଡବ୍ଲୁସିଏ ମୋଟ୍ ୨୩୮୩.୩୦ କୋଟି ଟଙ୍କା ପ୍ରକଳ୍ପକୁ ଅନୁମୋଦନ ଦେଇଥିବାବେଳେ ୯୮୬୩ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି। ବୈଠକରେ ମଞ୍ଜୁରୀ ଲାଭ କରିଥିବା ପ୍ରକଳ୍ପଗୁଡ଼ିକ ମୁଖ୍ୟତଃ ବୟନ, ପୋଷାକ, କାଗଜ ଉତ୍ପାଦ, ଅକ୍ଷୟ ଶକ୍ତି, ପର୍ଯ୍ୟଟନ, ଇସ୍ପାତ ଡାଉନ୍‌ଷ୍ଟ୍ରିମ୍ ଏବଂ ଆଇରନ୍ ଓର୍ ବେନିଫିକେଶନ କ୍ଷେତ୍ରରୁ ଆସିଥିବା ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମା ସୂଚନା ଦେଇଛନ୍ତି। ଖୋର୍ଦ୍ଧା ଜିଲା ଚନ୍ଦକାଠାରେ ୫୧ କୋଟି ଟଙ୍କା ବିନିଯୋଗରେ ଅମ୍ବାଜୁର ଫ୍ୟାଶନ୍ସ ଏକ ମହିଳା ଓ ପୁରୁଷ ପୋଷାକ ନିର୍ମାଣ କେନ୍ଦ୍ର ପ୍ରତିଷ୍ଠା କରିବ। ଏଥିରେ ୪୭୦୦ରୁ ଅଧିକ ନିଯୁକ୍ତି ପାଇବେ। ସେହିପରି ଖୋର୍ଦ୍ଧା ଜିଲା ଛତାବର ଶିଳ୍ପାଞ୍ଚଳରେ ୫୨.୬୨ କୋଟି ନିବେଶ କରି ୱାଇଲ୍‌ଡ୍ ଲୋଟସ୍ ଫ୍ୟାଶନ୍ସ ପକ୍ଷରୁ ଏକ ପୋଷାକ ବିନିର୍ମାଣ ୟୁନିଟ୍ ସ୍ଥାପନ କରାଯିବ। ଏହାଦ୍ୱାରା ୫୬୦ ନିଯୁକ୍ତି ସୁଯୋଗ ପାଇପାରିବେ। ଏହାବାଦ୍ ବାଲେଶ୍ୱର ଜିଲାରେ ୧୨୦ କୋଟି ଟଙ୍କା ବିନିଯୋଗକରି ଦୈନିକ ୩୦୦ ଟନ୍ କ୍ଷମତା ବିଶିଷ୍ଟ ଏକ ନୂଆ କ୍ରାଫ୍ଟ ପେପର ୟୁନିଟ୍ ସ୍ଥାପନ କରିବ ପାୟୋନିର ପ୍ୟାକେଜିଂ ପ୍ରା.ଲି଼.ର ସହାୟକ କମ୍ପାନୀ ବନ୍‌ସୀ ଲକ୍ଷ୍ମୀ ପ୍ରା.ଲିଃ, ଯେଉଁଥିରେ ୭୫୦ରୁ ଅଧିକ ନିଯୁକ୍ତି ପାଇବେ। ସେହିଭଳି ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ ଲିମିଟେଡ୍ (ଆଇଓସିଲ୍) ୫୨.୨୮ କୋଟି ଟଙ୍କା ନିବେଶରେ ବୌଦ୍ଧ ଜିଲାରେ ଏକ ୧୦ ମେଗାୱାଟ୍‌ର ସୋଲାର ପାୱାର ପ୍ଲାଣ୍ଟ ପ୍ରତିଷ୍ଠା କରିବ। ଏଥିରେ ୬୫ରୁ ଅଧିକ ନିଯୁକ୍ତି ସମ୍ଭାବନା ରହିଛି। ଏହାବ୍ୟତୀତ ୬୩.୩୦ କୋଟି ଟଙ୍କା ବିନିଯୋଗରେ ଖୋର୍ଦ୍ଧା ଜିଲାରେ ପ୍ରାଚୀ ରିସର୍ଟ ଏକ ୪ ତାରକା ବିଶିଷ୍ଟ ହୋଟେଲ ନିର୍ମାଣ କରିବ, ଏଥିରେ ୮୫ରୁ ଅଧିକ ନିଯୁକ୍ତି ପାଇବେ। ଅନ୍ୟପକ୍ଷରେ ସମ୍ବଲପୁର ଜିଲାରେ ୫୧.୯୯ କୋଟି ନିବେଶରେ ସ୍ୟାଗ୍‌ମା ଟ୍ୟୁବ୍‌ସ ଆଣ୍ଡ ପାଇପ୍ସ ପକ୍ଷରୁ ଏକ ୫ ଲକ୍ଷ ଏମ୍‌ଟିର ଟ୍ୟୁବ୍ ଏବଂ ପାଇପ୍ ବିନିର୍ମାଣ ୟୁନିଟ୍ ପ୍ରତିଷ୍ଠା କରାଯିବ। ଏହାଦ୍ୱାରା ୬୦ରୁ ଅଧିକ ନିଯୁକ୍ତି ସୁଯୋଗ ପାଇପାରିବେ। ଏହାସହ କେନ୍ଦୁଝର ଜିଲା ବଡ଼ବିଲ୍‌ଠାରେ ପିଟିସିଏଲ୍ ଇନ୍‌ଫ୍ରା ତା'ର ଆଇରନ୍ ଓର୍ ବେନିଫିକେଶନ ପ୍ଲାଣ୍ଟ ୧.୫ ଏମ୍‌ଟିପିଏରୁ ୨.୫ ଏମ୍‌ଟିପିଏକୁ ସମ୍ପ୍ରସାରଣ କରିବ। ଏଥିରେ ୧୨୦ କୋଟି ଟଙ୍କା ବିନିଯୋଗ ହେବା ସହ ୧୮୨ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ପୂର୍ବରୁ ମଞ୍ଜୁର ହୋଇଥିବା ପ୍ରକଳ୍ପର ନିର୍ମାଣ ଏବଂ କାର୍ଯ୍ୟକ୍ଷମ ଉପରେ ନଜର ରଖିବାକୁ ମୁଖ୍ୟ ଶାସନ ସଚିବ ଇପିକଲ୍‌କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ 'ସ୍କିଲ୍‌ଡ୍ ଇନ୍ ଓଡ଼ିଶା' ବ୍ୟକ୍ତିମାନଙ୍କୁ ନିଯୁକ୍ତି ଦେବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି।

# ମହାଲିଙ୍ଗରେ ଜାତୀୟ ମହିଳା କମିଶନ ଟିମ୍

**ମମିତା ହତ୍ୟା ଘଟଣା**

ଗୋଲାମୁଣ୍ଡା,୧୫।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧ୍ୟକ୍ଷା ମମିତା ମେହେରଙ୍କ ଅପହରଣ ଓ ହତ୍ୟା ଘଟଣା ନେଇ ହୁଲସ୍ଥୁଲ ହେଉଛି ରାଜ୍ୟ ରାଜନୀତି। ଏହି ଘଟଣାକୁ କେନ୍ଦ୍ରକରି ରାଜନୈତିକ ଦଳମାନେ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ବହିଷ୍କାର ଦାବିରେ ସରକାରଙ୍କୁ ଘେରୁଛନ୍ତି। ଏପରିସ୍ଥଳେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ଲୋକ ସଭାରେ ମମିତା ମେହେର ପ୍ରସଙ୍ଗ ଉଠାଇଥିଲେ। ଏହା ପରେ ହଠାତ୍ ବୁଧବାର ଜାତୀୟ ମହିଳା କମିଶନର ଏକ ଟିମ୍ ମହାଲିଙ୍ଗ ଗସ୍ତ କରିଛି। ଟିମ୍ ସଦସ୍ୟ ପ୍ରଥମେ ଯୁକ୍ତ୩ କଲେଜ ପରିଦର୍ଶନ କରିବା ପରେ ଯୁକ୍ତ୨ କଲେଜକୁ ଯାଇ ତଦନ୍ତ ଜାରି ରଖିଛନ୍ତି। କଲେଜ ଅଧ୍ୟକ୍ଷ ଏବଂ କମିଟି ଉପସଭାପତି ଓ ସଭ୍ୟମାନଙ୍କ ସହ ୨ ଘଣ୍ଟା ଧରି ଆଲୋଚନା କରିଥିଲେ। ପରେ ଯୁକ୍ତ୨ ଛାତ୍ରାବାସକୁ ଯାଇ ତଦନ୍ତ ପ୍ରକ୍ରିୟା ଜାରି ରଖିଛନ୍ତି। ସେମାନେ କ'ଣ ତଦନ୍ତ କରିଛନ୍ତି ସେ ବିଷୟରେ କୌଣସି ତଥ୍ୟ ଜଣାପଡ଼ିନାହିଁ।

**ନାମାଙ୍କିତ କର୍ତ୍ତୃପକ୍ଷ, କୋଇଲା ମନ୍ତ୍ରଣାଳୟ, ଭାରତ ସରକାର**
**୧୨୦, ଏଫ୍-ୱିଙ୍ଗ୍, ୧ମ ମହଲା, ଶାସ୍ତ୍ରୀ ଭବନ, ନୂଆଦିଲ୍ଲୀ-୧୧୦୦୦୧., ୦୧୧-୨୩୩୮୪୧୦୬**
**"କୋଇଲା ବିକ୍ରୟ ପାଇଁ କୋଇଲା ଖଣି/ବ୍ଲକ୍‌ର ନିଲାମ ନିମନ୍ତେ ବିଡ୍ ଆହ୍ୱାନ"**
କୋଇଲା ଖଣି (ସ୍ୱତନ୍ତ୍ର ବ୍ୟବସ୍ଥାପନ) ଅଧିନିୟମ, ୨୦୧୫ର ଧାରା ୪(୧) ଓ ୪(୨) ତଥା ଖଣି ଓ ଖଣିଜ ଦ୍ରବ୍ୟ (ବିକାଶ ଓ ବିନିୟମ) ଅଧିନିୟମ, ୧୯୫୭ର ଧାରା ୧୧ଏ ତଥା ତାହା ଅଧୀନରେ ନିର୍ଦ୍ଧାରିତ ନିୟମାବଳୀ ଅଧୀନରେ, ଭାରତ ସରକାର ନାମାଙ୍କିତ କର୍ତ୍ତୃପକ୍ଷଙ୍କୁ ସିଏମ୍(ଏସ୍‌ପି) ଅଧିନିୟମ, ୨୦୧୫ ଅଧୀନରେ **୧୪ତମ ଭାଗର ନିଲାମୀ ଏବଂ ଏମ୍‌ଏମ୍‌ଡିଆର୍ ଅଧିନିୟମ ୧୯୫୭ ଅଧୀନରେ, ୪ର୍ଥ ଭାଗର ନିଲାମୀ ଅଧୀନରେ ପୂର୍ବବର୍ତ୍ତୀ ଭାଗର ରୋଲ୍‌ଓଭର୍ କୋଇଲା ଖଣି ସମେତ ୨୫ ଗୋଟି ନୂଆ କୋଇଲା ଖଣିର ନିଲାମ ପାଇଁ ଆଦେଶ ଦେଇଛନ୍ତି ।** ଟେଣ୍ଡର ପ୍ରକ୍ରିୟା ଗୁରୁବାର, ଡିସେମ୍ବର ୧୬, ୨୦୨୧ ଦିନ ଆରମ୍ଭ ହେବ । ଟେଣ୍ଡର କାଗଜପତ୍ର ଏବଂ ଅନ୍ୟାନ୍ୟ ବିବରଣୀ https://www.mstcecommerce.com/auctionhome/coalblock/index.jspରେ ଦେଖାଯାଇପାରିବ ।
davp 04107/11/0002/2122

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ଇଞ୍ଜିନିୟରିଂ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**
କ୍ର.ସଂ. (୧) ଇ-ଟେଣ୍ଡର ନଂ. ଡିଆର୍‌ଏମ୍-ଇଏନ୍‌ଜିଜି-ବିଏସ୍‌ପି-ଟି-୧୩୨-୨୦୨୧-୨୨। ତାରିଖ: ୧୦।୧୨।୨୦୨୧। କାର୍ଯ୍ୟ: ବିଳାସପୁର ଡିଭିଜନରେ ଦୁଇବର୍ଷ ପାଇଁ ଏସ୍‌ଏସ୍‌ଇ (ପି.ୱେ)/ପେଣ୍ଡ୍ରା କ୍ଷେତ୍ରାଧିକାରରେ ବିବିଧ ପି.ୱେ ଟ୍ରାକ୍ କାର୍ଯ୍ୟର ନିର୍ବାହ । **ଟେଣ୍ଡର ମୂଲ୍ୟ: ୩,୧୬,୪୫,୪୩୪/-, ଇଏମ୍‌ଡି: ୦୦/- ସମାପ୍ତି ଅବଧି: ୨୪ ମାସ ।**
କ୍ର.ସଂ. (୨) ଇ-ଟେଣ୍ଡର ନଂ. ଡିଆର୍‌ଏମ୍-ଇଏନ୍‌ଜିଜି-ବିଏସ୍‌ପି-ଟି-୧୩୩--୨୦୨୧-୨୨। ତାରିଖ: ୧୦।୧୨।୨୦୨୧। କାର୍ଯ୍ୟ: ବିଳାସପୁର ଡିଭିଜନର ସିନିୟର ଡିଭିଜନାଲ ଇଞ୍ଜିନିୟର/ଏସ୍‌ପିଏଲ୍ (ୱାର୍କସ୍)/ବିଳାସପୁରଙ୍କ ଅଧୀନରେ ଥ୍ରୁ ରେଳ ନବୀକରଣ (ଏସ), ଥ୍ରୁ ଫାଷ୍ଟେନିଂ ନବୀକରଣ, ଥ୍ରୁ ବାଲାଷ୍ଟ ନବୀକରଣ, ସ୍ଲୁଡ୍ କଏଣ୍ଟର ନବୀକରଣ, ଏସ୍‌ଇଜେ ଏବଂ ଅନ୍ୟାନ୍ୟ କାର୍ଯ୍ୟ । **ଟେଣ୍ଡର ମୂଲ୍ୟ: ୧,୩୩,୩୬,୬୧୩/- । ଇଏମ୍‌ଡି: ୦୦/- ସମାପ୍ତି ଅବଧି: ୧୨ ମାସ । ଟେଣ୍ଡର ଦାଖଲର ଆରମ୍ଭ ତାରିଖ: ତା୨୦।୧୨।୨୦୨୧ରିଖ, ୧୧.୦୦ ଘଟିକାରୁ । ଟେଣ୍ଡର ଦାଖଲର ଶେଷ ତାରିଖ: ତା୦୩।୦୧।୨୦୨୨ରିଖ ୧୧.୦୦ ଘଟିକା ପର୍ଯ୍ୟନ୍ତ ।**
ଉପରୋକ୍ତ ଇ-ଟେଣ୍ଡର ବିଜ୍ଞପ୍ତିର ସମ୍ପୂର୍ଣ୍ଣ ସୂଚନା ୱେବ୍‌ସାଇଟ୍ https://www.ireps.gov.inରେ ଉପଲବ୍ଧ । ଉପରୋକ୍ତ ଟେଣ୍ଡର ପାଇଁ ଇ-ବିଡ୍ ବ୍ୟତୀତ ଅନ୍ୟ କୌଣସି ବିଡ୍‌କୁ ଗ୍ରହଣ କରାଯିବ ନାହିଁ ।
*ଡିଭିଜନାଲ ରେଳୱେ ମ୍ୟାନେଜର (ଇଏନ୍‌ଜିଜି.)*
*CPR/10/278 ଏସ୍.ଇ.ସି. ରେଳପଥ, ବିଳାସପୁର*
South East Central Railway @secrail

# କିରୋସିନ ଢାଳି ଗାଁ ସାଥୀଙ୍କ ଆତ୍ମାହୁତି ଉଦ୍ୟମ



ଲୋୟର ପିଏମ୍‌ଜିଠାରେ ଅନଶନରେ ବସିଥିବା ଜଣେ ମହିଳା ଗାଁ ସାଥୀ ଦେହରେ କିରୋସିନ ଢାଳି ହେଉଛନ୍ତି।

## ଅନ୍ ଲ' ଫୁଲ୍ ଘୋଷଣା କରି ସ୍ଥିତି ନିୟନ୍ତ୍ରଣ କଲା ପୋଲିସ

ଭୁବନେଶ୍ୱର,୧୫।୧୨(ବ୍ୟୁରୋ)

ସରକାର ୧୩ବର୍ଷ ହେବ ଠକି ଚାଲିଛନ୍ତି। ଏମିତି ଜୀବନ ଜିଇଁବା ଅପେକ୍ଷା ମରିଯିବା ଭଲ। ଲୋୟର ପିଏମ୍‌ଜିଠାରେ ଗତ ୩ଦିନ ଧରି ଆମରଣ ଅନଶନରେ ବସିଥିବା ଗାଁ ସାଥୀମାନେ ବୁଧବାର ରାଜ୍ୟ ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବା ସହ ଏଭଳି କ୍ଷୋଭ ପ୍ରକାଶ କରି ଆତ୍ମାହୁତି ଉଦ୍ୟମ କରିଥିଲେ। କିଏ ଦେହରେ କିରୋସିନ ଢାଳି, ତ ଆଉ କିଏ ବେକରେ ରଶି ଲଗାଇଥିବା ଦେଖିବାକୁ ମିଳିଥିଲା। ଉପସ୍ଥିତ ପୋଲିସ ସେମାନଙ୍କୁ ଉଦ୍ଧାର କରିବା ପରେ କେତେଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ସ୍ଥିତି ନିୟନ୍ତ୍ରଣ କରିବାକୁ ଯାଇ କମିଶନରେଟ ପୋଲିସ ପକ୍ଷରୁ ଉକ୍ତ ସ୍ଥାନକୁ ଅନ୍ ଲ' ଫୁଲ୍ ଘୋଷଣା କରିବା ସହ କେତେଜଣଙ୍କୁ ଗିରଫ କରାଯାଇଥିଲା।

ଗାଁ ସାଥୀ (ମେଟ୍)ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ତରଫରୁ ୫ଦଫା ଦାବି ନେଇ ଧାରଣା ଦିଆଯାଇଥିଲା। ମାସିକ ୮ହଜାର ଟଙ୍କାରୁ ଉର୍ଦ୍ଧ୍ୱ ପ୍ରୋତ୍ସାହନ ରାଶି ପ୍ରଦାନ, ମାସକୁ ୧୦ ଦିନର ଗ୍ୟାରେଣ୍ଟି ପାଉଣା ସହିତ ନିଯୁକ୍ତି ପ୍ରଦାନ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଡଧାରୀଙ୍କୁ ବର୍ଷକୁ ୧୦୦ ଦିନ ପରିବର୍ତ୍ତେ ୨୦୦ଦିନ କାମ ଓ ଦୈନିକ ମଜୁରି ବୃଦ୍ଧି ଆଦି ୫ଦଫା ଦାବି ପୂରଣ ପାଇଁ ସଂଘ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରି ଆସୁଥିଲା। ହେଲେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତିଶ୍ରୁତି ଦେଇ ଠକି ଦେଇଥିବାରୁ ଧାରଣାର ୪ର୍ଥ ଦିନ ବୁଧବାର ଆନ୍ଦୋଳନ ତୀବ୍ର ହୋଇଥିଲା। ରାଜ୍ୟର ବିଭିନ୍ନ ଜିଲାରୁ ବହୁ ସଂଖ୍ୟକ ଗାଁସାଥୀ ସାମିଲ ହୋଇଥିଲେ। ତେବେ ଧାରଣାସ୍ଥଳରେ ବିକ୍ଷୋଭ ଓ ପ୍ରତିବାଦ ଚାଲିବା ଭିତରେ ମଧ୍ୟାହ୍ନରେ କେତେଜଣ ଆତ୍ମାହୁତି ଉଦ୍ୟମ କରିବାରୁ ସେଠାରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିଲା।

ଡିସିପି ଉମାଶଙ୍କର ଦାଶ କହିଛନ୍ତି, ଯେତେବେଳେ ୪ ଜଣ ମହିଳା କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ କଲେ, ସେତେବେଳେ ସେହି ସ୍ଥାନରେ ୫୦୦ରୁ ଉର୍ଦ୍ଧ୍ୱ ଗାଁ ସାଥୀ ଓ ପୋଲିସ ଫୋର୍ସ ଥିଲେ। ସାଙ୍ଘାତିକ ପରିସ୍ଥିତି ସୃଷ୍ଟି ହୋଇଥାନ୍ତା। ତେଣୁ ପୋଲିସ ପକ୍ଷରୁ ମାଇକ୍‌ରେ ଅନ୍ ଲ' ଫୁଲ୍ ଘୋଷଣା କରାଯିବା ସହ ଘଟଣାସ୍ଥଳ ଛାଡ଼ି ଚାଲିଯିବାକୁ କୁହାଯାଇଥିଲା।

# ଘରେ ନିଆଁ ଲଗାଇ ହତ୍ୟା ଉଦ୍ୟମ

କଣିହାଁ,୧୫।୧୨(ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁ ଥାନା ଡେରେଙ୍ଗ ଗ୍ରାମ ଦେହୁରୀ ସାହିର ଚଞ୍ଚଳା ବେହେରା (୫୦) ଓ ତାଙ୍କ ପୁଅ ମାମୁଲା ବେହେରା (୧୭)ଙ୍କୁ ମଙ୍ଗଳବାର ରାତିରେ ଘର ମଧ୍ୟରେ ପୋଡ଼ି ହତ୍ୟା ଉଦ୍ୟମ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଆଇଆଇସି କିଶୋର କୁମାର ସାମଲ କହିଛନ୍ତି, ଚଞ୍ଚଳା ଏକ କମ୍ପାନୀରେ କାର୍ଯ୍ୟ କରୁଛନ୍ତି। ରାତିରେ ମା' ଓ ପୁଅ ଶୋଇଥିବା ବେଳେ କେହି ବାହାରପଟୁ ଶିକୁଳି ଦେଇ ଘରେ ନିଆଁ ଲଗାଇ ଦେଇଥିଲେ। ନିଆଁ ଦେଖି ମା' ଓ ପୁଅ ଚିତ୍କାର କରିବା ପରେ ପଡ଼ୋଶୀମାନେ ସେମାନଙ୍କୁ ଉଦ୍ଧାର କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଅଭିଯୋଗ ପାଇ ପୋଲିସ ନଂ. ୩୧୯/୨୧ରେ ମାମଲା ରୁଜୁ କରିଛି। ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଜାରି ରହିଥିବା ଆଇଆଇସି ସୂଚନା ଦେଇଛନ୍ତି।

# ଆଧୁନିକ ସୁବିଧା ସହ ଭୁବନେଶ୍ୱର-ନୟାଗଡ଼ ଟାଉନ୍ ମେମୁ

ଭୁବନେଶ୍ୱର,୧୫।୧୨(ବ୍ୟୁରୋ)

ଆଧୁନିକ ସୁବିଧା ସହ ଭୁବନେଶ୍ୱର-ନୟାଗଡ଼ ଟାଉନ-ଭୁବନେଶ୍ୱର (୦୮୪୨୩/୦୮୪୨୪) ମେମୁ ଟ୍ରେନ୍ ପୁରୁଣା ସମୟରେ ଚଳାଚଳ ଆରମ୍ଭ କରିଛି। ଏଥିରେ ସିସିଟିଭି ପର୍ଯ୍ୟବେକ୍ଷଣ, ୬ ମେମୁ କୋଚ୍ ଓ ୨ ମୋଟର କାର ମେମୁ କୋଚ୍ ସହ କେତେକ ଅତ୍ୟାଧୁନିକ ସୁବିଧାର ବ୍ୟବସ୍ଥା ରହିଛି। ଏଥିରେ ୬୧୪ଜଣ ଯାତ୍ରୀ ସୁରକ୍ଷିତ ତଥା ଆରାମଦାୟକ ଯାତ୍ରା କରିପାରିବେ। ଟ୍ରେନ୍ ସମ୍ବନ୍ଧୀୟ ସୂଚନା ପାଇଁ ଜିପିଏସ୍ ଆଧାରିତ ପାସେଞ୍ଜର ଇନଫରମେଶନ ସିଷ୍ଟମ୍ ଏବଂ ପାସେଞ୍ଜର ଆଡ୍ରେସ ସିଷ୍ଟମ ରହିଛି। ନିରାପଦ ଯାତ୍ରା ପାଇଁ ସ୍ଲିପ୍ ଫ୍ରି ଚଟାଣ, ଆରାମଦାୟକ ଯାତ୍ରା ପାଇଁ କୁସନଯୁକ୍ତ ବେଞ୍ଚ, ଗୋଟିଏ କୋଚ୍‌ରୁ ଅନ୍ୟ କୋଚ୍‌କୁ ସୁରକ୍ଷିତ ଓ ସହଜ ଭ୍ରମଣ ବ୍ୟବସ୍ଥା, ସହଜ ପ୍ରବେଶ ଓ ପ୍ରସ୍ଥାନ ପାଇଁ ହାଲୁକା ଆଲୁମିନିୟମ୍



ସ୍ଲାଇଡିଂ କବାଟ ରହିଛି। ଏହି ଟ୍ରେନ ଷ୍ଟେନଲେସ୍ ଷ୍ଟିଲ୍ ଦ୍ୱାରା ନିର୍ମିତ, ଯାହା ବାୟୁ ପ୍ରତିରୋଧକୁ ହ୍ରାସ କରିବା ପାଇଁ ଏରୋଡାଇନାମିକ୍ ଆକୃତି ରହିଛି। ଏହା ବାୟୁ ପ୍ରତିରୋଧ କରିବ, ଯାହାଦ୍ୱାରା ଶକ୍ତି ସଞ୍ଚୟ ହେବ ବୋଲି ସୂଚନା ଦିଆଯାଇଛି।

**District Mineral Foundation**
**Angul, Odisha, PIN-759122**
**Tele: 0674-230745 / E-mail: dmfangul@gmail.com**
Notice No.1237 Date: 14.12.2021

**Corrigendum Notice**

Ref.: EoI No.-1156/DMF dated 30.11.2021.
No.CAD- 2306:- Interested bidders are requested to download the Corregendum Notice along with the EoI documents for selection of agency for conducting survey managing mixed method data collection for the baseline assessments of health and nutrition project of Angul District from the website: www.angul.nic.in. The last date for submission of the bid documents is 22.12.2021 (5.00 P.M.). Documents are to be submitted through Speed Post / Registered Post (India Post) only. Other terms and conditions are remaining unchanged.
**Sd./- P.D., DRDA-cum- Chief Executive, DMF, Angul**
OIPR-19132/11/0006/2122

**TPWODL**
**TP WESTERN ODISHA DISTRIBUTION LIMITED**
**(A Tata Power & Odisha Govt. Joint venture)**
**Corporate Office : Burla, Dist.-Sambalpur (Odisha)-768017**
**NOTICE INVITING TENDER**
TP Western Odisha Distribution Limited invites tenders (2part bidding) from eligible vendors for the following packages :
**(1) TPWODL/HS/O/SER/065: Housekeeping Services at Various Offices at TPWODL, Odisha.**
**(2) TPWODL/HS/O/SER/074: Hospitality Services at Various Guest Houses at TPWODL, Odisha**
Interested bidders to submit Tender Participation Fee and Authorization Letter through email on or before **25th December 2021, 1500 Hrs**, after which link from e-Tender system shall be shared.
All correspondence regarding the tender details bid submission, date extension etc. shall only take place with the eligible bidders through E-tender system.
For detailed tender documents you may visit Tender section of our website: **www.tpwesternodisha.com.**
Sd /- **Chief-Contracts and Stores**

**Indian Potash Limited**
IPL
**NOTICE INVITING TENDER**
Sealed tender are invited from financially sound and experienced transport contractors for undertaking transportation work of bagged chemical fertilizers (45Kg/50Kg bags) from Dhamra port by road for 2 years. The tenderer should have experience in transportation of bagged fertiliser/sugar/cement/food grains at railway rake point and at least 2 trucks should be owned by them. The transport contractor should have all statutory registration required for carrying on transportation business. Tender paper may be obtained from the regional office of INDIAN POTASH LTD at the address given below. Tender papers may be collected on payment of Rs.5000/- (non-refundable) by way of demand draft drawn in favour of INDIAN POTASH LTD payable at Bhubaneswar. Tender documents should be submitted by 30th Dec'2021 by 11.00 Hrs. The tender will open on the same day at 15.00 Hrs before the tenderers or their accredited representatives. IPL shall have the right to award the tender to L1 or more contractors at its own discretion. IPL reserves the right to accept /reject any or all tenders either in full or in part without assigning any reason.
**INDIAN POTASH LIMITED**, REGIONAL OFFICE
**ODYSSA BUSINESS CENTRE, UNIT 413 & 414, PLOT No. 30 & 31, 4th FLOOR, RASULGARH, BHUBANESWAR – 751010.**
**PHONE No – 0674-2585514/15/17, Mail id: iplbhu@potindia.com**

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
O/O- SR. GENERAL MANAGER (ELECT), O&M ZONE-II,MERAMUNDALI
CIN:U40102OR2004SGC007553
Lifeline of Odisha
**No. 551** **Dated:08.12.2021**
**No. CAD-2311**
**NOTIFICATION**
In accordance with Section-164 of Indian Electricity Act,2003 and in exercise of the power conferred upon OPTCL vide Department of Energy, Government of Odisha Order No: 2353-R&R-II-10\2006, dated 9th March, 2006, the following transmission scheme, which are intended to be undertaken by the Odisha Power Transmission Corporation Limited for execution, are published for general information. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the DGM (Elect), EHT (O&M) Division, Rajgangpur, OPTCL, At-132/33 kV Grid S/S Kalunga, Vill-Biljatola, Po-Jhartarang, Dist-Sundargarh-769004 within two months from the date of publication of this notification. Full details of the scheme and plan may be seen in the office of the DGM(Elect), EHT(O&M) Division,Rajgangpur on any working day during office hours.
**Name of the Work:-**
**(I)** Diversion of 132kV Budhipadar-Sundargarh DC line from exsting Loc. No.6 to 11 for proposed construction of Railway over bridge by SE Railway under EHT O&M Division, Rajgangpur. The tentative estimated amount is Rs.1.18 Crores.
**Percieved benefit that may accrue:** For construction of Railway over bridge by S.E Railway at village H.Katapali, Jharsuguda and development of Odisha State in general.
**Name of the Village in which the line will pass:**
**Tahasil:** Jharsuguda; R.I Circle: H. Katapali, Village: H. Katapali.
FIPR-71/2021-22
Sd/- Rajkishore Parida
Sr.GM (O&M), Zone-II, Meramundali
OIPR-04011/11/0114/2122

**TPCODL**
**TP CENTRAL ODISHA DISTRIBUTION LIMITED**
(A Tata Power and Odisha Govt. Joint Venture)
2nd Floor, IDCO Tower, Janpath Bhubaneshwar, Odisha 751022, Odisha
**NOTICE INVITING TENDER**
**TP Central Odisha Distribution Limited invites tender from eligible Bidders for the following:**

| Sl No | Tender Description | Tender Enquiry No. | Tender Fee Incl. of GST(Rs.)* | EMD (Rs. Lakh)** | Due date for Tender Fee |
|---|---|---|---|---|---|
| 1 | RC for Supply of Mobile Phone | TPCODL/ P&S/ 1000000150/ 21-22 | 5000 | 0.5 | 23.12.2021, 17:00Hrs |
| 2 | RC for Supply of LT XLPE AB Cable | TPCODL/P&S/ 1000000151/2021-22 | 5000 | 5.0 | 22.12.2021, 17:00Hrs |
| 3 | RC for supply LTDB | TPCODL/ P&S/ 1000000152/ 21-22 | 5000 | 0.5 | 22.12.2021, 17:00Hrs |
| 4 | RC for Supply of 8M PSC Poles | TPCODL/P&S/ 1000000153/2021-22 | 5000 | 2.0 | 22.12.2021 17:00 Hrs |
| 5 | RC for CCTV implementation | TPCODL/P&S/ 1000000155 /2020-21 | 5000 | 0.5 | 23.12.2021, 17:00Hrs |
| 6 | RC for Supply of Office Furniture | TPCODL/P&S/ 1000000154 /2020-21 | 5000 | 0.5 | 23.12.2021, 17:00Hrs |

* MSMEs registered in the State of Odisha shall pay tender fee of Rs. 1,000/- including GST.
** EMD is exempted for MSMEs registered in the State of Odisha.
For further details of Tenders, please visit "Tender" section on TPCODL website https://tpcentralodisha.com.
Future communication/corrigendum to tender documents, if any, shall be available on website.

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LIMITED**
**(A Government of Odisha Undertaking)**
Regd. Office : Janpath, Bhubaneswar,
CORPORATE IDENTITY NUMBER (CIN) **U40102OR2004SGC007553**
**Tele Fax : (0674) 2542120, Email id: rtc@optcl.co.in**
OPTCL Lifeline of Odisha
**No. CAD-2309**

**SALIENT FEATURES OF THE PERFORMANCE OF TRANSMISSION SYSTEM OF OPTCL DURING THE YEAR 2020-21**

**1. State Maximum and Minimum Demand**

| Year | State Maximum Demand (MW) | State Minimum Demand (MW) |
|---|---|---|
| 2018-19 | 5427 | 3186 |
| 2019-20 | 5151 | 2574 |
| 2020-21 | 5048 | 2808 |

**2. Transmission / Wheeling of Energy (2020-2021)**

| Entity | Energy (MU) |
|---|---|
| TPWODL | 7,384 |
| TPNODL | 4,950 |
| TPSODL | 3,566 |
| TPCODL | 8,383 |
| NALCO | 298 |
| IMFA | 256 |
| BEL | 8 |
| TOTAL | 24845 |

**3. Capacity Augmentation of Grid S/S (2020-21)**

| Zone | Capacity Augmented at | Capacity Addition (MVA) |
|---|---|---|
| CENTRAL | 0 Nos. S/S | 0 |
| NORTH | 3 Nos. S/S | 120 |
| SOUTH | 2 Nos. S/S | 24 |
| WEST | 4 Nos. S/S | 160 |
| TOTAL | 9 Nos. S/S | 304 |

**4. Transmission Loss**

| Year | Actual (%) |
|---|---|
| 2018-19 | 3.28 |
| 2019-20 | 3.25 |
| 2020-21 | 3.22 |

**5. Transmission System Availability**

| Year | % Availability |
|---|---|
| 2018-19 | 99.98 |
| 2019-20 | 99.98 |
| 2020-21 | 99.98 |

**6. Manpower per MVA Capacity**

| Beginning of | Manpower / MVA capacity |
|---|---|
| FY 2018-19 | 0.180 |
| FY 2019-20 | 0.158 |
| FY 2020-21 | 0.135 |

**7. Average Turnover per Employee**

| Year | Turnover (Rs.Crore) / Employee |
|---|---|
| 2018-19 | 0.284 |
| 2019-20 | 0.278 |
| 2020-21 | 0.333 |

**8. Voltages profile of Major Grid Sub-Stations**

Allowable Range (245-198 kV)

| Sl. No. | Name of the 220/132 kV Grid Sub-Station | Maximum Voltage in kV | Minimum Voltage in kV |
|---|---|---|---|
| 1 | Atri | 241 | 212 |
| 2 | Balasore | 242 | 210 |
| 3 | Bhadrak | 244 | 197 |
| 4 | Bhanjanagar | 245 | 213 |
| 5 | Bidanasi | 242 | 210 |
| 6 | Budhipadar | 239 | 205 |
| 7 | Chandaka | 239 | 204 |
| 8 | Duburi | 238 | 214 |
| 9 | Jaynagar | 245 | 229 |
| 10 | Joda | 231 | 211 |
| 11 | Katapalli | 231 | 211 |
| 12 | Lapanga | 232 | 204 |
| 13 | Laxmipur | 244 | 228 |
| 14 | Mendhasal | 241 | 212 |
| 15 | Meramundali | 235 | 223 |
| 16 | Narendrapur | 242 | 211 |
| 17 | Nayagarh | 242 | 214 |
| 18 | Paradeep | 243 | 202 |
| 19 | Sadeipali | 236 | 195 |
| 20 | Tarkera | 240 | 217 |
| 21 | Theruvali | 243 | 222 |

Allowable Range (380-420 kV)

| Sl. No. | Name of the 400 kV Grid Sub-Station | Maximum Voltage in kV | Minimum Voltage in kV |
|---|---|---|---|
| 1 | Duburi (N) | 431 | 394 |
| 2 | Lapanga | 418 | 386 |
| 3 | Mendhasal | 429 | 395 |
| 4 | Meramundali | 434 | 398 |

Allowable Range (145-122 kV)

| Sl. No. | Name of the 132/33 kV Grid Sub-Station | Maximum Voltage in kV | Minimum Voltage in kV |
|---|---|---|---|
| 1 | Cuttack | 141 | 121 |
| 2 | Berhampur | 143 | 109 |
| 3 | Puri | 141 | 110 |
| 4 | Khurda | 140 | 123 |

Note : Maximum and Minimum voltage readings shown in these tables are derived from hourly instantaneous readings recorded manually at Grid Sub-Stations. Readings recorded beyond allowable range may be due to contingency conditions prevailing at the time of taking readings.

**9. System Interruptions due to Major Incident :**

INTERRUPTION DUE TO MAJOR INCIDENT

| Incident | Duration of Interruption (Hrs : Min : Sec) | No. of Interruption | Remarks |
|---|---|---|---|
| Snapping of Jumper / Conductor / Earth wire | 33:57:00 | 45 | The duration of interruption indicated is the sum total of interruptions occurred at different areas (S/S) during the year. However, there was no total blackout experienced for the State during the year 2020-21 |
| Insulator Failure | 32:33:00 | 35 | |
| Bursting of CT / PT | 16:26:00 | 18 | |
| Breaker Problem | 0:08:00 | 1 | |
| Major System Disturbance | 6:37:00 | 6 | |
| Failure of LA | 7:21:00 | 17 | |
| Others | 160:23:00 | 379 | |

Note : Detailed report on Performance of Transmission System of OPTCL is available in SLDC website www.sldcorissa.org.in
HIPR-39/2021-22 OIPR-04011/11/0112/2122 *Issued in the Public Interest by OPTCL*
Please connect us : optcl.odisha optcl_odisha energyodisha

> ଏହି ଘନୀଭୂତ ଓ ଜଡୀଭୂତ ଜଡ-ଚେତନା ଭିତରୁ ଧୀରେ ଧୀରେ ଆତ୍ମାକୁ ପ୍ରକାଶ କରି ଚାଲିବା ଏବଂ ଏହି ଆପାତତଃ ପ୍ରାଣିକ ସତ୍ତା ଭିତରୁ ଈଶ୍ୱରଙ୍କର ଆତ୍ମପ୍ରକାଶକୁ ଘଟାଇ ଚାଲିବା ହେଲା କ୍ରମବିକାଶର ଉଦ୍ଦେଶ୍ୟ- ଏକମାତ୍ର ଉଦ୍ଦେଶ୍ୟ। -ଶ୍ରୀଅରବିନ୍ଦ



# ବିଶ୍ୱାସ ଓ ସହଯୋଗର ସଙ୍କଟ



ବିଲ୍ ଏମ୍ମୋଟ

ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ କପ୍‌୨୬ର ଅନିର୍ଣ୍ଣାୟକ ପରିଣାମରେ ଅନେକ ଦେଶ ହତୋତ୍ସାହିତ ହୋଇଯାଇଛନ୍ତି। ହେଲେ ସେମାନେ ନିକଟରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଏବଂ ଚାଇନା ପ୍ରତିପକ୍ଷ ଶି ଜିନ୍‌ପିଙ୍ଗଙ୍କ ମଧ୍ୟରେ ଅନୁଷ୍ଠିତ ଭର୍ଚୁଆଲ ସମ୍ମିଳନୀ ନିଷ୍କର୍ଷ ପ୍ରତି ଗୁରୁତ୍ୱ ଦେବା ଉଚିତ କିମ୍ବା କୋଭିଡ୍-୧୯ ଟିକାର ନିଷ୍ପକ୍ଷ ବଣ୍ଟନ ବ୍ୟବସ୍ଥାରେ ସାମିଲ ହୋଇ ସକ୍ରିୟତା ପ୍ରକାଶ କରିବା ଆବଶ୍ୟକ। ଏହା ନିଶ୍ଚିତ ଯେ, ସାମ୍ପ୍ରତିକ ପରିସ୍ଥିତିରେ ବୈଶ୍ୱିକ ଶାସନ ବ୍ୟବସ୍ଥାରେ ବହୁ ସମସ୍ୟା ଓ ନୈରାଶ୍ୟତା ଦେଖା ଦେଇଛି। ଏକ ନୂଆ ରିପୋର୍ଟ 'ଆୱାରା ଗ୍ଲୋବାଲ କଣ୍ଡିଶନ' ଅନୁଯାୟୀ, ଗ୍ଲୋବାଲ କମିଶନ ଫର୍ ପୋଷ୍ଟ-ପାଣ୍ଡେମିକ୍ ପଲିସି ଉପରେ ମୁଁ ଓ ମୋର ସାଥୀମାନେ ଏହି ସବୁ ସମସ୍ୟା ୪ଟି ସଂକଟ ଯୋଗୁ ହୋଇଛି ବୋଲି ଜାଣିପାରିଛୁ। ଏହି ୪ଟି ସଂକଟର ପଞ୍ଝାରେ ଆମେ ପଡ଼ିଯାଇଛୁ। ଆଗକୁ ଏଥିରୁ ମୁକୁଳିବାକୁ ପଡ଼ିବ। ବିଶ୍ୱର ସାର୍ବଜନୀନ ସ୍ୱାସ୍ଥ୍ୟ, ଜଳବାୟୁ ପରିବର୍ତ୍ତନ, ଜନସାଧାରଣଙ୍କ ବିଶ୍ୱାସ ହ୍ରାସ ଏବଂ ଗଣତାନ୍ତ୍ରିକ ବୈଧାନତା ଓ ଭୂ-ରାଜନୈତିକ ଅସ୍ଥିରତା ମଧ୍ୟରେ ଥିବା ସମ୍ପର୍କକୁ ଚିହ୍ନଟ କରିବା ସହ ଏଥିରେ ଜଡ଼ିତ ଜଟିଳ ସମସ୍ୟାଗୁଡ଼ିକୁ ମିଳିତ ଭାବେ ଆମକୁ ସମାଧାନ କରିବାକୁ ହେବ। ଏଗୁଡ଼ିକୁ ଯଦି ଆମେ ଭିନ୍ନ ଭିନ୍ନ ସମସ୍ୟା ଭାବେ ଦେଖିବା, ତେବେ କୌଣସି ଲକ୍ଷ୍ୟରେ ପହଞ୍ଚିପାରିବା ନାହିଁ।

ପରିବେଶଗତ ଚାପ ବଢ଼ିବା ଦ୍ୱାରା ପ୍ରାଣୀଙ୍କଠାରୁ ମଣିଷଙ୍କୁ ସଂକ୍ରାମକ ରୋଗ ବ୍ୟାପୀ ମହାମାରୀ ରୂପ ନେବାର ସମ୍ଭାବନା ଅଧିକ। ମହାମାରୀ ହେଲେ ସାମାଜିକ, ରାଜନୈତିକ ଏବଂ ଅର୍ଥନୈତିକ ଚାପ ବଢ଼ିଯାଏ। ଏହା ଯୋଗୁ ସମାଜକୁ ଅଣଦେଖା କଲାଭଳି ମନୋଭାବ ଏବଂ ବ୍ୟବହାର ପ୍ରକାଶ ପାଏ, ଯଦ୍ୱାରା ମହାମାରୀ ନିୟନ୍ତ୍ରଣରେ ବାଧା ଉପୁଜେ। କାର୍ବନ ନିର୍ଗମନ ହ୍ରାସରେ ଦୃଢ଼ ପଦକ୍ଷେପ ନେବା ଲାଗି ଜନସାଧାରଣଙ୍କ ସମର୍ଥନ କିମ୍ବା ଭାଗୀଦାରି ପାଇବା ସରକାରଙ୍କ ପାଇଁ କଷ୍ଟକର ହୋଇଯାଏ। ଏଭଳି ସ୍ଥିତି ଏବେ ପ୍ରକାଶ ପାଇଛି। ୨୦୦୮ର ଅର୍ଥନୈତିକ ସଂକଟ ଏବଂ ସୋସିଆଲ ମିଡିଆର ଦ୍ୱାହି ଦେଇ ଯେଉଁ ଦେଶ କିମ୍ବା ରାଜନୈତିକ ବ୍ୟବସ୍ଥାଗୁଡ଼ିକ ବିଭିନ୍ନ ସଂସ୍ଥା ଓ ବିଶେଷଜ୍ଞକୈନ୍ଦ୍ରିକ ଅଧିକାରକୁ ଅଣଦେଖା କରିଛନ୍ତି, ସେଠାରେ ସେମାନେ ନୂଆ ସଂକଟର ମୁକାବିଲା କରୁଛନ୍ତି । ସେମାନଙ୍କୁ ଏହି ସଂକଟର ସମାଧାନ କରିବା ଲାଗି ଅଧିକ ପଦକ୍ଷେପ ନେବାକୁ ପଡୁଛି। ବିଶେଷକରି ଏହା ଆମେରିକା ପାଇଁ ଉପଯୁକ୍ତ, ଯାହାର ନେତୃତ୍ୱ ଅନେକ ଦେଶ ଚାହିଁଆନ୍ତି। କିନ୍ତୁ ଆମେରିକା ଉପରେ ଏବେ ସେମାନଙ୍କ ବିଶ୍ୱାସ କମିଯାଇଛି। ଏହି ବିଶ୍ୱାସର ସଙ୍କଟ ଆମେରିକାକୁ ଆଭ୍ୟନ୍ତରୀଣ ଓ ବୈଶ୍ୱିକ ସ୍ତରରେ ଦୁର୍ବଳ କରିଦେଇଛି । ଏହାଦ୍ୱାରା ପାଶ୍ଚାତ୍ୟ ଏବଂ ଚାଇନା ମଧ୍ୟରେ ସମ୍ପର୍କ ଖରାପ ହେଉଛି। ଏଭଳି ଗୋଳମାଳିଆ ତଥା ଜଟିଳ ବ୍ୟବସ୍ଥାର ପ୍ରତିକ୍ରିୟା, ଉଭା ହୋଇଥିବା ମହାମାରୀ ଏବଂ ଜଳବାୟୁ ପରିବର୍ତ୍ତନର ଚାପ ବିଶ୍ୱରେ ସବୁଠୁ ମହତ୍ତ୍ୱପୂର୍ଣ୍ଣ ଭୂରାଜନୈତିକ ସଙ୍କଟ ସୃଷ୍ଟି କରିଛି। ତଥାପି ସଂକଟ ଟାଳିବା ଲାଗି ବିଶ୍ୱ ଆମେରିକା ଏବଂ ଚାଇନାର ଯୋଗଦାନ ଆଶା କରେ। ସେମାନଙ୍କ ପାରସ୍ପରିକ ବୁଝାମଣା ବ୍ୟତୀତ ମହାମାରୀ ହେଉ କିମ୍ବା ଜଳବାୟୁ ପରିବର୍ତ୍ତନ ମୁକାବିଲାରେ ସେଭଳି ପ୍ରଗତି ହୋଇପାରିବ ନାହିଁ। ଏହା ଏବେ ପ୍ରମାଣିତ ହୋଇଛି ଗରିବ ଦେଶଗୁଡ଼ିକୁ ପର୍ଯ୍ୟାପ୍ତ ଟିକା ଯୋଗାଣରେ ବିଫଳତାରୁ। ଦକ୍ଷିଣ ଆଫ୍ରିକାରେ କୋଭିଡ୍‌ର ନୂଆ ରୂପ ଓମିକ୍ରନ ପ୍ରକାଶ ପାଇବା ଦ୍ୱାରା ବାସ୍ତବରେ ଟିକା ଯୋଗାଣ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି। ଗ୍ଲୋବାଲ କମିଶନ୍‌ଙ୍କ ଟିକା ଅବଗଣନା ଅନୁଯାୟୀ ଏସିଆ, ୟୁରୋପ ଏବଂ ଆମେରିକା ମେ' ୨୦୨୨ ସୁଦ୍ଧା ସେମାନଙ୍କର ୮୦% ଲୋକଙ୍କୁ ସମ୍ପୂର୍ଣ୍ଣ ଟିକା ଦେବାକୁ ଲକ୍ଷ୍ୟ ରଖିଥିବା ବେଳେ ଅଧିକାଂଶ ଆଫ୍ରିକୀୟ ଦେଶ ୨୦୧୫ ସୁଦ୍ଧା ସେହି ଲକ୍ଷ୍ୟରେ ପହଞ୍ଚି ପାରିବେ ନାହିଁ।

ଚାଇନା ଓ ଆମେରିକାର ମିଳିତ ସହଯୋଗ ହିଁ ଏହି ପ୍ରଭେଦ ଦୂର କରିପାରିବ। ଦୁଇ ଦେଶର ଅତୁଳନୀୟ ପୁଞ୍ଜି ଏବଂ ସଂସାଧନର ସୁବିନିଯୋଗ ତଥା ପରିଚାଳନା ପଦ୍ଧତିକୁ ଦେଖିଲେ ଏହା ସମ୍ଭବ ହୋଇପାରିବ। ଏଭଳି ସହଯୋଗ ୨୦୨୨ରେ ପ୍ରଥମେ ବିଶ୍ୱର ଗରିବ ଦେଶଗୁଡ଼ିକ ପ୍ରତି ରହିଥିବା ସମ୍ଭାବ୍ୟ ଋଣ ସଂକଟର ସମାଧାନ କରିବା ସହ ଅନ୍ୟ ଦେଶଗୁଡ଼ିକୁ ମଧ୍ୟ ଏଥିରୁ ମୁକ୍ତ କରିବାରେ ସାହାଯ୍ୟ କରିବ।

ଦୁର୍ଭାଗ୍ୟର କଥା, ଏଭଳି ବୁଝାମଣା ଶୀଘ୍ର ହେବାର କୌଣସି ସମ୍ଭାବନା ଦେଖାଯାଉ ନାହିଁ। ଆସନ୍ନ ବିପର୍ଯ୍ୟୟ ହେଉ କିମ୍ବା ବିଶ୍ୱରେ ପ୍ରକାଶ ପାଇଥିବା ନୈରାଶ୍ୟ ଏବଂ ଏହାର ପ୍ରଭାବ କ'ଣ ରହିବ ତାହା ଆକଳନ କରିବା କଷ୍ଟକର। କିନ୍ତୁ ଏହି ସ୍ଥିତିକୁ ମୁକାବିଲା କରିବା ପାଇଁ ୪ଟି ପ୍ରମୁଖ ସିଦ୍ଧାନ୍ତକୁ ଆଧାର କରି ଆମକୁ ଏକ ନୂଆ ରଣନୀତି ପ୍ରସ୍ତୁତ କରିବାକୁ ପଡ଼ିବ। ପ୍ରଥମେ ପ୍ରାଥମିକତା ଭିତ୍ତିରେ ସବୁ ଲୋକଙ୍କୁ ଟିକା ଦେବା ଆବଶ୍ୟକ। ଏହାଦ୍ୱାରା ଆମେ ମହାମାରୀକୁ ଆୟତ୍ତ କରି ସ୍ଥାନୀୟ ସ୍ୱାସ୍ଥ୍ୟ ସମସ୍ୟା ଉପରେ ଅଧିକ ଦୃଷ୍ଟି ଦେଇପାରିବା। ଏକାକୀ ହେଉ କିମ୍ବା ମିଳିତ ଭାବେ ସବୁଦେଶ ଆଫ୍ରିକା ଓ ଅନ୍ୟ ଅଭାବୀ ଦେଶଗୁଡ଼ିକୁ ଟିକା ଯୋଗାଣ କ୍ଷେତ୍ରରେ ସର୍ବାଧିକ ପ୍ରାଥମିକତା ଦେବା ଦରକାର। ଏହାସହ ଟିକାକରଣ କାର୍ଯ୍ୟକ୍ରମକୁ ସେମାନେ ଚିକିତ୍ସା, ଆର୍ଥିକ, ସଂସ୍ଥା ଓ ଯୋଜନାଗତ ତଥା ପ୍ରଶାସନିକ ସହଯୋଗ ଯୋଗାଇ ଦେବା ଉଚିତ। ମହାମାରୀ ଯୋଗୁ ସୃଷ୍ଟି ହୋଇଥିବା ଅନିଶ୍ଚିତତା ଦୂର କରିବା ଦ୍ୱାରା ସ୍ଥାୟୀ ଜଳବାୟୁ ପଦକ୍ଷେପ ଏବଂ ମହାମାରୀ ପରବର୍ତ୍ତୀ ବିକାଶ ଲକ୍ଷ୍ୟ ହାସଲ ସକାଶେ ସ୍ଥିରୀକୃତ ନୀତିଗୁଡ଼ିକ ପ୍ରତି ବିଶ୍ୱାସ ସୃଷ୍ଟି କରିବା ସହ ଲୋକଙ୍କ ସହଯୋଗ ପାଇବାକୁ ନିଶ୍ଚିତ ଭାବେ ବାଟ ଖୋଲିପାରିବ। ଦ୍ୱିତୀୟ ସିଦ୍ଧାନ୍ତ ଅନୁଯାୟୀ ବିଶ୍ୱ ବ୍ୟାପାରରେ ଆମେରିକା- ଚାଇନା ଶତ୍ରୁତା ଏକ ମୁଖ୍ୟ ଭୂମିକା ନେଉଛି ବୋଲି ସ୍ୱୀକାର କରିବାକୁ ହେବ। ସେମାନଙ୍କ ମଧ୍ୟରେ ଶତ୍ରୁତାକୁ ଆଡ଼କରି ସେହି ଦୁଇ ମହାଶକ୍ତିଙ୍କୁ ବୈଶ୍ୱିକ ଆହ୍ୱାନଗୁଡ଼ିକ ଉପରେ ପରସ୍ପର ଆଲୋଚନା ଓ ସହଯୋଗ ପାଇଁ ଏକ ପ୍ରକ୍ରିୟା ଆରମ୍ଭ କରିବାର ଆବଶ୍ୟକତା ରହିଛି। ଏଥିପାଇଁ ଏକ କାର୍ଯ୍ୟସୂଚୀ ସ୍ଥିର କରିବା ମଧ୍ୟ ଅତ୍ୟନ୍ତ ଜରୁରୀ। ଅନ୍ୟସବୁ କ୍ଷେତ୍ରରେ ସେମାନେ ପ୍ରତିଦ୍ୱନ୍ଦ୍ୱିତା ଜାରି ରଖି ବି ଏହା କରିପାରିବେ। ଆମେରିକା ଓ ସୋଭିଏଟ୍ ସଂଘ ଶୀତଳ ଯୁଦ୍ଧ ସମୟରେ ଏଭଳି ସିଦ୍ଧାନ୍ତ କାର୍ଯ୍ୟକାରୀ କରିଥିଲେ। କିନ୍ତୁ ସେଥିରୁ ଶିକ୍ଷା କରିବାକୁ ଆମକୁ ବହୁ ଦଶନ୍ଧି ଲାଗିଗଲା। ଏଥିପାଇଁ ଜଳବାୟୁ ପରିବର୍ତ୍ତନ କିମ୍ବା ଅନ୍ତର୍ଜାତୀୟ ସୁରକ୍ଷା ବା ପ୍ରଭାବୀ ଶାସନ ବ୍ୟବସ୍ଥା ଅପେକ୍ଷା କଲା କି? ସବୁଥିରେ ବ୍ୟତିକ୍ରମ ପ୍ରକାଶ ପାଇଛି।

ତୃତୀୟ ସିଦ୍ଧାନ୍ତଟି ହେଲା ପାଶ୍ଚାତ୍ୟରେ ଦେଖାଦେଇଥିବା ବିଶ୍ୱାସ ଓ ବୈଧାନିକ ସଂକଟ। ଏହାକୁ ଗୁରୁତ୍ୱର ସହ ବିଚାର କରିବାକୁ ପଡ଼ିବ। ପାଶ୍ଚାତ୍ୟ ଗଣତନ୍ତ୍ରଗୁଡ଼ିକର ବର୍ଦ୍ଧିତ କଟରବାଦୀ ରାଜନୀତି ଯୋଗୁ କେବଳ ସେମାନଙ୍କ ଉପରେ ବିପଦ ଦେଖାଯାଇନାହିଁ, ବରଂ ବିଶ୍ୱରେ ସ୍ଥିରତା ଓ ସୁରକ୍ଷା ପ୍ରତି ସଂକଟ ସୃଷ୍ଟି କରିଛି। ଏଣୁ ସେଠାରେ ଗଣତନ୍ତ୍ର ଓ ଗଣତାନ୍ତ୍ରିକ ଶାସନ ପ୍ରତିଷ୍ଠା କରିବା ଦାୟିତ୍ୱ ତୁରନ୍ତ ନିର୍ବାହ କରିବା ଉଚିତ ଓ ସୋସିଆଲ ମିଡିଆକୁ ଅଧିକ ଉତ୍ତରଦାୟୀ କରିବା ଲାଗି ଶୀଘ୍ର ଚାଲୁ କରିବା ଜରୁରୀ। ଏହାସହ ନୂଆ ସହଯୋଗଭିତ୍ତିକ ଧାରାରେ ନାଗରିକତ୍ୱକୁ ଉଜାଗର କରିବାକୁ ହେବ ଏବଂ ଚିକିତ୍ସା ଓ ସୁଯୋଗରେ ବ୍ୟାପକ ସମାନତା ନିଶ୍ଚିତ କରିବାକୁ ପଡ଼ିବ। ଚତୁର୍ଥ ସିଦ୍ଧାନ୍ତ ସମ୍ପୂର୍ଣ୍ଣ ବ୍ୟାବହାରିକ। ଟିକା କ୍ଷେତ୍ରରେ ବିଶ୍ୱରେ ଦେଶଗୁଡ଼ିକ ହାତ ବାନ୍ଧି ବସିପାରିବେ ନାହିଁ କି ଏହାର ସମାଧାନ କରିବାକୁ ଏକ ବୈଶ୍ୱିକ ବ୍ୟବସ୍ଥାକୁ ଅପେକ୍ଷା କରି ରହିପାରିବେ ନାହିଁ। ଏଣୁ ଏବେ ରେକର୍ଡ ସମୟ ମଧ୍ୟରେ ସୁରକ୍ଷିତ ଏବଂ ଅତ୍ୟଧିକ ପ୍ରଭାବୀ ଟିକା ଯୋଗାଇଥିବା, ଜଟିଳ ସମସ୍ୟାଗୁଡ଼ିକ ବିରୋଧରେ ଲଢ଼େଇ ଜାରି ରଖିଥିବା ସରକାରୀ ଓ ଘରୋଇ ସହଭାଗିତା ସମସ୍ୟାଗୁଡ଼ିକର ସମାଧାନ ପାଇଁ ଏକ ମିଳିତ ଇଚ୍ଛାଶକ୍ତି ଆଶା କରୁଛି। ନୂଆ ଭୂତାଣୁ ଏବଂ ନ୍ୟୁକ୍ଲିୟର ଫ୍ୟୁଜନ ଭଳି ଅଣକାର୍ବନ ଏନର୍ଜି ଟେକ୍‌ନୋଲୋଜିରେ ଉପଲବ୍ଧ ସୁଯୋଗର ସନ୍ଧାନ ଓ ସଞ୍ଚାଳନ କରିବା ଲାଗି ବହୁ ଦେଶୀୟ ସହଯୋଗଭିତ୍ତିକ ଟେକ୍‌ନୋଲୋଜିକୁ ତୀବ୍ର କଲେ ସେଥିରୁ ଲାଭ ମିଳିପାରିବ। ଆମ ସମ୍ମୁଖରେ ଥିବା ଜଟିଳ ସଂକଟ ଦୂର କରିବା ଲାଗି ଆମକୁ ଏକ ସମ୍ମିଳିତ ଓ ଦୃଢ଼ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଯଦି ଏହା ସମ୍ଭବ ହୁଏ,ତେବେ ସଫଳତା ମିଳିବ। ଯଦି ଏହା ସମ୍ଭବ ନ ହୁଏ ଓ ଦେଶଗୁଡ଼ିକ ସେମାନଙ୍କ ପକ୍ଷରୁ ସହମତି ପ୍ରକାଶ ନ କରନ୍ତି, ତେବେ ସଂକଟ ଦୂର ହୋଇପାରିବ ନାହିଁ ।

**ଏଡିଟର୍ ଇନ୍ ଚିଫ୍, ଦି ଇକୋନୋମିଷ୍ଟ**
**ସହ ନିର୍ଦ୍ଦେଶକ, ଗ୍ଲୋବାଲ୍ କମିଶନ**
**ଫର୍ ପୋଷ୍ଟ-ପାଣ୍ଡେମିକ ପଲିସି**

# ଗୀତାର ଅମୃତଜ୍ଞାନ



ଡା. ଉମେଶ ଚନ୍ଦ୍ର ପାତ୍ର

ହିନ୍ଦୁ ପରମ୍ପରା ଅନୁଯାୟୀ ଶ୍ରୀମଦ୍ ଭଗବତ୍ ଗୀତାର ସୃଷ୍ଟି ଦିବସକୁ ଗୀତା ଜୟନ୍ତୀ ଭାବେ ପାଳନ କରାଯାଇଥାଏ। ମାର୍ଗଶିର ଶୁକ୍ଳ ଏକାଦଶୀରୁ ଚତୁର୍ଦ୍ଦଶୀ ମଧ୍ୟରେ ଗୀତା ଜୟନ୍ତୀ ପାଳନ କରାଯାଇଥାଏ। ମହାଭାରତ ଯୁଦ୍ଧ ପୂର୍ବରୁ ଯୁଦ୍ଧଭୂମିରେ ଆତ୍ମୀୟସ୍ୱଜନଙ୍କୁ ଦେଖି ମୋହଗ୍ରସ୍ତ ହୋଇପଡ଼ିଥିବା ଅର୍ଜୁନଙ୍କୁ ଯୋଗୀରାଜ ଶ୍ରୀକୃଷ୍ଣ ଗୀତା ଉପଦେଶ ପ୍ରଦାନ କରିଥିଲେ। ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଛନ୍ଦ ରୂପରେ ଅର୍ଥାତ୍ ଗୀତା ଗାଇ ଉପଦେଶ ପ୍ରଦାନ କରିଥିଲେ। ସେଥିପାଇଁ ଏହାକୁ ଗୀତା କୁହାଯାଇଥାଏ। ସ୍ୱୟଂ ଭଗବାନଙ୍କ ମୁଖ ନିଃସୃତ ବାଣୀ ହୋଇଥିବାରୁ ଏହି ଗ୍ରନ୍ଥର ନାମ ଭଗବତ ଗୀତା ହୋଇଛି। ଏହି ମହାଗ୍ରନ୍ଥରେ ୧୮ ଅଧ୍ୟାୟ ଏବଂ ୭୦୦ଟି ଶ୍ଳୋକ ରହିଛି। ଭଗବତ ଗୀତାରେ ଏକାଧିକ ବିଦ୍ୟା ସମ୍ପର୍କରେ ଉଲ୍ଲେଖ ରହିଛି। ଏହି ବିଦ୍ୟାଗୁଡ଼ିକ ମଧ୍ୟରୁ ଚାରିଟି ବିଦ୍ୟା ପ୍ରମୁଖ। ଅଭୟ ବିଦ୍ୟା, ସାମ୍ୟ ବିଦ୍ୟା, ଈଶ୍ୱର ବିଦ୍ୟା ଏବଂ ବ୍ରହ୍ମ ବିଦ୍ୟା। ଅଭୟ ବିଦ୍ୟା ମୃତ୍ୟୁ ଭୟ ଦୂର କରିଥାଏ ବୋଲି ବିଶ୍ୱାସ ରହିଛି। ସେହିପରି ସାମ୍ୟ ବିଦ୍ୟା ରୋଗ ଦ୍ୱେଷରୁ ମୁକ୍ତି ଦେଇଥାଏ। ଜୀବ ମଧ୍ୟରେ ସମାନତାର ଭାବ ପ୍ରକଟ କରିଥାଏ। ଈଶ୍ୱର ବିଦ୍ୟା ପ୍ରଭାବରେ ସାଧକ ଅହଂ ଏବଂ ଗର୍ବ ଭଳି ବିକାରରୁ ରକ୍ଷା ପାଇଥାଏ। ବ୍ରହ୍ମ ବିଦ୍ୟା ଦ୍ୱାରା ଅନ୍ତରାତ୍ମାରେ ବ୍ରହ୍ମ ଭାବ ଜାଗ୍ରତ ହୋଇଥାଏ। ଗୀତା ମାହାତ୍ମ୍ୟ ବିଷୟରେ ଶ୍ରୀକୃଷ୍ଣ ପଦ୍ମ ପୁରାଣରେ କହିଛନ୍ତି ଯେ, ଏ ଭବ ସାଗରର ବନ୍ଧନରୁ ମୁକୁଳିବା ନିମନ୍ତେ ଗୀତା ହିଁ ଏକମାତ୍ର ପବିତ୍ର ଗ୍ରନ୍ଥ। ଗୀତାର ଉଦ୍ଦେଶ୍ୟ ଈଶ୍ୱରଙ୍କ ଜ୍ଞାନ ବୋଲି ବିବେଚନା କରାଯାଇଥାଏ।

ଧର୍ମ-ଅଧର୍ମ, ସତ୍ୟ-ଅସତ୍ୟର ଯୁଦ୍ଧ ମହାଭାରତରେ କୌରବ ଏବଂ ପାଣ୍ଡବଙ୍କ ସେନା ପରସ୍ପରର ସାମ୍ନାସାମ୍ନି ଥିଲେ। ଅର୍ଜୁନଙ୍କ ସାରଥି ଭଗବାନ ଶ୍ରୀକୃଷ୍ଣ ରଥକୁ ଦୁଇ ସେନାଙ୍କ ମଧ୍ୟଭାଗକୁ ନେଇଗଲେ। ଅର୍ଜୁନ ଦେଖିଲେ ଯେ ତାଙ୍କ ସମ୍ମୁଖରେ ପିତାମହ ଭୀଷ୍ମ, ଗୁରୁ ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ ଏବଂ ତାଙ୍କ ଭ୍ରାତା, ସମ୍ପର୍କୀୟମାନେ ବିରୋଧୀ ପକ୍ଷରେ ଛିଡ଼ା ହୋଇଥିଲେ। ଅର୍ଜୁନ ସାହସ ହରାଇଲେ। ସେ ଶ୍ରୀକୃଷ୍ଣଙ୍କୁ କହିଲେ, ନିଜ ସ୍ୱଜନ ଏବଂ ନିର୍ଦ୍ଦୋଷ ସୈନିକଙ୍କୁ ହତ୍ୟା କରିବା ଫଳରେ ଯେଉଁ ମୁକୁଟ ହାସଲ ହେବ, ତାହା ମୋତେ କି ସୁଖ ପ୍ରଦାନ କରିବ ? ଅର୍ଜୁନ ସମ୍ପୂର୍ଣ୍ଣ ଭାବେ ଅବସାଦଗ୍ରସ୍ତ ହୋଇପଡ଼ିଥିଲେ। ସେ ନିଜ ଅସ୍ତ୍ରଶସ୍ତ୍ର କୃଷ୍ଣଙ୍କ ସମ୍ମୁଖରେ ଭୂମି ଉପରେ ରଖି ତାଙ୍କ ମାର୍ଗଦର୍ଶନ ମାଗିଲେ। ଏହି ସମୟରେ ଶ୍ରୀମଦ୍ ଭଗବତ ଗୀତାର ଜନ୍ମ ହୋଇଥିଲା। ଭଗବାନଙ୍କ ମୁଖନିଃସୃତବାଣୀକୁ ମହର୍ଷି ବେଦବ୍ୟାସ ଲିପିବଦ୍ଧ କରିଥିଲେ। ଏହା ହିଁ ଭଗବତ୍ ଗୀତା ଗ୍ରନ୍ଥର ରୂପ ନେଇଥିଲା। ଗୀତାର ଆଧାତ୍ମିକ ସିଦ୍ଧାନ୍ତ ସ୍ୱୟଂସିଦ୍ଧ।

ଭଗବାନ ଶ୍ରୀକୃଷ୍ଣ ଧର୍ମକ୍ଷେତ୍ର କୁରୁକ୍ଷେତ୍ରରେ ଅର୍ଜୁନଙ୍କୁ କହିଲେ- ହେ କୁନ୍ତୀ ପୁତ୍ର, ତୁମେ ନିଶ୍ଚୟକରି ଜାଣିରଖ, ମୋ ଭକ୍ତର କଦାପି ବିନାଶ ହୁଏନାହିଁ। ଏହି ପ୍ରସଙ୍ଗରେ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି, ମନୁଷ୍ୟ ପ୍ରବୃତ୍ତି ବଶତାରେ ବିନଷ୍ଟ ହୁଏ। ମନୁଷ୍ୟର ଦୁର୍ଭୋଗର ମୂଳରେ ଅଛି ପ୍ରବୃତ୍ତିଜନିତ କୁକର୍ମ। କିନ୍ତୁ ସବୁ ପ୍ରବୃତ୍ତିକୁ ନେଇ ଇଷ୍ଟ ବା ଗୁରୁପୁରୁଷୋତ୍ତମଙ୍କଠାରେ ଅନ୍ତରାସୀ ହେଲେ ଆଉ ବିନଷ୍ଟ ହେବାର ଉପାୟ ନାହିଁ। ସବୁ ବୃତ୍ତି ସହ ଗୁରୁଙ୍କଠାରେ ଅଚ୍ଛେଦ୍ୟ ଭାବରେ ଚିରଦିନ ପାଇଁ ଅନ୍ତରାସୀ ହେଲେ ବିନଷ୍ଟିର ମୂଳ ମରିଯାଏ। ବୃତ୍ତିର ଅଧୀଶଙ୍କଠାରେ ବୃତ୍ତି ରୂପାନ୍ତରିତ ହୁଏ, ପ୍ରେମର ଦାବାଗ୍ନିରେ ଷଡ଼ରିପୁ, ଷଡ଼ଐଶ୍ୱର୍ଯ୍ୟର ନବକଳେବର ଲାଭ କରେ। ସଦ୍‌ଗୁରୁଙ୍କଠାରେ ଅଛି ଐଶ୍ୱର୍ଯ୍ୟ ଓ ଆଧିପତ୍ୟ। କଥା ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର କହିଲେ - ଭକ୍ତି ପରି ଆଉ ଜିନିଷ ନାହିଁ। ଭଗବତ୍ ଗୀତାର ଦ୍ୱାଦଶ ଅଧ୍ୟାୟରେ ଦ୍ୱିତୀୟ ଶ୍ଳୋକରେ ନିତ୍ୟଯୁକ୍ତା କଥା ଶୁଣି ଶ୍ରୀ ଶ୍ରୀ ଠାକୁର କହିଲେ, ଭକ୍ତିର ଲକ୍ଷଣ ହେଲା ସର୍ବଦା ଯୁକ୍ତ ରହିବା। ଇଷ୍ଟଙ୍କୁ ବାଦ ଦେଇ ଏକ ମୁହୂର୍ତ୍ତ ମଧ୍ୟ ଭକ୍ତକୁ ଭଲ ଲାଗେନାହିଁ। ଇଷ୍ଟ ବିସ୍ମୃତି ହେଲେ ଭକ୍ତର ପ୍ରାଣ ହାହାକାର ହୋଇଉଠେ। ଇଷ୍ଟ ଚିନ୍ତା ଓ ଇଷ୍ଟ କର୍ମ ହିଁ ଭକ୍ତର ଜୀବନ ସୂତ୍ର।

ଭଗବାନଙ୍କ ଅନନ୍ତସ୍ୱରୂପରେ ସମଗ୍ର ବ୍ରହ୍ମାଣ୍ଡ ନିହିତ ଥିବା ଜାଣି ଅର୍ଜୁନଙ୍କର ହୃଦ୍‌ବୋଧ ହୋଇଥାଏ ଯେ ସେ ଯାହା କରିବାକୁ ଯାଉଛନ୍ତି, ସବୁକିଛି ବିଧି ନିର୍ଦ୍ଧାରିତ। ଗୀତାର ୧୮ଟି ଅଧ୍ୟାୟ ମାଧ୍ୟମରେ ଜୀବନର ସିଦ୍ଧ ସୂତ୍ର ସମଗ୍ର ମାନବ ଜଗତ ପାଇଁ ଭଗବାନ ଶ୍ରୀକୃଷ୍ଣ ପ୍ରଦାନ କରିଯାଇଛନ୍ତି। ଏଥିରେ ଜ୍ଞାନ, କର୍ମ, ଭକ୍ତି, ରାଜବିଦ୍ୟା, ବିଭୂତିଠାରୁ ମୋକ୍ଷର ମାର୍ଗ ସମ୍ପର୍କରେ ଉଲ୍ଲେଖ ରହିଛି। ଗୀତାର ଅମୃତ ଜ୍ଞାନ ହେଉଛି 'ହେ ଅର୍ଜୁନ, କେବଳ କର୍ମ ଉପରେ ତୁମର ଅଧିକାର ରହିଛି, ଫଳ ଉପରେ ନୁହେଁ। ଏଣୁ ଫଳର ଆଶା ନ କରି କର୍ମ କର। କର୍ମ ନ କରିବା ଲାଗି ମଧ୍ୟ ତୁମ ମନରେ ଆସକ୍ତି ଉତ୍ପନ୍ନ ନ ହେଉ।

**ସହ-ପ୍ରତିରଦ୍ଧିକ ଓ ବିଭାଗୀୟ ମୁଖ୍ୟ,**
**ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ**
**ମେଡ଼ିକାଲ କଲେଜ, କଟକ**
**ମୋ : ୯୪୩୭୦୫୧୯୫୭**

## ଏଇ ଭାରତରେ

ବିଦ୍ୟୁତ୍ ପହଞ୍ଚି ନ ଥିବା ଗାଁର ଲୋକେ ବଲ୍‌ବଟିଏ ଜଳିବା ଦେଖିଲେ କେତେ ଖୁସି ମିଳେ ତାହା ଅନୁଭବୀ ହିଁ କହିପାରିବେ। ଏମିତି ଏକ ଖୁସିର ମୁହୂର୍ତ୍ତ ଆସିଛି ତାମିଲନାଡୁର ଥୁଥୁକୋଡ଼ି ପାଇଁ। ଧୀବର ବର୍ଗର ଲୋକେ ରହୁଥିବା ଏହି ଗାଁର ଜଣେ ଯୁବକଙ୍କ ଦ୍ୱାରା ଗାଁ ଆଲୋକିତ ହେବାରେ ଲାଗିଛି। ୩୦ ବର୍ଷୀୟ ଏମ୍.ଶକ୍ତିଭେଲ୍ ଘର ପରେ ଘର ସୋଲାର ପ୍ୟାନେଲ ଲଗାଇ ଚାଲିଛନ୍ତି। ଜଣେ ୟୁଟ୍ୟୁବର ଭାବେ ସେ ସମୁଦ୍ରରେ ମାଛମାରିବା ସମୟର ବିଭିନ୍ନ ଭିଡିଓ କରି ତାହାକୁ ଛାଡୁଛନ୍ତି। ଏବେ ସୁଦ୍ଧା ଶକ୍ତିଭେଲଙ୍କ ୫୦୦ରୁ ଊର୍ଦ୍ଧ୍ୱ ଭିଡିଓର ୭ ଲକ୍ଷରୁ ଊର୍ଦ୍ଧ୍ୱ ସବ୍‌ସ୍କ୍ରାଇବର ରହିଛନ୍ତି। ଏହି ପ୍ଲାଟଫର୍ମକୁ ବ୍ୟବହାର କରି ସେ ତାଙ୍କ କମ୍ୟୁନିଟିକୁ ସାହାଯ୍ୟ କରିବାକୁ ନିବେଦନ କରିବା ପରେ ଶ୍ରୀଲଙ୍କା, ସିଙ୍ଗାପୁର ଏବଂ ମାଲେସିଆ ଆଦି ଦେଶର ଭ୍ୟୁୟର୍ସମାନେ ସହଯୋଗର ହାତ ବଢ଼ାଇବା ଆରମ୍ଭ କରିଥିଲେ। ଧୀରେ ଧୀରେ ତାଙ୍କ ନିକଟରେ ଟଙ୍କା ପହଞ୍ଚିଲା ଓ ତାହାକୁ ସୋଲାର ପ୍ୟାନେଲ ବସାଇବାରେ ବ୍ୟୟ କରିଚାଲିଲେ। ଏବେ ସେ ତାଙ୍କ ଗାଁରେ ୧୫ଟି ଘରେ ସୋଲାର ପ୍ୟାନେଲ ଲଗାଇସାରିଛନ୍ତି ଓ ଆଗକୁ ଅଧିକ ପାଣ୍ଠି ଯୋଗାଡ଼ କରି ସମ୍ପୂର୍ଣ୍ଣ ଗାଁକୁ ଆଲୋକିତ କରିବାକୁ ଯୋଜନା କରିଛନ୍ତି। ଏହାବାଦ୍ ନିଜସ୍ୱ ଆୟକୁ ମଧ୍ୟ ଏଥିରେ ବ୍ୟୟ କରୁଛନ୍ତି। ତିନୋଟି ଲାଇଟ୍, ଗୋଟିଏ ଫ୍ୟାନ ଏବଂ ମୋବାଇଲ କରମ୍ବା ଟର୍ଚ୍ଚ ଚାର୍ଜ ପାଇଁ ୧୬,୦୦୦ ଟଙ୍କା ବ୍ୟୟରେ ପ୍ୟାନେଲ ଲଗାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୬ ଡିସେମ୍ବର ୧୯୯୬

- ପାକିସ୍ତାନ ରାଷ୍ଟ୍ରପତି ଫାରୁକ ଅହମ୍ମଦ ଖାଁ ଲେଘରୀ ବରଖାସ୍ତ ପ୍ରଧାନମନ୍ତ୍ରୀ ବେନଜୀର ଭୁଟ୍ଟୋଙ୍କ ବିରୁଦ୍ଧରେ ୨୦୨ ପୃଷ୍ଠାର ଏକ ଅଭିଯୋଗପତ୍ର ସୁପ୍ରିମ୍‌କୋର୍ଟରେ ଦାଖଲ କରିଛନ୍ତି।
- ଏଆଇସିସି ସଭାପତି ସୀତାରାମ କେସରୀ ସବୁଜ ସଙ୍କେତ ଦେଇ କଂଗ୍ରେସ ସହ କର୍ଣ୍ଣାଟକ କଂଗ୍ରେସ ପାର୍ଟିର ବିଧିବଦ୍ଧ ମିଶ୍ରଣ ହେବା ବିଷୟ ଘୋଷଣା କରିଛନ୍ତି।
- ବିହାରର ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ତାନେଶ୍ୱର ଅଜାଦଙ୍କ ୭୦ ବର୍ଷ ବୟସରେ ପରଲୋକ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | | | 4 | | |
| | | 7 | | | 2 | | 8 | 5 |
| | | | 9 | | | | | |
| 4 | | | | 8 | | 2 | | 3 |
| 1 | | | | | | | 7 | |
| 6 | 7 | | 1 | | | | | |
| | 5 | 4 | | 6 | | | | 2 |
| | | | | | | | | 1 |
| | 2 | | | 7 | 9 | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 8 | 4 | 3 | 6 | 2 | 1 | 9 | 5 |
| 2 | 9 | 5 | 4 | 8 | 1 | 3 | 7 | 6 |
| 1 | 3 | 6 | 7 | 9 | 5 | 4 | 8 | 2 |
| 6 | 1 | 8 | 9 | 5 | 4 | 2 | 3 | 7 |
| 9 | 2 | 3 | 1 | 7 | 6 | 5 | 4 | 8 |
| 4 | 5 | 7 | 2 | 3 | 8 | 6 | 1 | 9 |
| 8 | 7 | 2 | 6 | 1 | 3 | 9 | 5 | 4 |
| 3 | 4 | 9 | 5 | 2 | 7 | 8 | 6 | 1 |
| 5 | 6 | 1 | 8 | 4 | 9 | 7 | 2 | 3 |

ଗତକାଲିର ଉତ୍ତର

# ନିଯୁକ୍ତିରେ ବିବିଧତା



ହରିଶଙ୍କର ମିଶ୍ର

ଆମ ରାଜ୍ୟର ଯେକୌଣସି କାର୍ଯ୍ୟାଳୟ, ବିଦ୍ୟାଳୟ ବା ଚିକିତ୍ସାଳୟକୁ ଗଲେ ଜଣାଯିବ ଯେ ଏକାଧିକ ମଞ୍ଜୁରୀପ୍ରାପ୍ତ ପଦବୀ ଖାଲିଥିବ। କିଛି ପଦବୀରେ ଚୁକ୍ତିଭିତ୍ତିକ କର୍ମଚାରୀ ରହିଥିବେ। ଅନେକ କାର୍ଯ୍ୟାଳୟରେ ଖାଲି ଥିବା ପଦବୀରେ ଅବସରପ୍ରାପ୍ତ କର୍ମଚାରୀ /ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ପଦାଧିକାରୀ ବା ପଦବୀ ନ ଥିଲେ ପରାମର୍ଶଦାତା ଭାବେ ମଧ୍ୟ ନିଯୁକ୍ତି ମିଳିଥିବ। ରାଜ୍ୟରେ ଉତ୍କଟ ବେକାରି ସମସ୍ୟା ସତ୍ତ୍ୱେ ଅବସର ପରେ ନିଯୁକ୍ତି ସୁଯୋଗ ପାଇଁ ସରକାରୀ ନିୟମ ମଧ୍ୟ ହୋଇସାରିଛି। ଅବସରପ୍ରାପ୍ତ କର୍ମଚାରୀ/ଅଧିକାରୀଙ୍କୁ ନିଯୁକ୍ତି ଦ୍ୱାରା ଅବଶ୍ୟ ରାଜକୋଷ ଉପରେ ଚାପ କିଞ୍ଚିତ ଭାବେ ହ୍ରାସ ହେଉଛି । କିନ୍ତୁ ଏହି ନିଯୁକ୍ତି ପାଇଁ କୌଣସି ଚୟନ ପ୍ରକ୍ରିୟା ନିର୍ଦ୍ଧାରିତ ହୋଇ ନ ଥିବାରୁ ଆନୁଗତ୍ୟ ହିଁ ଦକ୍ଷତାର ମାନଦଣ୍ଡ ହେଉଥିବା ଅନୁଭବୀ ନିଶ୍ଚିତ ସ୍ୱୀକାର କରିବେ। ଏହି ନିଯୁକ୍ତିରେ ରାଜ୍ୟର ସର୍ବୋଚ୍ଚ ପଦାଧିକାରୀଙ୍କଠାରୁ ସର୍ବନିମ୍ନ କର୍ମଚାରୀ ସାମିଲ ହେଉଥିବା ବେଳେ ଆଶ୍ଚର୍ଯ୍ୟ ଲାଗେ ଯେ ତିରିଶରୁ ପଞ୍ଚତିରିଶ ବର୍ଷ ଚାକିରି ଜୀବନ ପରେ ଏବଂ ଶେଷ ଦରମାର ଅର୍ଦ୍ଧେକ ଅର୍ଥ ମାସିକ ପେନ୍‌ସନ ପାଇ ମଧ୍ୟ ଏମାନେ ପୁନର୍ନିଯୁକ୍ତି ପାଇଁ ଆଶାୟୀ ହୁଅନ୍ତି କାହିଁକି। ଅନେକ ଉଚ୍ଚପଦାଧିକାରୀ ଅବସର ପୂର୍ବରୁ ବା ଠିକ୍ ପରେ ଉଚ୍ଚ ବେତନରେ ସାମ୍ବିଧାନିକ ବା ପ୍ରତିଷ୍ଠିତ ପଦବୀ ପାଉଥିବା ବେଳେ କିଛି ନିମ୍ନ ବା ମଧ୍ୟମ ବର୍ଗର ଅଧିକାରୀ ଓ କର୍ମଚାରୀ ସ୍ଥଳ ବିଶେଷରେ ଯେଉଁଘରେ ଶାଶୁ ସେଇଘରେ ବୋହୂ ହେବାପରି ପୂର୍ବ ସହକର୍ମୀଙ୍କ ଅଧୀନସ୍ଥ ବି ହେଉଛନ୍ତି। ଅପରପକ୍ଷରେ ପୁନର୍ନିଯୁକ୍ତିପ୍ରାପ୍ତ ବ୍ୟକ୍ତିମାନେ କେବଳ ଅବସରୋତ୍ତର ସମୟରେ ନିଜକୁ କାର୍ଯ୍ୟଦକ୍ଷ ରଖିବାର ସଫେଇ ଦେଇଥାନ୍ତି। ମାତ୍ର ଦୀର୍ଘ ବର୍ଷର ଅଭିଜ୍ଞତାକୁ ସାମାଜିକ କଲ୍ୟାଣ ପାଇଁ ଉପଯୋଗ ପରିବର୍ତ୍ତେ ଏଇ ସଫେଇ ଦ୍ୱାରା ସେମାନେ ବାସ୍ତବରେ ସମାଜରେ ନିଜକୁ ଅଲୋଡ଼ା ସାବ୍ୟସ୍ତ କରିଥାନ୍ତି। ବରଂ ନିଯୁକ୍ତି ଗ୍ରହଣ କରି ସେମାନେ ଅନେକ ଆଶାୟୀ ପ୍ରାର୍ଥୀଙ୍କ ଭବିଷ୍ୟତର ପଥରୋଧ କରିଥାନ୍ତି। ଏହା ସତ୍ୟ ଯେ କିଛି କର୍ମଚାରୀ ବା ଅଧିକାରୀମାନଙ୍କ ପାଇଁ ଚାକିରି ହିଁ ପରିଚୟ, ଆତ୍ମପ୍ରତିଷ୍ଠା ଏବଂ ସ୍ୱାର୍ଥ ସିଦ୍ଧିର ଏକମାତ୍ର ମାର୍ଗ। ଚାକିରିରୁ ଅବସର ସେମାନଙ୍କ ପାଇଁ ଦୁର୍ବିଷହ। ପୁନର୍ନିଯୁକ୍ତି ଉଦ୍ଦେଶ୍ୟ ରଖି ସେମାନେ ଅବସର ପୂର୍ବରୁ ନିଯୁକ୍ତିଦାତାଙ୍କ ଆଜ୍ଞାଧୀନ ଦର୍ଶାଇବାକୁ ତତ୍ପର ହୋଇଥାନ୍ତି। କିଛି ଅଧିକାରୀ ବା କର୍ମଚାରୀ ନିଜକୁ ଏଜେଣ୍ଟ ସଜାଇ ନିଯୁକ୍ତିଦାତାଙ୍କ ଅସୁମାରି ଇଚ୍ଛା ପୂରଣ କରିବାସହ ନିଜର ସ୍ୱାର୍ଥପୂରଣକୁ ଅଗ୍ରାଧିକାର ଦିଅନ୍ତି। ସେମାନଙ୍କ ପାଇଁ ଉତ୍ତର ଦାୟିତ୍ୱ ନ ଥିବାରୁ ସାଧାରଣ ଜନତା ନିର୍ଯାତିତ ହେଉଥିବା ଦୃଷ୍ଟାନ୍ତର ଅଭାବ ନାହିଁ। ଏଇ ବର୍ଗରେ କିଛି ଦକ୍ଷ ଅଧିକାରୀ ବା କର୍ମଚାରୀ ଯେ ନାହାନ୍ତି ତାହା ନୁହେଁ କିନ୍ତୁ ପୁନର୍ନିଯୁକ୍ତି ପରେ ନିଯୁକ୍ତିଦାତାଙ୍କ ଇଚ୍ଛାପୂରଣ ସେମାନଙ୍କ ପାଇଁ ବାଧ୍ୟ ବାଧକତା ହୋଇଯାଏ।

ଦ୍ୱିତୀୟ ନିଯୁକ୍ତି ହେଉଛି ଚୁକ୍ତିଭିତ୍ତିକ; ଯାହା ଏବେ ପ୍ରାଥମିକ ନିଯୁକ୍ତି ଭାବେ ନାମାନ୍ତର ହୋଇଛି। ଏହା ରାଜ୍ୟ ଲୋକସେବା ଆୟୋଗ ଦ୍ୱାରା ମନୋନୀତ ପ୍ରାର୍ଥୀଙ୍କ ବ୍ୟତୀତ ଅନ୍ୟ ସମସ୍ତ ମଞ୍ଜୁରୀପ୍ରାପ୍ତ ପଦବୀ ପାଇଁ ପ୍ରଯୁଜ୍ୟ ହେଉଛି। ପଦବୀରେ ନିଯୁକ୍ତିର ଛଅବର୍ଷ ପରେ ସ୍ଥାୟୀ କରାଯାଏ। ଏହି ସମୟ ପାଇଁ ସରକାରୀ ନିର୍ଦ୍ଧାରିତ ବେତନ ଦିଆଯାଏ; ଯାହା କି ମୂଳବେତନଠାରୁ ଯଥେଷ୍ଟ କମ୍। ନବେ ଦଶକ ପ୍ରାରମ୍ଭରେ ରାଜ୍ୟରେ ବେସରକାରୀ ଭାବେ ଅନେକ ସି.ଟି. ଓ ବି.ଇଡି. କଲେଜ ଖୋଲିଗଲା। ସେହି ଅନୁଷ୍ଠାନଗୁଡ଼ିକର ବାସ୍ତବ ସ୍ଥିତି ନ ଥିବାସତ୍ତ୍ୱେ କୌଶଳ କ୍ରମେ ସରକାରୀସ୍ୱୀକୃତି ପାଇଥିବାରୁ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଗୋଟିଏ ବର୍ଷ ପାଇଁ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ସୁଯୋଗ ମିଳିଥିଲା। ଉତ୍ତୀର୍ଣ୍ଣଙ୍କ ସଂଖ୍ୟା ଅତ୍ୟଧିକ ଯୋଗୁ ସେମାନେ ନିଯୁକ୍ତି ପାଇବାରେ ସମସ୍ୟା ହେଲା। ୧୯୮୮ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାକର୍ମୀ ଓ ଉଚ୍ଚ ବିଦ୍ୟାଳୟରେ ଶିକ୍ଷାପ୍ରେମୀ ଭାବେ ସ୍ୱଳ୍ପ ବେତନରେ ନିଯୁକ୍ତି ଦେଇ ପରେ ନିୟମିତ କରିଥିଲେ। ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଇଂଜିନିୟରିଂ ଡିଗ୍ରୀଧାରୀଙ୍କ ସଂଖ୍ୟା ବଢ଼ିଗଲା। ସେମାନେ ଆନ୍ଦୋଳନ କରିବାରେ ସେମାନଙ୍କୁ ୨ୟଶ୍ରେଣୀ ପଦବୀର ମୂଳ ଦରମାରେ ଷ୍ଟାଇପେଣ୍ଡାରୀ ଇଂଜିନିୟର ଭାବେ ନିଯୁକ୍ତି ଦିଆଯାଇ ପଦବୀ ସୃଷ୍ଟି ପରେ ନିୟମିତ କରାଗଲା। କିଛିବର୍ଷ ପାଇଁ ଏହି ପ୍ରକ୍ରିୟାରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। ଏହାକୁ ସରକାର ପୁନଶ୍ଚ ୨୦୧୨ମସିହାରୁ ଲାଗୁ କରିଛନ୍ତି। ସମାନ କାମକୁ ସମାନ ଦରମାର ଏହା ପରିପନ୍ଥୀ ସତ୍ତ୍ୱେ ବେକାରିରୁ ମୁକ୍ତି ଓ ଭବିଷ୍ୟତ ଆଶାରେ ଏହି ନିଯୁକ୍ତିକୁ ସମ୍ପୃକ୍ତ କର୍ମଚାରୀମାନେ ଗ୍ରହଣ କରିବାକୁ ବାଧ୍ୟ ହେଉଛନ୍ତି। ଜିଲା ସ୍ତରରୁ ରାଜ୍ୟ ସ୍ତରୀୟ ନିଯୁକ୍ତି ପାଇଁ ମଧ୍ୟ ଏହି ଧାରା ବଜାୟ ରହିଛି।

ଅନ୍ୟ ଏକ ନିଯୁକ୍ତିଧାରା ସରକାର ନିର୍ଣ୍ଣୟ କରିଛନ୍ତି; ଯାହା ଆଉଟସୋର୍ସିଂ ଭାବେ ନାମିତ ହେଇଛି। କିଛି ସଂସ୍ଥା ସରକାରୀ କାର୍ଯ୍ୟାଳୟ ପାଇଁ ଗ୍ରୁପ ଡି(୪ର୍ଥ ଶ୍ରେଣୀ) ଓ ବୈଷୟିକ କର୍ମଚାରୀ ଯୋଗାଣ ଉଦ୍ଦେଶ୍ୟରେ ଅନୁବନ୍ଧିତ ହୋଇଛନ୍ତି। ସେମାନେ ଆବଶ୍ୟକ ଅନୁଯାୟୀ କର୍ମଚାରୀ ନିଯୁକ୍ତ କରନ୍ତି। କର୍ମଚାରୀଙ୍କ ପ୍ରାପ୍ୟ ନିଯୁକ୍ତିଦାତାଙ୍କ ମାଧ୍ୟମରେ ଦିଆଯାଏ। ସେହି ପ୍ରାପ୍ୟରୁ କିଛି ଅର୍ଥ ନିଯୁକ୍ତିଦାତା ରଖନ୍ତି। ଏହି ସଂସ୍ଥାଗୁଡ଼ିକର ଅଡିଟ ହୁଏ କି ନାହିଁ ତାହା ଅସ୍ପଷ୍ଟ। ନିଯୁକ୍ତିଦାତା କିନ୍ତୁ ପ୍ରକୃତ ପ୍ରାପ୍ୟରୁ କର୍ମଚାରୀଙ୍କୁ କମ୍ ଅର୍ଥ ଦେଉଥିଲେ ବି ଚାକିରି ଚାଲିଯିବା ଭୟରେ କେହି ପାଟି ଖୋଲିବାକୁ ସାହସ କରନ୍ତି ନାହିଁ। ଏହି ସଂସ୍ଥା ରାଜ୍ୟର ବିଶିଷ୍ଟ ଲୋକଙ୍କ ଦ୍ୱାରା ବା ମାଧ୍ୟମରେ ପରିଚାଳିତ ହେଉଥିବାରୁ ସେମାନେ ସରକାରଙ୍କୁ ପ୍ରଭାବିତ କରି ବିନା ପୁଞ୍ଜିରେ ବ୍ୟବସାୟ ତୁଲ୍ୟ ବହୁ ଅର୍ଥ ରୋଜଗାର କରିଥାନ୍ତି। ସମ୍ପୃକ୍ତ କର୍ମଚାରୀମାନେ କେବଳ ବର୍ତ୍ତମାନର ଭରସାରେ ହିଁ ରହନ୍ତି। ରୋଜଗାର ରକ୍ଷା ପାଇଁ ନିୟମିତ କର୍ମଚାରୀଙ୍କଠାରୁ ସେମାନେ ଅଧିକ କାର୍ଯ୍ୟ କରିଥାନ୍ତି। ଅବଶ୍ୟ ହାଇକୋର୍ଟ ଏହି ବର୍ଗର ଡାଟା ଏଣ୍ଟ୍ରି ଅପରେଟରଙ୍କୁ ନିୟମିତ କରିବାକୁ ନିକଟରେ ନିର୍ଦ୍ଦେଶ ଦେଇଛନ୍ତି।

ଏବେ ବି ଅନେକ ସ୍କୁଲ କଲେଜରେ ବହୁ ପଦବୀ ଖାଲି ଯୋଗୁ ଅତିଥି ଶିକ୍ଷକ ଓ ଅଧ୍ୟାପକମାନେ ଶିକ୍ଷାଦାନ କରୁଛନ୍ତି। ସେମାନଙ୍କର ମଧ୍ୟ ଉତ୍ତର ଦାୟିତ୍ୱ ରହୁନାହିଁ। ରାଜ୍ୟରେ ଉତ୍କଟ ବେକାରି ରହିଥିବା ସତ୍ତ୍ୱେ ଏଭଳି ନିଯୁକ୍ତି ଚାକିରି ଆଶାୟୀଙ୍କ ଭବିଷ୍ୟତ ପାଇଁ ବାଧକ ହେଉଛି। ଅବସରପ୍ରାପ୍ତ ନିଯୁକ୍ତିରେ ସମ୍ପୃକ୍ତ କର୍ମଚାରୀ ଓ ନିଯୁକ୍ତିଦାତାଙ୍କ ମଧ୍ୟରେ ପାରସ୍ପରିକ ସହଯୋଗ ଏବଂ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକର ସରକାରଙ୍କ ଉପରେ କର୍ତ୍ତୃତ୍ୱ ଯୋଗୁ ଚାକିରି ଆଶାୟୀଙ୍କ ଭବିଷ୍ୟତ ଅନିଶ୍ଚିତ ହୋଇଯାଉଛି। ପ୍ରସଙ୍ଗକ୍ରମେ ଏହା ଉଲ୍ଲେଖ ଯୋଗ୍ୟ ଯେ ୨୦୦୫ ମସିହା ପୂର୍ବରୁ ଚାକିରି କରିଥିବା ପ୍ରତ୍ୟେକ କର୍ମଚାରୀ ଚାକିରି ଶେଷରେ ଆଜୀବନ ନିୟମିତ ପେନ୍‌ସନ ଓ ପରେ ତାଙ୍କ ଜୀବିତ ପତ୍ନୀ ମଧ୍ୟ ଆଜୀବନ ପରିବାର ପେନ୍‌ସନ ପାଇବା ବ୍ୟବସ୍ଥା ରହିଛି। ଅବସର ପରେ ସେମାନେ ସ୍ୱମନୋନୀତ କାର୍ଯ୍ୟାଳୟରେ ଅନ୍ୟୂନ ଗୋଟିଏ ବର୍ଷ ବିନା ପାରିଶ୍ରମିକରେ ପରାମର୍ଶଦାତା ଭାବେ କାର୍ଯ୍ୟ କରିବାପାଇଁ ସରକାରୀ ନିୟମ କରାଯାଇପାରେ। କିନ୍ତୁ ଅବସର ପରେ ପୁନର୍ନିଯୁକ୍ତି ଦିଆଯିବା ଦ୍ୱାରା ଆଶାୟୀ ପ୍ରାର୍ଥୀ ପ୍ରତି ଯଥେଷ୍ଟ ଅନ୍ୟାୟ ସହ ବେକାରି ଦୂରୀକରଣର ପରିପନ୍ଥୀ ହେଉଛି। ସରକାର, ରାଜ୍ୟର ପ୍ରତ୍ୟେକ ମଞ୍ଜୁରୀପ୍ରାପ୍ତ ପଦବୀରେ ଦକ୍ଷ ଓ ଯୋଗ୍ୟ ପ୍ରାର୍ଥୀଙ୍କୁ ନିଯୁକ୍ତି ଦେବା ସହ ପ୍ରତ୍ୟେକ ସ୍ତରରୁ ଅବସରପ୍ରାପ୍ତ ନିଯୁକ୍ତି ଏବଂ ଆଉଟସୋର୍ସିଂ ନିୟମର ପୂର୍ଣ୍ଣଚ୍ଛେଦ ପକାଇବା ଜରୁରୀ। ଏହାଦ୍ୱାରା ବହୁ ହଜାର ବେକାର ଯୁବତୀ ଯୁବକ ନିଶ୍ଚିତ ଉପକୃତ ହେବେ।

**୧୧୩, ଗୁଣ୍ଡିଚା ବିହାର, ପୁରୀ**
**ମୋ: ୭୭୬୮୭୮୫୪୭୮**

## ପାଠକ ଶ୍ରେଷ୍ଠ ବିଚାରକ

### ଜରି ବ୍ୟବହାର ବନ୍ଦ କରାଯାଉ

ମହାଶୟ,

ଏବେ ମାଛ ଧରାଳିମାନେ ସମୁଦ୍ରରେ ସାଂଘାତିକ ଜରି ସମସ୍ୟାରେ ପଡିଛନ୍ତି। ନଦୀ ତଟବର୍ତ୍ତୀ ଅଞ୍ଚଳର ଲୋକେ ନଦୀକୁ ଫିଙ୍ଗୁଥିବା ଜରି ମୁହାଣରେ ଜମାଟ ବାନ୍ଧି ମତ୍ସ୍ୟଜୀବୀଙ୍କ ଯିବା ଆସିବା ବେଳେ ମୁଣ୍ଡବ୍ୟଥାର କାରଣ ହେଲାଣି। ରାଜ୍ୟର ସମସ୍ତ ମୁହାଣରେ କିଛି କିଲୋମିଟର ପର୍ଯ୍ୟନ୍ତ ଜରି ପାହାଡ ଦାନା ବାନ୍ଧୁଛି। ଗଭୀର ସମୁଦ୍ରରେ ମାଛ ଧରାଳିଙ୍କ ଜାଲରେ ମାଛ ସହିତ କୁଢ଼ କୁଢ଼ ଜରିଆସିବା କାରଣରୁ ମାଛ କମିବା ଓ ବାଛିବାରେ ସମସ୍ୟା ଦେଖାଦେଲାଣି। ଏପରି କି ଲୋକେ ନଦୀକୁ ଫିଙ୍ଗୁଥିବା ପୁରୁଣା ଲୁଗାପଟାଠୁ ଅନ୍ୟ ଜିନିଷ ସବୁ ଜାଲରେ ଉଠୁଛି। ସମୁଦ୍ରରେ ଅଳ୍ପଦୂରକୁ ଯାଇ ମାଛ ଧରୁଥିବା ଡଙ୍ଗା, ଭୁଟୁଭୁଟି, ଲଞ୍ଚ, ନଉକା ଓ ମାଳବସାଇ ମତ୍ସ୍ୟଜୀବୀଙ୍କ ଜାଲରେ ଜରି ଛନ୍ଦିହେବା କାରଣରୁ ଚିନ୍ତା ବଢ଼ିଲାଣି। ଜରି ନଷ୍ଟ ନ ହୋଇ ବର୍ଷ ବର୍ଷ ସମୁଦ୍ରରେ ଭାସି ବୁଲୁଥିବା ବେଳେ ନଦୀ ଓ ସମୁଦ୍ରକୁ କିଭଳି ଜରିମୁକ୍ତ ରଖାଯାଇପାରିବ ସେଥିପାଇଁ ବ୍ୟାପକ ଜନସଚେତନତାର ଆବଶ୍ୟକତା ଦେଖାଦେଇଛି। ଯଦି ସରକାର ପାରୁନାହାନ୍ତି ତେବେ ଜରି ବ୍ୟବହାରୀଙ୍କଠାରୁ ଜରିମାନା ଆଦାୟର କ୍ଷମତା ଯେଖା ଅଞ୍ଚଳର ଆଶା ଓ ଅଙ୍ଗନୱାଡି କର୍ମୀଙ୍କ ହାତରେ ଛଡ଼ିଦିଅନ୍ତୁ। ଏହାହେଲେ ପରିସ୍ଥିତିରେ ସୁଧାର ଆସିପାରିବ।

**- ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର**

## ଚିରନ୍ତନୀ

ସନ୍ଧ୍ୟାର ତାରା ଯାଇନି ନିଭି
ଜୋଛନା ବୋଳା ଆକାଶେ ବସି
ନୀରବ ନଦୀ ଉପରେ ତା'ର
ବଦନ ଶୋଭା ଦେଖଇ ହସି।
-(ନିଜ ଭୁଲା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ନିୟମ ନମାନିଲେ ନିଯୁକ୍ତି ହରାଇବ

ଆଲ୍‌ଫାବେଟ୍ ଇଙ୍କ୍ କମ୍ପାନୀ ଗୁଗଲ ତା'ର କର୍ମଚାରୀମାନଙ୍କୁ ସର୍ତ୍ତକ କରାଇ ଦେଇଛି ଯେ ଯଦି ସେମାନେ କୋଭିଡ୍ ପ୍ରୋଟୋକଲ୍ ଅନୁସରଣ ନ କରନ୍ତି ତେବେ ସେମାନଙ୍କୁ ଦରମା ମିଳିବ ନାହିଁ। କେତେକ କ୍ଷେତ୍ରରେ ସେମାନେ ଚାକିରି ହରାଇପାରନ୍ତି ବୋଲି ସିଏନ୍‌ବିସି ମଙ୍ଗଳବାର ଏକ ରିପୋର୍ଟ ପ୍ରକାଶ କରିଛି। ତେବେ ରିପୋର୍ଟ ଅନୁଯାୟୀ ଗୁଗଲ ଦ୍ୱାରା ପ୍ରଦାନ କରାଯାଇଥିବା ଏକ ମେମୋରେ କୁହାଯାଇଛି, ଟିକାକରଣର ସମସ୍ତ କାଗଜପତ୍ର ସ୍ଥିତି ଦେଖାଇବା ଜରୁରୀ। ସିଏନ୍‌ବିସି ରିପୋର୍ଟ ଅନୁସାରେ କର୍ମଚାରୀଙ୍କୁ ଦିଆଯାଇଥିବା ସମୟସୀମା ଶେଷ ପରେ ଗୁଗଲ ସେହି କର୍ମଚାରୀଙ୍କ ସହ ଯୋଗାଯୋଗ ଆରମ୍ଭ କରିବ ଯେଉଁମାନେ ସେମାନଙ୍କ ଷ୍ଟାଟସ୍ ଅପ୍‌ଲୋଡ୍ କରିନାହାନ୍ତି କିମ୍ବା ଟିକା ନେଇ ନାହାନ୍ତି।

## ସଂକ୍ଷେପରେ

### ଅନ୍‌ଏକାଡେମି ପକ୍ଷରୁ ଶିକ୍ଷାଦେୟ ଅଭିଯାନ

ଭୁବନେଶ୍ୱର,୧୫।୧୨: ଦେଶର ସର୍ବବୃହତ୍ ଶିକ୍ଷଣୀୟ ପ୍ଲାଟଫର୍ମ ଅନ୍‌ଏକାଡେମି ପକ୍ଷରୁ ଆଜାଦୀ କା ଅମୃତ୍ ମହୋତ୍ସବର ଅଂଶ ସ୍ୱରୂପ ଏହାର ଜାତୀୟ ମେଗା ପ୍ରମୁଖ ଅଭିଯାନ 'ଶିକ୍ଷୋତ୍ସବ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ସ୍ୱାଧୀନତାର ୭୫ତମ ବର୍ଷରେ ଆତ୍ମନିର୍ଭର ହେବା ଲାଗି ରଖାଯାଇଥିବା ଲକ୍ଷ୍ୟ ପ୍ରତି ଅନ୍‌ଏକାଡେମିର ପ୍ରତିବଦ୍ଧତା ହେଉଛି 'ଶିକ୍ଷୋତ୍ସବ'। ଏହି ଅଭିଯାନ ଜରିଆରେ ଅନ୍‌ଏକାଡେମି 'ବେଟି ସଙ୍ଗ୍ ବୁଲନ୍ଦୀ କି ଔର୍' ପ୍ରତି ପ୍ରତିବଦ୍ଧ ହେବାକୁ ଲକ୍ଷ୍ୟ ରଖିଛି, ଯାହା ଜରିଆରେ ସାରା ଦେଶର ୫ ଲକ୍ଷ ମେଧାବୀ ଛାତ୍ରୀଙ୍କୁ ଶିକ୍ଷିତ ଓ ସଶକ୍ତ କରାଯିବ। ଏ ସମ୍ପର୍କରେ ନୀତି ଆୟୋଗର ସିଇଓ ଅମିତାଭ୍ କାନ୍ତ କହିଛନ୍ତି 'ଏହି ମେଗା ଅଭିଯାନ କେବଳ ୫ ଲକ୍ଷ ବାଳିକା ଛାତ୍ରୀ ନୁହେଁ ବରଂ ସେମାନଙ୍କ ପରିବାର, ସମାଜ ଓ ସର୍ବୋପରି ଦେଶକୁ ରୂପାନ୍ତରିତ କରିବ ବୋଲି ଆଶା କରାଯାଉଛି। ଶିକ୍ଷାରେ ପରିବର୍ତ୍ତନ ଆଣିବା ପାଇଁ ଅଭିନବ ଓ ସୁଲଭ ପଦ୍ଧତି ପ୍ରଦାନ କରିବାର ଶକ୍ତି ଏଡ୍‌ଟେକ୍ ପାଖରେ ରହିଛି।

### ବଜାଜ୍‌ର 'ଆସ୍ୟୁୟୋର୍ଡ୍ ୱେଲ୍‌ଥ ଗୋଲ'

ଭୁବନେଶ୍ୱର,୧୫।୧୨: ଚଳିତ ବର୍ଷ ଶେଷ ସମୟରେ ବଜାଜ ଆଲିଆଞ୍ଜ ଲାଇଫ୍‌ର ଏକ ନୂଆ ଉତ୍ପାଦ 'ଆସ୍ୟୁୟୋର୍ଡ୍ ହେଲ୍‌ଥ ଗୋଲ୍'ର ଶୁଭାରମ୍ଭ କରାଯାଇଛି। ଏହା ଉପଭୋକ୍ତାଙ୍କୁ ସଞ୍ଚୟ ସହିତ ଗ୍ୟାରେଣ୍ଟି ଜୀବନ ବୀମା ପ୍ଲାନ୍‌କୁ ଜୀବନର ଲକ୍ଷ୍ୟ ଯଥା ଘର ତିଆରି କରିବା, ବିଦେଶକୁ ଛୁଟି କଟାଇବା ଲାଗି ଯିବା, ପିଲାଙ୍କ ଉଚ୍ଚଶିକ୍ଷା ପୂରଣ କରିବା, ଲକ୍‌ଜୁରି କାର୍ କିଣିବା ଆଦିକୁ ସୁରକ୍ଷିତ ରଖିବା ଲାଗି ଗ୍ୟାରେଣ୍ଟି ଆୟ ପ୍ରଦାନ କରିବା ଭଳି ପ୍ରସ୍ତୁତ କରାଯାଇଛି। ପଲିସିଧାରକମାନଙ୍କ ଲାଗି ଏହା ଦୁଇଟି ଭାରିଆଣ୍ଟରେ ଆସିଛି, ଯାହାକୁ ସେମାନେ ନିଜ ଆର୍ଥିକ ଲକ୍ଷ୍ୟ ଅନୁସାରେ ଚୟନ କରିପାରିବେ। ଏ ସମ୍ପର୍କରେ ବଜାଜ ଆଲିଆଞ୍ଜ ଲାଇଫ୍‌ର ଏମ୍‌ଡି ଓ ସିଇଓ ତରୁଣ ଚୁଗ୍ କହିଛନ୍ତି, ଗତ ଏକ ବର୍ଷ ଭିତରେ ମହାମାରୀ ଯୋଗୁ ବୀମାର ଗୁରୁତ୍ୱ ବିଷୟରେ ଜନସଂଖ୍ୟାର ଏକ ବର୍ଗ ସଚେତନ ହୋଇଥିବା ବେଳେ ଭାରତୀୟ ବୀମା ଶିଳ୍ପରେ ବଡ଼ ଧରଣର ପରିବର୍ତ୍ତନ ଦେଖାଦେଇଛି। ୩୦ ବର୍ଷ ପର୍ଯ୍ୟନ୍ତ ଟିକସ ମୁକ୍ତ ଗ୍ୟାରେଣ୍ଟି ଆୟ ପ୍ରଦାନ କରିବା ଲାଗି ବଜାଜ ଆଲିଆଞ୍ଜ ଲାଇଫ୍ ଆସ୍ୟୁୟୋର୍ଡ୍ ୱେଲ୍‌ଥ ଗୋଲ୍‌କୁ ପ୍ରସ୍ତୁତ କରାଯାଇଛି।

# ସେମିକଣ୍ଡକ୍ଟର ଉତ୍ପାଦନ ଲାଗି ମିଳିବ ପ୍ରୋତ୍ସାହନ

- ବିନିଯୋଗ ହେବ ୭୬,୦୦୦ କୋଟି ଟଙ୍କା
- କେନ୍ଦ୍ର କ୍ୟାବିନେଟ୍‌ର ଅନୁମୋଦନ

ନୂଆଦିଲ୍ଲୀ,୧୫।୧୨



ଭାରତରେ ଦେଖାଦେଇଥିବା ସେମିକଣ୍ଡକ୍ଟର ଚିପ୍ସ ଅଭାବ ଜନିତ ସମସ୍ୟା ଦୂର କରିବା ପାଇଁ ଆଗେଇ ଆସିଛନ୍ତି କେନ୍ଦ୍ର ସରକାର। ସେମିକଣ୍ଡକ୍ଟର ଅଭାବରୁ ଦେଶର କାର୍, ଫୋନ୍ ନିର୍ମାଣରେ ଗୁରୁତର ସମସ୍ୟା ସୃଷ୍ଟି ହୋଇଛି। ଲୋକଙ୍କ ଚାହିଦା ଥିଲେ ମଧ୍ୟ କମ୍ପାନୀଗୁଡ଼ିକ ବଜାରରେ ଗାଡ଼ି ଉପଲବ୍ଧ କରିପାରୁନାହାନ୍ତି। ଏଭଳିସ୍ଥଳେ କେନ୍ଦ୍ର କ୍ୟାବିନେଟ୍ ବୁଧବାର ସେମିକଣ୍ଡକ୍ଟର ଏବଂ ଡିସ୍‌ପ୍ଲେ ବୋର୍ଡ ନିର୍ମାଣ ୟୁନିଟ୍‌ଗୁଡ଼ିକ ପାଇଁ ଉତ୍ପାଦନ ସଂଯୁକ୍ତ ପ୍ରୋତ୍ସାହନ (ପିଏଲ୍‌ଆଇ) ଯୋଜନାକୁ ଅନୁମୋଦନ କରିଥିବା ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି। ଏହି ଯୋଜନାରେ ଆସନ୍ତା ୫/୬ ବର୍ଷ ମଧ୍ୟରେ ସେମିକଣ୍ଡକ୍ଟର ଉତ୍ପାଦନରେ ୭୬,୦୦୦ କୋଟି ଟଙ୍କା ବିନିଯୋଗ ହେବାର ଯୋଜନା ରହିଛି ବୋଲି ସେ କହିଛନ୍ତି। ଟେଲିକମ ଏବଂ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହି ନିଷ୍ପତ୍ତି ଏକ ସମ୍ପୂର୍ଣ୍ଣ ଇକୋସିଷ୍ଟମ ବିକାଶ କରିବ, ଯଦ୍ଦ୍ୱାରା ମାଇକ୍ରୋଚିପ୍ସର ଡିଜାଇନ, ଫାବ୍ରିକେଶନ, ପ୍ୟାକିଂ ଏବଂ ଟେଷ୍ଟିଂରେ ସହାୟକ ହେବ। ଚିପ୍ସ ଷ୍ଟାର୍ଟଅପ୍ କରିବା ପାଇଁ ଏହି ଯୋଜନାରେ ୮୫ ହଜାର ସେମିକଣ୍ଡକ୍ଟର ଇଞ୍ଜିନିୟରଙ୍କୁ ତାଲିମ ଦିଆଯିବାକୁ ଯୋଜନା ରହିଛି। ସରକାର ଏହାର ୫୦% ଖର୍ଚ୍ଚ ବହନ କରିବେ ବୋଲି ବୈଷ୍ଣବ କହିଛନ୍ତି। ଗୋଟିଏ କିମ୍ବା ଦୁଇଟି ଡିସ୍‌ପ୍ଲେ ବୋର୍ଡ ଉତ୍ପାଦନ ୟୁନିଟ୍ ଏବଂ ୧୦ଟି ଲେଖାଏ ସେମିକଣ୍ଡକ୍ଟର ଡିଜାଇନ ଓ କମ୍ପୋନେଣ୍ଟ ୟୁନିଟ୍ ପ୍ରତିଷ୍ଠା ପାଇଁ ସରକାର ବର୍ତ୍ତମାନ ଟାର୍ଗେଟ୍ କରିଛନ୍ତି। ଏହା ମାଧ୍ୟମରେ ୩୫ ହଜାର ନିଯୁକ୍ତି ଏବଂ ପ୍ରାୟ ୧ ଲକ୍ଷ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ ବୋଲି ବୈଷ୍ଣବ କହିଛନ୍ତି। ସୂଚନାଥାଉ କି, ସେମିକଣ୍ଡକ୍ଟର ପ୍ରାୟତଃ କାର୍ ଓ ଫୋନଗୁଡ଼ିକରେ ବ୍ୟାପକ ଭାବେ ବ୍ୟବହାର ହେଉଛି। ଏହାସହିତ ଅନ୍ୟ ଦୈନନ୍ଦିନ ବ୍ୟବହାରଯୋଗ୍ୟ ଉପକରଣ ତଥା ଟିଭି, ଲାପ୍‌ଟପ୍, ୱାଶିଂମେଶିନ ପାଇଁ ତାହା ଆବଶ୍ୟକ ହେଉଛି। ସମ୍ପ୍ରତି ସାରା ବିଶ୍ୱରେ କେତେକ କାରଣ ଯୋଗୁ ସେମିକଣ୍ଡକ୍ଟର ଚିପ୍ସ ଯୋଗାଣ ବ୍ୟାହତ ହେବା ଯୋଗୁ ଅଟୋମୋବାଇଲ, ଗାଜେଟ୍‌ସ ସମେତ ବହୁ ଉଦ୍ୟୋଗ ପାଇଁ ସଙ୍କଟ ସୃଷ୍ଟି ହୋଇଛି।

# ଟିପିସିଓଡିଏଲ୍‌ର ବିବିଧ କାର୍ଯ୍ୟକ୍ରମ



ଭୁବନେଶ୍ୱର,୧୫।୧୨

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗରେ ଗଢ଼ି ଉଠିଥିବା ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଶକ୍ତି ସଂରକ୍ଷଣ ଦିବସ ଅବସରରେ ଗ୍ରାହକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଅଭିଯାନକୁ ପରବର୍ତ୍ତୀ ସ୍ତରକୁ ନେଇ ଟିପିସିଓଡିଏଲ୍‌ର ଭୁବନେଶ୍ୱର ଓ କଟକର ବିଭିନ୍ନ ସ୍କୁଲରେ ପିଲାମାନଙ୍କ ପାଇଁ ଏକ ଶିକ୍ଷଣୀୟ ଅଧିବେଶନର ଆୟୋଜନ କରାଯାଇଥିଲା। ଏକ ଉତ୍ତମ ଭବିଷ୍ୟତ ଓ ଶକ୍ତି ସଞ୍ଚୟର ଉପାୟ ପାଇଁ ଶକ୍ତି ସଂରକ୍ଷଣର ଗୁରୁତ୍ୱ ବିଷୟରେ ୨୦୦ରୁ ଅଧିକ ସ୍କୁଲ ପିଲାଙ୍କୁ ସଚେତନ କରାଯାଇଥିଲା। ଶକ୍ତି ସଂରକ୍ଷଣ ଉପରେ ଆୟୋଜିତ ଏକ କୁଇଜ୍ ପ୍ରତିଯୋଗିତାରେ ପିଲାମାନେ ଅଂଶଗ୍ରହଣ କରିଥିଲେ। ସେହିଭଳି ସ୍କୁଲ ପରିସରରେ ମଧ୍ୟ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କମ୍ପାନୀର ଗ୍ରାହକ ସେବା କେନ୍ଦ୍ରରେ ଗ୍ରାହକମାନଙ୍କୁ ଶକ୍ତି ସଞ୍ଚୟ ଟିପ୍‌ସ ଓ ଶକ୍ତି ସଂରକ୍ଷଣ ଆପ୍ଲାଏନ୍‌ସେସ୍ ଯଥା ୫-ଷ୍ଟାର ଏସି, ଆଇଇ୩ ଶ୍ରେଣୀର ମୋଟର ଆଦି ବିଷୟରେ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଏମ୍. ସେନ୍‌ବାଗମ୍ କହିଛନ୍ତି, ଶକ୍ତି ଅଭାବର ମୁକାବିଲା କରିବାର ସବୁଠୁ ପ୍ରଭାବଶାଳୀ ଉପାୟ ହେଉଛି ଶକ୍ତି ସଂରକ୍ଷଣ। ଆମ ପରବର୍ତ୍ତୀ ପିଢ଼ିଙ୍କୁ ଏକ ଉତ୍ତମ ଭବିଷ୍ୟତ ପ୍ରଦାନ କରିବା ଲାଗି ଆମ ସମସ୍ତଙ୍କ ପାଇଁ ଏହା ସବୁଠୁ ବଡ଼ ପ୍ରାଥମିକତା ହେବା ଦରକାର। ଯେତେ ଶୀଘ୍ର ଆମେ ଏହି ଆବଶ୍ୟକତାକୁ ବୁଝିପାରିବା, ସେତେ ଶୀଘ୍ର ଆମ ଭବିଷ୍ୟତ ଉତ୍ତମ ହୋଇପାରିବ ବୋଲି ସେନ୍‌ବାଗମ୍ ମତବ୍ୟକ୍ତ କରିଛନ୍ତି।

# ସ୍କୋଡା ଅଟୋର 'ନ୍ୟୁ କୋଡିଆକ୍' ଉତ୍ପାଦନ ଆରମ୍ଭ

ଭୁବନେଶ୍ୱର,୧୫।୧୨




ସ୍କୋଡା ଅଟୋ ଇଣ୍ଡିଆ ପକ୍ଷରୁ ଏହାର 'ନ୍ୟୁ କୋଡିଆକ୍' ର ଉତ୍ପାଦନ ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀ ୨୦୧୭ରେ ପ୍ରଥମେ କୋଡିଆକ ମଡେଲକୁ ଭାରତ ବଜାର ପ୍ରବେଶ କରାଇ ବେଶ୍ ସଫଳତା ପାଇଥିଲା। ଚେକ୍ କାର ନିର୍ମାତାଙ୍କର ନୂତନ ଫିଚର, ନୂତନ ଲୁକ୍ସ, ପାୱାରଫୁଲ୍ ଇଞ୍ଜିନ୍ ଏବଂ ଗ୍ରାହକ ସନ୍ତୁଷ୍ଟି ଯୋଗୁ ଏହା ବିଶ୍ୱସ୍ତରରେ ଏସ୍‌ୟୁଭି ମାନ୍ୟତା ହାସଲ କରିପାରିଛି। କୋଡିଆକ୍‌ର ଆକର୍ଷଣୀୟ ଡିଜାଇନିଂ ଏବଂ ଏରୋଡାଇନାମିକ୍ ନିର୍ମାଣ ଶୈଳୀରେ ବିକାଶ ଗ୍ରାହକଙ୍କୁ ବେଶ୍ ଆକୃଷ୍ଟ କରିପାରିଛି। ଅନ୍ତର୍ଜାତୀୟ ଏମ୍‌କ୍ୟୁବି ପ୍ଲାଟ୍‌ଫର୍ମରେ ନିର୍ମିତ କୋଡିଆକ୍ ଏସ୍‌ୟୁଭି ବର୍ତ୍ତମାନ ସୁରକ୍ଷା କ୍ଷେତ୍ରରେ ଅଧିକ ଶକ୍ତିଶାଳୀ ହେବା ସହିତ ଡ୍ରାଇଭିଂ ଡାଇନାମିକ୍ସ ଏବଂ କମ୍ଫର୍ଟ ଦେବାକୁ ସକ୍ଷମ ହୋଇଛି।

ଏ ସମ୍ପର୍କରେ ସ୍କୋଡା ଅଟୋ ଭୋଲକାସ୍‌ୱାଗେନ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଗୁରୁପ୍ରତାପ ବୋପାରାଇ କହିଛନ୍ତି, ଭାରତରେ ନ୍ୟୁ କୋଡିଆକ୍ ବେଶ୍ ସଫଳ ରହିଛି। ଫଳରେ ଭାରତୀୟ ଗ୍ରାହକଙ୍କ ପାଇଁ ଶ୍ରେଷ୍ଠ ଜ୍ଞାନକୌଶଳ, ସୁରକ୍ଷା ଏବଂ ଆରାମଦାୟକ ସୁବିଧା ଉପଲବ୍ଧ କରାଯାଇପାରିବ। ଭାରତୀୟ ଗ୍ରାହକଙ୍କ ମଧ୍ୟରେ ବିଳାସପୂର୍ଣ୍ଣ ଏସ୍‌ୟୁଭି ପ୍ରତି ଚାହିଦା ବଢ଼ିବାରେ ଲାଗିଛି। ଆମେ ନିଶ୍ଚିତ ଯେ ଏହା ପ୍ରିମିୟମ୍ ଲକ୍‌ଜୁରି ସେଗ୍‌ମେଣ୍ଟରେ ବେଞ୍ଚମାର୍କ ସୃଷ୍ଟି କରିବାକୁ ସକ୍ଷମ ହେବ। ଏହା ସହିତ ଭାରତରେ ଆମର କାରବାରରେ ମଧ୍ୟ ବୃଦ୍ଧି ଘଟିବ।

ଏହି ଅବସରରେ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ନିର୍ଦ୍ଦେଶକ ଜ୍ୟାକ୍ ହୋଲିସ୍ କହିଛନ୍ତି, ନ୍ୟୁ କୋଡିଆକ୍ ଭାରତରେ ବଜାର ପ୍ରବେଶ କରିଥିବା ସ୍କୋଡାର ଦ୍ୱିତୀୟ ଏସ୍‌ୟୁଭି। ଏହାର ଡିଜାଇନିଂ ଏବଂ ଆକର୍ଷଣୀୟ ନିର୍ମାଣ ଶୈଳୀ ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ ସକ୍ଷମ ହେବ। କୋଡିଆକ୍ ଭାରତରେ ଆମ ଫୋର୍ଟଫୋଲିଓକୁ ଏକ ନୂତନ ଦିଗ ଦେବାରେ ସହାୟକ ହୋଇପାରିବ। ନ୍ୟୁ କୋଡିଆକ୍ ପାଇଁ ଗ୍ରାହକମାନେ ସେମାନଙ୍କର ନିକଟବର୍ତ୍ତୀ ଡିଲରଙ୍କଠାରେ ପଞ୍ଜୀକରଣ ସ୍କୋଡା ଅଟୋ ଇଣ୍ଡିଆର ୱେବ୍‌ସାଇଟ୍ ମାଧ୍ୟମରେ କରିପାରିବେ।

# ଆର୍‌ଟିଆଇ ପକ୍ଷରୁ ସାମାଜିକ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୫।୧୨

ରାଉଣ୍ଡ ଟେବୁଲ ଇଣ୍ଡିଆ (ଆର୍‌ଟିଆଇ) ପକ୍ଷରୁ ବୁଧବାର ସ୍ଥାନୀୟ ପୁରୁଣା ଭୁବନେଶ୍ୱରସ୍ଥିତ ବିଏମ୍‌ସି ହସ୍ପିଟାଲ ପରିସରରେ ୨ଟି ଥାଲାସେମିଆ ୱାର୍ଡର ନବୀକରଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ରାଉଣ୍ଡ ଟେବୁଲ ଲକ୍ଷ୍ମୀବର୍ଗ ସହ ସହଯୋଗିତାରେ ବିଏମ୍‌ସି ହସ୍ପିଟାଲକୁ ଲାବ୍ ଉପକରଣ ଏବଂ ଇନ୍‌ଷ୍ଟ୍ରୁମେଣ୍ଟ ଷ୍ଟେରିଲାଇଜେଶନ ଉପକରଣମାନ ପ୍ରଦାନ କରିଛି। ଦେଶବ୍ୟାପୀ ରାଉଣ୍ଡ ଟେବୁଲ ଇଣ୍ଡିଆ ପକ୍ଷରୁ ଅନେକ ଗୋଷ୍ଠୀ ସେବା ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ଏହି ଅବସରରେ ରାଉଣ୍ଡ ଟେବୁଲ ଇଣ୍ଡିଆର ରାଷ୍ଟ୍ରୀୟ ଅଧ୍ୟକ୍ଷ ଟେବୁଲର ମୋରିଆ ଫିଲିପ, ରାଉଣ୍ଡ୍ ଟେବୁଲ ଇଣ୍ଡିଆର ଟ୍ରେଜରର ଟେବୁଲର ବୈଭବ ସଚଦେବ, ପ୍ରୋଜେକ୍ଟସ ଆବାହକ ରଚିତ ବଂଶଲ ଏବଂ ହୁସେନ ମୁସ୍ତାଫାଙ୍କ ସହିତ ଏରିଆ ୧୬ର ଅଧ୍ୟକ୍ଷ ଟେବୁଲର ପଙ୍କଜ ମୋଟୱାନି ପ୍ରମୁଖ ଉପସ୍ଥିତ ଥିଲେ।

# ବେଦାନ୍ତର ଦୀର୍ଘସ୍ଥାୟୀ ବିକାଶ ଯୋଜନା

ଭୁବନେଶ୍ୱର,୧୫।୧୨

ବେଦାନ୍ତ ଆଲୁମିନିୟମ୍ ବିଜ୍‌ନେସ୍ ପକ୍ଷରୁ ଜାତୀୟ ଶକ୍ତି ସଂରକ୍ଷଣ (ନ୍ୟାଶନାଲ ଏନର୍ଜି କଞ୍ଜରଭେଶନ ଡେ) ଦିବସ ଉପଲକ୍ଷେ ଏକ ଦୀର୍ଘସ୍ଥାୟୀ ବିକାଶ ରିପୋର୍ଟ ୨୦-୨୧ ଆର୍ଥିକ ବର୍ଷ ପାଇଁ ଟେରି ସ୍କୁଲ ଅଫ୍ ଆଡଭାନ୍ସଡ ଷ୍ଟଡିଜ୍ ମାଧ୍ୟମରେ ପ୍ରକାଶ କରାଯାଇଛି। ଟେରିର ୨୦୦ରୁ ଊର୍ଦ୍ଧ୍ୱ ଶିକ୍ଷାର୍ଥୀ 'ନେଚର, ନ୍ୟୁଟର, ଫ୍ୟୁଚର' ଶୀର୍ଷକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବେଦାନ୍ତ ଆଲୁମିନିୟମର ଏସ୍‌ଡିଆର୍‌ର ଏନର୍ଜି ମ୍ୟାନେଜମେଣ୍ଟ, ୱାଟର ମ୍ୟାନେଜମେଣ୍ଟ, ବାୟୋଡାଇଭରସିଟି ମ୍ୟାନେଜମେଣ୍ଟ, ଏୟାର କ୍ୱାଲିଟି, ହେଲ୍‌ଥ ଆଣ୍ଡ ସେଫ୍ଟି, ସୋସିଆଲ ଇମ୍ପାକ୍ଟ ଏବଂ ଗଭର୍ନାନ୍ସ କାର୍ଯ୍ୟକ୍ରମ ଆଧାରରେ ୨୦-୨୧ ରିପୋର୍ଟ ପ୍ରକାଶ ପାଇଛି।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ଆଲୁମିନିୟମ୍ ବିଜ୍‌ନେସ୍ ସିଇଓ ରାହୁଲ ଶର୍ମା କହିଥିଲେ, ଦୀର୍ଘସ୍ଥାୟୀ ଆମର ପ୍ରତିଟି କାର୍ଯ୍ୟ ଏବଂ ବିଜ୍‌ନେସ୍‌ରେ ନିହିତ ରହିଛି। ଏହା ସହିତ କାର୍ବନ ନିର୍ଗମନ ଉପରେ ମଧ୍ୟ ଅଧିକ ଗୁରୁତ୍ୱାରୋପ କରାଯାଉଛି। ଏହାଦ୍ୱାରା ଦୀର୍ଘସ୍ଥାୟୀ ଲକ୍ଷ୍ୟ ହାସଲ କରିହେବ। ବ୍ୟବସାୟରେ ଶ୍ରେଷ୍ଠତ୍ୱ ସହିତ ପରିବେଶ, ସାମାଜିକ ଏବଂ ପ୍ରଶାସନ (ଏଏସ୍‌ଜି) କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। ଟେରି ଦ୍ୱାରା ଗ୍ଲୋବାଲ ରିପୋର୍ଟିଂ ଇନିସିଏଟିଭ୍ (ଜିଆର୍‌ଆଇ) ଷ୍ଟାଣ୍ଡାର୍ଡ ପ୍ରସ୍ତୁତ କରାଯାଇଛି। ବେଦାନ୍ତ ଆଲୁମିନିୟମର ଦୀର୍ଘସ୍ଥାୟୀ ଦାୟିତ୍ୱବୋଧ ବିକାଶ ଲକ୍ଷ୍ୟ ଜାତିସଂଘ ଗ୍ଲୋବାଲ କମ୍ପାକ୍ଟ (ୟୁଏନ୍‌ଜିସି) ପ୍ରିନ୍ସିପୁଲ୍ ଏବଂ ଜାତିସଂଘ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ (ୟୁଏନ୍ ଏସ୍‌ଡିଜି) ଆଧାରରେ ପ୍ରସ୍ତୁତ କରାଯାଇଛି।

# ମାଟି ମା' ପାଇଁ ଜୀବନ ଉତ୍ସର୍ଗ



## ବିଜୟ ଦିବସ

ମାଟି ମା'ର ସୁରକ୍ଷା ପାଇଁ ଭାରତୀୟ ସେନା ସବୁବେଳେ ଜୀବନକୁ ଉତ୍ସର୍ଗ କରିଥାନ୍ତି। ୧୯୭୧ ପାକିସ୍ତାନ ସହିତ ଯୁଦ୍ଧରେ ଭାରତୀୟ ସଶସ୍ତ୍ର ବାହିନୀର ବିଜୟକୁ ସମ୍ମାନ ଜଣାଇବା ପାଇଁ ପ୍ରତିବର୍ଷ ଡିସେମ୍ବର ୧୬ରେ ବିଜୟ ଦିବସ ପାଳନ କରାଯାଇଥାଏ। ଏହି ଅବସରରେ ଦେଶକୁ ରକ୍ଷା କରି ଜୀବନର ବଳିଦାନ ଦେଇଥିବା ସମସ୍ତ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥାଏ। ୧୯୭୧ ଡିସେମ୍ବର ୧୬ରେ, ଭାରତ ୧୩ ଦିନ ଯୁଦ୍ଧ ପରେ ପାକିସ୍ତାନକୁ ପରାଜିତ କରିଥିଲା। ୯୩ ହଜାର ପାକିସ୍ତାନୀ ସୈନ୍ୟଙ୍କ ସହିତ ପାକିସ୍ତାନୀ ସୈନ୍ୟବାହିନୀ ମୁଖ୍ୟ ଜେନେରାଲ ଆମିର ଅବଦୁଲ୍ଲା ଖାଁ ନିଆଜି ଭାରତୀୟ ସେନା ମୁଖ୍ୟ ଜେନେରାଲ ଜଗଜିତ ସିଂ ଅରୋରା ଏବଂ ବାଂଲାଦେଶର ମୁକ୍ତି ଲାଗି ଗଠିତ ମିଳିତ ବାହିନୀ ସମ୍ମୁଖରେ ଆତ୍ମସମର୍ପଣ କରିଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏହା ସର୍ବବୃହତ ସାମରିକ ଆତ୍ମସମର୍ପଣ ଥିଲା। ପାକିସ୍ତାନୀ ସୈନ୍ୟଙ୍କ ଏକପାଖିଆ ଏବଂ ସର୍ତ୍ତମୂଳକ ଆତ୍ମସମର୍ପଣ ସହିତ ପୂର୍ବ ପାକିସ୍ତାନ ବାଂଲାଦେଶ ଭାବେ ପୃଥକ୍ ହୋଇଥିଲା। ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ପୂର୍ବ ପାକିସ୍ତାନ ବା ବାଂଲାଦେଶର ମୁକ୍ତି ସଂଗ୍ରାମକୁ ସମ୍ପୂର୍ଣ୍ଣ ସମର୍ଥନ ଜଣାଇଥିଲେ, ଯାହାଫଳରେ ଏହା ଏକ ସ୍ୱାଧୀନ ଦେଶର ମାନ୍ୟତା ଲାଭ କରିଥିଲା।

## ଫୁର୍ସତ୍

### ଜନ୍ ଆବ୍ରାହାମ



# 'ଆଟାକ'ର ଟିଜର ରିଲିଜ

ମୁମ୍ବାଇ: ଜନ ଆବ୍ରାହମଙ୍କ ଆଗାମୀ ଚଳଚ୍ଚିତ୍ର 'ଆଟାକ'ର ଟିଜର ରିଲିଜ ହୋଇଛି। ଲକ୍ଷ୍ୟ ରାଜ ଆନନ୍ଦଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ଜନ୍‌ଙ୍କୁ ଆକ୍ସନ ଅବତାର ଦେଖିବାକୁ ମିଳିବ। ଏଥିରେ ରକୁଲ ପ୍ରୀତ ସିଂ, ଜ୍ୟାକ୍‌ଲିନ ଫର୍ନାଣ୍ଡିଜ ପ୍ରମୁଖ ଭୂମିକାରେ ରହିଛନ୍ତି। ଜେ.ଏ. ଏଣ୍ଟରଟେନମେଣ୍ଟ, ପେନ୍ ଇଣ୍ଡିଆ ଲିମିଟେଡ ଓ ଏ. କେ. ପ୍ରଡକ୍ସନ୍ସର ଏହି ଚଳଚ୍ଚିତ୍ର ଜାନୁୟାରୀ ୨୮ରେ ମୁକ୍ତିଲାଭ କରିବ। 'ଆଟାକ'ର ଟିଜରକୁ ଜନ୍ ତାଙ୍କ ଇନଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଏଥିରେ ଜନ୍ ଲେଖିଛନ୍ତି, ଫିଲ୍ମଟି ଆକ୍ସନରେ ପରିପୂର୍ଣ୍ଣ। ଦେଶପ୍ରେମ ଉପରେ ଆଧାରିତ ଏହି ଫିଲ୍ମଟି ସାଧାରଣତନ୍ତ୍ର ଦିବସ ଅବସରରେ ମୁକ୍ତିଲାଭ କରିବ। ଭିଡିଓ କ୍ୟାପ୍‌ସନରେ ଜନ୍ ଲେଖିଛନ୍ତି, 'ଭାରତର ସୁପର ସୋଲ୍‌ଜରଙ୍କ ସାକ୍ଷୀ ହେବାକୁ ପ୍ରସ୍ତୁତ ହୋଇଯାଅ। ଟିଜର ଆଉଟ।' 'ଆଟାକ'ର ଟିଜରକୁ ଫ୍ୟାନ୍‌ମାନେ ଖୁବ ପ୍ରଶଂସା କରୁଛନ୍ତି। ଲକ୍ଷ୍ୟ ରାଜ ଆନନ୍ଦ ଏହି ଫିଲ୍ମ ଦ୍ୱାରା ନିର୍ଦ୍ଦେଶନା କ୍ଷେତ୍ରରେ ପାଦ ଦେଇଛନ୍ତି। ଏଥିସହ ସେ ଫିଲ୍ମର ଲେଖକ ମଧ୍ୟ। ଏହି ଚଳଚ୍ଚିତ୍ରରେ ଜନ୍ ଜଣେ ରେଞ୍ଜରଙ୍କ ଭୂମିକାରେ ଅଭିନୟ କରିଛନ୍ତି, ଯିଏ ଦେଶକୁ ରକ୍ଷା କରିବା ପାଇଁ କାମ କରୁଛନ୍ତି। ଜନ୍‌ଙ୍କ ଏହି ଫିଲ୍ମକୁ ନେଇ ପ୍ରଶଂସକଙ୍କ ସମେତ ପୂରା କାଷ୍ଟ ଉତ୍ସାହୀ ଅଛନ୍ତି।

# ଚାଇନାରେ ରିଲିଜ ହେବ 'ଛିଛୋରେ'



ନୂଆଦିଲ୍ଲୀ: ବଲିଉଡର ଦିବଂଗତ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ଅଭିନୀତ 'ଛିଛୋରେ' ଚାଇନାରେ ରିଲିଜ ହେବ। ଜାତୀୟ ପୁରସ୍କାର ପାଇଥିବା ଫିଲ୍ମ ଆସନ୍ତା ଜାନୁୟାରୀ ୭ ତାରିଖରୁ ଚାଇନା ଥିଏଟରରେ ରିଲିଜ ହେବ ବୋଲି ସୂଚନା ଦେଇଛନ୍ତି ଟ୍ରେଡ ଆନାଲିଷ୍ଟ ତରନ ଆଦର୍ଶ। 'ହୃଦୟ ଓ ବକ୍ସ ଅଫିସରେ ବାଜି ମାରିଥିବା ଫିଲ୍ମ 'ଛିଛୋରେ' ଚାଇନାର ପ୍ରାୟ ୧୧ ହଜାର ସ୍କ୍ରିନ(୧୦୦ ସହର)ରେ ରିଲିଜ ହେବ' ବୋଲି ଆଦର୍ଶ ଟୁଇଟ କରିଛନ୍ତି। ଏହି ଫିଲ୍ମ ୨୦୧୯ ସେପ୍ଟେମ୍ବର ୬ରେ ଭାରତରେ ରିଲିଜ ହୋଇଥିଲା। ପ୍ରଥମ ଦିନ ୭ କୋଟି ଟଙ୍କା ଆୟ କରିଥିବା 'ଛିଛୋରେ' ଦୁଇ ସପ୍ତାହରେ ୧୦୦ କୋଟି ମାଇଲ୍‌ଷ୍ଟୋନ ଛୁଇଁଥିଲା। ଫିଲ୍ମରେ ସୁଶାନ୍ତଙ୍କ ବ୍ୟତୀତ ଶ୍ରଦ୍ଧା କାପୁର, ବରୁଣ ଶର୍ମା, ପ୍ରତୀକ ବବର, ତାହିର ରାଜ ଭାସିନ, ନବୀନ ପୋଲିଶେଟି ଆଦି ମୁଖ୍ୟ ଭୂମିକାରେ ଥିଲେ।


## ମନେ ପଡ଼ନ୍ତି

### ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ବଳରାମ ପ୍ରସାଦ ବସୁମଲ୍ଲିକ(ସଭାପତି)
ଡିପ୍ଲୋମା ଇଞ୍ଜିନିୟର (ବିଦ୍ୟୁତ୍)
ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ଧରାବତରଣ- ୨୦।୦୧।୧୯୩୮
ସ୍ୱର୍ଗାରୋହଣ- ୨୭।୧୨।୨୦୨୦
ଯେତେଦିନ ଯାଏ ଜୀବନ ଯମୁନା ନଈ ଯାଉଥିବ ବୋହି, ଯେତେଦିନ ଯାଏ ଆକାଶରେ ଥାଇ ଜହ୍ନ ମାରୁଥିବ ହାଇ, ଯେତେଦିନ ଯାଏ ବଗିଚା ଛାତିରେ ଫୁଲ ଫୁଟି ହସୁଥିବ ସେତେଦିନ ଯାଏ ଆପଣଙ୍କ ମୁହଁ ଦିଶିଯାଉଥିବ।
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ପରୋପକାର ସବୁଦିନ ଆମ ପାଇଁ ପ୍ରେରଣାର ଉତ୍ସ ହୋଇରହୁ। ଆପଣଙ୍କର ଆଦର୍ଶ ଓ ଆଶୀର୍ବାଦ ଆମ ଚଳାପଥକୁ ଆଲୋକିତ କରୁ।
ଶୋକସନ୍ତପ୍ତ ବନ୍ଧୁବାନ୍ଧବ ଓ ପରିବାରବର୍ଗ
ଧ-୨୨୫୧୪

### ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ସୂର୍ଯ୍ୟମଣୀ ସେନାପତି
ସ୍ୱାମୀ ଵଭାବଗ୍ରାହୀ ସେନାପତି
ଆବିର୍ଭାବ- ତା୦୯।୧୧।୧୯୩୦
ତିରୋଧାନ- ତା୦୬।୧୨।୨୦୨୧ରିଖ
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ବନ୍ଧୁବାନ୍ଧବ ଏବଂ ପରିବାରବର୍ଗ
ଧ-୨୨୫୫୨

### ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଧ୍ରୁବ ଚରଣ ମହାନ୍ତି
ପୋଖରୀପୁଟ, ଭୁବନେଶ୍ୱର
ଆବିର୍ଭାବ- ୦୩।୦୬।୧୯୨୩
ତିରୋଧାନ- ୦୭।୧୨।୨୦୧୧
ଆଜିର ଦଶମ ଶ୍ରାଦ୍ଧ ଦିବସରେ ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ପରୋପକାରିତା ତଥା ନୀତି ଆଦର୍ଶ ଆମର ଚିର ସ୍ମରଣୀୟ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଆପଣଙ୍କର ପୁଅ- ମୁନ୍ନା, ବୋହୂ- ରିନି, ଝିଅ- ରୁନି, ରୁଜି, ରେବା, ଜ୍ୱାଇଁ- ଗଗନ, ଅନିମେଷ, ସୁବ୍ରତ, ନାତୁଣୀନାତି- ରିୟା, ଶ୍ରୀୟା, ସୋନୁ ଓ ଶୁଭମ୍।
ଧ-୨୨୫୫୧

### ଦଶମ ଜନ୍ମଦିନ ଶୁଭେଚ୍ଛା



ଜ୍ୟୋତିଷ୍ମା ଶତପଥୀ (ଡୁଡୁଲ)
ପୋଖରୀପୁଟ ଭୁବନେଶ୍ୱର
ଜଗତର ନାଥ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଜୀବନ ସୁଖମୟ ଓ ଚଳାପଥ କୁସୁମିତ ହେଉ। ଶୁଭେଚ୍ଛା ସହ: ନନା, ବୋଉ, ଆଈ, ମାମୁ, ଜିନୁ ଆଈ, ପପୁ ମାମୁ, ବାବା, ମମି, ଖୁସି ଦିଦି, ଲୁସି ଦିଦି, ନାନୀ, ପିଇସା, ପାପା, ମାମା।
ଧ-୨୨୫୪୯

CLASSIFIED DISPLAY
ALL EDITION - B/W (Everyday)
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

BALAJI FINANCE
(Reg. No. 0061)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ
୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତି
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403341

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
Mudra Finance
Mob. 8987604637
Whatsapp: 8902923601

କେମିତି ମଦ ଛାଡ଼ିବେ
ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ନ ୧୦ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମ୍‌ସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ଼, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯, ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ୍, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ, ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରାରୋଡ଼, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡ଼ା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍‌ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାଳ, ବସ୍‌ଷ୍ଟାଣ୍ଡ ନିକଟ, ଝାରସୁଗୁଡ଼ା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ, ସରକାରୀ ବସ୍‌ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ଼- ୧୪ ଓ ୨୮, ହୋଟେଲ ସାରଳା, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟ, ନୟାଗଡ଼-୧୧, ହୋଟେଲ ତ୍ରିନାଥ, ପୁଜା ହେଲ୍‌ଥ ସେଣ୍ଟର।
ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ନେତୃତ୍ୱ ପ୍ରସଙ୍ଗରେ ମୁହଁ ଖୋଲିଲେ କୋହଲି



- ଟି୨୦ ନେତୃତ୍ୱ ନେଇ ପୁନର୍ବିଚାର ପାଇଁ କୁହାଯାଇ ନ ଥିଲା
- ଦିନିକିଆ ନେତୃତ୍ୱ ଛାଡିବା ନେଇ ଆଲୋଚନା ହୋଇ ନ ଥିଲା
- ରୋହିତ, ଡ୍ରାଭିଡ୍‌ଙ୍କ ପ୍ରତି ସମର୍ଥନ ରହିଛି
- ଦିନିକିଆ ସିରିଜ ପାଇଁ ଉପଲବ୍ଧ ହେବେ

**ମୁମ୍ବାଇ,୧୫।୧୨**

ଭାରତୀୟ ଟେଷ୍ଟ ଅଧିନାୟକ ବିରାଟ କୋହଲି ଟି୨୦ ଓ ଦିନିକିଆ ନେତୃତ୍ୱ ନେଇ ନିଜର ମତ ରଖିବା ସହ କ୍ରିକେଟ ଜଗତରେ ହଇଚଇ ସୃଷ୍ଟି କରିଛନ୍ତି। ଟି୨୦ ନେତୃତ୍ୱ ଛାଡିବା ନେଇ ପୁନର୍ବିଚାର କରିବାକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ କିଛି କୁହାଯାଇ ନ ଥିଲା ବୋଲି କୋହଲି ସ୍ପଷ୍ଟ କରିଛନ୍ତି। ଏଥିସହ ଆଗାମୀ ଦକ୍ଷିଣ ଆଫ୍ରିକା ଗସ୍ତ ପାଇଁ ଦଳ ଘୋଷଣା ହେବାର ୯୦ ମିନିଟ୍ ପୂର୍ବରୁ ଦିନିକିଆ ନେତୃତ୍ୱରୁ ବାଦ୍ ଦେବା ନେଇ ନିଷ୍ପତ୍ତି ନିଆଯାଇଥିଲା ବୋଲି ସେ କହିଛନ୍ତି।

ଦକ୍ଷିଣ ଆଫ୍ରିକା ଗସ୍ତ କରିବା ପୂର୍ବରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବାବେଳେ ଏହି କଥା କହିଛନ୍ତି। ତେବେ ସେ ନୂଆ ସୀମିତ ଓଭର ଅଧିନାୟକ ରୋହିତ ଶର୍ମା ଓ ହେଡ୍ କୋଚ୍ ରାହୁଲ ଡ୍ରାଭିଡ୍‌ଙ୍କ ଦୃଷ୍ଟିଭଙ୍ଗୀକୁ ପୂର୍ଣ୍ଣ ସମର୍ଥନ ଦେବେ। କୌଣସି ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟ୍ରଫି ନ ଜିତିବା ପ୍ରସଙ୍ଗକୁ ସେ ଭଲ ଭାବେ ହୃଦୟଙ୍ଗମ କରିଛନ୍ତି ବୋଲି ସେ କହିଛନ୍ତି।

ପୂର୍ବରୁ ଟି୨୦ ନେତୃତ୍ୱ ନ ଛାଡିବାକୁ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଅନୁରୋଧ କରିବା କଥା ସତ ନୁହଁ ବୋଲି ସେ ପରୋକ୍ଷରେ କହିଛନ୍ତି। ଭାରତରେ ସୀମିତ ଓଭର ନେତୃତ୍ୱ ନେଇ ଭାଗବଣ୍ଟା କାମ ଦେବନି ବୋଲି ବୋର୍ଡ ତାଙ୍କୁ ଟି୨୦ ନେତୃତ୍ୱରୁ ନ ଓହରିବାକୁ କୁହାଯିବା ନେଇ ପ୍ରଶ୍ନ ହେବା ପରେ କୋହଲି ଏହା କହିଛନ୍ତି। ଗତ ୮ ତାରିଖରେ ଟେଷ୍ଟ ସିରିଜ ପାଇଁ ଚୟନ କମିଟି ବୈଠକ ବସିଥିଲା। ଏହାର ଦେଢ ଘଣ୍ଟା ପୂର୍ବରୁ ମୋ ସହିତ ସମ୍ପର୍କ ସ୍ଥାପନ କରାଯାଇଥିଲା। ଟି୨୦ ନେତୃତ୍ୱ ଛାଡିବା ନେଇ ଘୋଷଣା କରିସାରିଥିବାରୁ ଏ ସଂକ୍ରାନ୍ତରେ ମୋ ସହିତ କୌଣସି ଆଲୋଚନା ହୋଇ ନ ଥିଲା। ଟେଷ୍ଟ ଦଳ ନେଇ ମୁଖ୍ୟ ଚୟନକର୍ତ୍ତା ଆଲୋଚନା କରିଥିଲେ ଓ ଆମେ ଏଥିରେ ସମ୍ମତି ପ୍ରକାଶ କରିଥିଲୁ। ତେବେ ଦିନିକିଆ ଫର୍ମାଟରେ ଆଉ ଅଧିନାୟକ ହୋଇ ରହିବି ନାହିଁ ବୋଲି ୫ ଜଣିଆ ଚୟନକମିଟି ନିଷ୍ପତ୍ତି ନେଇଛନ୍ତି ବୋଲି ମୋତେ କୁହାଯାଇଥିଲା। ଅର୍ଥାତ୍ ଦିନିକିଆ ଅଧିନାୟକ ପଦରୁ ହଟାଯିବା ପୂର୍ବରୁ ମୋ ସହିତ ଆଲୋଚନା କରାଯାଇ ନ ଥିଲା। ସେତେବେଳେ 'ଠିକ୍ ଅଛି' ବୋଲି ଜବାବ ରଖିଥିଲି ବୋଲି ୩୩ ବର୍ଷୀୟ କୋହଲି କହିଛନ୍ତି। ୨୦୨୩ ଦିନିକିଆ ବିଶ୍ୱକପ୍ ପର୍ଯ୍ୟନ୍ତ ଆପଣ ନେତୃତ୍ୱ ନେବାକୁ ଇଚ୍ଛା ପ୍ରକାଶ କରିବା ସମ୍ପର୍କିତ ପ୍ରଶ୍ନକୁ ସେ ଏଡାଇ ଯାଇଥିଲେ। ଟି୨୦ ନେତୃତ୍ୱ ଛାଡିବାକୁ ନିଷ୍ପତ୍ତି ନେଇ ପ୍ରଥମେ ବିସିସିଆଇକୁ ଅବଗତ କରାଇଥିଲି ଓ ବୋର୍ଡର ପଦାଧିକାରୀଙ୍କ ସମ୍ମୁଖରେ ନିଜର ମତାମତ ରଖିଥିଲି। କାହିଁକି ଟି୨୦ ନେତୃତ୍ୱ ଛାଡିଛି ସେ ନେଇ କାରଣ ଦର୍ଶାଇଥିଲି ଓ ଏହାକୁ ସେମାନେ ସହଜରେ ଗ୍ରହଣ କରିଥିଲେ। ତେବେ ଟି୨୦ ଛାଡିବା ଉଚିତ ନୁହଁ ବୋଲି ବୋର୍ଡ ତରଫରୁ ଆଦୌ କୁହାଯାଇ ନ ଥିଲା ବୋଲି କୋହଲି ସ୍ପଷ୍ଟ କରିଛନ୍ତି। କିନ୍ତୁ କିଛି ଦିନ ତଳେ ଗାଙ୍ଗୁଲି ଏ ନେଇ ଦେଇଥିବା ମନ୍ତବ୍ୟ ସହିତ କୋହଲି ଦେଇଥିବା ଉତ୍ତର ମଧ୍ୟରେ ତାଳମେଳ ରହୁନାହିଁ। ଦୁଇଜଣଙ୍କ ମନ୍ତବ୍ୟରେ ବିରୋଧାଭାଷ ସୃଷ୍ଟି ହୋଇଛି। ଫଳରେ କୋହଲି ଓ ରୋହିତଙ୍କ ମଧ୍ୟରେ ମତାନ୍ତର ରହିଛି ବୋଲି ଚର୍ଚ୍ଚା ହେଉଛି। ମୋର ନିଷ୍ପତ୍ତିକୁ ବିସିସିଆଇ ପ୍ରଶଂସା କରିବା ସହ ଏହାକୁ ପ୍ରଗତିଶୀଳ ବୋଲି କହିଥିଲା। ବୋର୍ଡ ପଦାଧିକାରୀ ଓ ଚୟନକର୍ତ୍ତା ଚାହିଁବା ପର୍ଯ୍ୟନ୍ତ ଟେଷ୍ଟ ଓ ଦିନିକିଆରେ ନେତୃତ୍ୱ ନେବା ଜାରି ରଖିବି ବୋଲି କହିଥିଲି।

ପୂର୍ବରୁ କୋହଲିଙ୍କୁ ଟି୨୦ ନେତୃତ୍ୱ ନ ଛାଡିବାକୁ କୁହାଯାଇଥିଲା ବୋଲି ଗାଙ୍ଗୁଲି କହିଥିଲେ। ସୀମିତ ଓଭର ଅର୍ଥାତ ଦିନିକିଆ ଓ ଟି୨୦ ଫର୍ମାଟରେ ଭିନ୍ନ ଅଧିନାୟକ ନିଯୁକ୍ତି ଦେବା ଅନାବଶ୍ୟକ। ତେଣୁ ରୋହିତଙ୍କୁ ଦିନିକିଆ ଓ ଟି୨୦ର ନେତୃତ୍ୱ ଦେବା ଲାଗି ନିଷ୍ପତ୍ତି ନିଆଯାଇଥିଲା ବୋଲି ପୂର୍ବତନ ଅଧିନାୟକ ଗାଙ୍ଗୁଲି କହିଥିଲେ। ଇତିମଧ୍ୟରେ ରୋହିତ ଟେଷ୍ଟ ଦଳର ଉପ-ଅଧିନାୟକ ନିଯୁକ୍ତ ହୋଇଛନ୍ତି।

ଆଗାମୀ ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜ ଖେଳିବା ପାଇଁ ଉପଲବ୍ଧ ହେବି ବୋଲି କୋହଲି କହିଛନ୍ତି। ପୂର୍ବରୁ ସେ ଏହି ସିରିଜ ନ ଖେଳିବା ନେଇ ଆଶଙ୍କା ପ୍ରକାଶ ପାଇଥିଲା। ବିଶ୍ରାମ କିମ୍ବା ବ୍ରେକ୍ ନେବା ପାଇଁ କେବେ ବିସିସିଆଇକୁ କହିନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏ ନେଇ ଗତ ଦୁଇଦିନ ହେବ ବହୁତ ମିଛ ଖବର ପ୍ରକାଶ ପାଇଛି ବୋଲି ସେ କହିଛନ୍ତି। ଭାରତ ଦକ୍ଷିଣ ଆଫ୍ରିକା ଗସ୍ତରେ ୩ଟି ଟେଷ୍ଟ ଖେଳିବ। ଡିସେମ୍ବର ୨୬ରୁ ପ୍ରଥମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ। ଏହାପରେ ଜାନୁୟାରରେ ଦିନିକିଆ ମ୍ୟାଚ୍‌ଗୁଡିକ ଖେଳାଯିବ।

## ବିଶ୍ୱ ଚାମ୍ପିୟନଶିପ ପ୍ରି କ୍ୱାର୍ଟରରେ ପ୍ରଣୟ

**ହୁଏଲଭା,୧୫।୧୨:** ସ୍ପେନ୍‌ର ହୁଏଲଭାଠାରେ ଚାଲିଥିବା ବିଡବ୍ଲୁଏଫ୍ ବିଶ୍ୱ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ରେ ଭାରତର ଏଚ୍.ଏସ୍. ପ୍ରଣୟ ପ୍ରି- କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବୁଧବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ପ୍ରଣୟ ୨୧-୭, ୨୧-୧୭ ସିଧାସଳଖ ଗେମ୍‌ରେ ମାଲେସିଆର ଡାରେନ୍ ଲିଏଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି। ଏବେ ସେ ପ୍ରି- କ୍ୱାର୍ଟରରେ ଅନ୍ୟଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍ ବିଜେତା ସ୍ପେନର ଲୁଇସ୍ ଏନରିକ୍ ପେନାଲଭେର କିମ୍ବା ଡେନମାର୍କର ରାସମସ ଗେମକେଙ୍କୁ ଭେଟିବେ। ପୂର୍ବରୁ ଅନ୍ୟ ଦୁଇ ଭାରତୀୟ ପୁରୁଷ ଖେଳାଳି କିଡାମ୍ବୀ ଶ୍ରୀକାନ୍ତ ଓ ଲକ୍ଷ୍ୟ ସେନ ପ୍ରି- କ୍ୱାର୍ଟର ଫାଇନାଲରେ ପ୍ରବେଶ କରିସାରିଛନ୍ତି। ଡାରେନ୍‌ଙ୍କ ବିପକ୍ଷ ପ୍ରଣୟଙ୍କୁ ପ୍ରଥମ ଗେମ୍‌ରେ ସାମାନ୍ୟ ସଂଘର୍ଷ କରିବାକୁ ପଡିଥିଲା। ଦ୍ୱିତୀୟ ଗେମ୍‌ରେ ଜବରଦସ୍ତ ଲଢେଇ ଦେଖିବାକୁ ମିଳିଥିଲା।

## ଭୁଟାନକୁ ହରାଇଲା ଭାରତ

**ଢାକା, ୧୫।୧୨ (ପି.ଟି.):** ଚଳିତ ସାଫ୍ ୧୯ ବର୍ଷରୁ କମ୍ ମହିଳା ଫୁଟବଲ ଚାମ୍ପିୟନଶିପ୍‌ରେ ଭାରତୀୟ ଦଳ ବୁଧବାର ୩-୦ ଗୋଲରେ ଭୁଟାନକୁ ପରାସ୍ତ କରିଛି। ମ୍ୟାଚର ୭ମ ମିନିଟରେ ସୁମତି କୁମାରୀ ଏକ ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ। ପ୍ରିୟଙ୍କା ଦେବୀ ୪୧ ଓ ୫୩ତମ ମିନିଟରେ ୨ଟି ଗୋଲ ସ୍କୋର କରି ଭାରତର ବିଜୟକୁ ନିଶ୍ଚିତ କରିଥିଲେ। ଭାରତ ପରବର୍ତ୍ତୀ ମ୍ୟାଚ ଶୁକ୍ରବାର ବାଂଲାଦେଶ ବିପକ୍ଷରେ ଖେଳିବ।

## ରାଜ୍ୟସ୍ତରୀୟ ଖୋଖୋ ଉଦ୍‌ଯାପିତ

**ଅନୁଗୋଳ ଅଫିସ, ୧୫।୧୨**

ଅନୁଗୋଳ ଷ୍ଟାଡିୟମଠାରେ ଚାଲିଥିବା ୫୪ତମ ରାଜ୍ୟସ୍ତରୀୟ ଖୋଖୋ ଚାମ୍ପିୟନଶିପ୍ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମହିଳା ବର୍ଗରେ ବାଲେଶ୍ୱରକୁ ୬ ପଏଣ୍ଟରେ ହରାଇ କିଟ୍ ଚାମ୍ପିୟନ ହୋଇଥିବାବେଳେ ପୁରୁଷ ବର୍ଗରେ କିଟ୍‌କୁ ଗୋଟିଏ ପଏଣ୍ଟରେ ହରାଇ ବାଲେଶ୍ୱର ଦଳ ଚାମ୍ପିୟନ ହୋଇଛି। ଚାମ୍ପିୟନ ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସଅପ୍ ଦଳକୁ ୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି। ଉଭୟ ବର୍ଗରେ ତୃତୀୟ ସ୍ଥାନ ଅଧିକାର କରିଥିବା ଜଗତସିଂହପୁର ଜିଲା ଟିମ୍‌କୁ ୨ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଗୁରୁବାର ଓଡ଼ିଶା ଟିମ୍ ଚୟନ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଉଦ୍‌ଯାପନୀ ଦିବସରେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ଅନୁଗୋଳ ଅତିରିକ୍ତ ଜିଲାପାଳ(ରାଜସ୍ୱ) ସନ୍ତୋଷ ପ୍ରଧାନ, ଅନୁଗୋଳ ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ ସୀଠ, ରାଜ୍ୟ ଖୋଖୋ ଆସୋସିଏଶନ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମିଶ୍ର, କୋଷାଧକ୍ଷ ପାର୍ଥ ସାରଥି ମହାପାତ୍ର, ଯୁଗ୍ମ ସମ୍ପାଦକ ଲକ୍ଷ୍ମଣ ନାଥ, କାର୍ତ୍ତିକ ଚନ୍ଦ୍ର ସାହୁ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ସିହ୍ନା ପ୍ରମୁଖ ଉପସ୍ଥିତ ଥିଲେ।




ଚାମ୍ପିୟନ ବାଲେଶ୍ୱର ପୁରୁଷ ଦଳର ଖେଳାଳିମାନେ ଅତିଥିଙ୍କ ସହ।

## ଡିଭିଲର୍ସ, ସ୍ମିଥ୍‌ଙ୍କ ବିରୋଧରେ ପକ୍ଷପାତ ଅଭିଯୋଗ

**ଜୋହାନ୍ସବର୍ଗ,୧୫।୧୨**

କ୍ରିକେଟ ସାଉଥ ଆଫ୍ରିକା (ସିଏସ୍ଏ) ଓ ଗ୍ରେମ୍ ସ୍ମିତ, ଏବି ଡିଭିଲର୍ସଙ୍କ ବଡ଼ ଖେଳାଳିଙ୍କ ବିରୋଧରେ ଏବେ ନୂଆ ଅଭିଯୋଗ ଆସିଛି। ବର୍ଣ୍ଣବୈଷମ୍ୟ ଆକ୍ଷେପ ତଥା ସାମାଜିକ ନ୍ୟାୟ ପ୍ରଦାନରେ ଏହି ଖେଳାଳିମାନେ ପକ୍ଷପାତିତା ଅବଲମ୍ବନ କରିଛନ୍ତି ବୋଲି ସୋସିଆଲ ଜଷ୍ଟିସ୍ ଓ ନେଶନ ବିଲ୍ଡିଂ କମିଶନ୍ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି। ସିଏସଏ ପ୍ରଶାସନ, ପୂର୍ବତନ ଅଧିନାୟକ ତଥା ଏବେକାର ନିର୍ଦ୍ଦେଶକ ଗ୍ରେମ୍ ସ୍ମିଥ୍, ଏବେକାର ହେଡ୍ କୋଚ୍ ମାର୍କ ବାଉଚର ଓ ପୂର୍ବତନ ବ୍ୟାଟର ଡିଭିଲର୍ସ କୃଷ୍ଣକାୟ ଖେଳାଳିମାନଙ୍କ ପ୍ରତି ଅନ୍ୟାୟୋଚିତ ଅବିଚାର ତଥା ପକ୍ଷପାତିତା କରିଛନ୍ତି ବୋଲି ୨୩୫ ପୃଷ୍ଠା ସମ୍ବଳିତ ଏହି ରିପୋର୍ଟରେ ଦର୍ଶାଯାଇଛି।

ଦକ୍ଷିଣ ଆଫ୍ରିକା କ୍ରିକେଟରେ ସବୁଠାରୁ ସମ୍ମାନିତ ଖେଳାଳି ବିବେଚିତ ହେଉଥିବା ଡି'ଭିଲର୍ସ ଅବଶ୍ୟ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସିଏସ୍ଏର ସୋସିଆଲ ଜଷ୍ଟିସ୍ ଓ ନେଶନ ବିଲ୍ଡିଂ ପ୍ରକ୍ରିୟାକୁ ସମର୍ଥନ ଜଣାଉଛି। କିନ୍ତୁ ଏଭଳି ଅଭିଯୋଗକୁ ଭିତ୍ତିହୀନ ବୋଲି ଡି'ଭିଲର୍ସ ଟୁଇଟ୍ କରି ଜଣାଇଛନ୍ତି। କୌଣସି ପ୍ରକାର ବର୍ଣ୍ଣବୈଷମ୍ୟ ଆକ୍ଷେପ ତଥା ଆଚରଣ ପ୍ରଦର୍ଶନ କରିନାହିଁ। ପୂରା କ୍ୟାରିୟରରେ ନିଷ୍ଠାର ସହ ଖେଳ ପ୍ରଦର୍ଶନ କରିଛି ଓ ଦଳ ପାଇଁ ଶ୍ରେଷ୍ଠ ଯୋଗଦାନ ଦେବାକୁ ପ୍ରୟାସ କରିଆସିଛି। କୌଣସି ପ୍ରକାର ଅନୁଚିତ କାର୍ଯ୍ୟ କରିନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ବର୍ଣ୍ଣବୈଷମ୍ୟ ଓ ଲିଙ୍ଗଗତ ଅସମାନତାକୁ ରୋକିବା ପାଇଁ ଜଣେ ଅମ୍ବୁଡ୍ସମ୍ୟାନଙ୍କୁ ନିଯୁକ୍ତି ଦେବା ପାଇଁ ରିପୋର୍ଟରେ ସୁପାରିସ କରାଯାଇଛି।

୨୦୧୫ରେ ଦକ୍ଷିଣ ଆଫ୍ରିକାର ଭାରତ ଗସ୍ତ ଅବସରରେ ଡି'ଭିଲର୍ସଙ୍କ କେତୋଟି ନିଷ୍ପତ୍ତି ନେଇ ଏହି ଅଭିଯୋଗ ହୋଇଛି। ଜେପି ଡୁମିନି ଆହତ ହୋଇଥିବା ବେଳେ ଅନ୍ତିମ ମ୍ୟାଚ୍‌ରେ ଖାୟା ଜୋଣ୍ଡୋଙ୍କୁ ସାମିଲ କରାଯାଇ ନ ଥିଲା। ଜୋଣ୍ଡୋଙ୍କୁ ନ ନେଇ ଟେଷ୍ଟ ଦଳର ସଦସ୍ୟ ଥିବା ଡିନ୍ ଏଲଗାରଙ୍କୁ ନିଆଯାଇଥିଲା। ଜୋଣ୍ଡୋ କୃଷ୍ଣକାୟ ଥିବାରୁ ଏପରି ନିଷ୍ପତ୍ତି ନିଆଯାଇଥିଲା ବୋଲି କୁହାଯାଇଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୧୬/୨୦୨୧ (୮+୮=୧୬ ପୃଷ୍ଠା)
Bhubaneswar, Thursday, December 16/2021



**ଏନ୍‌ସିବି ଅଫିସ୍‌ରେ ହାଜିରା ଦେବେନି ଆର୍ଯ୍ୟନ**

ଆର୍ଯ୍ୟନ ଖାନ୍‌ଙ୍କୁ ମୁମ୍ବାଇର ଏନ୍‌ସିବି ଅଫିସରେ ପ୍ରତି ଶୁକ୍ରବାର ଆଉ ହାଜିରା ଦେବାକୁ ପଡ଼ିବ ନାହିଁ। ବମ୍ବେ ହାଇକୋର୍ଟରୁ ତାଙ୍କୁ ଆଶ୍ୱସ୍ତି ମିଳିଛି।

୦୨

୦୮

**ଦିଲପ୍ରୀତ୍‌ଙ୍କ ହ୍ୟାଟ୍ରିକ**

ଦିଲପ୍ରୀତ୍ ସିଂଙ୍କ ହ୍ୟାଟ୍ରିକ ଗୋଲ ବଳରେ ଭାରତ ଏସିଆନ ଚାମ୍ପିୟନ୍ସ ଟ୍ରଫି ହକିରେ ବୁଧବାର ବାଂଲାଦେଶକୁ ୯-୦ ଗୋଲରେ ପରାସ୍ତ କରିଛି।



# ଭୋଟର ପରିଚୟପତ୍ରରେ ସଂଯୋଗ ହେବ ଆଧାର




- ଭୋଟର ତାଲିକାରେ ନାମ ପଞ୍ଜୀକରଣ ପାଇଁ ବର୍ଷକୁ ୪ ଥର ସୁଯୋଗ ମିଳିବ
- ଶୀତ ଅଧିବେଶନରେ ଆସିବ ବିଲ୍

**ନୂଆଦିଲ୍ଲୀ, ୧୫।୧୨**

କେନ୍ଦ୍ର ସରକାର ନିର୍ବାଚନୀ ସଂସ୍କାର ପାଇଁ ଚଳିତ ଶୀତ ଅଧିବେଶନରେ ଏକ ବିଲ୍ ଆଣିବାକୁ ଯାଉଛନ୍ତି। ଉକ୍ତ ବିଲ୍‌କୁ ବୁଧବାର କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଥିବା ଜଣାପଡ଼ିଛି। ବିଲ୍ ଗୃହୀତ ହେଲେ ଭୋଟର ପରିଚୟପତ୍ରରେ ଆଧାର ନମ୍ବର ସଂଯୋଗ ଲାଗି ନିର୍ବାଚନ କମିଶନଙ୍କୁ ଅନୁମତି ମିଳିବ। ଏହା ବ୍ୟତୀତ ସେନାରେ ନିୟୋଜିତ ବ୍ୟକ୍ତି (ସର୍ଭିସ ଭୋଟର)ମାନଙ୍କ ଲାଗି ନିର୍ବାଚନୀ ଆଇନ ଲିଙ୍ଗଗତ ନିରପେକ୍ଷ ହେବ। ବିଲ୍‌ର ଅନ୍ୟ ଏକ ବ୍ୟବସ୍ଥା ଅନୁଯାୟୀ ନୂଆ ଭୋଟର ବର୍ଷକୁ ୪ଟି ଭିନ୍ନ ଭିନ୍ନ ତାରିଖରେ ସେମାନଙ୍କ ନାମ ଭୋଟର ତାଲିକାରେ ସଂଯୋଗ କରିବା ସୁଯୋଗ ପାଇବେ।

ନିର୍ବାଚନ କମିଶନଙ୍କ ସୁପାରିସ୍ କ୍ରମେ ସରକାର ନିର୍ବାଚନ ପ୍ରକ୍ରିୟାରେ ସଂସ୍କାର ପାଇଁ କେତେକ ସଂଶୋଧନ କରିବାକୁ ଯାଉଛନ୍ତି। ଭୋଟର ତାଲିକାକୁ ବଳିଷ୍ଠ କରିବା, ଭୋଟଦାନ ପ୍ରକ୍ରିୟାରେ ଅଧିକ ଲୋକଙ୍କୁ ସାମିଲ କରିବା, ନିର୍ବାଚନ କମିଶନଙ୍କୁ ଅଧିକ କ୍ଷମତା ପ୍ରଦାନ ଏବଂ ଜାଲିଆତି ରୋକିବା ପାଇଁ ଏହି ସଂସ୍କାର ଅଣାଯାଉଥିବା ସରକାର କହିଛନ୍ତି। ସେହି ଅନୁଯାୟୀ ପାନ୍-ଆଧାର ଲିଙ୍କ୍ ଭଳି ଭୋଟର ଆଇଡି ବା ଇଲେକ୍ଟୋରାଲ କାର୍ଡ ସହ ଆଧାର ସଂଯୋଗ ହେବ। ତେବେ ଏହାକୁ ବାଧ୍ୟତାମୂଳକ କରାଯିବ ନାହିଁ। ଏହା ଉପରେ କରାଯାଇଥିବା ପାଇଲଟ ପ୍ରୋଜେକ୍ଟ ସଫଳ ହୋଇଛି। ଏହା ଜାଲିଆତି ହଟାଇବା ସହ ଭୋଟର ତାଲିକାକୁ ବଳିଷ୍ଠ କରିବ ବୋଲି ନିର୍ବାଚନ କମିଶନ କହିଛନ୍ତି। ଭୋଟର ତାଲିକାରେ ନାମ ଯୋଡ଼ିବା ଲାଗି ବର୍ଷକୁ ୪ ଥର ସୁଯୋଗ ମିଳିବ। ବର୍ତ୍ତମାନର ବ୍ୟବସ୍ଥା ଅନୁସାରେ ଏଥିପାଇଁ ବର୍ଷକୁ ଗୋଟିଏ ଥର ସୁଯୋଗ ମିଳୁଥିଲା। କିନ୍ତୁ ଆସନ୍ତା ବର୍ଷ ଜାନୁୟାରୀ ୧ରୁ ୧୮ ବର୍ଷରେ ପହଞ୍ଚୁଥିବା ନୂଆ ଭୋଟର ବର୍ଷର ୪ଟି ଭିନ୍ନ ଭିନ୍ନ ସମୟରେ ନିଜ ନାମ ପଞ୍ଜୀକରଣ କରିପାରିବେ। ସର୍ଭିସ୍ ଭୋଟରମାନଙ୍କ ପାଇଁ ଆଇନ ଲିଙ୍ଗଗତ ନିରପେକ୍ଷ ହେବ। ଅର୍ଥାତ୍ ଜଣେ ମହିଳା ସର୍ଭିସ୍ ଭୋଟରଙ୍କ ସ୍ୱାମୀ ମଧ୍ୟ ଭୋଟ ଦେଇପାରିବେ। ବର୍ତ୍ତମାନର ଆଇନରେ ଜଣେ ପୁରୁଷ ସର୍ଭିସ ଭୋଟରଙ୍କ ସ୍ତ୍ରୀଙ୍କୁ ଏହି ସୁଯୋଗ ମିଳୁଛି। ଏହା ବ୍ୟତୀତ ନିର୍ବାଚନ ପରିଚାଳନା ଲାଗି ନିର୍ବାଚନ କମିଶନ ଯେକୌଣସି ପରିସରକୁ ବ୍ୟବହାର ପାଇଁ ନିଜ ଅଧୀନକୁ ନେଇପାରିବେ। ବର୍ତ୍ତମାନର ଆଇନରେ କେତେକ ସ୍କୁଲ୍ ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ପରିସରକୁ ନିର୍ବାଚନ ପାଇଁ ବ୍ୟବହାର କରିବାରେ ପ୍ରତିବନ୍ଧକ ରହିଛି।

# ଖବରଦାତାଙ୍କୁ କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ଦୁର୍ବ୍ୟବହାର



ମନ୍ତ୍ରୀ ଅଜୟ ମିଶ୍ରା ଜଣେ ଖବରଦାତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି।

**ଲଖିମପୁର ଖେରି, ୧୫।୧୨**

ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ କୁମାର ମିଶ୍ରା 'ଟେନି' ବୁଧବାର ପୁଣିଥରେ ବିବାଦ ଘେରକୁ ଆସିଛନ୍ତି। ଜଣେ ଖବରଦାତାଙ୍କ ପ୍ରଶ୍ନରେ ସେ ଉତ୍ତେଜିତ ହୋଇ ତାଙ୍କୁ ଦୁର୍ବ୍ୟବହାର କରିଛନ୍ତି। ଅକ୍ଟୋବର ୩ରେ ଲଖିମପୁର ଖେରିରେ ଆନ୍ଦୋଳନରତ ଚାଷୀଙ୍କ ଉପରେ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରା ଗାଡ଼ି ମଡ଼ାଇଦେବାରୁ ୪ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହା ପରେ ଉତ୍ତ୍ୟକ୍ତ ଲୋକଙ୍କ ଆକ୍ରମଣରେ ଅନ୍ୟ ୪ ଜଣ ପ୍ରାଣ ହରାଇଥିଲେ। ଏହି ମାମଲାରେ ଆଶିଷ ଏବେ ଜେଲ୍‌ରେ ଅଛନ୍ତି। ବୁଧବାର ମନ୍ତ୍ରୀ ନିଜ ନିର୍ବାଚନ ମଣ୍ଡଳୀରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇଥିବାବେଳେ ତାଙ୍କ ପୁଅଙ୍କ ବିରୋଧରେ ଲାଗିଥିବା ଅଭିଯୋଗ ସମ୍ପର୍କରେ ଜଣେ ଖବରଦାତା ପ୍ରଶ୍ନ କରିଥିଲେ। ଏଥିରେ ମନ୍ତ୍ରୀ ଉତ୍ତେଜିତ ହୋଇ ଖବରଦାତାଙ୍କୁ ମାଡ଼ ମାରିବାକୁ ଉଦ୍ୟତ ହେଉଥିବାବେଳେ ଅନ୍ୟମାନେ ଅଟକାଇଥିଲେ। ଗଣମାଧ୍ୟମ ଲୋକମାନେ ଚୋର। ସେମାନଙ୍କର ଭୁଲ୍ ଅଭିଯୋଗ ଯୋଗୁ ଜଣେ ନିରୀହ ଲୋକ ଗିରଫ ହୋଇଛନ୍ତି ବୋଲି ମନ୍ତ୍ରୀ କହିଥିଲେ। ଫୋନ୍ ସୁଇଚ୍ ଅଫ୍ କର, ତୁମେ କ'ଣ ଜାଣିବାକୁ ଚାହୁଁଛ ବୋଲି ମନ୍ତ୍ରୀ ପ୍ରଶ୍ନ କରୁଥିବା ଭିଡିଓରୁ ଶୁଣିବାକୁ ମିଳିଛି। ମନ୍ତ୍ରୀଙ୍କ ଆକ୍ରମଣ ଉଦ୍ୟମ ବେଳର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ସୂଚନାଯୋଗ୍ୟ, ଲଖିମପୁର ଖେରି ମାମଲାର ଏସ୍‌ଆଇଟି ତଦନ୍ତ ଚାଲିଛି। ଚାଷୀଙ୍କ ଉପରେ ଗାଡ଼ି ମଡ଼ାଇ ହତ୍ୟା କରିବା ଯୋଜନାବଦ୍ଧ ଷଡ଼ଯନ୍ତ୍ର ବୋଲି ଅଭିଯୋଗ ହୋଇଥିଲା। ଏଥିପାଇଁ ସ୍ଥାନୀୟ ଲୋକେ ଅଜୟ ମିଶ୍ରା ଓ ତାଙ୍କ ପୁଅ ଆଶିଷଙ୍କୁ ଦାୟୀ କରିଥିଲେ। ମୁଖ୍ୟ ଅଭିଯୁକ୍ତ ଆଶିଷ ଗିରଫ ହୋଇ ଜେଲ୍‌ରେ ଥିବାବେଳେ ଅଜୟ ମିଶ୍ରାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର ପାଇଁ ଦାବି ହେଉଛି।

# ସ୍ମାର୍ଟ ହେଲ୍‌ଥ କାର୍ଡରେ ସାରା ଓଡ଼ିଶା

- ରାଜ୍ୟ ସ୍ୱାସ୍ଥ୍ୟସେବାରେ ନୂଆ ଯୁଗର ଆରମ୍ଭ ହୋଇଛି: ମୁଖ୍ୟମନ୍ତ୍ରୀ
- ଶେଷପର୍ଯ୍ୟାୟରେ ଯୋଡ଼ିହେଲା କେନ୍ଦ୍ରାପଡ଼ା, ଯାଜପୁର
- ଅନ୍ୟ ପ୍ରକଳ୍ପ ପାଇଁ କେନ୍ଦ୍ରାପଡ଼ାକୁ ୧୫୦୦, ଯାଜପୁରକୁ ୨,୦୦୦ କୋଟି

**ଭୁବନେଶ୍ୱର, ୧୫।୧୨ (ବ୍ୟୁରୋ)**

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ଅଧୀନରେ ଆରମ୍ଭ ହୋଇଥିବା ସ୍ମାର୍ଟ ହେଲ୍‌ଥ କାର୍ଡ ସ୍କିମ୍‌ରେ ସାମିଲ ହୋଇଛି ସାରା ଓଡ଼ିଶା। ଅଗଷ୍ଟ ୨୦ରେ ମାଲକାନଗିରିରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଯାଜପୁର ଜିଲାରେ ଶେଷ ହୋଇଛି। ବୁଧବାର ଅନ୍ତିମ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ଜରିଆରେ କେନ୍ଦ୍ରାପଡ଼ା ଏବଂ ଯାଜପୁର ଜିଲାରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନର ଶୁଭାରମ୍ଭ କରିଛନ୍ତି। ଏହାଦ୍ୱାରା କେନ୍ଦ୍ରାପଡ଼ାର ସାଢ଼େ ୧୧ ଲକ୍ଷ ଏବଂ ଯାଜପୁରର ୧୫ ଲକ୍ଷ ୪୦ ହଜାର ଲୋକ ଉପକୃତ ହେବେ। ମୋଟ୍ ଉପରେ ରାଜ୍ୟର ୯୬ ଲକ୍ଷ ପରିବାରର ୩.୫ କୋଟି ଲୋକ ଚିକିତ୍ସା ସୁବିଧା ପାଇପାରିବେ। ଉଭୟ ଜିଲାରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ସେପ୍ଟେମ୍ବର ୧ରୁ ସାରା ରାଜ୍ୟରେ ☞ ପୃଷ୍ଠା-୬



**ସଞ୍ଜୟ ଦାସବର୍ମାଙ୍କ ପିଏ ଚିତ୍ତରଞ୍ଜନଙ୍କ ମୃତ୍ୟୁ ଘଟଣା**

# କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ

**ଡିଏସ୍‌ପିଙ୍କ ନେତୃତ୍ୱରେ ୪ଜଣିଆ ଟିମ୍ ଗଠିତ**

**କଟକ/ପୁରୀ ଅଫିସ, ୧୫।୧୨**

ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମାଙ୍କ ବ୍ୟକ୍ତିଗତ ସହାୟକ(ପିଏ) ଚିତ୍ତରଞ୍ଜନ ପଲେଇଙ୍କ ମୃତ୍ୟୁ ଘଟଣାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ପୋଲିସ ମହାନିର୍ଦ୍ଦେଶକ ଅଭୟ। ଡିଜିଙ୍କ ନିର୍ଦ୍ଦେଶକ୍ରମେ ବୁଧବାର କ୍ରାଇମବ୍ରାଞ୍ଚ ଡିଏସ୍‌ପି ଶିଶିର କୁମାର ମିଶ୍ରଙ୍କ ନେତୃତ୍ୱରେ ଏକ ୪ଜଣିଆ ଟିମ୍ ଗଠନ ହୋଇଛି। ତଦନ୍ତରେ ସହଯୋଗ ପାଇଁ ଏହି ଟିମ୍‌ରେ ଜଣେ ଇନ୍ସପେକ୍ଟର, ଜଣେ ସବ୍‌ଇନ୍ସପେକ୍ଟର ଓ ଜଣେ ଏଏସ୍‌ଆଇ ରହିଛନ୍ତି। ଉକ୍ତ ଟିମ୍ ପୁରୀ ଗସ୍ତ କରିଛି ବୋଲି କ୍ରାଇମ୍‌ବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି। ତଦନ୍ତକାରୀ ଦଳ ସ୍ଥାନୀୟ ଥାନା ପୋଲିସ ସହାୟତାରେ ସମସ୍ତ ଦିଗକୁ ନେଇ ତଦନ୍ତ କରିବ। ଖୁବଶୀଘ୍ର ମୃତ୍ୟୁ ଘଟଣା ଉପରୁ ପରଦା ହଟିବ ବୋଲି ଏଡିଜି ପଣ୍ଡା କହିଛନ୍ତି। ଅପରପକ୍ଷରେ ଘଟଣାକୁ ୪ଦିନ ବିତିଯାଇଥିଲେ ସୁଦ୍ଧା ପୋଲିସ ହାତ ଖାଲି ରହିଛି। ଘଟଣାସ୍ଥଳରୁ ପୋଲିସ ଜଗନ୍ନାଥ ଷଡ଼ଙ୍ଗୀ ନାମକ ଯୁବକଙ୍କୁ ରବିବାର ଉଦ୍ଧାର କରି ପଚରାଉଚରା ଜାରି କରିଥିଲେ ସୁଦ୍ଧା ଏଯାବତ୍ କୌଣସି ସ୍ପଷ୍ଟ ସୂଚନା ପାଇପାରି ନାହିଁ। ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କ କହିବା ହେଲା ପୋଲିସକୁ ତଦନ୍ତ ପାଇଁ ଯଥେଷ୍ଟ ସମୟ ଦିଆ ନ ଯାଇ କ୍ରାଇମବ୍ରାଞ୍ଚକୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବାରୁ ତଦନ୍ତର ଗତିକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୋଲିସ ଇତିମଧ୍ୟରେ ୫ଜଣଙ୍କ ଅଡିଓ ଓ ଭିଡିଓ ରେକର୍ଡ ସିଡୀ ପ୍ରସ୍ତୁତ କରିଛି। ଡଗ୍ ସ୍କ୍ୱାଡ୍, ସାଇଣ୍ଟିଫିକ୍ ଟିମ୍, ଫରେନ୍ସିକ୍ ଟିମ୍ ଇତ୍ୟାଦି ତଦନ୍ତ କରିଛନ୍ତି। ପୋଷ୍ଟମୋର୍ଟମ ରିପୋର୍ଟ ଏପର୍ଯ୍ୟନ୍ତ ମିଳିନାହିଁ। କ୍ରାଇମବ୍ରାଞ୍ଚ ଟିମ୍‌କୁ ସମସ୍ତ ଦସ୍ତାବିଜ ପ୍ରଦାନ କରାଯିବା ସହ ସହଯୋଗ କରାଯିବ ବୋଲି ପୁରୀ ସଦର ଏସ୍‌ଡିପିଓ କିଶୋର ଚନ୍ଦ୍ର ମୁଣ୍ଡ କହିଛନ୍ତି।



ଚିତ୍ତରଞ୍ଜନ ପଲାଇ

ସୂଚନା ଥାଉକି, ସୋମବାର ପୁରୀ ସଦର ଥାନା ଅନ୍ତର୍ଗତ ଗଡ଼ମୃଗଶୀରାସ୍ଥିତ ଭାର୍ଗବୀ ନଦୀ କୂଳରୁ ଚିତ୍ତରଞ୍ଜନଙ୍କ ମୃତଶରୀରକୁ ପୋଲିସ ଜବତ କରିଥିଲା। ଚିତ୍ତରଞ୍ଜନଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ ହେବା ସହ ଏଥିରେ ସଞ୍ଜୟଙ୍କ ହାତଥିବା ପ୍ରଥମେ ପରିବାର ଲୋକେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରିଥିଲା। ହେଲେ ମଙ୍ଗଳବାର ଚିତ୍ତରଞ୍ଜନଙ୍କ ବାପା ଓ ଭଉଣୀ ସଞ୍ଜୟଙ୍କ ସହ ମିଶି ଘଟଣାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଦାବି କରି ପୁରୀ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାପରେ ଡିଜିପି ଅଭୟ ଘଟଣାକୁ ଗୁରୁତର ସହ ନେଇ ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶକୁ ସ୍ୱାଗତ କରିଛନ୍ତି। ତଦନ୍ତପରେ ସତ୍ୟତା ପଦାକୁ ଆସିବ ବୋଲି କହିଛନ୍ତି।

**ରାଜଧାନୀରେ ଡିଜେ, ବାଣ ଫୁଟା ଉପରେ କଟକଣା।**






ନାସା ପକ୍ଷରୁ ଜାରି ପାର୍କର ସୋଲାର ପ୍ରୋବ୍ ସ୍ପେସ୍‌କ୍ରାଫ୍ଟ ସୂର୍ଯ୍ୟର ନିକଟବର୍ତ୍ତୀ ହେବାର ପ୍ରତୀକାତ୍ମକ ଚିତ୍ର।

# ସୂର୍ଯ୍ୟ ବାହ୍ୟଭାଗକୁ ଛୁଇଁଲା ନାସା ସ୍ପେସ୍‌କ୍ରାଫ୍ଟ

**ଇତିହାସରେ ପ୍ରଥମ**

**୨୦ ଲକ୍ଷ ଡିଗ୍ରୀ ଫାରେନ୍‌ହାଇଟ ତାପମାତ୍ରା ପାର୍ କଲା**

**ୱାଶିଂଟନ୍, ୧୫।୧୨**

ଏ ପର୍ଯ୍ୟନ୍ତ ଅସମ୍ଭବ ବୋଲି ମନେ କରାଯାଉଥିବା କାମକୁ ସମ୍ଭବ କରି ଦେଖାଇଛି ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସା। ଏହାର ପାର୍କର ସୋଲାର ପ୍ରୋବ୍ ସ୍ପେସ୍‌କ୍ରାଫ୍ଟ ସୂର୍ଯ୍ୟର କୋରୋନା (ସୂର୍ଯ୍ୟର ବାୟୁମଣ୍ଡଳର ବାହ୍ୟଭାଗ)କୁ ଛୁଇଁଥିବା ମଙ୍ଗଳବାର ନାସା ପକ୍ଷରୁ ଘୋଷଣା କରାଯାଇଛି। ସୂର୍ଯ୍ୟ ଚାରିପାଖ ତଥା ବାୟୁମଣ୍ଡଳର ତାପମାତ୍ରା ପ୍ରାୟ ୨୦ ଲକ୍ଷ ଡିଗ୍ରୀ ଫାରେନ୍‌ହାଇଟ ହେବ। ଗତ ଏପ୍ରିଲ ୨୮ରେ ରକେଟ୍‌ଶିପ୍‌ଟି ନିଜ ୮ମ ଯାତ୍ରାରେ ସଫଳତାର ସହ କୋରୋନା ମଧ୍ୟରେ ପ୍ରବେଶ କରିଥିବା ଆମେରିକାର ଜିଓଫିଜିକାଲ୍ ୟୁନିୟନର ଏକ ବୈଠକରେ ନାସାର ବୈଜ୍ଞାନିକମାନେ ସୂଚନା ଦେଇଛନ୍ତି।

ଏହି ଅନୁସନ୍ଧାନର ତଥ୍ୟ ପାଇବାକୁ ଦୀର୍ଘ ସମୟ ଲାଗିଥିଲା। ବାସ୍ତବରେ ସ୍ପେସ୍‌କ୍ରାଫ୍ଟ ସୂର୍ଯ୍ୟ ବାୟୁମଣ୍ଡଳରେ ପ୍ରବେଶ କରିଥିବା ସ୍ପଷ୍ଟ କରିବାକୁ ଆହୁରି କିଛି ଦିନ ଲାଗିଥିଲା। ଏହା ଅତ୍ୟନ୍ତ ଆଶ୍ଚର୍ଯ୍ୟକର ଏବଂ ଉତ୍ସାହଜନକ ବୋଲି ଜନ୍ ହପକିନ୍ସ ୟୁନିଭର୍ସିଟିର ପ୍ରୋଜେକ୍ଟ ସାଇଣ୍ଟିଷ୍ଟ ନୂର ରାଉଫି କହିଛନ୍ତି। ୨୦୧୮ରେ ପାର୍କରକୁ ପଠାଯାଇଥିଲା। ଏହି ସ୍ପେସ୍‌କ୍ରାଫ୍ଟ ସୂର୍ଯ୍ୟ ବାତାବରଣ ଏବଂ ସୌର ପବନ ଅତିକ୍ରମ କଲାବେଳେ ସୂର୍ଯ୍ୟ ମଧ୍ୟଭାଗରୁ ପ୍ରାୟ ୧୩ ନିୟୁତ କିଲୋମିଟର ଦୂରରେ ଥିଲା। କୋରୋନା ମଧ୍ୟକୁ ପାର୍କର ଅନ୍ୟୂନ ୩ ଥର ଯାଇ ଫେରିଛି। ପ୍ରାଥମିକ ତଥ୍ୟରୁ ଜଣାପଡିଛି, ପାର୍କର ଅଗଷ୍ଟରେ ନବମ ଥର କୋରୋନା ମଧ୍ୟକୁ ଯାଇଥିଲା। ଗତ ମାସରେ ମଧ୍ୟ ଏହି ସ୍ପେସ୍‌କ୍ରାଫ୍ଟ ସୂର୍ଯ୍ୟ ନିକଟରୁ ଫେରିଛି। ଆଗକୁ ପାର୍କର ସୂର୍ଯ୍ୟର ଆହୁରି ନିକଟତର ହେବା ଉଦ୍ୟମ ଜାରି ରଖି। ୨୦୨୫ରେ ଏହା କକ୍ଷପଥରେ ପ୍ରବେଶ କରିବ ବୋଲି ଯୋଜନା ରହିଛି। ପାର୍କର ସେକେଣ୍ଡ ପ୍ରତି ୧୦୦ କିଲୋମିଟର ବେଗରେ ଗତି କରି ବହୁ ଦୂରତା ଅତିକ୍ରମ କରିଥିବା ମିଶିଗାନ୍ ୟୁନିଭର୍ସିଟିର ଜଷ୍ଟିନ କାସ୍‌ପର କହିଛନ୍ତି। କୋରୋନା ଆକଳନଠାରୁ ଅଧିକ ଧୂଳିମୟ ବୋଲି ଜଣାପଡ଼ିଥିବା ସେ ପ୍ରକାଶ କରିଛନ୍ତି।

ଭବିଷ୍ୟତରେ ଅଧିକ କୋରୋନା ମିଶନ ବୈଜ୍ଞାନିକମାନଙ୍କୁ ସୌର ଝଡ଼ର ଉତ୍ପତ୍ତି ବିଷୟରେ ବୁଝିବାରେ ସହାୟକ ହେବ। କିପରି ଏହା ଏତେ ଉତ୍ତପ୍ତ ଏବଂ ମହାକାଶରେ ବ୍ୟାପେ ତାହା ମଧ୍ୟ ଜଣାପଡ଼ିବ। ସୂର୍ଯ୍ୟର କୌଣସି କଠିନ ପୃଷ୍ଠ ନ ଥାଏ। କୋରାନାରେ ହିଁ ଅଧିକାଂଶ ପ୍ରକ୍ରିୟା ହୋଇଥାଏ। ଗମ୍ଭୀର ଚୁମ୍ବକୀୟ କ୍ଷେତ୍ରକୁ ଭଲ ଭାବେ ବୁଝିବା ଦ୍ୱାରା ବୈଜ୍ଞାନିକମାନେ ସୋଲାର ଏକ୍ସପ୍ଲୋଜନକୁ ମଧ୍ୟ ଜାଣିପାରିବେ। ଏହା ଦ୍ୱାରା ଦୀର୍ଘଦିନ ଧରି ରହସ୍ୟମୟ ହୋଇରହିଥିବା ସୋଲାର ସିଷ୍ଟମ ବାବଦରେ ଜଣାପଡ଼ିବ ବୋଲି ବୈଜ୍ଞାନିକମାନେ ଆଶା ପ୍ରକାଶ କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୬ ଡିସେମ୍ବର, ୨୦୨୧

**କୋଲକାତା ଦୁର୍ଗାପୂଜାକୁ ୟୁନେସ୍କୋର ଐତିହ୍ୟ ମାନ୍ୟତା**

କୋଲକାତାର ପ୍ରସିଦ୍ଧ ଦୁର୍ଗାପୂଜାକୁ ୟୁନେସ୍କୋ ପକ୍ଷରୁ ବିଶ୍ୱ ଐତିହ୍ୟ ମାନ୍ୟତା ପ୍ରଦାନ କରାଯାଇଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୟୁନେସ୍କୋକୁ ପ୍ରଶଂସା କରିଛନ୍ତି। ଏହା ସବୁ ଭାରତୀୟଙ୍କ ପାଇଁ ଗର୍ବ ଓ ଆନନ୍ଦର ଦିନ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହାକୁ ପଶ୍ଚିମବଙ୍ଗ ପାଇଁ ଗର୍ବର ମୁହୂର୍ତ୍ତ ବୋଲି କହିଛନ୍ତି।



**ସଂକ୍ଷେପରେ**

## ହାସିନାଙ୍କୁ ଭେଟିଲେ ରାଷ୍ଟ୍ରପତି



**ଢାକା, ୧୫।୧୨:** ବାଂଲାଦେଶର ୫୦ତମ ବିଜୟ ଦିବସ ପାଳନ ଅବସରରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବୁଧବାର ୩ ଦିନିଆ ଢାକା ଗସ୍ତ କରିଛନ୍ତି। ସେ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କୁ ଭେଟିଛନ୍ତି। ଭାରତ-ବାଂଲାଦେଶ କୂଟନୈତିକ ସମ୍ପର୍କର ୫୦ ବର୍ଷ ପୂର୍ତ୍ତି ଅବସରରେ ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସହଯୋଗ ଉପରେ କୋବିନ୍ଦ ଆଲୋଚନା କରିଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବାଂଲାଦେଶ ବହିର୍ବ୍ୟାପାର ମନ୍ତ୍ରୀ ଡ. ଏ. କେ. ଅବଦୁଲ୍‌ଙ୍କୁ ରାଷ୍ଟ୍ରପତି ଭେଟିବା ସହ ଆଗାମୀ ଜଏଣ୍ଟ ପ୍ରୋଜେକ୍ଟ ଉପରେ ମଧ୍ୟ ଆଲୋଚନା କରିଛନ୍ତି। କୋଭିଡ୍ ମହାମାରୀ ପରେ ରାଷ୍ଟ୍ରପତି ପ୍ରଥମ ଥର ପାଇଁ ବାଂଲାଦେଶ ଯାଇଛନ୍ତି। ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧ ପରେ ଡିସେମ୍ବର ୧୬ରେ ବାଂଲାଦେଶ ସ୍ୱତନ୍ତ୍ର ଦେଶ ହୋଇଥିଲା। ଏହି ଦିନକୁ ମନେପକାଇବା ପାଇଁ ଉଭୟ ଦେଶ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରିଛନ୍ତି।

## କେନାଲରେ ବସ୍ ଖସି ୯ ମୃତ

**ପଶ୍ଚିମ ଗୋଦାବରୀ, ୧୫।୧୨:** ଆନ୍ଧ୍ରପ୍ରଦେଶର ପଶ୍ଚିମ ଗୋଦାବରୀ ଜିଲାରେ ବୁଧବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୫ ମହିଳାଙ୍କ ସମେତ ୯ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ଆନ୍ଧ୍ରପ୍ରଦେଶ ରାଜ୍ୟ ପରିବହନ ନିଗମର ଏକ ବସ୍ ଭାରସାମ୍ୟ ହରାଇ ଜାଲେରୁ ୱାଗୁ କେନାଲ ମଧ୍ୟକୁ ଖସିପଡ଼ିଥିଲା। ଅଶ୍ୱରଓପେଟାରୁ ଜଙ୍ଗାରେଡ୍ଡୀଗୁଡେମ୍ ଯାଉଥିବା ଉକ୍ତ ବସ୍‌ରେ ୪୭ ଜଣ ଯାତ୍ରୀ ଥିଲେ। ଦୁର୍ଘଟଣାରେ ଡ୍ରାଇଭର ମଧ୍ୟ ପ୍ରାଣ ହରାଇଛନ୍ତି। ମର୍ମନ୍ତୁଦ ଦୁର୍ଘଟଣାରେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଦୁଃଖପ୍ରକାଶ କରିବା ସହ ଆହତମାନଙ୍କୁ ତୁରନ୍ତ ଚିକିତ୍ସା ସହାୟତା ଯୋଗାଇ ଦେବାକୁ ଜିଲା ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହିତ ସେ ମୃତକଙ୍କ ପରିବାର ସଦସ୍ୟମାନଙ୍କୁ ସମବେଦନା ଜଣାଇଛନ୍ତି।

## ହିଜବୁଲ୍ ଆତଙ୍କବାଦୀ ନିହତ

**ଶ୍ରୀନଗର, ୧୫।୧୨:** ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଜିଲାରେ ବୁଧବାର ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ହିଜବୁଲ୍ ମୁଜାହିଦିନ୍‌ର ଜଣେ ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ ନିହତ ହୋଇଛନ୍ତି। ପୋଲିସ ଓ ସେନା ଯବାନଙ୍କ ପକ୍ଷରୁ ମିଳିତ ତଲାସି ଅଭିଯାନ ବେଳେ ଏହି ଏନ୍‌କାଉଣ୍ଟର ହୋଇଥିଲା। ମୃତ ଆତଙ୍କବାଦୀ ଫିରୋଜ ଅହମ୍ମଦ ଦର୍ ୨୦୧୮ରେ ସୋପିଆନ୍‌ର ଜୈନାପୋରା ଆକ୍ରମଣ ସହ ଅନେକ ଅପରାଧରେ ସାମିଲ ଥିଲେ। ପୁଲ୍‌ୱାମାର ଉଜ୍ରମପଥ୍ରୀ ଗ୍ରାମରେ ଆତଙ୍କବାଦୀ ଆତ୍ମଗୋପନ କରିଥିବା ନିର୍ଦ୍ଦିଷ୍ଟ ସୂଚନା ପାଇ ସୁରକ୍ଷା ବଳ ମଙ୍ଗଳବାର ରାତିରେ ଉକ୍ତ ଗ୍ରାମକୁ ଚାରିପଟୁ ଘେରି ତଲାସି ଆରମ୍ଭ କରିଥିଲା। ଆତଙ୍କବାଦୀଙ୍କୁ ଆତ୍ମସମର୍ପଣ ପାଇଁ ସୁରକ୍ଷା ବଳ ସୁଯୋଗ ଦେବା ସତ୍ତ୍ୱେ ସେ ଗୁଳି ଚଳାଇବାରୁ ଯବାନମାନେ ଏହାର ପାଲଟା ଜବାବ ଦେଇଥିଲେ ବୋଲି ପୋଲିସ କହିଛି।

## ଓବିସିଙ୍କ ପାଇଁ ସଂରକ୍ଷିତ ୨୭% ସିଟ୍‌କୁ ସାଧାରଣ ବର୍ଗ କର

**ମହାରାଷ୍ଟ୍ର ସିଇସିଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

**ନୂଆଦିଲ୍ଲୀ, ୧୫।୧୨:** ମହାରାଷ୍ଟ୍ର ପୌର ନିର୍ବାଚନରେ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି)ଙ୍କ ପାଇଁ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ରଖାଯାଇଥିଲା। ଏହାକୁ ସାଧାରଣ ବର୍ଗ ଭାବେ ବିଜ୍ଞପ୍ତି ପ୍ରକାଶ କରିବାକୁ ସୁପ୍ରିମକୋର୍ଟ ବୁଧବାର ମହାରାଷ୍ଟ୍ର ରାଜ୍ୟ ନିର୍ବାଚନ କମିଶନ (ଏସ୍‌ଇସି)କୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ୬ ତାରିଖରେ ସର୍ବୋଚ୍ଚ ଅଦାଲତ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ପୌର ନିର୍ବାଚନ ପ୍ରକ୍ରିୟା ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଏବେ ଓବିସିଙ୍କ ପାଇଁ ସଂରକ୍ଷିତ ଆସନକୁ ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ କରିବା ସହ ନିର୍ବାଚନ ପ୍ରକ୍ରିୟା ଆଗେଇବାକୁ ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକର ଏବଂ ସି.ଟି. ରବିକୁମାରଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଗତ ସପ୍ତାହର ନିର୍ଦ୍ଦେଶନାମାରେ ପରିବର୍ତ୍ତନ ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଆବେଦନ କରାଯାଇଥିଲା।

# ଡେଲ୍‌ଟାକୁ ଟପିବ ଓମିକ୍ରନ୍ ସଂକ୍ରମଣ

**ନୂଆଦିଲ୍ଲୀ, ୧୫।୧୨**

ଆସନ୍ତାବର୍ଷ ଜାନୁୟାରୀ-ଫେବୃୟାରୀ ବେଳକୁ କୋଭିଡ୍-୧୯ର ଓମିକ୍ରନ୍ ଭାରିଆଣ୍ଟ ସଂକ୍ରମଣ ଭାରତରେ ଶୀର୍ଷ ଛୁଇଁପାରେ। ସେତେବେଳକୁ ଏହା ଡେଲ୍ଟା ଭାରିଆଣ୍ଟର ସଂକ୍ରମଣକୁ ଟପିଯିବ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଡେଲ୍ଟା ଭାରିଆଣ୍ଟ ଯୋଗୁ ଚଳିତ ବର୍ଷ କୋଭିଡ୍‌ର ଦ୍ୱିତୀୟ ଲହର ଆସିଥିଲା। ଏବେ ବି ବିଭିନ୍ନ ଦେଶରେ ଡେଲ୍ଟା ସଂକ୍ରମଣ ଜାରି ରହିଛି। ତେବେ ଓମିକ୍ରନ୍ ସଂକ୍ରମଣ ଗୁରୁତର ନ ହୋଇ ସାଧାରଣ ରହିପାରେ ବୋଲି ମଡେଲିଂ ଅଧ୍ୟୟନରୁ ଜଣାପଡ଼ିଛି। ସେଥିପାଇଁ ନୂଆ ଭାରିଆଣ୍ଟକୁ ନେଇ ଭୟ କରିବାର କାରଣ ନାହିଁ ବୋଲି କୁହାଯାଇଛି। ନିର୍ଦ୍ଦିଷ୍ଟ ଅଞ୍ଚଳରେ ଏହା ସଂକ୍ରମଣ ହାର ଯଥେଷ୍ଟ ଅଧିକ ରହିବ କିନ୍ତୁ ଏହା କାହାକୁ ଗୁରୁତର କରିବ ନାହିଁ। ଓମିକ୍ରନ୍ ଭାରିଆଣ୍ଟ ଅଭୂତପୂର୍ବ ହାରରେ ସଂକ୍ରମିତ ହେଉଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ସୁଦ୍ଧା ଯଦିଓ ୭୭ ଦେଶରେ ଓମିକ୍ରନ ସଂକ୍ରମଣ ଚିହ୍ନଟ ହୋଇଥିବା ରିପୋର୍ଟ ମିଳିଛି, ତେବେ ଏହି ଭାରିଆଣ୍ଟ ଅନେକ ଦେଶକୁ ମାଡ଼ିସାରିଲାଣି ବୋଲି ଡବ୍ଲ୍ୟୁଏଚ୍‌ଓ କହିଛି। ଆଗାମୀ ଦୁଇ ମାସରେ ଭାରତରେ ଓମିକ୍ରନ୍ ସଂକ୍ରମଣ ଯଥେଷ୍ଟ ବଢ଼ିବା ଆଶଙ୍କା କରାଯାଉଛି। ତେଣୁ ସମସ୍ତଙ୍କୁ କୋଭିଡ୍ ଟିକାର ଡବଲ୍ ଡୋଜ୍ ଦେବା ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିସହିତ ସଂକ୍ରମଣ ବଢୁଥିବା ଅଞ୍ଚଳରେ କଣ୍ଟେନ୍‌ମେଣ୍ଟ କଟକଣା ଲଗାଇବା ପାଇଁ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଛନ୍ତି।



## ଭାରତରେ ଆକ୍ରାନ୍ତ ସଂଖ୍ୟା ୭୩କୁ ବୃଦ୍ଧି

**ନୂଆଦିଲ୍ଲୀ, ୧୫।୧୨**

ଭାରତରେ ଓମିକ୍ରନ୍ ଆକ୍ରାନ୍ତଙ୍କ ସଂଖ୍ୟା ବୁଧବାର ୭୩ରେ ପହଞ୍ଚିଛି। ମହାରାଷ୍ଟ୍ରରେ ସର୍ବାଧିକ ୩୨ ଜଣ ନୂଆ ଭାରିଆଣ୍ଟରେ ସଂକ୍ରମିତ ହୋଇଥିବାବେଳେ ରାଜସ୍ଥାନରେ ୧୭ ଆକ୍ରାନ୍ତ ହୋଇଛନ୍ତି। ଏହା ବ୍ୟତୀତ କର୍ଣ୍ଣାଟକରେ ୩, ଗୁଜରାଟରେ ୪, ଆନ୍ଧ୍ରପ୍ରଦେଶରେ ଜଣେ, ତାମିଲନାଡୁରେ ଜଣେ, ଦିଲ୍ଲୀରେ ୬ ଏବଂ ଚଣ୍ଡିଗଡ଼ରେ ଜଣେ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ବୁଧବାର ପଶ୍ଚିମବଙ୍ଗରେ ୧, ତେଲଙ୍ଗାନାରେ ୨ ଏବଂ କେରଳରେ ଆଉ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କେରଳ ସଂକ୍ରମିତଙ୍କ ସ୍ତ୍ରୀ ଓ ଶାଶୁଙ୍କଠାରେ ଏହି ଭାରିଆଣ୍ଟ ଦେଖାଦେଇଛି। ଅନ୍ୟ ଦୁଇଜଣ ବ୍ରିଟେନ୍ ଓ କଙ୍ଗୋ ଫେରନ୍ତା ବୋଲି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ଦେଶରେ ପ୍ରଥମ ସଂକ୍ରମଣ ବେଙ୍ଗାଲୁରୁରେ ଦେଖାଯାଇଥିଲା।

ପଡୋଶୀ ଆନ୍ଧ୍ରପ୍ରଦେଶ ପରେ ଏବେ ପଶ୍ଚିମବଙ୍ଗ ଏବଂ ତେଲଙ୍ଗାନାରେ ଓମିକ୍ରନ୍ ସଂକ୍ରମଣ ଦେଖାଦେଇଥିବାରୁ ଓଡ଼ିଶା ସରକାରଙ୍କ ଚିନ୍ତା ବଢ଼ିଯାଇଛି। ପଶ୍ଚିମବଙ୍ଗରେ ପ୍ରଥମ ଥର ପାଇଁ ଜଣେ ୭ ବର୍ଷର ବାଳକ ଓମିକ୍ରନ୍ ଆକ୍ରାନ୍ତ ହୋଇଛନ୍ତି। ସେ ଆବୁଧାବିରୁ ଫେରିଥିଲେ। ହାଇଦ୍ରାବାଦର ଶାମଶାବାଦସ୍ଥିତ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିବା ଅନ୍ୟ ୨ ଜଣ ମଧ୍ୟ ଓମିକ୍ରନ୍ ସଂକ୍ରମିତ ଥିବା ଜଣାପଡ଼ିଛି। ଜଣେ ୨୪ ବର୍ଷୀୟା ମହିଳା କେନିଆରୁ ଏବଂ ୨୩ ବର୍ଷୀୟ ପୁରୁଷ ସୋମାଲିଆରୁ ଆସିଥିଲେ। ସେମାନଙ୍କ ସଂସ୍ପର୍ଶରେ ଆସିଥିବା ଅନ୍ୟ ଯାତ୍ରୀମାନଙ୍କୁ ଖୋଜାଯାଉଛି।



## ଆମେରିକାରେ ୮ ଲକ୍ଷ ଟପିଲା କୋଭିଡ୍ ମୃତ୍ୟୁ

**ୱାଶିଂଟନ, ୧୫।୧୨**

ଆମେରିକାରେ କରୋନାଜନିତ ମୃତ୍ୟୁସଂଖ୍ୟା ୮ ଲକ୍ଷ ଅତିକ୍ରମ କରିଛି। ଏହା ବିଶ୍ୱରେ ମୋଟ କରୋନା ମୃତ୍ୟୁସଂଖ୍ୟାର ୧୫ ପ୍ରତିଶତରୁ ଅଧିକ। ଆମେରିକାରେ ମହାମାରୀରେ ପ୍ରାଣ ହରାଇଥିବା ୭୫ ପ୍ରତିଶତଙ୍କ ବୟସ ୬୫ ବର୍ଷରୁ ଅଧିକ। ଏହି ବୟସବର୍ଗର ପ୍ରତି ୧୦୦ ଜଣରେ ଜଣକର କୋଭିଡ୍‌ରେ ମୃତ୍ୟୁ ହୋଇଥିବା ଏକ ରିପୋର୍ଟରେ କୁହାଯାଇଛି। ଗତ ଅକ୍ଟୋବରରେ ଆମେରିକାରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ମହାମାରୀରେ ପ୍ରାଣ ହରାଇଥିଲେ। ଏବେ ଦୈନିକ ହାରାହାରି ମୃତ୍ୟୁସଂଖ୍ୟା ୧,୦୦୦ରୁ ଅଧିକ ରହିଛି। ସାରା ବିଶ୍ୱରେ କରୋନା ୫୩ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ନେଇଛି। ମୃତ୍ୟୁସଂଖ୍ୟାରେ ଆମେରିକା ପ୍ରଥମ ସ୍ଥାନରେ ଥିବାବେଳେ ବ୍ରାଜିଲ ଦ୍ୱିତୀୟ ଓ ଭାରତ ତୃତୀୟ ସ୍ଥାନରେ ରହିଛି। ବ୍ରାଜିଲରେ ୬ ଲକ୍ଷରୁ ଅଧିକ ଲୋକଙ୍କର ମହାମାରୀରେ ଜୀବନ ଯାଇଥିବାବେଳେ ଭାରତରେ ମୃତ୍ୟୁସଂଖ୍ୟା ୪.୭୫ ଲକ୍ଷ ଟପିଛି। ଆମେରିକାରେ ମୋଟ ସଂକ୍ରମଣ ୫ କୋଟି ଟପିଥିବା ଜଣାପଡ଼ିଛି। ଏବେ ସେଠାରେ ଓମିକ୍ରନ୍ ସଂକ୍ରମଣ ନୂଆ ମାମଲାର ୨.୯ ପ୍ରତିଶତ ବୋଲି ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନଶନ (ସିଡିସି) ପକ୍ଷରୁ କୁହାଯାଇଛି।

**ହାଇକୋର୍ଟ ଆଦେଶ ବିରୋଧରେ କୁନ୍ଦ୍ରାଙ୍କ ଆବେଦନ**

## ମହାରାଷ୍ଟ୍ର ସରକାରଙ୍କୁ ସୁପ୍ରିମକୋର୍ଟ ନୋଟିସ

**ନୂଆଦିଲ୍ଲୀ, ୧୫।୧୨**

ପର୍ନ ଫିଲ୍ମ ମାମଲାରେ ବମ୍ବେ ହାଇକୋର୍ଟଙ୍କ ଆଦେଶ ବିରୋଧରେ ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କ ସ୍ୱାମୀ ତଥା ବ୍ୟବସାୟୀ ରାଜ କୁନ୍ଦ୍ରାଙ୍କ ଆବେଦନକୁ ନେଇ ସୁପ୍ରିମକୋର୍ଟ ବୁଧବାର ମହାରାଷ୍ଟ୍ର ସରକାରଙ୍କୁ ଜବାବ ମାଗିଛନ୍ତି। ଜଷ୍ଟିସ୍ ବିନୀତ ସରନ, ଅନିରୁଦ୍ଧ ବୋଷଙ୍କୁ ନେଇ ଗଠିତ ଖଣ୍ଡପୀଠ ମହାରାଷ୍ଟ୍ର ସରକାରଙ୍କୁ ନୋଟିସ ପଠାଇଛନ୍ତି। ମୁମ୍ବାଇ ପୋଲିସର ସାଇବର ସେଲ୍ ଦ୍ୱାରା ଦିଆଯାଇଥିବା ଏଫ୍‌ଆଇଆର୍ ସମ୍ପର୍କରେ ୪ ସପ୍ତାହ ମଧ୍ୟରେ ଜବାବ ରଖିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଗତ ଜୁଲାଇରେ କୁନ୍ଦ୍ରା ମୋବାଇଲ ଆପ୍ଲିକେଶନ ଜରିଆରେ ଅଶ୍ଳୀଳ ଫିଲ୍ମ ଉପଲବ୍ଧ କରାଉଥିବା ଅଭିଯୋଗ ଆସିଥିଲା। କୁନ୍ଦ୍ରା ପ୍ରଥମେ ସେସନ୍ସ କୋର୍ଟରେ ଅନ୍ତରୀଣ ଜାମିନ ପାଇଁ ଆବେଦନ କରିଥିଲେ। ଏହା ନାମଞ୍ଜୁର ହେବାରୁ ସେ ବମ୍ବେ ହାଇକୋର୍ଟ ଯାଇଥିଲେ। ହାଇକୋର୍ଟ ମଧ୍ୟ ଆଗୁଆ ଜାମିନ ଦେବାକୁ ମନା କରିଦେଇଥିଲେ। ପରେ ମୁମ୍ବାଇ ପୋଲିସ ତାଙ୍କୁ ଗିରଫ କରିଥିଲା। ସେପ୍ଟେମ୍ବରରେ ତାଙ୍କୁ ଜାମିନ ମିଳିଥିଲା।

## ୩୮୩ ଦିନ ପରେ ଘରକୁ ଫେରିଲେ ଟିକାଏତ୍



ଘରକୁ ଫେରିବା ପୂର୍ବରୁ ଚାଷୀମାନେ ଗାଜିପୁର ସୀମା ଆନ୍ଦୋଳନ ସ୍ଥଳକୁ ମୁଣ୍ଡିଆ ମାରୁଛନ୍ତି।

**ଗାଜିଆବାଦ, ୧୫।୧୨**

କୃଷକ ନେତା ରାକେଶ ଟିକାଏତ୍ ଓ ତାଙ୍କ ସମର୍ଥକମାନେ ଦିଲ୍ଲୀର ଗାଜିପୁର ସୀମାରୁ ବୁଧବାର ଘରକୁ ଫେରିଛନ୍ତି। କୃଷି ଆଇନ ବିରୋଧରେ ଆନ୍ଦୋଳନ ଚଳାଇଥିବା ଚାଷୀ ଗତବର୍ଷ ନଭେମ୍ବର ୨୬ରୁ ଦିଲ୍ଲୀ ସୀମାରେ ବସିରହିଥିଲେ। ଶେଷରେ ଚାଷୀଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇ କେନ୍ଦ୍ର ସରକାର ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର କରିନେଇଥିଲେ। ୩୮୩ ଦିନ ପରେ ଟିକାଏତ୍ ଓ ଅନ୍ୟ ଚାଷୀନେତାମାନେ ବୁଧବାର ଘରକୁ ଫେରିଛନ୍ତି। ଭାରତୀୟ କିଷାନ ୟୁନିୟନ (ବିକେୟୁ) ନେତା ଟିକାଏତ୍ ଓ ତାଙ୍କ ସମର୍ଥକମାନେ ଫେରୁଥିବାବେଳେ ସେମାନଙ୍କୁ ବିଭିନ୍ନ ସ୍ଥାନରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଦିଲ୍ଲୀ-ମିରଟ ଏକ୍ସପ୍ରେସ୍‌ୱେର ୟୁପି ଗେଟ୍ ନିକଟରେ ବୁଧବାର ସକାଳେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଦିଲ୍ଲୀ ସୀମାରେ ୧୩ ମାସର ସଂଘର୍ଷ ପରେ ଘରକୁ ଫେରୁଛୁ। ଦେଶର ନାଗରିକମାନଙ୍କୁ ହୃଦୟଭରା ଧନ୍ୟବାଦ ବୋଲି ଟିକାଏତ୍ ଟୁଇଟ୍ କରିଛନ୍ତି।

## ଗ୍ରୁପ୍ କ୍ୟାପ୍‌ଟେନ୍ ବରୁଣ ସିଂଙ୍କ ପରଲୋକ

**ବେଙ୍ଗାଲୁରୁ, ୧୫।୧୨**

ବାୟୁସେନା ହେଲିକପ୍ଟର ଏମ୍‌ଆଇ-୧୭ଭି୫ ଦୁର୍ଘଟଣାରେ ଏକମାତ୍ର ଜୀବିତ ଥିବା ଗ୍ରୁପ୍ କ୍ୟାପଟେନ୍ ବରୁଣ ସିଂଙ୍କର ବୁଧବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ଡିସେମ୍ବର ୮ରେ ଭାରତର ପ୍ରଥମ ସିଡିଏସ୍ (ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ) ଜେନେରାଲ ବିପିନ ରାୱତ, ତାଙ୍କ ସ୍ତ୍ରୀଙ୍କ ସମେତ ୧୪ ଜଣଙ୍କୁ ନେଇ ଯାଇଥିବା ବାୟୁସେନା ହେଲିକପ୍ଟର ତାମିଲନାଡୁର କୁନ୍ନୁର ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ସିଡିଏସ୍‌ଙ୍କ ସମେତ ୧୩ ଜଣଙ୍କର ମୃତ୍ୟୁ ଘଟିଥିଲା। ଗୁରୁତର ଆହତ ବରୁଣଙ୍କୁ ୱେଲିଙ୍ଗଟନ୍ ମିଲିଟାରି ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ପରେ ୯ ତାରିଖରେ ବେଙ୍ଗାଲୁରୁସ୍ଥିତ କମାଣ୍ଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ବୁଧବାର ସକାଳେ ହସ୍ପିଟାଲରେ ତାଙ୍କର ପରଲୋକ ହୋଇଯାଇଥିବା ବାୟୁସେନା ପକ୍ଷରୁ କୁହାଯାଇଛି। ତାଙ୍କୁ ଗତ ଅଗଷ୍ଟରେ ତୃତୀୟ ସର୍ବୋଚ୍ଚ ସାମରିକ ସମ୍ମାନ ଶୌର୍ଯ୍ୟଚକ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଜଣେ ଶ୍ରେଷ୍ଠ ଟେଷ୍ଟ ପାଇଲଟ ଭାବେ ଜଣାଶୁଣା ୩୯ ବର୍ଷୀୟ ଗ୍ରୁପ୍ କ୍ୟାପଟେନଙ୍କର ସ୍ତ୍ରୀ, ୧୧ ବର୍ଷର ପୁଅ ଏବଂ ୮ ବର୍ଷର ଝିଅ ଅଛନ୍ତି। ତାଙ୍କ ବାପା ଅବସରପ୍ରାପ୍ତ କଲୋନେଲ କେ.ପି.ସିଂ ଆର୍ମି ଏୟାର ଡିଫେନ୍ସ ଭାବେ କାର୍ଯ୍ୟ କରିଥିଲେ। ବରୁଣଙ୍କ ଘର ଉତ୍ତରପ୍ରଦେଶର ଗାଜିପୁର ହୋଇଥିବାବେଳେ ସେ ଏବେ ତାଙ୍କ ପରିବାର ଭୋପାଳରେ ରହୁଛନ୍ତି। ବରୁଣଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଶୋକବ୍ୟକ୍ତ କରିଛନ୍ତି। ଗର୍ବ, ପରାକ୍ରମ ଓ ଅତ୍ୟନ୍ତ ପେସାଦାରିତାର ସହ ସେ ଦେଶସେବାରେ ନିୟୋଜିତ ଥିଲେ। ତାଙ୍କର ସେବାକୁ ଦେଶ କଦାପି ଭୁଲିପାରିବ ନାହିଁ। ଗ୍ରୁପ୍ କ୍ୟାପ୍‌ଟେନଙ୍କ ପରଲୋକରେ ମର୍ମାହତ ବୋଲି ମୋଦି ଟୁଇଟ୍ କରିବା ସହ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।



ବାୟୁସେନା ହେଲିକପ୍ଟର ଦୁର୍ଘଟଣାରେ ଆହତ ହୋଇଥିଲେ

## ଏନ୍‌ସିବି ଅଫିସ୍‌ରେ ହାଜିରା ଦେବେନି ଆର୍ଯ୍ୟନ

**ମୁମ୍ବାଇ, ୧୫।୧୨**

ବଲିଉଡ୍ ଷ୍ଟାର ଶାହରୁଖ ଖାନ୍‌ଙ୍କ ପୁଅ ଆର୍ଯ୍ୟନ ଖାନ୍‌ଙ୍କୁ ଜାମିନ ସର୍ତ୍ତ ଅନୁଯାୟୀ ଆଉ ମୁମ୍ବାଇର ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଅଫିସରେ ପ୍ରତି ଶୁକ୍ରବାର ହାଜିରା ଦେବାକୁ ପଡ଼ିବ ନାହିଁ। ବମ୍ବେ ହାଇକୋର୍ଟରୁ ତାଙ୍କୁ ଆଶ୍ୱସ୍ତି ମିଳିଛି। କ୍ରୁଜ୍ ଜାହାଜରେ ରେଭ୍ ପାର୍ଟି ବେଳେ ଡ୍ରଗ୍ସ ସହ ଏନ୍‌ସିବି ତାଙ୍କୁ ଗିରଫ କରିଥିଲା। ଜାମିନ ପ୍ରଦାନ ବେଳେ ପ୍ରତି ସପ୍ତାହର ଶୁକ୍ରବାର ଏନ୍‌ସିବି ଅଫିସରେ ହାଜର ହେବାକୁ ସର୍ତ୍ତ ରଖାଯାଇଥିଲା। ସର୍ତ୍ତାବଳୀ କୋହଳ କରିବା ପାଇଁ ଆର୍ଯ୍ୟନ ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସର୍ତ୍ତାବଳୀରେ ସଂଶୋଧନ କରାଯାଇଥିବା ବିଚାରପତି ଏନ୍.ଡବ୍ଲ୍ୟୁ. ସାମ୍ବ୍ରେଙ୍କ ଖଣ୍ଡପୀଠ କହିଛନ୍ତି। କେବଳ ଦିଲ୍ଲୀ ଏନ୍‌ସିବି କାର୍ଯ୍ୟାଳୟ ନିର୍ଦ୍ଦେଶ ଦେଲେ ଆର୍ଯ୍ୟନ ହାଜର ହେବେ। ଏଥିପାଇଁ ୭୨ ଘଣ୍ଟା ପୂର୍ବରୁ ଏନ୍‌ସିବି ତାଙ୍କୁ ନୋଟିସ କରିବାକୁ ପଡ଼ିବ। ସେହିପରି ଆର୍ଯ୍ୟନ ମୁମ୍ବାଇ ବାହାରକୁ ଯିବାକୁ ହେଲେ ପ୍ରତିଥର ଏନ୍‌ସିବିରେ ଯାତାୟାତର ବିବରଣୀ ଦାଖଲ କରିବାକୁ କୁହାଯାଇଥିଲା। ଉକ୍ତ ସର୍ତ୍ତରେ ମଧ୍ୟ ସଂଶୋଧନ କରାଯାଇଛି। ବୟାନ ରେକର୍ଡ ପାଇଁ ଦିଲ୍ଲୀ ଯିବାକୁ ହେଲେ ତାଙ୍କୁ ଯାତ୍ରା ବିବରଣୀ ଦେବାକୁ ପଡ଼ିବ ନାହିଁ।



**ବମ୍ବେ ହାଇକୋର୍ଟରୁ ମିଳିଲା ଆଶ୍ୱସ୍ତି**

## ବାଇପୋଲାର ଡିଜ୍‌ଅର୍ଡର ବ୍ୟକ୍ତି ହେବେ ବିଚାରପତି

**ନୂଆଦିଲ୍ଲୀ, ୧୫।୧୨**

ବାଇପୋଲାର ଡିଜ୍‌ଅର୍ଡର (ସଙ୍ଗେ ସଙ୍ଗେ ମନ ବଦଳାଇ ଦେଉଥିବା ଏକ ପ୍ରକାର ମାନସିକ ରୋଗ) ଥିବା ଜଣେ ବ୍ୟକ୍ତି ଦିଲ୍ଲୀ ନ୍ୟାୟିକ ସେବାରେ ବିଚାରପତି ହୋଇପାରିବେ। ତାଙ୍କୁ ନ୍ୟାୟିକ ଅଧିକାରୀ ପଦବୀରେ ଦାୟିତ୍ୱ ତୁଲାଇବାକୁ ଅସମର୍ଥ କୁହାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଦିଲ୍ଲୀର ତଳକୋର୍ଟରେ ନ୍ୟାୟିକ ଅଧିକାରୀ ପଦ ପାଇଁ ଜଣେ ଆବେଦନକାରୀ ୨୦୧୮ରେ ଦିବ୍ୟାଙ୍ଗ କୋଟାରେ ଆବେଦନ କରିଥିଲେ। ମାନସିକ ଅସୁସ୍ଥତା ବର୍ଗରେ ଏକମାତ୍ର ଆବେଦନକାରୀ ଭାବେ ତାଙ୍କୁ ଚୟନ କରାଯାଇଥିଲା। ତେବେ ସେ ଦିବ୍ୟାଙ୍ଗ ହୋଇଥିବାରୁ ନ୍ୟାୟିକ କାର୍ଯ୍ୟ କରିପାରିବେନି ବୋଲି କହି ତାଙ୍କ ନିଯୁକ୍ତିକୁ ଚ୍ୟାଲେଞ୍ଜ କରାଯାଇଥିଲା। ଏଥିସହ ସେ ଚିକିତ୍ସାଧୀନ ଥିବାରୁ ତାଙ୍କୁ ଦିବ୍ୟାଙ୍ଗ ବୋଲି ମଧ୍ୟ ବିବେଚନା କରାଯିବ ନାହିଁ ବୋଲି ଆବେଦନକାରୀ କହିଥିଲେ।

# ମାଲ୍ଟାରେ ଗଞ୍ଜେଇ ବୈଧ

**ଭାଲେଟ୍ଟା, ୧୫।୧୨**

ପ୍ରଥମ ୟୁରୋପୀୟ ଦେଶ ଭାବେ ମାଲ୍ଟା ଗଞ୍ଜେଇକୁ ବ୍ୟକ୍ତିଗତ ଭାବେ ବ୍ୟବହାର ନିମନ୍ତେ ଅନୁମତି ଦେଇଛି। ଏଥିସହ ଲୋକେ ସୀମିତ ଭାବେ ଗଞ୍ଜେଇ ଗଛ ଲଗାଇ ପାରିବେ ବୋଲି ମଙ୍ଗଳବାର ପାର୍ଲାମେଣ୍ଟରେ ବିଲ୍ ପାରିତ ହୋଇଛି। ନୂଆ ଆଇନ ଅନୁସାରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତି ନିଜ ପାଖରେ ୭ ଗ୍ରାମ ପର୍ଯ୍ୟନ୍ତ ଗଞ୍ଜେଇ ରଖିପାରିବେ ଏବଂ ଘରେ ସର୍ବାଧିକ ୪ଟି ଗଛ ଲଗାଇପାରିବେ। ଏଥିସହ ଏହାକୁ ଔଷଧ ତିଆରିରେ ବ୍ୟବହାର ନିମନ୍ତେ କେତେକ ଅଣ-ଲାଭକାରୀ ସଂଗଠନକୁ ମଧ୍ୟ ଅନୁମତି ଦିଆଯାଇଛି। ଗତ ଅକ୍ଟୋବରରେ ଲକ୍‌ସେମ୍ବର୍ଗ ସମାନ ଆଇନ ଆଣିବା ନିମନ୍ତେ ଯୋଜନା କରିଥିଲା। କିନ୍ତୁ ଏ ପର୍ଯ୍ୟନ୍ତ ଏହା ପାର୍ଲାମେଣ୍ଟରୁ ସବୁଜ ସଙ୍କେତ ଲାଭ କରିପାରିନାହିଁ।

ସର୍ବସାଧାରଣରେ ଗଞ୍ଜେଇ ବ୍ୟବହାର ଉପରେ ମାଲ୍ଟା ସରକାର ରୋକ ଲଗାଇଛନ୍ତି। କେହି ପବ୍ଲିକ ସ୍ଥାନରେ କିମ୍ବା ଛୋଟ ପିଲାଙ୍କ ସମ୍ମୁଖରେ ଗଞ୍ଜେଇ ଟାଣୁଥିବା ଧରାପଡ଼ିଲେ ୨୬ ହଜାରରୁ ୪୩ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିବ। ଔଷଧୀୟ ଗଞ୍ଜେଇ ଉତ୍ପାଦନରେ ୟୁରୋପୀୟ ଦେଶ ଭାବେ ମାଲ୍ଟା ଆଗରେ ରହିବାକୁ ଚେଷ୍ଟା କରିଆସିଛି। ୨୦୧୮ରେ ଏହା ଔଷଧ ପ୍ରସ୍ତୁତି ଏବଂ ଗବେଷଣା ନିମନ୍ତେ ଗଞ୍ଜେଇ ଚାଷକୁ ଅନୁମୋଦନ କରିଥିଲା। ଏହାବାଦ ନେଦରଲାଣ୍ଡ୍‌ସ ମଧ୍ୟ ଗଞ୍ଜେଇ ଚାଷ ପ୍ରତି ସକାରାତ୍ମକ ଦୃଷ୍ଟିକୋଣ ରଖିଛି। ତେବେ ସରକାରୀ ଭାବେ ଏହାକୁ ବୈଧ ଘୋଷଣା କରାଯାଇନାହିଁ। ମଦ ଭଳି ଗଞ୍ଜେଇକୁ ମନୋରଞ୍ଜନ ନିମନ୍ତେ ବ୍ୟବହାର ପାଇଁ ଦକ୍ଷିଣ ଆମେରିକୀୟ ଦେଶ ଉରୁଗୁଏ ୨୦୧୩ରେ ବିଶ୍ୱର ପ୍ରଥମ ଦେଶ ଭାବେ ଅନୁମତି ଦେଇଥିଲା। ପରେ କାନାଡା, ଜର୍ଜିଆ, ମେକ୍ସିକୋ, ସ୍ପେନ୍, ଦକ୍ଷିଣ ଆଫ୍ରିକା ଆଦି ଦେଶ ମଧ୍ୟ ଗଞ୍ଜେଇର ମନୋରଞ୍ଜନ ଭିତ୍ତିକ ବ୍ୟବହାରକୁ ଅନୁମତି ଦେଇଛନ୍ତି।



- ବ୍ୟକ୍ତିଗତ ବ୍ୟବହାରକୁ ଅନୁମତି
- ଘରେ ଲଗାଇପାରିବେ ୪ ଗଛ

## ୬୨ ଜୀବନ୍ତ ଦଗ୍ଧ

**ପୋର୍ଟ-ଓ-ପ୍ରିନ୍ସ, ୧୫।୧୨**

**ଗ୍ୟାସ୍ ଟ୍ୟାଙ୍କର ବିସ୍ଫୋରଣ**

କାରିବିଆନ୍ ଦେଶ ହାଇତିର ହାଇତିଆନ ସହରରେ ମଙ୍ଗଳବାର ଏକ ଗ୍ୟାସ୍ ଟ୍ୟାଙ୍କର ବିସ୍ଫୋରଣ ହୋଇଛି। ଏଥିରେ ଅନ୍ୟୁନ ୬୨ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଅନେକଙ୍କ ଅବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା ରହିଛି ବୋଲି ଡେପୁଟି ମେୟର ପାଟ୍ରିକ ଅଲ୍‌ମୋନୋର କହିଛନ୍ତି। ମୃତକଙ୍କ ଶରୀର ସମ୍ପୂର୍ଣ୍ଣ ଜଳିଯାଇଥିବାରୁ ସେମାନଙ୍କୁ ଚିହ୍ନଟ କରିବା କଷ୍ଟକର ହୋଇପଡ଼ିଛି। ଏକ ଟାକ୍ସିକୁ ଓଭରଟେକ୍ କରିବାବେଳେ ଟ୍ୟାଙ୍କର ଚାଳକ ଭାରସାମ୍ୟ ହରାଇଥିଲେ। ଫଳରେ ଟ୍ୟାଙ୍କରଟି ଓଲଟି ପଡ଼ିଥିଲା। ଦୁର୍ଘଟଣା ପରେ ବହୁ ସଂଖ୍ୟାରେ ଲୋକ ସେଥିରୁ ଗ୍ୟାସ୍ ସଂଗ୍ରହ କରୁଥିବା ଦେଖିବାକୁ ମିଳିଥିଲା। ବିସ୍ଫୋରଣ ଯୋଗୁ ଆଖପାଖରେ ଥିବା ପ୍ରାୟ ୪୦ ଘର ମଧ୍ୟ ଜଳିଯାଇଛି। ପ୍ରଧାନମନ୍ତ୍ରୀ ଆରିଏଲ୍ ହେନରୀ ମୃତକଙ୍କ ପାଇଁ ଶୋକବ୍ୟକ୍ତ କରିଛନ୍ତି। ଦାରିଦ୍ର୍ୟ ସହ ଲଢୁଥିବା ହାଇତି ଏବେ ବ୍ୟାପକ ସଙ୍କଟ ଦେଇ ଗତି କରୁଛି।





ପୁରୀସ୍ଥିତ ଶ୍ରୀଗୌରବିହାର ଆଶ୍ରମ(ମାତା ମଠ) ପରିସରରେ ବ୍ୟଞ୍ଜନ ଦ୍ୱାଦଶୀ ପାଳନ ଅବସରରେ ବୁଧବାର ଠାକୁରଙ୍କ ଲାଗି ୭୦୧ ପ୍ରକାରର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଛି।




## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ୩ ମୃତ

**ଭଦ୍ରକ ଅଫିସ,୧୫।୧୨:** ଭଦ୍ରକ-ବାସୁଦେବପୁର ରାସ୍ତାର ସାବରଙ୍ଗ ହାଇସ୍କୁଲ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣାରେ ୩ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ଜଣଙ୍କର ଜୀବନ ଯାଇଥିବା ବେଳେ ଜିଲା ମୁଖ୍ୟ ଚିକିତ୍ସାଳୟରେ ୨ଜଣ ଆଖି ବୁଜିଛନ୍ତି। ସେମାନେ ହେଲେ ସଦର ବ୍ଲକ ଅଧୀନ ଏଡ଼ତାଳ ଗ୍ରାମର ଦୈତାରି ବେହେରା, ଚଣ୍ଡିଗାଁର ପ୍ରକାଶ ଦଳେଇ ଓ ଦୁଃଶାସନ ମହାପାତ୍ର। ସୂଚନା ଅନୁଯାୟୀ, ୩ ଜଣ ଏକ ବାଇକ୍‌ରେ ଧାମରାରୁ ଫେରୁଥିବା ବେଳେ ଉକ୍ତ ହାଇସ୍କୁଲ ନିକଟରେ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଦୈତାରିଙ୍କ ମୃତ୍ୟୁ ଘଟିଥିଲା। ଏଥିରେ ଗୁରୁତର ହୋଇଥିବା ପ୍ରକାଶ ଓ ଦୁଃଶାସନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲା ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସେମାନଙ୍କର ମୃତ୍ୟୁ ହୋଇଥିଲା। ସାବରଙ୍ଗ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ସହ ଏକ ମାମଲା(ନଂ. ୨୮୪/୨୧)ରୁଜୁ କରି ତଦନ୍ତ ଚଳାଇଛି।

### ପୁଣି ୮ଦିନ ଛୁଟିରେ ସୁମିତ
### ୧୭ରେ ପରବର୍ତ୍ତୀ ଶୁଣାଣି

ବ୍ରହ୍ମପୁର ଅଫିସ,୧୫।୧୨- ଡା.ସୁମିତ ସାହୁ ଓ ତପସ୍ୱିନୀ ଦାଶଙ୍କ ମାମଲା ଏବେ ଦିନକୁ ଦିନ ନୂଆମୋଡ଼ ନେଉଛି। ଗୋଟିଏ ପଟେ ଡା.ସୁମିତ ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ ନେଇଥିବା ୫ଦିନିଆ ଛୁଟି ଅବଧି ମଙ୍ଗଳବାର ସରିଛି। ସେ ବୁଧବାର ବାଲିସିରା ମେଡିକାଲରେ ଯୋଗ ଦେବା କଥା କିନ୍ତୁ ଯୋଗଦେଇ ନାହାନ୍ତି। ତାଙ୍କ ଦେହ ଅସୁସ୍ଥ ଥିବା ଦର୍ଶାଇ ଆହୁରି ୮ଦିନ ପର୍ଯ୍ୟନ୍ତ ଛୁଟି ଆବେଦନ କରିଛନ୍ତି। ସେ ବାଲିସିରା ମେଡିକାଲ ଅଫିସରଙ୍କ ନିକଟକୁ ଛୁଟି ଦରଖାସ୍ତ ପଠାଇଛନ୍ତି। କିନ୍ତୁ ଅଧିକ ଛୁଟି ଅନୁମୋଦନ କ୍ଷମତା ଅଫିସରଙ୍କର ନ ଥିବାରୁ ସେ ତାହା ଗଞ୍ଜାମ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଉମାଶଙ୍କର ମିଶ୍ରଙ୍କ ନିକଟକୁ ପଠାଇଛନ୍ତି। ସିଡିଏମ୍‌ଓ ଡା. ମିଶ୍ରଙ୍କୁ ପଚାରିବାରୁ ସୁମିତ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ମେଡିକାଲ ସାର୍ଟିଫିକେଟ ଦେଇ ଆସନ୍ତା ୨୨ତାରିଖ ପର୍ଯ୍ୟନ୍ତ ଛୁଟି ଆବେଦନ କରିଥିବା କହିଛନ୍ତି। ସେପଟେ ସ୍ତ୍ରୀ ତପସ୍ୱିନୀ ଆସିକା ଚିନିକଳ ଅତିଥି ଭବନରେ ନିଜ ଭାଇ ଓ ବାପାଙ୍କ ସହ ରହୁଛନ୍ତି। ଆସନ୍ତା ୧୭ତାରିଖରେ ବ୍ରହ୍ମପୁର ଏସ୍‌ଡ଼ିଜେଏମ୍‌ଙ୍କ କୋର୍ଟରେ ତପସ୍ୱିନୀ ଦେଇଥିବା ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ କରାଯାଇଛି।

### ମାଟି ତଳୁ ବିସ୍ଫୋରକ, ମାଓବାଦୀ ସାମଗ୍ରୀ ଜବତ

ମାଲକାନଗିରି,୧୫।୧୨(ଡି.ଏନ୍.ଏ.) ମାଲକାନଗିରି ସୁରକ୍ଷା ବାହିନୀକୁ ବଡ଼ ସଫଳତା ମିଳିଛି। ଯୋଡ଼ାମ୍ବ ଥାନା ଅଧୀନ ନାଡମେଞ୍ଜେରି ଗ୍ରାମ ନିକଟ ଜଙ୍ଗଲରେ ମାଓବାଦୀମାନେ ଲୁଚାଇ ରଖିଥିବା ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ଯୋଡାମ୍ବ ଥାନା ଅନ୍ତର୍ଗତ ଘନବେଡ଼ାଠାରେ ବିଏସ୍‌ଏଫ୍ କ୍ୟାମ୍ପ ପ୍ରତିଷ୍ଠା ପୂର୍ବରୁ ବିଏସ୍‌ଏଫ୍, ଏସ୍‌ଓଜି ଓ ଡିଭିଏଫ୍‌ର ଯବାନମାନେ ମିଳିତ କୋମ୍ବିଂ ଅପରେଶନ ଆରମ୍ଭ କରିଥିଲେ। ନାଡମେଞ୍ଜେରି ଗ୍ରାମ ନିକଟ ଜଙ୍ଗଲରେ ମାଟିତଳେ ମାଓବାଦୀମାନେ ବିସ୍ଫୋରକ ସାମଗ୍ରୀ ଲୁଚାଇ ରଖିଥିବା ଖବର ପାଇ ସୁରକ୍ଷା କର୍ମୀମାନେ ଜଙ୍ଗଲରେ ତଲାସି ଅଭିଯାନ ଚଳାଇଥିଲେ। ଏହି ସମୟରେ ମାଟିତଳୁ ୫ ଆଇଇଡି, ୩ ମିଟର କୋଡେକ୍ସ ତାର, ୩ ଡେଟୋନେଟର, ୧ ବଣ୍ଡଲ ବିଦ୍ୟୁତ୍ ତାର, ୨ ବ୍ୟାଟେରି, କ୍ୟାମେରା ଫ୍ଲାସ୍, ପଲିଥିନ, ମାଓବାଦୀ ପୁସ୍ତିକା ସମେତ ଔଷଧ ଓ ଅନ୍ୟ ସାମଗ୍ରୀ ମିଳିଛି। ଏ ନେଇ ସ୍ଥାନୀୟ ଏସ୍‌ଡିପିଓ ଅଭିଲାଷ ଜି ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ହାଇକୋର୍ଟରେ ରିପୋର୍ଟ ଦାଖଲ

## ଡାକ୍ତର ପଦବୀ ପୂରଣ ମାମଲା

**କଟକ ଅଫିସ,୧୫।୧୨**

ରାଜ୍ୟରେ ଖାଲି ପଡିଥିବା ଡାକ୍ତର ପଦବୀ ପୂରଣ ସମ୍ପର୍କିତ ମାମଲାର ଶୁଣାଣି ବୁଧବାର ହାଇକୋର୍ଟରେ ହୋଇଥିଲା। ୩୦ଟି ଜିଲାର ଆଇନସେବା ପ୍ରାଧିକରଣ(ଡିଏଲଏସଏ) ପକ୍ଷରୁ ମୁଦା ଲଫାପା ମଧ୍ୟରେ ତଦନ୍ତ ରିପୋର୍ଟ ହାଇକୋର୍ଟଙ୍କ ନିକଟରେ ଦାଖଲ କରାଯାଇଛି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଜାନୁୟାରୀ ୮କୁ ଧାର୍ଯ୍ୟ କରାଯାଇଛି।

ଆବେଦନକାରୀ ଚିତ୍ତରଞ୍ଜନ ମହାନ୍ତି ପିଟିଶନରେ ଦର୍ଶାଇଥିଲେ, ରାଜ୍ୟର ବିଭିନ୍ନ ସରକାରୀ ହସ୍ପିଟାଲରେ ବହୁ ସଂଖ୍ୟକ ପଦବୀ ଖାଲି ପଡିଛି। ସେହିପରି ସରକାରୀ ହସ୍ପିଟାଲରେ ଚାକିରି କରି ଡାକ୍ତରମାନେ ଠିକ୍ ସମୟରେ ରୋଗୀ ସେବା କରୁନାହାନ୍ତି। ଏହା ବଦଳରେ ଡାକ୍ତରମାନେ ଘରୋଇ ହସ୍ପିଟାଲରେ ପ୍ରାକ୍ଟିସ କରୁଛନ୍ତି। ଫଳରେ ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ ହେଉଛି। ହାଇକୋର୍ଟ ଗତ ନଭେମ୍ବର ୧୬ରେ ଜିଲାସ୍ତରରେ ୪ ଜଣିଆ କମିଟି ଗଠନ ପାଇଁ ପ୍ରତ୍ୟେକ ଡିଏଲ୍‌ଏସ୍‌ଏଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କମିଟି ପ୍ରତ୍ୟେକ ଜିଲାର ସମସ୍ତ ଗୋଷ୍ଠୀ, ପ୍ରାଥମିକ ଓ ଜିଲା ମୁଖ୍ୟ ଡାକ୍ତରଖାନା ଗସ୍ତକରି ଡାକ୍ତର ଏବଂ ଷ୍ଟାଫମାନଙ୍କ କାର୍ଯ୍ୟ ଅନୁଧ୍ୟାନ କରିବ। ଏହି ସମୟରେ ସେମାନଙ୍କ ଉପସ୍ଥିତି ଖାତାକୁ ମଧ୍ୟ ଅନୁଧ୍ୟାନ କରାଯିବ। ସେହିପରି କମିଟି ସଦସ୍ୟମାନେ ହସ୍ପିଟାଲର ସ୍ୱଚ୍ଛତା, ପରିମଳ, ଶୌଚାଳୟ,ବିଦ୍ୟୁତ୍ ଓ ଭିତ୍ତିଭୂମି ବ୍ୟବସ୍ଥାର ତଦାରଖ, ଔଷଧ, ଉପକରଣ ଅଛି କି ନାହିଁ, ଆମ୍ବୁଲାନ୍ସର ଉପଲବ୍ଧତାକୁ ଅନୁଧ୍ୟାନ କରିବେ। ଏହି ସମସ୍ତ ତଥ୍ୟ ଫଟୋ ଓ ଭିଡିଓ ମାଧ୍ୟମରେ ସଂଗ୍ରହ କରାଯିବ। ପରେ ପ୍ରତିଜିଲାର ଉପରୋକ୍ତ ତଥ୍ୟ ଓ ଡାକ୍ତରଖାନାର ଖାଲି ପଦବୀ ସମ୍ପର୍କରେ ହାଇକୋର୍ଟରେ ରିପୋର୍ଟ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ।




# ଗୋବିନ୍ଦଙ୍କ ଜାମିନ ଶୁଣାଣି ୨୧କୁ ଘୁଞ୍ଚିଲା

## ମମିତା ମେହେର ହତ୍ୟାକାଣ୍ଡ

**ବଲାଙ୍ଗୀର ଅଫିସ/କଣ୍ଟାବାଞ୍ଜି, ୧୫।୧୨ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେର ହତ୍ୟାକାଣ୍ଡର ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ଜାମିନ ଆବେଦନ ପୁଣି ଘୁଞ୍ଚିଛି। ପରବର୍ତ୍ତୀ ଶୁଣାଣି ଆସନ୍ତା ୨୧ତାରିଖରେ ହେବ ବୋଲି କଣ୍ଟାବାଞ୍ଜି ଏଡିଜେ ଦିନ ଧାର୍ଯ୍ୟ କରିଛନ୍ତି।

ପ୍ରଥମରୁ ଧାର୍ଯ୍ୟ ଗତ ୬ ତାରିଖରେ ଗୋବିନ୍ଦଙ୍କ ଜାମିନ ଆବେଦନ ଶୁଣାଣି ତାରିଖ ଘୁଞ୍ଚାଇ ଦିଆଯିବା ପରେ ବୁଧବାର ପୁଣି ଥରେ ଏଡିଜେ କୋର୍ଟ ଦିନ ଧାର୍ଯ୍ୟ କରିଥିଲେ। ଏହିଦିନ ସିନ୍ଧେକେଲା ଥାନା ପୋଲିସକୁ ଘଟଣାର ସିଡି (ଚାର୍ଜଶିଟ୍) ଦାଖଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତେବେ ବୁଧବାର ଆଡିଶନାଲ ପବ୍ଲିକ୍ ପ୍ରସିକ୍ୟୁଟର କାନନ କିଶୋର ପଣ୍ଡା କଣ୍ଟାବାଞ୍ଜି ଏଡିଜେଙ୍କଠାରେ ସିଡି ଉପସ୍ଥାପନ ପାଇଁ ଆଉ ୧୫ ଦିନ ସମୟ ଦେବାକୁ ଅନୁରୋଧ ଜଣାଇଥିଲେ। ସିନ୍ଧେକେଲା ଥାନା ପୋଲିସ ପବ୍ଲକ ପ୍ରସିକ୍ୟୁଟର ପଣ୍ଡାଙ୍କୁ ଘଟଣାର ସିଡି ଦାଖଲ କରିଥିଲେ ହେଁ ଏହାର ବିଧିବଦ୍ଧ ଯାଞ୍ଚ ପାଇଁ ଅତିକମ୍‌ରେ ୧୫ଦିନର ମହଲତ ଦିଆଯାଉ ବୋଲି ଏଡିଜେଙ୍କୁ ଏପିପି ପଣ୍ଡା କହିଥିଲେ। ଏହାକୁ ଗ୍ରହଣ କରି କୋର୍ଟ ୧୫ଦିନ ପରିବର୍ତ୍ତେ ୭ଦିନର ମହଲତ ଦେଇ ଆସନ୍ତା ୨୧ତାରିଖରେ ଜାମିନ ଆବେଦନ ଉପରେ ଶୁଣାଣି ହେବ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ମମିତା ମେହେର ହତ୍ୟା ଘଟଣାର ମୁଖ୍ୟ ଗୋବିନ୍ଦ ସାହୁଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ସେ ଏବେ କଣ୍ଟାବାଞ୍ଜି ଉପକାରାଗାରରେ ବିଚାର ବିଭାଗୀୟ ହାଜତରେ ଅଛନ୍ତି। ଗୋବିନ୍ଦ ତାଙ୍କ ଓକିଲଙ୍କ ଜରିଆରେ ଜାମିନ ପାଇଁ କଣ୍ଟାବାଞ୍ଜି ଏଡିଜେ କୋର୍ଟରେ ଆବେଦନ କରିଛନ୍ତି।



ଗୋବିନ୍ଦ ସାହୁ ।

# ଫେବୃୟାରୀରେ ଦେଶବ୍ୟାପୀ ୨ ଦିନିଆ ଧର୍ମଘଟ

## କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ମିଳିତ ମଞ୍ଚର ବୈଠକ

**ଭୁବନେଶ୍ୱର,୧୫।୧୨(ବ୍ୟୁରୋ)**

କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ମିଳିତ ମଞ୍ଚ ଆଗାମୀ ଦିନରେ ତା'ର ଆନ୍ଦୋଳନକୁ ଜୋର୍‌ଦାର କରିବ। ଆସନ୍ତା ଜାନୁୟାରୀ ୯ରେ ରାଜ୍ୟ ଓ ଜିଲା ସ୍ତରରେ ସମ୍ମିଳନୀ ଏବଂ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ନୀତି, କର ବୃଦ୍ଧି, ବ୍ୟାପକ ଘରୋଇକରଣ ବିରୋଧରେ ସାରା ରାଜ୍ୟରେ ଅଭିଯାନ ଆରମ୍ଭ କରିବ। ସେହିଭଳି ୧୨ ଦଫା ଦାବି ନେଇ ଫେବୃୟାରୀ ୨୩ ଓ ୨୪ରେ ସଂସଦର ବଜେଟ ଅଧିବେଶନ ସମୟରେ ଦେଶବ୍ୟାପୀ ଧର୍ମଘଟ କରିବାକୁ ନିଷ୍ପତ୍ତି ନେଇଛି। ଏନେଇ ବୁଧବାର ଆଇଏନ୍‌ଟିୟୁସି ସଭାପତି ତଥା ପୂର୍ବତନ ଏମ୍‌ପି ରାମଚନ୍ଦ୍ର ଖୁଣ୍ଟିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଘୋଷଣା କରାଯାଇଛି। ଏହି ବୈଠକରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚ୍‌ଏମ୍‌ଏସ୍, ସିଆଇଟିୟୁ, ଏଆଇସିସିଟିୟୁ, ଟିୟୁସିସି, ଏଆଇୟୁଟିୟୁସି ଓ ସୋର ଶ୍ରମିକ ନେତାମାନେ ଏକାଠି ହୋଇ ଧର୍ମଘଟ ଓ ଆନ୍ଦୋଳନକୁ ଓଡ଼ିଶାରେ ବ୍ୟାପକ କରିବା ଲାଗି ଆଲୋଚନା କରିଥିଲେ। ତେବେ ମଞ୍ଚର ୧୨ ଦଫା ଦାବି ମଧ୍ୟରେ ଶ୍ରମକୋଡ୍ ଓ ଏମ୍‌ଏମ୍‌ପି ବାତିଲ, ଘରୋଇକରଣ ବନ୍ଦ, ଆୟକର ଦେଉନଥିବା ପରିବାରକୁ ପ୍ରତି ମାସରେ ୭ ହଜାର ୫୦୦ ଟଙ୍କା ସହାୟତା, ଠିକା ଶ୍ରମିକଙ୍କୁ ନିୟମିତ କରିବା ଓ ସମାନ କାମକୁ ସମାନ ଦରମା, ନୂଆ ପେନ୍‌ସନ ଯୋଜନାକୁ ବନ୍ଦ କରି ପୁରୁଣା ଲାଗୁ କରିବା, ସମସ୍ତ ଅଣସଂଗଠିତ ଶ୍ରମିକଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟଦିବସ ବୃଦ୍ଧି ଓ ସହରରେ ରୋଜଗାର ଗ୍ୟାରେଣ୍ଟି ଯୋଜନାକୁ ବୃଦ୍ଧି କରିବା ଆଦି ରହିଛି।

## ସର୍ବାଧିକ ପ୍ରଶଂସନୀୟ ବ୍ୟକ୍ତି

# ବାଇଡେନ୍, ପୁଟିନଙ୍କୁ ଟପିଲେ ମୋଦି

**ନୂଆଦିଲ୍ଲୀ, ୧୫।୧୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଶ୍ୱର ସର୍ବାଧିକ ପ୍ରଶଂସନୀୟ ବ୍ୟକ୍ତି ତାଲିକାର ୮ମ ସ୍ଥାନରେ ରହିଛନ୍ତି। ତାଲିକାର ଶୀର୍ଷ ୨୦ ଜଣଙ୍କ ମଧ୍ୟରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ, ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ମଧ୍ୟ ମୋଦିଙ୍କ ତଳେ ରହିଛନ୍ତି। 'ୟୁଗଭ୍' ପକ୍ଷରୁ ୩୮ ଦେଶରେ ୪୨ ହଜାର ଲୋକଙ୍କ ମତାମତ ଅନୁସାରେ ୨୦୨୧ ପାଇଁ ଏହି ସର୍ଭେ କରାଯାଇଥିଲା। ଟପ୍-୨୦ରେ ପ୍ରଥମ ର୍ୟାଙ୍କ୍‌ରେ ରହିଛନ୍ତି ଆମେରିକା ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା। ତାଙ୍କ ତଳକୁ ମାଇକ୍ରୋସଫ୍ଟ ସହ-ପ୍ରତିଷ୍ଠାତା ବିଲ୍ ଗେଟ୍ସ, ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍, ଫୁଟ୍‌ବଲ ଖେଳାଳି କ୍ରିଷ୍ଟିଆନୋ ରୋନାଲ୍ଡୋ, ହଂକଂ ଅଭିନେତା ଜ୍ୟାକି ଚାନ୍, ଟେସ୍‌ଲା ମାଲିକ ଏଲନ ମସ୍କ, ଆର୍ଜେଣ୍ଟିନା ଫୁଟ୍‌ବଲର ଲିଓନେଲ ମେସି ରହିଛନ୍ତି। ପୁଟିନ୍ ୯ମ, ଚାଇନାର ବିଜ୍‌ନେସ ଟାଇକୁନ ଜ୍ୟାକ ମା ୧୦ମ ସ୍ଥାନ ନେଇଛନ୍ତି। ଭାରତର ପୂର୍ବତନ କ୍ରିକେଟ ଖେଳାଳି ସଚିନ ତେନ୍ଦୁଲକର ୧୨ ନମ୍ବର, ଆମେରିକା ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୧୩, ବଲିଉଡ ଅଭିନେତା ଶାହରୁଖ ଖାନ ୧୪, ବିଗ୍ ବି ଅମିତାଭ ବଚ୍ଚନ ୧୫, କ୍ରିକେଟର ବିରାଟ କୋହଲି ୧୮ ଏବଂ ୨୦ ନମ୍ବରରେ ବାଇଡେନ୍ ରହିଛନ୍ତି। ସେହିପରି ସର୍ବାଧିକ ପ୍ରଶଂସନୀୟ ମହିଳାଙ୍କ ତାଲିକାରେ ଓବାମାଙ୍କ ସ୍ତ୍ରୀ ମିଶେଲ ଓବାମା ପ୍ରଥମରେ ରହିଛନ୍ତି। ୧୦ ନମ୍ବରରେ ଭାରତୀୟ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା, ୧୧ ତମ ସ୍ଥାନରେ ଅଛନ୍ତି ଆମେରିକା ଉପରାଷ୍ଟ୍ରପତି କମଳା ହାରିସ୍।

# ଆଜିଠୁ ଭିତରକନିକାରେ ଡଲଫିନ୍ ଗଣନା

**ରାଜନଗର, ୧୫।୧୨(ଡି.ଏନ.ଏ.)**

ଭିତରକନିକା ଜାତୀୟ ଉଦ୍ୟାନରେ ପ୍ରବାହିତ ନଦୀ ମୁହାଣ ଓ ବଙ୍ଗୋପସାଗରର ଧାମରା ମୁହାଣଠାରୁ ଦେବୀ ମୁହାଣ ଯାଏ ଡଲଫିନଙ୍କର ଗଣନା କାର୍ଯ୍ୟ ଗୁରୁବାରଠାରୁ ଆରମ୍ଭ ହେବ। ବୁଧବାର ଗୁପ୍ତିଠାରେ ଗଣନାକାରୀମାନଙ୍କୁ ଡିଏଫ୍‌ଓ ଡ. ଯଜ୍ଞଦତ୍ତ ପତି, ଏସିଏଫ ବିରଞ୍ଚି ନାରାୟଣ ସାମଲ, ଜୀବବିଜ୍ଞାନର ବିଭାଗୀୟ ମୁଖ୍ୟ ପ୍ରଫେସର ଶିବ ପ୍ରସାଦ ପରିଡା ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ। ଏହି ଗଣନା ୩ ଦିନ ଧରି ଚାଲିବ। ଭିତରକନିକା ଅଞ୍ଚଳରେ ଡଲଫିନ୍ ଗଣନା ପାଇଁ ୯ଟି ଟିମ୍ ଗଠନ କରାଯାଇଛି। ଆଉଟର ହୁଇଲର୍‌ରୁ ଚିଞ୍ଚିରି ମାଉଥ୍, ବରୁଣେଇରୁ ପାରାଦୀପ, ହଂସିଣା ବ୍ରିଜ୍‌ରୁ ମାଇପୁରା ମାଉଥ୍, ରାଜନଗର ହଂସୁଆ ନଦୀରୁ ଖୋଳା, ଖୋଳାରୁ ଧାମରା ମାଉଥ୍ ଭାୟା ନଳିତା ପାଟିଆ, କାଳିଭଞ୍ଜଡିଆଁ, ଜମ୍ବୁ ଖରନାସୀରୁ ହୁକିଟୋଲା, ପାରାଦୀପରୁ ଜଟାଧାର ମୁହାଣ ଓ ଦେବୀ ମୁହାଣରୁ ଜଟାଧାର ମୁହାଣ ଯାଏ ୯ଟି ଗ୍ରୁପରେ ବିଭକ୍ତ ହୋଇ ଡଲ୍‌ଫିନ୍ ଗଣନା କରାଯିବ। ପ୍ରତି ଗ୍ରୁପରେ ୩ରୁ ୫ ଜଣ ଲେଖାଏ ଗଣାନାକାରୀ ରହିବେ। ସମୁଦ୍ର ମଧ୍ୟରେ ୫ଟି ଟିମ୍ ଓ ନଦୀ, କ୍ରିକ୍‌ରେ ୪ଟି ଟିମ୍ ଡଲଫିନ୍‌ଙ୍କର ଗଣନା କରିବେ।





ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୬ ଡିସେମ୍ବର ୨୦୨୧

**ଶନିଶ୍ଚରଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ**

ବାଲିପାଟଣା,୧୫।୧୨(ଡି.ଏନ୍.ଏ.): ବାଲିପାଟଣା ବ୍ଲକ ଅଧୀନ ଦେଉଳିଧରପୁର ପଞ୍ଚାୟତ ଭେଙ୍କଟରାୟପୁର ଗ୍ରାମର ମାଳପଡ଼ିଆ ଶନିଶ୍ଚର ମଠ ପ୍ରାଙ୍ଗଣରେ ଶନିଶ୍ଚରଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ୩ ଦିନ ଧରି ଚାଲିଥିଲା। ଏଥିରେ ଅଙ୍କୁରାଧିବାସ, କଳସଯାତ୍ରା, ବିଗ୍ରହଙ୍କ ଧ୍ୟାନାଧିବାସ, ସୂର୍ଯ୍ୟପୂଜା, ଶାଳା ସଂସ୍କାର, ଅଗ୍ନିସ୍ଥାପନ ଓ ବେଦପାଠ ଆଦି ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାମର କଣ୍ଟାଲକ୍ଷ୍ମୀ ଯୁବକ ସଂଘ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।



## ସଂକ୍ଷେପରେ

### ଅଶ୍ଳୀଳ ଫଟୋ ଭାଇରାଲ ଘଟଣା: ଶିକ୍ଷକ ନିଲମ୍ବିତ

କଟକ ଅଫିସ, ୧୫।୧୨: ଅଶ୍ଳୀଳ ଫଟୋ ଭାଇରାଲ ଘଟଣାରେ କଟକ ଦରଖାପାଟଣା ସତ୍‌ସଙ୍ଗ ହାଇସ୍କୁଲ ଶିକ୍ଷକ ଭରତ ଚରଣ ବେହେରାଙ୍କୁ ବୁଧବାର କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ସେ ପୂର୍ବରୁ ଦେଉଳସାହିସ୍ଥିତ ରଘୁନାଥଜୀଉ ହାଇସ୍କୁଲରେ କାର୍ଯ୍ୟ କରୁଥିଲେ। ମଙ୍ଗଳବାର ସେ ଉକ୍ତ ହାଇସ୍କୁଲରୁ ସତ୍‌ସଙ୍ଗ ହାଇସ୍କୁଲକୁ ବଦଳି ହୋଇଥିଲେ। ହେଲେ ନୂତନ ବିଦ୍ୟାଳୟରେ କାର୍ଯ୍ୟରେ ଯୋଗଦେବା ପୂର୍ବରୁ ବେହେରାଙ୍କ ମୋବାଇଲ ନମ୍ବରରୁ ଛାତ୍ରୀଛାତ୍ର ଏବଂ ଶିକ୍ଷକଙ୍କ ବିଭିନ୍ନ ଗ୍ରୁପରେ ଅଶ୍ଳୀଳ ଫଟୋ ଆସିଥିଲା। ଜିଲା ଶିକ୍ଷା ଅଧିକାରୀ(ଡିଇଓ) ଉକ୍ତ ଶିକ୍ଷକଙ୍କୁ ନିଲମ୍ବିତ କରିଛନ୍ତି । ଏହି ସମୟ ମଧ୍ୟରେ ସେ ସାଲେପୁର ଗୋପିନାଥପୁର ହାଇସ୍କୁଲରେ ରହିବା ପାଇଁ ସ୍ଥିର କରାଯାଇଛି।

### ନାଟ୍ୟକାର ଗୋଲଖି ପ୍ରଧାନଙ୍କ ପରଲୋକ

ବାଣପୁର,୧୫।୧୨(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଅନ୍ତର୍ଗତ ଗାଲୁଆ ଗ୍ରାମର ବିଶିଷ୍ଟ ନାଟ୍ୟକାର, ସଂକୀର୍ତ୍ତନ ଗାୟକ ତଥା ସାମାଜିକ କର୍ମୀ ଗୋଲଖି ପ୍ରଧାନ(୭୨)ଙ୍କ ବୁଧବାର ଅପରାହ୍ଣରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଅନେକ କାବ୍ୟ, କବିତା, ନାଟକ ଲେଖିଛନ୍ତି। ତାଙ୍କର ପ୍ରଥମ ନାଟକ 'କଳ୍ପନା' ବେଶ୍ ଲୋକପ୍ରିୟ ହୋଇଥିଲା। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ମଝିଆ ପୁଅ ରମେଶ ମୁଖାଗ୍ନି ଦେଇଥିଲେ।

### ବାଲିଅନ୍ତାରେ ବିଜୁ ସ୍ମାର୍ଟ କାର୍ଡ ବଣ୍ଟନ

ବାଲିଅନ୍ତା,୧୫।୧୨(ଡି.ଏନ୍.ଏ): ବାଲିଅନ୍ତା ବ୍ଲକ ଅଧୀନ ଜୟଦେବ ଓ ପ୍ରତାପରୁଦ୍ରପୁର ପଞ୍ଚାୟତରେ ବୁଧବାର ବିଜୁ ସ୍ମାର୍ଟ କାର୍ଡ ବଣ୍ଟନ ହୋଇଛି। ପ୍ରତାପରୁଦ୍ରପୁରସ୍ଥିତ ଆଖଣ୍ଡଳେଶ୍ୱର କଲ୍ୟାଣ ମଣ୍ଡପରେ ବିଡିଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗଦେଇ ୫ଜଣ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଥିଲେ। ଜୟଦେବ ବିଧାୟକ ଡ. ରବିନ୍ଦ୍ର ଡାଲି, ବ୍ଲକ ଅଧ୍ୟକ୍ଷା ସୁଚିତ୍ରା ଜେନାମଣି, ଜିଲା ପରିଷଦ ସଭ୍ୟା ଭାଗ୍ୟଲକ୍ଷ୍ମୀ ମିଶ୍ର, ସରପଞ୍ଚ ବାମନ ଚରଣ ଭୋଇ ଓ ପ୍ରଜ୍ଞା ପରିମିତା ଜେନାମଣି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବେଣୁଧର କଲ୍ୟାଣ ମଣ୍ଡପରେ ବିଧାୟକ ଡାଲି ଯୋଗଦେଇ ହିତାଧିକାରୀଙ୍କୁ ବିଜୁ ସ୍ମାର୍ଟ କାର୍ଡ ବଣ୍ଟନ କରିଥିଲେ। ସରପଞ୍ଚ ରଶ୍ମିତା ପାତ୍ର ଓ ସାମାଜିକ କର୍ମୀ ହୃଷୀକେଶ ପାତ୍ର ଯୋଗଦେଇଥିଲେ।

### ୧୬ରୁ ମହାନଦୀ ଉତ୍ସବ

କଟକ ଅଫିସ, ୧୫।୧୨: ଜଳ ସମ୍ପଦ ଓ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ଆସନ୍ତା ୧୬ରୁ ୨୦ ତାରିଖ ପର୍ଯ୍ୟନ୍ତ କଟକ ବାଲିଯାତ୍ରା ଉପର ପଡିଆରେ ମହାନଦୀ ଉତ୍ସବ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ୫ ଦିନ ବ୍ୟାପୀ ମହାନଦୀ ଆଳତୀ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ସେହିପରି ପ୍ରତ୍ୟେକ ଦିନ ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପରିବେଶ ସନ୍ତୁଳନକୁ ନେଇ ଆଲୋଚନାଚକ୍ର, ବକ୍ତୃତା, ଚିତ୍ରାଙ୍କନ, ପ୍ରବନ୍ଧ, କବିତା ପ୍ରତିଯୋଗୀତା କରାଯିବ। ଏହି ଉତ୍ସବ ପ୍ରତ୍ୟେହ ଅପରାହ୍ନ ୨ଟାରୁ ରାତି ୮.୩୦ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ କେବଳ ୧୬ ତାରିଖରେ ଅପରାହ୍ନ ୪ଟାରୁ ରାତି ୮.୩୦ ପର୍ଯ୍ୟନ୍ତ ଚାଲିବ। ଓର୍‌ମାସ ପକ୍ଷରୁ ବିଭିନ୍ନ ଷ୍ଟଲ ଖୋଲାଯିବ ବୋଲି ବୁଧବାର ବାଲିଯାତ୍ରା ଉପର ପଡିଆରେ ଆୟୋଜିତ ଖବରଦରତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ସୂଚନା ଦେଇଛନ୍ତି।

# ସୀମାନ୍ତ ଜିଲାକୁ ଅଧିକ ଫୋକସ୍

## ଓମିକ୍ରନ୍ ମୁକାବିଲା ପାଇଁ ସଜାଗ ସରକାର

ଭୁବନେଶ୍ୱର, ୧୫।୧୨(ବ୍ୟୁରୋ)

ଦିନକୁ ଦିନ ଦେଶରେ ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଛି। ପଡୋଶୀ ରାଜ୍ୟଗୁଡ଼ିକରେ ମଧ୍ୟ କରୋନାର ଏହି ନୂଆ ଭୂତାଣୁ ନିଜର ଉପସ୍ଥିତି ଜାହିର କରିସାରିଛି। ପୂର୍ବରୁ ଆନ୍ଧ୍ରପ୍ରଦେଶରେ, ଆଉ ଏବେ ପଡୋଶୀ ପଶ୍ଚିମବଙ୍ଗରେ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହେବାପରେ ଓଡ଼ିଶାରେ ଛନକ ପଶିଛି। ଏପରିସ୍ଥିତିରେ ରାଜ୍ୟ ସରକାର ଜନସାଧାରଣଙ୍କୁ ସତର୍କ ଓ ସଚେତନ ରହିବାକୁ କହିଛନ୍ତି। ଏନେଇ ବୁଧବାର ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ଓଡ଼ିଶାରେ ଏ ପର୍ଯ୍ୟନ୍ତ ଓମିକ୍ରନ ପ୍ରବେଶ କରି ନ ଥିବାବେଳେ ଏହାର ମୁକାବିଲା ପାଇଁ ସରକାର ସଜାଗ ଅଛନ୍ତି। ସୀମାନ୍ତ ଜିଲା ଉପରେ



ଅଧିକ ଫୋକସ୍ କରାଯାଉଛି। ସର୍ଭିଲାନ୍ସ ଓ ଭାକ୍ସିନେସନକୁ ଆମେ ଗୁରୁତ୍ୱ ଦେଉଛୁ। ବାହାରୁ ଆସୁଥିବା ଲୋକଙ୍କର ସର୍ଭିଲାନ୍ସକୁ କଡ଼ାକଡ଼ି କରାଯାଇଛି। ଜିନୋମ ସିକ୍ୱେନ୍ସିଂ କରାଯାଉଛି। ଏଥିସହ ଟିକାକୁ ମଧ୍ୟ ଅଧିକ ଗୁରୁତ୍ୱ ଦେଉଛୁ। ଶୀଘ୍ର ଟିକାକରଣ କାର୍ଯ୍ୟ ଜାରି ରହିଛି। ଏହାସହ ରିସ୍କ ଦେଶରୁ ଆସୁଥିବା ଲୋକଙ୍କ ଉପରେ ନଜର ରଖାଯାଉଛି। ତେବେ ଏହି ନୂଆ ଭାରିଆଣ୍ଟ ଅଧିକ ଘାତକ ହେଉ କି ନ ହେଉ ଆମକୁ ସତର୍କ ରହିବାକୁ ପଡ଼ିବ। ଓମିକ୍ରନର କୌଣସି ଲକ୍ଷଣ ଦେଖାଦେଲେ, ତୁରନ୍ତ ଡାକ୍ତରଖାନାରେ କୋଭିଡ୍ ପରୀକ୍ଷା କରାନ୍ତୁ। ଏହାସହ ଦେହରେ ସାମାନ୍ୟ ଥଣ୍ଡା ରହିଲେ ମଧ୍ୟ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ବୋଲି ଡା. ମହାପାତ୍ର ପରାମର୍ଶ ଦେଇଛନ୍ତି।

ସେପଟେ ରାଜ୍ୟରେ ଗତ ୨୪ ଘଣ୍ଟାରେ ୨୧୮ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୨୮ଜଣ ୧୮ବର୍ଷରୁ କମ୍ ବୟସ୍କ ରହିଛନ୍ତି। ମୋଟ କରୋନା ପଜିଟିଭ୍ ସଂଖ୍ୟା ୧୦,୫୨,୧୪୫ରେ ପହଞ୍ଚିଛି। ସେହିଭଳି ୨ଜଣ ଆକ୍ରାନ୍ତଙ୍କ କରୋନାରେ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ମୃତକଙ୍କ ମଧ୍ୟରେ ଜଣେ କେନ୍ଦୁଝରର ଓ ଜଣେ ଭୁବନେଶ୍ୱରର ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୮,୪୩୯କୁ ବୃଦ୍ଧି ପାଇଛି।

## ୧୨ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ୭ ଗିରଫ

ଭୁବନେଶ୍ୱର, ୧୫।୧୨(ବ୍ୟୁରୋ)

ନୟାପଲ୍ଲୀ ଥାନା ପୋଲିସ ଚଢ଼ଉ କରି ବ୍ରାଉନସୁଗର କାରବାରରେ ସମ୍ପୃକ୍ତ ଥିବା ୭ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସ୍ଥାନୀୟ ଥାନା ସାଲିଆସାହିର ଅଶୋକ କୁମାର ବଳ(୪୮), ରାଜେଶ କୁମାର ବଳ(୨୬), ରାକେଶ କୁମାର ବଳ(୨୨), ବିଜୟ କୁମାର ମଣ୍ଡଳ(୩୨), ବିଶ୍ୱଜିତ୍ ପ୍ରଧାନ(୨୮), ଇଶ୍ୱର ନାୟକ(୨୩) ଓ ଖଣ୍ଡଗିରି ଥାନା ଜାଗମରାର ଜିତେନ୍ଦ୍ର ପାତ୍ର(୩୫)। ଏମାନଙ୍କଠାରୁ ୧୨ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ ହୋଇଛି। ତେବେ ଚଢ଼ାଉବେଳେ ଆଉ କେତେଜଣ ଖସି ପଳାଇଥିଲେ। ସେମାନଙ୍କୁ ଧରିବାକୁ ପୋଲିସ ତଦନ୍ତ ଜାରି ରଖିଛି। ଏମାନେ କେଉଁଠୁ ବ୍ରାଉନସୁଗାର ଆଣିଥିଲେ, କିଏ କିଏ ଏଥିରେ ସମ୍ପୃକ୍ତ ଅଛନ୍ତି ସେନେଇ ପୋଲିସ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟା ସମୟରେ ସାଲିଆସାହି ନୀଳଚକ୍ରନଗର ବସ୍ତିରେ କେତେଜଣ ଯୁବକ ବ୍ରାଉନସୁଗାର କାରବାର ଚଳାଉଥିବା ପୋଲିସ ଖବର ପାଇଥିଲା। ଏସ୍‌ଆଇ ସତ୍ୟନାରାୟଣ ବାରିକଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ବସ୍ତିରେ ହଠାତ ଚଢ଼ାଉ କରିଥିଲା। ପୋଲିସ ଏନ୍‌ଡିପିଏସ୍ ଆକ୍ଟରେ ଅଭିଯୁକ୍ତଙ୍କ ନାମରେ ଏକ ମାମଲା (ନଂ.୫୪୮/୨୧) ରୁଜୁ କରିଥିଲା।



କିସ୍ ପରିସରରେ ଆୟୋଜିତ 'କଳାକୁମ୍ଭ'ରେ କଳାକାରମାନେ ସେମାନଙ୍କ କଳା ପ୍ରଦର୍ଶନ କରୁଛନ୍ତି।

## 'କଳାକୁମ୍ଭ' : ଯୋଗଦେଲେ ୨ଶହରୁ ଊର୍ଦ୍ଧ୍ୱ କଳାକାର

ଭୁବନେଶ୍ୱର, ୧୫।୧୨(ବ୍ୟୁରୋ)

■ଆରମ୍ଭ ହେଲା ୭୫୦ ମିଟର ଲମ୍ବର ବିଶାଳ କଳାକୃତି

■ସ୍ୱାଧୀନତା ଦିବସରେ ଇଣ୍ଡିଆ ଗେଟ୍‌ଠାରେ ପ୍ରଦର୍ଶନ ହେବ

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଉତ୍ସବ 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ ଅବସରରେ କିସ୍ ପରିସରରେ 'କଳାକୁମ୍ଭ' ଆରମ୍ଭ ହୋଇଛି। ରାଷ୍ଟ୍ରୀୟ ଆଧୁନିକ କଳା ସଂଗ୍ରହାଳୟ (ଏନ୍‌ଜିଏମ୍‌ଏ) ପକ୍ଷରୁ କିଟ୍ ଓ କିସ୍ ସହଯୋଗରେ ଏହି କାର୍ଯ୍ୟକ୍ରମ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାକୁ ଦେଶର ସବୁଠୁ ବଡ଼ ତଥା ପ୍ରଥମ କଳାକୁମ୍ଭ କୁହାଯାଉଛି। ଏନ୍‌ଜିଏମ୍‌ଏ ମହାନିର୍ଦ୍ଦେଶକ ଅଦ୍ୱୈତ ଗଡ଼ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓଡ଼ିଶା ସମେତ ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଓ ଭାରତର ଉତ୍ତରପୂର୍ବାଞ୍ଚଳ ରାଜ୍ୟରୁ ୨ଶହରୁ ଊର୍ଦ୍ଧ୍ୱ କଳାକାର ଯୋଗ ଦେଇଛନ୍ତି। ଏମାନେ ୭୫୦ ମିଟର ଲମ୍ବ ବିଶିଷ୍ଟ କଳାକୃତି ପ୍ରସ୍ତୁତ କରୁଛନ୍ତି। ଏହାକୁ ୨୦୨୨ ସ୍ୱାଧୀନତା ଦିବସ ପାଳନର ଏକ ଅଂଶବିଶେଷ ରୂପେ ନୂଆଦିଲ୍ଲୀର ଇଣ୍ଡିଆ ଗେଟ୍‌ଠାରେ ପ୍ରଦର୍ଶନ କରାଯିବ। ସମସ୍ତ କଳାକାରଙ୍କୁ କିଟ୍ ଓ କିସ୍‌ରେ ରହିବା, ଖାଇବା ଏବଂ ପରିବହନ ଆଦି ବ୍ୟବସ୍ଥା କରାଯାଇ ଆତିଥ୍ୟ ଯୋଗାଇ ଦିଆଯାଇଛି। ଏହି ଅବସରରେ ଗଡ଼ନାୟକ କହିଲେ, ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ସମସାମୟିକ ଚିତ୍ରକଳା ଆଦି ପ୍ରଦର୍ଶନ କରିବା ଏହି କଳାକୁମ୍ଭର ଲକ୍ଷ୍ୟ। କଳାକାରମାନେ ବିଭିନ୍ନ ପ୍ରକାର ଦେଶୀୟ କଳା ପଟ୍ଟଚିତ୍ର, ତାଳ ପଟ୍ଟଚିତ୍ର, ମଞ୍ଜୁଷା, ମଧୁବନୀ ଓ ଯଦୁ ପାଟୁଆ ଆଦି ଉପରେ ସେମାନଙ୍କ କଳାତ୍ମକ ଭାବ ପ୍ରଦର୍ଶନ କରୁଛନ୍ତି। ଏନ୍‌ଜିଏମ୍‌ଏ ପରାମର୍ଶଦାତା କମିଟି ଅଧ୍ୟକ୍ଷ ହର୍ଷବର୍ଦ୍ଧନ ଶର୍ମା, ରାମହରି ଜେନା ଓ ବିଜୟନ୍ତ ଦାସଙ୍କ ଭଳି ବିଶିଷ୍ଟ ଶିଳ୍ପୀମାନେ ଏହାର ସଂଯୋଜନା ଓ ତଦାରଖ କରୁଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, ଓଡ଼ିଶା ହେଉଛି ଉତ୍କୃଷ୍ଟ କଳାର କ୍ଷେତ୍ର। କଳାକୁମ୍ଭ ଆୟୋଜନ ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ। ସୂଚନାଯୋଗ୍ୟ, ଜନଜାତି କଳା, ସଂସ୍କୃତି ଓ ପରମ୍ପରା ସୁରକ୍ଷା ପାଇଁ ନିକଟରେ କିଟ୍-କିସ୍ ଓ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ଅଧୀନରେ ଥିବା ଏନ୍‌ଜିଏମ୍‌ଏ ସହ ନୂଆଦିଲ୍ଲୀରେ ଏକ ବୁଝାମଣା ହୋଇଥିଲା।

## ଆଜିଠାରୁ ଶ୍ରୀମନ୍ଦିରରେ ନୂଆ ଏସ୍‌ଓପି ଲାଗୁ

ପୁରୀ ଅଫିସ ୧୫।୧୨

### ଭୋର ୫ଟା ୩୦ରୁ ରାତି ୯ଟା ୩୦ ମଧ୍ୟରେ ଦର୍ଶନ



ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବୁଧବାର ନୂଆ ଏସ୍‌ଓପି ଜାରି କରାଯାଇଛି। ଏହି ନୂଆ ଏସ୍‌ଓପି ଚଳିତ ମାସ ୧୬ ତାରିଖ ଅର୍ଥାତ ଗୁରୁବାରଠାରୁ ଲାଗୁ ହେବ। କୋଭିଡ୍‌ର ସମ୍ଭାବ୍ୟ ତୃତୀୟ ଲହରି ଏବଂ ଭକ୍ତଙ୍କୁ ଶୃଙ୍ଖଳିତ ଦର୍ଶନକୁ ଦୃଷ୍ଟିରେ ରଖାଯାଇ ଏହି ଏସ୍‌ଓପି ଜାରି କରାଯାଇଛି। ନୂତନ ଏସ୍‌ଓପି ଅନୁଯାୟୀ ଶ୍ରଦ୍ଧାଳୁମାନେ ପ୍ରତିଦିନ ଭୋର ୫ଟା ୩୦ ରୁ ରାତି ୯ଟା ୩୦ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ। ମାତ୍ର ପୂର୍ବ ଭଳି ରବିବାର ସର୍ବସାଧାରଣଙ୍କ ଲାଗି ଦର୍ଶନ ବନ୍ଦ ରହିବ। ସେହିପରି ଇଂରାଜୀ ନୂଆବର୍ଷ ଅବସରରେ ଶ୍ରଦ୍ଧାଳୁମାନଙ୍କ ପ୍ରବଳ ସମାଗମକୁ ଦୃଷ୍ଟିରେ ରଖି ଡିସେମ୍ବର ୩୧ ଏବଂ ୨୦୨୨ ଜାନୁୟାରୀ ୧ ତାରିଖ ଭକ୍ତମାନଙ୍କ ନିମନ୍ତେ ଶ୍ରୀମନ୍ଦିର ବନ୍ଦ ରହିବ। ଶ୍ରୀମନ୍ଦିରରେ ଅନୁଷ୍ଠିତ ହେଉଥିବା ସ୍ୱତନ୍ତ୍ର ନୀତି ବନକଲାଗି ଏବଂ ପଇତା ଲାଗି ନୀତି ଥିଲେ ଶ୍ରୀମନ୍ଦିର ଜୟ ବିଜୟ ଦ୍ୱାର ଏବଂ ବେହେରଣ ଦ୍ୱାରା ବନ୍ଦ ରହିବ । ତେବେ ଏହି ସମୟରେ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ପରିସରରେ ଥିବା ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ କରିପାରିବେ। ସେହିପରି ଆନନ୍ଦ ବଜାର ଯାଇ ମହାପ୍ରସାଦ ସେବନ କରିପାରିବେ। ଏହାବ୍ୟତୀତ ପୂର୍ବ ନିଷ୍ପତ୍ତି ଅନୁଯାୟୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ୨ ଡୋଜ ଟିକା ନଚେତ କୋଭିଡ୍ ଆର୍‌ଟିପିସିଆର ନେଗେଟିଭ ରିପୋର୍ଟ ବାଧ୍ୟତାମୂଳକ ରହିଛି। ତେବେ ପୂର୍ବରୁ ଭକ୍ତମାନେ ସକାଳ ୭ ଟାରୁ ରାତି ୯ଟା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଦର୍ଶନ କରିପାରୁଥିଲେ।

## ଚଳଚ୍ଚିତ୍ର 'ବିଶ୍ୱାସ: ଦ ଲାଇଟ୍ ଓଭର ଡାର୍କନେସ୍'ର ପ୍ରିମିୟର

ଭୁବନେଶ୍ୱର,୧୫।୧୨(ବ୍ୟୁରୋ)

ସୁଧନ୍ୟା କ୍ରିଏଟିଭ୍‌ସ୍‌ର ପ୍ରଥମ ଅବଦାନ ତଥା ଚିନ୍ମୟ ଦାସ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ନୂତନ ଓଡିଆ ଚଳଚ୍ଚିତ୍ର 'ବିଶ୍ୱାସ-ଦ ଲାଇଟ୍ ଓଭର ଡାର୍କନେସ୍'ର ପ୍ରିମିୟର କାର୍ଯ୍ୟକ୍ରମ ବୁଧବାର ସିନେପଲିସ୍ ମଲ୍ଟିପ୍ଲେକ୍ସରେ ଅନୁଷ୍ଠିତ ହୋଇଛି। ଚଳଚ୍ଚିତ୍ରଟି ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ମୟୁରଭଞ୍ଜ, ପୁରୀ ଓ ଭୁବନେଶ୍ୱରରେ ବିଭିନ୍ନ ସ୍ଥାନରେ ଶୁଟିଂ କରାଯାଇଛି। ଏହି ଚଳଚ୍ଚିତ୍ରରେ ଧର୍ମ, ପରମ୍ପରା, ସଂସ୍କୃତିର ନିଚ୍ଛକ ପ୍ରତିଛବିକୁ ଭାବାପୂର୍ଣ୍ଣ ଶୈଳୀରେ ପ୍ରସ୍ତୁତ କରାଯାଇଛି। ଚଳଚ୍ଚିତ୍ରଟି ମୁଖ୍ୟ ଚରିତ୍ର ପଲ୍ଲବୀର ଜୀବନ ଉପରେ ଆଧାରିତ। କାହାଣୀଟି ଏକ ନୂଆ ବିଷୟକୁ ନେଇ ହୋଇଥିବା ବେଳେ ଗୀତଗୁଡ଼ିକ ବେଶ୍ ମନଛୁଆଁ ହୋଇଛି। ସମସ୍ତ ନବାଗତାମାନଙ୍କୁ ନେଇ ଚଳଚ୍ଚିତ୍ରଟି ନିର୍ମାଣ ହୋଇଛି। ନାୟିକା ସାହିଲ ମିଶ୍ର ଓ ନାୟକ ସୁଜୟଙ୍କ ଅଭିନୟ ଦର୍ଶକଙ୍କ ମନ ଜିଣି ପାରିଛି।

## ୧ କୁଇଣ୍ଟାଲ ନିଷିଦ୍ଧ ପଲିଥିନ ଜବତ

ଭୁବନେଶ୍ୱର,୧୫।୧୨(ବ୍ୟୁରୋ)



ଭୁବନେଶ୍ୱର ମହାନଗର ନିଗମ (ବିଏମସି)ପକ୍ଷରୁ ବୁଧବାର ଅପରାହ୍ଣରେ ୧ ନମ୍ବର ହାଟରେ ଚଢ଼ାଉ କରାଯାଇ ଏକ ଦୋକାନରୁ ୧ କୁଇଣ୍ଟାଲ ନିଷିଦ୍ଧ ଏକକ ବ୍ୟବହାର ଯୋଗ୍ୟ ପଲିଥିନ ଜବତ କରାଯାଇଛି। ଏଥିସହ ଦୋକାନୀଙ୍କଠାରୁ ୨୦ ହଜାର ଟଙ୍କାର ଜରିମାନା ଆଦାୟ କରାଯାଇଛି। ସୂଚନା ଅନୁଯାୟୀ, ବ୍ୟବସାୟୀ ଜଣକ ୨୦ ପ୍ରକାର ନିଷିଦ୍ଧ ହୋଇଥିବା ଏକକ ବ୍ୟବହାର ପ୍ଲାଷ୍ଟିକ ସାମଗ୍ରୀ ଖୋଲାଖୋଲି ଭାବେ ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା। ବିଏମସି ଟିମ୍ ଉକ୍ତ ଦୋକାନରେ ଚଢ଼ାଉ କରି ବସ୍ତାଗୁଡିକୁ ଯାଞ୍ଚ କରିବାରୁ ସେଥିରେ ବେଆଇନ ପଲିଥିନ ଓ ଅନ୍ୟ ପ୍ଲାଷ୍ଟିକ ସାମଗ୍ରୀ ଥିବା ଜଣାପଡିଥିଲା। ଏହାପରେ ପଦକ୍ଷେପ ନିଆଯାଇ ଦୋକାନୀଙ୍କୁ ତାଗିଦ କରାଯାଇଥିଲା।

## ମନର ଅକ୍ଷମତା ଅଧିକ ନକାରାତ୍ମକ ପ୍ରଭାବ ପକାଏ

ଭୁବନେଶ୍ୱର, ୧୫।୧୨(ବ୍ୟୁରୋ)





ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ ଓ ସ୍ୱାଭିମାନର ମିଳିତ ସହଯୋଗରେ ବୁଧବାର ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସ୍ୱାଭିମାନର ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଶ୍ରୁତି ମହାପାତ୍ର ଯୋଗଦେଇ କହିଲେ, ଭିନ୍ନକ୍ଷମର ଅର୍ଥ ହେଉଛି ଅନ୍ତର୍ଭୁକ୍ତ ସହ ଅଭିଗମ୍ୟତା ଏବଂ ଏହାର ପାର୍ଥକ୍ୟକୁ ଗ୍ରହଣ କରିବା ସହ ବିବିଧତାକୁ ପାଳନ କରିବା। ଅଭିଗମ୍ୟତା କେବଳ ଏକ ସମସ୍ୟା ନୁହେଁ-ଯାହା କେବଳ ଭିନ୍ନକ୍ଷମଙ୍କ ପାଇଁ ପ୍ରଯୁଜ୍ୟ, ଏହା ଏକ ସମସ୍ୟା-ଯାହା ସମସ୍ତଙ୍କୁ ପ୍ରଭାବିତ କରିଥାଏ। ଶରୀରର ଅକ୍ଷମତା ଅପେକ୍ଷା ମନର ଅକ୍ଷମତା ମନରେ ନକାରାତ୍ମକ ପ୍ରଭାବ ପକାଇଥାଏ। ତେଣୁ ଯୁବପିଢ଼ିଙ୍କୁ ସକାରାତ୍ମକ ଭାବନା ସହ ତାଲିମ୍ ଦେବା ଦରକାର। ଏହା ଏକ ନୂତନ ବିଶ୍ୱ ଗଠନରେ ସହାୟକ ହେବ। ସାଇ ଇଣ୍ଟରନ୍ୟାନାଲ ସ୍କୁଲର ପ୍ରତିଷ୍ଠାତା ସ୍ୱର୍ଗତ ବିଜୟ କୁମାର ସାହୁ ଓଡ଼ିଶାର ଶିକ୍ଷାକୁ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବାର ଅଦମ୍ୟ ଚେଷ୍ଟାକୁ ସେ ପ୍ରଶଂସା କରିଥିଲେ। ପୌରାଣିକ କାହାଣୀ ମାଧ୍ୟମରେ ଭିନ୍ନକ୍ଷମତାର ଅର୍ଥକୁ ବୁଝାଇବା ସହ ଛାତ୍ରୀଛାତ୍ରଙ୍କୁ ସେ ନିଜ ଅନୁଭୂତି ବାଣ୍ଟିବା ସହିତ କିଛି ସାଙ୍କେତିକ ଭାଷା ମଧ୍ୟ ଶିଖାଇଥିଲେ। ସ୍କୁଲର ସିନିୟର ପ୍ରିନ୍ସିପାଲ ନୀଳକଣ୍ଠ ପାଣିଗ୍ରାହୀ ଓ ପ୍ରିନ୍ସିପାଲ ସେକ୍ରେଟାରି ପ୍ରକାଶ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ।

## ବଦଳିବ କିନ୍ନରଙ୍କ ପ୍ରତି ଦୃଷ୍ଟିଭଙ୍ଗୀ

ଭୁବନେଶ୍ୱର,୧୫।୧୨(ବ୍ୟୁରୋ)

### ସରକାର ଆଣିଲେ ଚିଠାନୀତି

କିନ୍ନରଙ୍କ ପ୍ରତି ବଦଳିବ ଦୃଷ୍ଟିଭଙ୍ଗୀ। ଅନ୍ୟମାନଙ୍କ ଭଳି ସମାନ ସୁବିଧା ସୁଯୋଗ ଦେବା ଲାଗି ରାଜ୍ୟ ସରକାର ଖୁବ୍‌ଶୀଘ୍ର ରାଜ୍ୟ କିନ୍ନର ନୀତି ଆଣିବାକୁ ଯାଉଛନ୍ତି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଏ ନେଇ ଓଡ଼ିଶା ରାଜ୍ୟ କିନ୍ନର ଚିଠା ନୀତି-୨୦୨୧ ପ୍ରସ୍ତୁତ କରାଯାଇଛି। ଏଥିରେ କିନ୍ନରଙ୍କୁ ସାମାଜିକ, ଶିକ୍ଷାଗତ, ଚାକିରି, ଆଇନଗତ ସୁଯୋଗ ମିଳିବ। କିନ୍ନରମାନଙ୍କୁ ସମାନ ଅଧିକାର ଦେବା ଲାଗି କେନ୍ଦ୍ର ସରକାର କିନ୍ନର(ସୁରକ୍ଷା ଅଧିକାର) ଆଇନ-୨୦୧୯ କାର୍ଯ୍ୟକାରୀ କରିଛନ୍ତି। ଅନୁରୂପ ଆଇନ ଆଣିବାକୁ କେନ୍ଦ୍ର ସରକାର ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ପରାମର୍ଶ ଦେଇଥିଲେ। ସେହି ଆଧାରରେ ରାଜ୍ୟ ସରକାର ଉକ୍ତ ଚିଠାନୀତି ପ୍ରସ୍ତୁତ କରିଛନ୍ତି। ୨୦୧୧ ଜନଗଣନା ଅନୁଯାୟୀ ରାଜ୍ୟରେ ୨୦,୩୩୨ ଜଣ କିନ୍ନର ଥିଲେ। ଏବେ ସେମାନଙ୍କ ସଂଖ୍ୟା ପ୍ରାୟ ୭୦ହଜାର ଉପରେ ରହିଛି। ନୂଆ ନୀତି କାର୍ଯ୍ୟକାରୀ ହେବା ପରେ ଜନସଚେତନତା ଉପରେ ଗୁରୁତ୍ୱ ଦିଆଯିବ। କେହି ଯେପରି ସେମାନଙ୍କୁ ଥଟ୍ଟା ନ କରିବେ ସେଥିପ୍ରତି ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି।





ଓଡ଼ିଶା ଆଶାକର୍ମୀ ସଂଘ ପକ୍ଷରୁ ୧୦ ଦଫା ଦାବିନେଇ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ।





ଠିକା ଶ୍ରମିକଙ୍କୁ ସ୍ଥାୟୀ କରିବା, ମାସିକ ସର୍ବନିମ୍ନ ମଜୁରି ୨୧ହଜାର କରିବା ଆଦି ବିଭିନ୍ନ ଦାବିନେଇ ସିଟୁ ପକ୍ଷରୁ ଭୁବନେଶ୍ୱର ଶ୍ରୀୟା ଛକ ନିକଟ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।





କ୍ୟାଡ଼ର ରୁଲ, ଅବସରକାଳୀନ ଭତ୍ତା ପ୍ରଦାନ ସହ ୩ ଦଫା ଦାବିରେ ଓଡ଼ିଶା ଦୃଷ୍ଟିହୀନ ବିଦ୍ୟାଳୟ ସଂଘ ପକ୍ଷରୁ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଅଭିନବ ଧାରଣା।

# ବଢ଼ିବ ଶୀତର ପ୍ରକୋପ

## ୨ ଡିଗ୍ରୀ ଯାଏ ଖସିଲା ପାରଦ

ଭୁବନେଶ୍ୱର, ୧୫।୧୨(ବ୍ୟୁରୋ)

ରାଜ୍ୟରେ ଆସନ୍ତା ୫ଦିନ ଯାଏ ପାଗ ମୁଖ୍ୟତଃ ଶୁଖିଲା ରହିବ। କିନ୍ତୁ ଶୀତର ପ୍ରକୋପ ବଢ଼ିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ଉତ୍ତର-ପଶ୍ଚିମ ତଥା ଉତ୍ତର ଦିଗରୁ ଓଡ଼ିଶା ମଧ୍ୟକୁ ବୁଧବାରଠାରୁ ଥଣ୍ଡା ଶୁଷ୍କ ବାୟୁ ପ୍ରବେଶ କରିଛି। ତେଣୁ ଆଗାମୀ ୪ରୁ ୫ ଦିନ ଯାଏ ରାତ୍ରକାଳୀନ ତାପମାତ୍ର ୨ ରୁ ୩ ଡିଗ୍ରୀ ଯାଏ କମିବ ଓ ଶୀତର ପ୍ରକୋପ ବଢ଼ିବ। ତେବେ ଉପରିଭାଗରେ ଜଳୀୟବାଷ୍ପର ବ୍ୟାପକ ଉପସ୍ଥିତି ଯୋଗୁ ରାଜ୍ୟରେ ପ୍ରାୟ ଅଞ୍ଚଳରେ ଦିନ ତାପମାତ୍ରା ସ୍ୱାଭାବିକଠାରୁ କମ୍ ସହ ପାଗ ଧୂଆଁଳିଆ ରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

ସେପଟେ ବୁଧବାର ଉପକୂଳ ଓଡ଼ିଶାରେ ରାତ୍ରକାଳୀନ ତାପାମାତ୍ରା ୦.୫ରୁ ୧.୫ ଡିଗ୍ରୀ ଯାଏ ତଳକୁ ଖସିଥିବାବେଳେ ଆଭ୍ୟନ୍ତରୀଣ ଓଡ଼ିଶାରେ ୦.୫ରୁ ୨ ଡିଗ୍ରୀ ଯାଏ ତଳକୁ ଖସିଛି। ୧୯ ସ୍ଥାନରେ ରାତ୍ରକାଳୀନ ତାପମାତ୍ରା ୧୫ ଡିଗ୍ରୀ ତଳେ ରେକର୍ଡ କରାଯାଇଛି। ଦାରିଙ୍ଗବାଡ଼ିରେ ସର୍ବନିମ୍ନ ୭.୫ ଡିଗ୍ରୀ ଓ ସମତଳ ଅଞ୍ଚଳ ମଧ୍ୟରେ ଫୁଲବାଣୀରେ ସର୍ବନିମ୍ନ ୧୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିଭଳି ଝାରସୁଗୁଡ଼ାରେ ୧୦.୮, କେନ୍ଦୁଝର ୧୧.୨, ଟିଟିଲାଗଡ଼ ୧୧.୩, ସୁନ୍ଦରଗଡ଼ ୧୨, ସୋନପୁର ୧୨.୪, ଭବାନୀପାଟଣା ୧୨.୯, ଚାନ୍ଦବାଲି ୧୩.୨, ହୀରାକୁଦ ୧୩.୨, ବଲାଙ୍ଗୀର ୧୩.୬, କୋରାପୁଟ ୧୩.୮, ବାରିପଦା ୧୪, ସମ୍ବଲପୁର ୧୪, ତାଳଚେର ୧୪, କଟକ ୧୪.୫, ଭୁବନେଶ୍ୱର ୧୪.୫, ବାଲେଶ୍ୱର ୧୪.୬, ଅନୁଗୋଳ ୧୪.୬, ନୟାଗଡ଼ ଓ ବୌଦ୍ଧରେ ୧୫, ମାଲକାନଗିରି ୧୫.୫, ପାରାଦୀପ ୧୬.୮, ଗୋପାଳପୁର ୧୭.୨, ଛତ୍ରପୁର ୧୮, ପାରଳାଖେମୁଣ୍ଡି ୧୮, ପୁରୀ ୧୮.୧ ଓ ରାୟଗଡ଼ାରେ ୧୯.୨ ଡିଗ୍ରୀ ତାପମାତ୍ରା ରହିଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି।



କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ ପୁଟସିଲ୍ ନିକଟ ଦେଓମାଳି ପାହାଡ଼ ପାଦଦେଶରେ ଆୟୋଜିତ ଇକୋ ରିଟ୍ରିଟ୍।

## ଇକୋ ରିଟ୍ରିଟ୍




କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ୍ ପେଣ୍ଠ ବେଳାଭୂମିରେ ଭିତରକନିକା ଇକୋ ରିଟ୍ରିଟ୍।



ସମ୍ବଲପୁର: ହୀରାକୁଦ ଜଳଭଣ୍ଡାର ତଟ ବଲବସପୁର ନିକଟରେ ପର୍ଯ୍ୟଟକମାନେ ୱାଟର ସ୍ପୋର୍ଟସର ମଜା ଉଠାଉଛନ୍ତି।



କୋଣାର୍କ ଇକୋ ରିଟ୍ରିଟ୍।

# ୟୁଜି, ପିଜିର ସମସ୍ତ ପରୀକ୍ଷା ଅଫ୍‌ଲାଇନ୍‌ରେ ହେବ

ଭୁବନେଶ୍ୱର, ୧୫।୧୨(ବ୍ୟୁରୋ)

ଏଣିକି ୟୁଜି ଓ ପିଜିର ସମସ୍ତ ପରୀକ୍ଷା ଅଫ୍‌ଲାଇନ୍ ମୋଡ୍‌ରେ ହେବ। ଏ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି। ବୁଧବାର ବିଭାଗୀୟ ସଚିବ ଶାଶ୍ୱତ ମିଶ୍ର ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତି ଏବଂ ସରକାରୀ ଓ ବେସରକାରୀ କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଜଣାଇଛନ୍ତି। ରାଜ୍ୟର ସମସ୍ତ କଲେଜ, ବିଶ୍ୱବିଦ୍ୟାଳୟରେ ୟୁଜି ଓ ପିଜିର ବାର୍ଷିକ ଏବଂ ସେମିଷ୍ଟର ପରୀକ୍ଷା ଅଫ୍‌ଲାଇନ୍ ମୋଡ୍‌ରେ କରିବା ପାଇଁ ଚିଠିରେ ଉଲ୍ଲେଖ କରାଯାଇଛି। ତେବେ କୋଭିଡ୍ ଗାଇଡ୍‌ଲାଇନ୍‌କୁ କଡ଼ାକଡ଼ି ଭାବେ ପାଳନ କରି ପରୀକ୍ଷା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ବିଡିଏର ଦଲିଲ ସମ୍ପାଦନ ଅବଧି ବଢ଼ିଲା

**ଭୁବନେଶ୍ୱର, ୧୫।୧୨(ବ୍ୟୁରୋ):** ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)ଙ୍କ ନିକଟରୁ ପ୍ଲଟ, ଘର ଓ ଦୋକାନ ଘର ନେଇଥିବା ମାଲିକମାନେ ସେମାନଙ୍କ ଲିଜ୍ ଡିଡ୍‌କୁ ଦଲିଲଭୁକ୍ତ କରିବା ପାଇଁ ଆବେଦନ କରିଥିଲେ। ଏହି ପ୍ରକ୍ରିୟା ଏବେ ଚାଲୁ ରହିଛି। ଦଲିଲ ସମ୍ପାଦନ ନିମନ୍ତେ ଆବଶ୍ୟକ କାଗଜପତ୍ର ଡିସେମ୍ବର ୧୫ ସୁଦ୍ଧା ଦାଖଲ କରିବାକୁ କୁହାଯାଇଥିଲା। କେତେଜଣ ବ୍ୟକ୍ତି ଉକ୍ତ ସମୟ ସୀମା ମଧ୍ୟରେ ଦାଖଲ କରିନାହାନ୍ତି। ଏହାକୁ ବିଚାରକୁ ନେଇ ବିଡିଏ ଦଲିଲ ସମ୍ପାଦନ ପାଇଁ ଆବେଦନ ସମୟ ଡିସେମ୍ବର ୨୦ରୁ ୩୧ ତାରିଖ ଯାଏଁ ବୃଦ୍ଧି କରିଛି। www.bda.gov.inରେ ଅନ୍‌ଲାଇନ୍ ଆବେଦନ କରିବାକୁ କୁହାଯାଇଛି। ଯଦି ଅନ୍‌ଲାଇନ୍ ଆବେଦନ କରିବାରେ କୌଣସି ସମସ୍ୟା ଉପୁଜେ ତେବେ ଟେଲିଫୋନ୍ ନଂ. ୦୬୭୪୨୩୯୬୪୩୭ରେ ଯୋଗାଯୋଗ କରିବା ପାଇଁ କୁହାଯାଇଛି। ବିଡିଏ ପକ୍ଷରୁ ଜାରି କରାଯାଇଥିବା ଏହି ନୋଟିସ୍ ଇଚ୍ଛାଧୀନ କୋଟା/ଟାକ୍ସଫୋର୍ସ/ଅଡିଟ୍ ରିପୋର୍ଟ ଅନ୍ତର୍ଭୁକ୍ତ/ତୃତୀୟ ପକ୍ଷ ଦ୍ୱାରା ପ୍ରାପ୍ତ ହୋଇଥିବା ଏବଂ ଅନ୍ୟାନ୍ୟ ଆଇନଗତ ସମସ୍ୟା ଥିବା ଲିଜ୍ ଡିଡ୍‌ଗୁଡ଼ିକୁ ଏଥିରେ ଅନ୍ତର୍ଭୁକ୍ତ କରାଯିବ ନାହିଁ। ଏହି ନୋଟିସ୍ ଲିଙ୍ଗରାଜ ବିହାର ହାଉସିଂ ଓ ଶପିଂ ସ୍କିମ୍, ବରମୁଣ୍ଡା ହାଉସିଂ ସ୍କିମ୍ ଓ ଶପିଂ ସ୍କିମ୍, ଡିଷ୍ଟ୍ରିକ୍ଟ ସେଣ୍ଟର, କମର୍ସିଆଲ୍ କମ୍ପ୍ଲେକ୍ସ, ମହତାବ ମାର୍କେଟ, ଶୁଭମ୍ ମାର୍କେଟ ଓ ବାରଭୁଜା ମାର୍କେଟ୍ କମ୍ପ୍ଲେକ୍ସ ପାଇଁ ପ୍ରଯୁଜ୍ୟ ନୁହେଁ ବୋଲି କୁହାଯାଇଛି।

# ଆଜିଠୁ ୨ଦିନିଆ ବ୍ୟାଙ୍କ ଧର୍ମଘଟ




ଖବରଦାତା ସମ୍ମିଳନୀରେ ୟୁଏଫ୍‌ବିୟୁ ପକ୍ଷରୁ ଧର୍ମଘଟ ସମ୍ପର୍କରେ ସୂଚନା ଦିଆଯାଉଛି।

- ବନ୍ଦ ରହିବ ଶାଖା, ଏଟିଏମ୍ ଖୋଲା
- ବ୍ୟାଙ୍କିଙ୍ଗ୍ ଆଇନ (ସଂଶୋଧନ) ବିଲ୍-୨୧କୁ ବିରୋଧ

ଭୁବନେଶ୍ୱର, ୧୫।୧୨

କେନ୍ଦ୍ର ସରକାରଙ୍କ ବ୍ୟାଙ୍କ ଘରୋଇକରଣ ନିଷ୍ପତ୍ତି ବିରୋଧରେ ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିୟନ (ୟୁଏଫ୍‌ବିୟୁ) ପକ୍ଷରୁ ୨ଦିନିଆ ସର୍ବଭାରତୀୟ ବ୍ୟାଙ୍କ ଧର୍ମଘଟ ଡାକରା ଦିଆଯାଇଛି। ଚଳିତ ମାସ ୧୬ ଏବଂ ୧୭ ତାରିଖରେ ଦେଶର ସମସ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଶାଖା ବନ୍ଦ ରହିବ। ଏହି ପରିପ୍ରେକ୍ଷୀରେ ଅନ୍‌ଲାଇନ ବ୍ୟାଙ୍କିଙ୍ଗ୍ ସେବା ଓ ଏଟିଏମ୍ କେନ୍ଦ୍ରଗୁଡିକ ଖୋଲା ରହିବ ବୋଲି ୟୁଏଫ୍‌ବିୟୁ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ୟୁଏଫ୍‌ବିୟୁର ଓଡିଶା ଶାଖା ପକ୍ଷରୁ ବୁଧବାର ଏକ ଖବରଦାତା ସମ୍ମିଳନୀ କରାଯାଇ ବ୍ୟାଙ୍କ ଧର୍ମଘଟ ଓ ଘରୋଇକରଣ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରି ଏହାର ରାଜ୍ୟ ଆବାହକ ରଘୁନାଥ ପ୍ରସାଦ ଦାସ କହିଛନ୍ତି, ଦେଶର ୧% ପୁଞ୍ଜିପତିଙ୍କ ସ୍ୱାର୍ଥ ସାଧନ ପାଇଁ ୯୯% ଲୋକଙ୍କ ଅର୍ଥ କାରବାର ଓ ସେବାକୁ ସରକାର ବଳି ପକାଇଦେବାକୁ ବସିଛନ୍ତି। ସେହିଭଳି ଦେଶର ୭୨% ଋଣ ଅର୍ଥ ଅସାଧୁ ବ୍ୟବସାୟୀଙ୍କ ନିକଟରେ ରହିଥିବା ବେଳେ ମାତ୍ର ୨୮% ଋଣ ଅର୍ଥ ସାଧାରଣ ବର୍ଗର ଗ୍ରାହକଙ୍କ ପାଖରେ ପଡିରହିଛି। ସରକାର ପୁଞ୍ଜିପତିଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଯେଉଁ ବ୍ୟାଙ୍କିଙ୍ଗ୍ ଆଇନ (ସଂଶୋଧନ) ବିଲ୍ ପାରିତ କରିବାକୁ ଯୋଜନା କରୁଛନ୍ତି। ସେସବୁ ଯୋଜନା ଦେଶର ସ୍ୱାର୍ଥ ପାଇଁ ଆମେମାନେ ଏକତ୍ର ହୋଇ ନିଜ ନିଜ ଶାଖା ସମ୍ମୁଖରେ ହରତାଳ ସହ ବ୍ୟାଙ୍କ ଘରୋଇକରଣକୁ ବିରୋଧ କରିବାକୁ ରାଜ୍ୟର ସମସ୍ତ ବ୍ୟାଙ୍କ କର୍ମଚାରୀ ଓ ଅଧିକାରୀମାନଙ୍କୁ ଆହ୍ୱାନ ଦିଆଯାଇଛି। ଏହି ୨ଦିନିଆ ଧର୍ମଘଟରେ ଓଡ଼ିଶାରୁ ପ୍ରାୟ ୬୦୦୦ ଶାଖା ଓ ୩୦ହଜାର ସବୁ ବର୍ଗର କର୍ମଚାରୀ ସହଯୋଗ ପ୍ରଦାନ କରିବେ ବୋଲି ୟୁଏଫ୍‌ବିୟୁ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସମ୍ମିଳନୀରେ ୟୁଏଫ୍‌ବିୟୁର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଏହାର ଉପଦେଷ୍ଟା ବରିଷ୍ଠ ବ୍ୟାଙ୍କର ଦାମୋଦର ନନ୍ଦ ରାଜ୍ୟର ସମସ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କର କର୍ମଚାରୀ ଓ ଅଧିକାରୀଙ୍କୁ ସହଯୋଗ ପାଇଁ ନିବେଦନ କରିଛନ୍ତି।

# ନିଯୁକ୍ତି ପାଇଁ ଆଣ୍ଠେଇ ପ୍ରତିବାଦ କଲେ ଆଶାୟୀ ଶିକ୍ଷକ



**ଭୁବନେଶ୍ୱର, ୧୫।୧୨(ବ୍ୟୁରୋ):** କିଏ ଆଣ୍ଠେଇ ପାଠ ପଢୁଛି ତ ଆଉ କିଏ କାନ ଧରି। ଏଭଳି ଭାବେ ଦେଖିବାକୁ ମିଳିଥିଲା ଏସ୍.ଏସ୍.ଟି.ଇ.ଟି ପାସ କରିଥିବା ଅଣନିଯୁକ୍ତ ହିନ୍ଦୀ, ସଂସ୍କୃତ ଓ କ୍ରୀଡ଼ା ଶିକ୍ଷକ ସଂଘ। ୨୦୧୪ ମସିହାଠାରୁ ଦୀର୍ଘ ୭ବର୍ଷ ପରେ ଚଳିତବର୍ଷ ଅଗଷ୍ଟ ୧୩ରେ ନିଯୁକ୍ତି ବାହାର କରାଗଲା। କିନ୍ତୁ ସି.ବି.ଟି ପରୀକ୍ଷାର କମ୍ପ୍ୟୁଟର ତ୍ରୁଟି, ପ୍ରଶ୍ନଗୁଡ଼ିକ ପି.ଜି. ଓ ନେଟ ଲେବଲର ହୋଇଥିବାରୁ ୪୫% ପଦବୀ ପୂରଣ ହୋଇପାରିଲା ନାହିଁ। ୭ଦଫା ଦାବି ନେଇ ଲୋୟର ପିଏମଜିରେ ୪ଦିନ ହେବ ଧାରଣାରେ ବସିଛନ୍ତି। ୨୦୨୧ରେ ନୂତନ ଖାଲିଥିବା ପଦବୀ ପୂରଣ ପାଇଁ ତୁରନ୍ତ ବିଜ୍ଞାପନ ପ୍ରକାଶ, ମୂଲ୍ୟାୟନ ୨ଭାଗ ନକରି ସମ୍ପୂର୍ଣ୍ଣ ମାର୍କରୁ ୩୦ ପାସ୍ ମାର୍କ ସବୁ ବର୍ଗ ପାଇଁ ସମାନ ରଖାଯାଉ, ସି.ପି.ଇ.ଡି(ପି.ଇ.ଟି)ର ସିଲାବସରେ ବହିର ନାମ, ଲେଖକଙ୍କ ନାମ ରଖାଯାଉ, ସଂରକ୍ଷଣ ସିଟ୍‌ଗୁଡ଼ିକ ଖାଲି ପଡ଼ିଲେ ତାହା ସବର୍ଣ୍ଣମାନଙ୍କ ଦ୍ୱାରା ପୂରଣ କରାଯାଉ ଯାହା ଫଳରେ ବିଦ୍ୟାଳୟରେ ଶିକ୍ଷକମାନଙ୍କର ଅଭାବ ଦେଖାଯିବ ନାହିଁ ଏଥିସହିତ ଅନ୍ୟାନ୍ୟ ଦାବିଗୁଡ଼ିକ ରହିଛି।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, SAMBALPUR (R&B) DIVISION NO. II, SAMBALPUR**
E-mail – eesbprnbdivision2@gmail.com, Phone -0663-2410104
**BID IDENTIFICATION No. EE / R and B / SBP II /24(online)/2021-22**

**E-procurement notice**

No.4848 / Dated 07.12.2021

**No. B-801:-** The **Superintending Engineer, Sambalpur (R&B) Division No.II, Sambalpur** on behalf of Governor of Odisha invites Percentage Rate bids in **single** cover System in ONLINE MODE.

1. No. of work :- **05 (five) Nos. of work (1 No. Lift & 2 Nos. Electrical works, 2 Nos. of Building works)**
2. Tender Cost :- **₹6,000/- & 4,000/-**
3. Class of Contractor :- OEM or its authorized dealer having tie up with electrical contractor/ Electrical Contractor / C Class/ B Class / A Class contractor
4. Availability of bid document in the website. :- **10.00 Hours of 14.12.2021 to 17.00 Hours of 22.12.2021**
5. Date of Opening of Tenders :- **11.30 Hours on dt.23.12.2021**
6. The bidders have to participate in ONLINE bidding only. Further details can be seen from the Website **www.tendersodisha.gov.in** only. Any Corrigendum / Addendum/cancellation of tender will be displayed in the website said only.

Sd./- Superintending Engineer
Sambalpur (R&B) Division No.II
OIPR-34042/11/0057/2122

**ଓଡ଼ିଶା ସରକାର**
**ସ୍ୱତନ୍ତ୍ର ରିଲିଫ୍ କମିଶନର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
**(ବିପର୍ଯ୍ୟୟ ପରିଚାଳନା)**
**ସୂଚନା**

**No. F-257:-** ଏତଦ୍ଵାରା ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ରାଜ୍ୟରେ କୋଭିଡ୍-19ରେ ମୃତ୍ୟୁ ପାଇଁ ବିପର୍ଯ୍ୟୟ ମୁକାବିଲା ପାଣ୍ଠିରୁ ସରକାର ଟ.୫୦,୦୦୦/- (ପଚାଶ ହଜାର ଟଙ୍କା) ଅନୁକମ୍ପାମୂଳକ ସହାୟତା ରାଶି ମୃତକଙ୍କ ନିକଟତମ ସମ୍ପର୍କୀୟଙ୍କୁ ଯୋଗାଇ ଦେଉଛନ୍ତି।

ଯେଉଁ ବ୍ୟକ୍ତିଙ୍କ ନିକଟତମ ସମ୍ପର୍କୀୟ ଏହି ସହାୟତା ରାଶି ପାଇନାହାନ୍ତି, ସେମାନେ ଆବେଦନପତ୍ର/ ଦରଖାସ୍ତ ଓ ଆବଶ୍ୟକୀୟ ଦସ୍ତାବିଜ ସହିତ ଜିଲ୍ଲାପାଳଙ୍କୁ ପ୍ରତ୍ୟକ୍ଷଭାବେ (Offline) ଓ Website- **https://caps.odisha.gov.in** (Online) ଜରିଆରେ ଦାଖଲ/ଆବେଦନ କରିପାରିବେ। Web Portal (Website: https://caps.odisha.gov.in) "CAPS" (Covid-19 Ex-gratia Assistance Payment System) ତା.୦୩.୧୧.୨୦୨୧ରିଖରୁ ଜନସାଧାରଣଙ୍କ ନିମନ୍ତେ ଉପଲବ୍ଧ ହୋଇଅଛି। ଏଣୁ କୋଭିଡ୍-19ରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଆତ୍ମୀୟସ୍ୱଜନଙ୍କୁ ଯଥାଶୀଘ୍ର ଜିଲ୍ଲାପାଳଙ୍କ ଜରିଆରେ ଆବେଦନ କରିବାକୁ ଅନୁରୋଧ କରାଯାଉଅଛି।

ଆବଶ୍ୟକସ୍ଥଳେ ଜନସାଧାରଣ ଏକ (Toll Free/ ଦେୟମୁକ୍ତ) Sanjog Helpline ନମ୍ବର **155335**କୁ ଯୋଗାଯୋଗ କରି ସହାୟତା ନେଇପାରିବେ।

ସ୍ୱା./-ସ୍ୱତନ୍ତ୍ର ରିଲିଫ୍ କମିଶନର ଓ
ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡ଼ିଶା
OIPR-24003/11/0012/2122

**GOVT. OF ODISHA** No. MM-293
**OFFICE OF THE DIVISIONAL FOREST OFFICER, KARANJIA DIVISION, KARANJIA**
**e-Procurement Notice, KARANJIA FOREST DIVISION**
**Bid Identification No. FD-KJA-02 of 2021-22**
**email ID: dfo.karanjia@odisha.gov.in**

Letter No. 6632 Date: 12.12.2021

1. Name of Works : Construction of Building works
2. Approximate Estiamted Cost: Rs.10.75 lakh to 17.857 lakhs (As per Annexure in TCN)
3. Class of Contractor : "D" & "C" Class (As per Annexure)
4. Period of Completion : 03 (Three) Calendar months
5. Tender Paper Cost : Rs.6,000/- towards cost of bid as mentioned in Annexure (Building work).
6. Date & time of availability of bid document in the portal : Dt.16.12.2021 at 10.00 A.M.
7. Last date/time for receipt of bid in the portal : Dt.22.12.2021 upto 5.00 P.M.
8. Date of Opening Bid : Dt.23.12.2021 at 11.00 A.M.
9. Name and address of the Office Inviting Bid : Divisional Forest Officer, Karanjia Division, Karanjia
10. The bidders have to participate in ONLINE bidding only.
11. All other details can be seen from the e-procurement portal **https://www.tendersodisha.gov.in**.

Sd./- Divisional Forest Officer, Karanjia Division
OIPR-08019/11/0006/2122

**ODISHA PUBLIC SERVICE COMMISSION**
**CUTTACK**
**NOTICE**

**No. 9150/PSC, (1R-96-21-22) (DR-V),** Dt. 15.12.21

**No. D-238:-** It is for information of all concerned that, document verification of candidates having **PPSAN** mentioned below for the post of **Professor in Journalism & Mass Communication** pursuant to advertisement No.10 of 2021-22 shall be held on **22.12.2021** as per the following programme in the office of the Commission at 19, Dr. P. K. Parija Road, Cuttack -753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 22.12.2021 | 2.30 P.M. | 00110431, 00111660, 00094865 & 00111259 = **4 Candidates** |

The candidates are required to submit the following documents at the time of verification:-
1. The hard copies of **online application forms** indicating their **PPSAN at the top right hand corner**. (Not required for offline mode of applications).
2. Three passport size **photographs**.
3. Duly filled in & attested "**Attestation Form**" and duly filled in "**Bio-data Form**", (downloaded from the website of the Commission).
4. Duly filled in forms "**Appendix-I & II**" to be downloaded from the website of the Commission.
5. Ph. D. Thesis.
6. Certificate of teaching experience.
7. Following documents in Original (as per table-2 of Appendix-II of UGC regulation-2018)
   a. All original Research Publications/Books.
   b. Creation of ICT mediated Teaching/ Learning/ Pedagogy.
   c. Research guidance.
   d. Patents if any.
   e. Invited lectures/ resource Person/paper presentation in Seminar/Conference.

Besides:-
i. Copies of the 1st pages of each Research Publications/Papers - **01 Set**
ii. Copies of front and back cover pages of the Published Books - **01 Set**

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time.

OIPR-12002/11/0169/2122 **Sd./- Secretary**

**ODISHA PUBLIC SERVICE COMMISSION**
**CUTTACK**
**NOTICE**

**No. 9162/PSC, (1R-93-21-22) (DR-V),** Dt. 15.12.21

**No. D-240:-** It is for information of all concerned that, document verification of candidates having **PPSAN** mentioned below for the post of **Associate Professor in Public Administration** pursuant to advertisement No.06 of 2021/22 shall be held on **22.12.2021** as per the following programme in the office of the Commission at 19, Dr. P. K. Parija Road, Cuttack -753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 22.12.2021 | 10.30 A.M. | 00109353, 00109228, 00110366, 00109586, 00086786, 00110125, 00110480, 00094634 & 00110709 = **9 Candidates** |

The candidates are required to submit the following documents at the time of verification:-
1. The hard copies of **online application forms** indicating their **PPSAN at the top right hand corner**. (Not required for offline mode of applications).
2. Three passport size **photographs**.
3. Duly filled in & attested "**Attestation Form**" and duly filled in "**Bio-data Form**", (downloaded from the website of the Commission).
4. Duly filled in forms "**Appendix-I & II**" to be downloaded from the website of the Commission.
5. P.G. Degree mark sheet in support of percentage of mark.
6. Ph. D. Thesis.
7. Certificate of teaching experience.
8. Following documents in Original (as per table-2 of Appendix-II of UGC regulation-2018)
   a. All original Research Publications/Books.
   b. Creation of ICT mediated Teaching/ Learning/ Pedagogy.
   c. Research guidance.
   d. Patents if any.
   e. Invited lectures/ resource Person/paper presentation in Seminar/Conference.

Besides:-
i. Copies of the 1st pages of each Research Publications/Papers - **01 Set**
ii. Copies of front and back cover pages of the Published Books - **01 Set**

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time.

OIPR-12002/11/0171/2122 **Sd./- Secretary**

**GOVERNMENT OF ODISHA**
**OFFICE OF THE ENGINEER-IN-CHIEF, RURAL WORKS, ODISHA, BHUBANESWAR**
**(E-Mail address - cerw_bbsr@yahoo.com)**
Lr. No.36717//
Dt.14.12.21
**"e" Procurement Notice for bridge works in Odisha**
**(Online-08(Bridge)/2021-22 dt. 14.12.2021)**

No. O-1346
1. Name of the work : Construction of bridge work
2. Total No. of works : 01 (One) No.
3. Estimated cost : Rs.947.45 lakh
4. Class of contractor : Special Class & Super Class
5. Period of completion : 15 (Fifteen) calendar months
6. Other details :

| Procurement Officer | Bid Identification No. | No. of bridge works | Availability of tender online for bidding | |
|---|---|---|---|---|
| | | | From | To |
| Chief Engineer, Buildings & Bridges, Rural Works, Odisha, Bhubaneswar | Online-08(Bridge) /2021-22 | 01 (One) No. | 22.12.2021 at 11.00 A.M. | 11.01.2022 upto 5.00 P.M. |

Other details can be seen in the bidding documents, which is available in website **www.tendersorissa.gov.in**

Sd./- Chief Engineer, Buildings & Bridges
Rural Works, Odisha, Bhubaneswar
OIPR-25123/11/0018/2122

## ହେଟାବାଘ ଆତଙ୍କ

ରୂପସା,(ଡି.ଏନ.ଏ.): ବାଲେଶ୍ୱର ଜିଲା ସଦର ବ୍ଲକର ଶ୍ରୀରାମପୁର ପଞ୍ଚାୟତ ବଳବୁଦ୍ଧି ଗ୍ରାମରେ ବୁଧବାର ହେଟାବାଘ ଆତଙ୍କ ଦେଖାଦେଇଛି। ଗତ କିଛିଦିନ ହେବ ଗ୍ରାମର ଆଖପାଖ ଅଞ୍ଚଳରେ ଗ୍ରାମବାସୀ ବାଘ ସଦୃଶ ପାଦଚିହ୍ନ ଦେଖିବାକୁ ପାଉଥିଲେ। ଘଟଣା ସମ୍ପର୍କରେ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ତଦନ୍ତ ପରେ ଏହି ପାଦ ଚିହ୍ନ ହେଟାବାଘର ବୋଲି ଜଣାପଡିଛି। ଏହି ଘଟଣା ପରେ ବାହାରେ ବୁଲାବୁଲି ନ କରିବାକୁ ଏବଂ ଛୋଟ ପିଲାଙ୍କୁ ଏକାକୀ ବାହାରକୁ ନ ଛାଡିବାକୁ ବନ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ସତର୍କ କରାଯାଇଛି। ହେଟାବାଘ ନାଁ ଶୁଣିବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ହେଟାବାଘ ଠାବ କରିବା ପାଇଁ ବନବିଭାଗ ପକ୍ଷରୁ ରଣକୌଶଳ ଆରମ୍ଭ ହୋଇଛି।

# ଆଖି ନ ଥାଇ ଫଟୋଗ୍ରାଫି

**ବ୍ଲାଇଣ୍ଡ ଫଟୋଗ୍ରାଫର ଏସାରା ଇସ୍ମାଇଲ୍**



**ଜନ୍ମରୁ ଦୁନିଆ ଅନ୍ଧାର। ଅଥଚ ହାତରେ କ୍ୟାମେରାଟେ ଥିଲେ ସେ ପାଲଟିଯାଆନ୍ତି ଭିନ୍ନ ମଣିଷ। ନିମିଷକ ମଧ୍ୟରେ ଲାନ୍ସରେ ତୋଳିଧରନ୍ତି ପ୍ରକୃତିର ଅପରୂପ ବର୍ଣ୍ଣବିଭା। କେବଳ ସ୍ୱର ବାରି କଏଦ କରିନିଅନ୍ତି ମଣିଷଙ୍କ ଫଟୋ। ତାଙ୍କ ଦ୍ୱାରା ଉଠାଯାଇଥିବା ପ୍ରତିଟି ଫଟୋ କୌଣସି ଧୁରୀଣ ଫଟୋଗ୍ରାଫରଙ୍କଠାରୁ କମ୍ ନୁହେଁ। ଦୃଷ୍ଟିବାଧିତ ହୋଇଥିଲେ ମଧ ନିଜର ଅଧାବସାୟ ବଳରେ ଏଭଳି ଅସମ୍ଭବକୁ ସମ୍ଭବ କରି ଦେଖାଇଛନ୍ତି ଇଜିପ୍ଟର ୨୨ ବର୍ଷୀୟ ମହିଳା ଫଟୋଗ୍ରାଫର ଏସାରା ଇସ୍ମାଇଲ୍।**

କାଏରୋ: ଲକ୍ଷ୍ୟପଥ ଦୃଢ଼ ଥିଲେ କଷ୍ଟକର କାର୍ଯ୍ୟ ବି ହୋଇଯାଏ ସହଜ। ଇଚ୍ଛାଶକ୍ତି ଏବଂ ଅଧ୍ୟବସାୟ ବଳରେ ଆରମ୍ଭ ହୋଇଥିବା କଷ୍ଟକର ଯାତ୍ରା ନେଇଯାଏ ସଫଳତାର ଶୀର୍ଷକୁ, ଯାହାକୁ କରି ଦେଖାଇଛନ୍ତି ଇଜିପ୍ଟର ଏସାରା ଇସ୍ମାଇଲ୍। ପିଲାଟି ଦିନରୁ ଫଟୋଗ୍ରାଫିରେ ସଉକ ରଖୁଥିବା ଏସାରା ଜନ୍ମରୁ ଦୃଷ୍ଟିବାଧିତ। ହେଲେ ତୀବ୍ର ଇଚ୍ଛାଶକ୍ତି ବଳରେ ସେ ନିଜର ଅଭିଳାଷକୁ ସାକାର ରୂପ ଦେବାରେ ସେ ସଫଳ ହୋଇଛନ୍ତି। ଆଲେକ୍‌ଜାଣ୍ଡ୍ରିଆ ୟୁନିଭର୍‌ସିଟି ଅଫ୍ ଆର୍ଟସ୍‌ରୁ ଆରବିକ୍ ଭାଷା ବିଭାଗରେ ପାଠ ପଢ଼ିବା ସମୟରେ ଫଟୋଗ୍ରାଫି ପ୍ରତି ଆକର୍ଷିତ ହୋଇପଡ଼ିଥିଲେ ଏସାରା। ଚକ୍ଷୁହୀନ ହୋଇଥିବାରୁ ପ୍ରଥମେ ସାମାନ୍ୟ ଦ୍ୱନ୍ଦ୍ୱରେ ପଡ଼ିଥିଲେ ମଧ ଲକ୍ଷ୍ୟପଥରୁ ବିଚ୍ୟୁତ ହୋଇ ନ ଥିଲେ। ସମସ୍ୟା, ପ୍ରତିକୂଳ ପରିବେଶ ପାର କରି ସେ ନିଜ ସ୍ୱପ୍ନକୁ ସାକାର କରିପାରିଛନ୍ତି। ବିନା ଆଖିରେ ବି ଚମତ୍କାର ଫଟୋଗ୍ରାଫି କରି ବଢ଼ାଇଛନ୍ତି ନାରୀ ସମାଜର ଗୌରବ। ତାଙ୍କର ପରିଶ୍ରମ ସୋସିଆଲ ମିଡିଆରେ ଭୂୟସୀ ପ୍ରଶଂସା ସାଉଁଟୁଥିବାବେଳେ ଏସାରାଙ୍କୁ ମିଳିଛି ପୃଥିବୀର ପ୍ରଥମ ଦୃଷ୍ଟିବାଧିତ ମହିଳା ଫଟୋଗ୍ରାଫର୍ ମାନ୍ୟତା।

### ପ୍ରତିଘାତ ସହି ସଫଳ

ସୃଜନଶୀଳତାର ଅନ୍ୟନାମ ଫଟୋଗ୍ରାଫି। ଏଥିଲାଗି ଲୋଡ଼ା ଭାବପ୍ରବଣତା, ସମ୍ବେଦନଶୀଳତା ଏବଂ ସକାରାତ୍ମକ ଭାବନା। ହେଲେ ଏସାରାଙ୍କ ପାଇଁ ଏସବୁ ଏତେ ସହଜ ନ ଥିଲା। ପାଦେ ପାଦେ ସଂଘର୍ଷ, ଘାତ ପ୍ରତିଘାତ ସହି ସେ ପହଞ୍ଚିଛନ୍ତି ସଫଳତାର ଶିଖରରେ। ଏଥିଲାଗି ବ୍ଲାଇଣ୍ଡ ଫଟୋଗ୍ରାଫି ସ୍କୁଲରୁ ନେଇଛନ୍ତି ସ୍ୱତନ୍ତ୍ର ପ୍ରଶିକ୍ଷଣ। ଶିଖିଛନ୍ତି ଫଟୋଗ୍ରାଫିର ବିଭିନ୍ନ ଟେକ୍‌ନିକ୍। କେବଳ ଏତିକି ନୁହେଁ, କ୍ୟାମେରା ସହ ଭାବନାତ୍ମକ ଭାବେ ଯୋଡ଼ିହୋଇଛନ୍ତି ସେ। ସମୟକ୍ରମେ ବିନା ଦୃଷ୍ଟିଶକ୍ତିରେ ଚମତ୍କାର ଫଟୋ ଉଠାଇବାରେ ଏସାରା ନିପୁଣ ହୋଇସାରିଛନ୍ତି। କ୍ୟାମେରା ଅଟୋମୋଡ୍‌ରେ ରଖି ସ୍ୱରକୁ ବାରି କ୍ୟାମେରାର ଆଙ୍ଗେଲ୍ ସେଟ୍ କରିଥାଆନ୍ତି। ହାରାହାରି ୨ ମିଟର ଦୂରରୁ ଲୋକଙ୍କ ସହିତ କଥାବାର୍ତ୍ତା ହୋଇ ଫଟୋ ଉଠାଇଥାଆନ୍ତି। ସେମିନାର, କର୍ମଶାଳା, ପ୍ରଦର୍ଶନୀରେ ଫଟୋ ପ୍ରଦର୍ଶନ କରିବା ପରେ ତାଙ୍କ ଦକ୍ଷତା ବିଷୟରେ ବିଶ୍ୱବ୍ୟାପୀ ଚର୍ଚ୍ଚା ଆରମ୍ଭ ହୋଇଛି।

# ୪ ଲେନ୍ କେଶିଙ୍ଗା ରୋଡ୍ ଓଭରବ୍ରିଜ୍‌କୁ ଗଡ଼କରୀଙ୍କ ମଞ୍ଜୁରୀ

ନୂଆଦିଲ୍ଲୀ, ୧୫।୧୨

ଓଡ଼ିଶାର କେତେକ ପ୍ରକଳ୍ପକୁ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତୀନ ଗଡ଼କରୀ ମଞ୍ଜୁରୀ ପ୍ରଦାନ କରିଛନ୍ତି। ୪-ଲେନ୍ ବିଶିଷ୍ଟ କେଶିଙ୍ଗା ରୋଡ୍ ଓଭରବ୍ରିଜ୍ ସମେତ ୨୦୧ ନମ୍ବର ଜାତୀୟ ରାଜପଥରେ ଲେବଲ୍ କ୍ରସିଂ ନଂ-ଆର୍‌ଭି-୧୭୨ ନିର୍ମାଣ ଲାଗି ଜମି ଅଧିଗ୍ରହଣକୁ ଅନୁମୋଦନ କରାଯାଇଛି। ଏଥିପାଇଁ ୩୨୪.୦୯ କୋଟି ଟଙ୍କା ବ୍ୟୟ ହେବ। ସେହିପରି ଆନ୍ଧ୍ରପ୍ରଦେଶ ଏବଂ ମଧ୍ୟପ୍ରଦେଶର କେତେକ ନିର୍ମାଣ ଓ ଉନ୍ନତିକରଣ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଉକ୍ତ ରାଜ୍ୟରେ ୪୨ ନମ୍ବର ଜାତୀୟ ରାଜପଥର ମୁଲାକାଳଚେରୁଭୁଠାରୁ ପଦନପାଲ୍ଲେ ସେକ୍ସନକୁ ୨ରୁ ୪ ଲେନ୍ କରାଯିବା ପାଇଁ ୪୮୦.୧୦ କୋଟି ଟଙ୍କାର ପ୍ରସ୍ତାବକୁ ଅନୁମୋଦନ ମିଳିଛି। ସେହିପରି ଗଡ଼କରି ମଧ୍ୟପ୍ରଦେଶର ୨୩ଟି ବିକାଶମୂଳକ ପ୍ରକଳ୍ପ କାର୍ଯ୍ୟକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି, ଯେଉଁଥିରେ ୧୮୧୪.୯୦ କୋଟି ଟଙ୍କା ଖର୍ଚ୍ଚ ହେବ।

# 'ସଂଯତ କର୍ମବାଦ ହିଁ ପ୍ରଗତିର ମୂଳମନ୍ତ୍ର'



ଗୋଲକ ବିହାରୀ ଧଳ ଜନ୍ମ ଶତବାର୍ଷିକୀ ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ।

ଢେଙ୍କାନାଳ ଅଫିସ, ୧୫।୧୨

ଅସଂଯତ ଉନ୍ମାଦ ନୁହେଁ, ବରଂ ସଂଯତ କର୍ମବାଦ ହିଁ ପ୍ରଗତିର ମୂଳମନ୍ତ୍ର। ଭାରତୀୟ ସଂସ୍କୃତି ଆତ୍ମସଂଯମର ସଫଳ ଅଭ୍ୟାସ। ପ୍ରଫେସର ଗୋଲକ ବିହାରୀ ଧଳ ଏହା ଉପରେ ବିଶ୍ୱାସ କରୁଥିଲେ ବୋଲି କହିଛନ୍ତି ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ। ଢେଙ୍କାନାଳ ପୁରୁଣା ଜିଲା ପରିଷଦ ହଲ୍‌ରେ ବୁଧବାର ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ଭାଷା ବିଜ୍ଞାନୀ ପ୍ରଫେସର ଗୋଲକ ବିହାରୀ ଧଳଙ୍କ ଜନ୍ମ ଶତବାର୍ଷିକୀ ସମାରୋହକୁ ଉଦ୍‌ଘାଟନ କରି ସେ ଏଭଳି ମତବ୍ୟକ୍ତ କରିଛନ୍ତି।

ମୁଖ୍ୟ ଅତିଥି ଭାବେ ଗବେଷକ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର, ମୁଖ୍ୟବକ୍ତା ଡ. ପ୍ରଦୀପ୍ତ ବାରିକ, ସମ୍ମାନିତ ବକ୍ତା ଶିଳ୍ପୀ ପରେଶ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ପ୍ରଫେସର ଧଳଙ୍କ ସାହିତ୍ୟକୃତି ଉପରେ ଆଲୋଚନା କରିଥିଲେ। ପ୍ରଫେସର ଧଳଙ୍କ ବଡ଼ ପୁଅ ଅଜୟ ଧଳ, କନିଷ୍ଠ ପୁତ୍ର ସୌଭାଗ୍ୟ ରଞ୍ଜନ ଧଳ, କନ୍ୟା ମଞ୍ଜୁଶ୍ରୀ ଧଳ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟା ଡ. ପୁଷ୍ପଲତା ରଥ ସ୍ୱାଗତ ଭାଷଣ ଦେଇଥିବାବେଳେ ଜିଲା ଲେଖକ ସଂସଦ ସମ୍ପାଦକ ବସନ୍ତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ତଥ୍ୟ ପ୍ରଘଟରେ ଭାରତ ୩ୟ

## ୨୦୨୧ରେ ବଢ଼ିଛି ୩୫୧%

ନୂଆଦିଲ୍ଲୀ,୧୫।୧୨

ସାରା ବିଶ୍ୱରେ ତଥ୍ୟ ପ୍ରଘଟ ଯୋଗୁ କ୍ଷତିଗ୍ରସ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ବିଶେଷକରି ଭାରତ ଏକ୍ଷେତ୍ରରେ ୩ୟ ସ୍ଥାନରେ ରହିଛି। ଗତବର୍ଷ ତୁଳନାରେ ୨୦୨୧ରେ ଭାରତରେ ତଥ୍ୟ ପ୍ରଘଟ ୩୫୧.୬% ବଢ଼ିଛି। ୨୦୨୦ରେ ଏହି ସଂଖ୍ୟା ୧୯.୧୮ ନିୟୁତ ଥିବାବେଳେ ଚଳିତବର୍ଷ ନଭେମ୍ବର ଶେଷ ସୁଦ୍ଧା ୮୬.୬୩ ନିୟୁତରେ ପହଞ୍ଚିଥିବା ସର୍ଫଶାର୍କ ଅଲର୍ଟର ଡାଟା ବେସ୍‌ରୁ ଜଣାପଡ଼ିଛି। ଅଧିକ ତଥ୍ୟ ପ୍ରଘଟ ହେଉଥିବା ପ୍ରଥମ ୫ଦେଶ ମଧ୍ୟରେ ଆମେରିକା, ଇରାନ୍, ଭାରତ, ରୁଷିଆ ଏବଂ ଫ୍ରାନ୍ସ ରହିଛି। ୨୦୨୧ରେ ସାରା ବିଶ୍ୱରେ ହୋଇଥିବା ତଥ୍ୟ ପ୍ରଘଟର ଅଧା ଏହି ୫ଟି ରାଷ୍ଟ୍ରରେ ହୋଇଛି। ବିଶେଷକରି ମଧ୍ୟପ୍ରାଚ୍ୟ ରାଷ୍ଟ୍ର ଯଥା ଇରାନ୍, ସୁଦାନ, ଦୁବାଇ ଏବଂ ଇରାକ୍‌ରେ ପ୍ରତିବର୍ଷ ତଥ୍ୟ ପ୍ରଘଟ ଘଟଣା ବଢ଼ିବାରେ ଲାଗିଛି।

ସାଇବର ସିକ୍ୟୁରିଟି କମ୍ପାନୀ ସର୍ଫଶାର୍କ ଅଲର୍ଟସ ଦ୍ୱାରା କରାଯାଇଥିବା ବିଶ୍ଳେଷଣରେ ବିଶ୍ୱରେ ଗତ ବର୍ଷ ଅପେକ୍ଷା ଚଳିତବର୍ଷ ତଥ୍ୟ ପ୍ରଘଟ ଘଟଣା ବୃଦ୍ଧି ପାଇଥିବା ଜଣାପଡ଼ିଛି। ବିଶ୍ୱରେ ୨୦୨୦ରେ ୯୨୧.୮ ନିୟୁତ ତଥ୍ୟ ପ୍ରଘଟ ହୋଇଥିଲା। ୨୦୨୧ ନଭେମ୍ବର ସୁଦ୍ଧା ଏହି ସଂଖ୍ୟାରେ ୩.୪% ବୃଦ୍ଧି ପାଇ ୯୫୨.୮ ନିୟୁତରେ ପହଞ୍ଚିଛି। ହକ୍‌ମାଗେଡନର ତଥ୍ୟ ଅନୁଯାୟୀ, ୨୦୨୧ରେ ୯ଟି ବଡ଼ ତଥ୍ୟ ଲିକ୍ ଘଟଣା ଭାରତରେ ହିଁ ହୋଇଛି। ଏଥିମଧ୍ୟରେ ଏୟାର ଇଣ୍ଡିଆ, ଜି-୫, ଡୋମିନୋସ୍ ପିଜା ଇଣ୍ଡିଆ ଭଳି କମ୍ପାନୀ ରହିଛନ୍ତି। ବ୍ୟକ୍ତିଗତ ତଥ୍ୟ ପ୍ରଘଟ ଫଳରେ ଆକାଉଣ୍ଟଧାରୀ ସେମାନଙ୍କ ସମ୍ମାନହାନି ସହ ଆର୍ଥିକ କ୍ଷତିର ଶିକାର ହୋଇଥିବା ଅନୁଭବ କରୁଛନ୍ତି। କାରଣ ଅପରାଧୀମାନେ ଏହାକୁ ବିଭିନ୍ନ ବେଆଇନ କାର୍ଯ୍ୟ ଯଥା ଫିସିଂ ଇ-ମେଲ୍‌ସ, ବ୍ୟାଙ୍କ ନାମରେ ମିଥ୍ୟା କଲ୍ ଏବଂ ବ୍ୟକ୍ତିଗତ ପରିଚୟ ଚୋରି ଆଦି ପାଇଁ ବ୍ୟବହାର କରିପାରନ୍ତି। ସେଥିପାଇଁ ଇଣ୍ଟରନେଟ ବ୍ୟବହାରକାରୀମାନେ ଅନ୍‌ଲାଇନ୍ ପ୍ରିଭେସି ଉପରେ ସଚେତନ ରହିବା ସହ ନିଜ ଆକାଉଣ୍ଟକୁ ସୁରକ୍ଷିତ ରଖିବା ପାଇଁ ସତର୍କତା ଅବଲମ୍ବନ କରିବା ଆବଶ୍ୟକ ବୋଲି ସର୍ଫଶାର୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାଇଟାଉଟାସ୍ କାଜିଓକୋନିସ୍ କହିଛନ୍ତି।


## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର
(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)

ପତ୍ର ସଂଖ୍ୟା: DCPU/JPR /21 ତାରିଖ: /11/2021

**ବିଜ୍ଞପ୍ତି**

No. g-61: ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ବିଭିନ୍ନ ସମୟରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଅନ୍ୟାନ୍ୟ ସରକାରୀ ଓ ବେସରକାରୀ ସଂସ୍ଥା ଅଥବା ଅନୁଷ୍ଠାନ, ଯାଜପୁରଙ୍କ ଦ୍ୱାରା ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଅସୁବିଧାଜନକ ସ୍ଥିତିରେ ଥିବା ପିଲାମାନଙ୍କୁ ଉଦ୍ଧାର କରାଯାଇ ଶିଶୁ ମଙ୍ଗଳ କମିଟି, ଯାଜପୁରଙ୍କ ନିକଟରେ ହାଜର କରାଯାଇଥିଲା। ଶିଶୁ ମଙ୍ଗଳ କମିଟି, ଯାଜପୁରଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ପିଲାମାନଙ୍କୁ ଯାଜପୁର ଜିଲ୍ଲାର ବିଭିନ୍ନ ଶିଶୁ ପରିଚର୍ଯ୍ୟାକାରୀ ଅନୁଷ୍ଠାନରେ ଅସ୍ଥାୟୀ ଭାବରେ ଥଇଥାନ କରାଯାଇଛି। ସେହି ପିଲାମାନଙ୍କ ବିବରଣୀ ନିମ୍ନରେ ଉଲ୍ଲେଖ ରହିଛି, ଯଦି ଉକ୍ତ ଶିଶୁମାନଙ୍କର ନିକଟ ସ୍ୱଜନ କିମ୍ବା ଅଭିଭାବକ/ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୩୦ଦିନ ମଧ୍ୟରେ ଅଧକ୍ଷା, ଶିଶୁ ମଙ୍ଗଳ କମିଟି, ଯାଜପୁର, ଫୋନ୍: ୨୨୨୧୩୧, ମୋ: ୯୩୩୭୮୧୦୪୯୭ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଯାଜପୁର, ଫୋନ୍: ୦୬୭୨୮-୨୨୩୬୨୨, ୯୪୩୭୨୯୭୭୨୨ଙ୍କୁ ସମସ୍ତ କାର୍ଯ୍ୟ ଦିବସରେ ଯୋଗାଯୋଗ କରି ଉପଯୁକ୍ତ ପ୍ରମାଣ ପତ୍ର ଦାଖଲକରି ଉକ୍ତ ପିଲାମାନଙ୍କୁ ନେବା ପାଇଁ ଦାବି ଉପସ୍ଥାପନ କରିପାରିବେ। ଯଦି ଉକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁମାନଙ୍କୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ ଅନୁଯାୟୀ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଦାୟମୁକ୍ତ ଘୋଷଣା କରାଯିବ।

| ଶିଶୁର ନାମ | ଲିଙ୍ଗ | ବୟସ | ଉଦ୍ଧାର କରାଯାଇଥିବା ସ୍ଥାନ | ବର୍ତ୍ତମାନ ରହୁଥିବା ସଂସ୍ଥାର ନାମ | CWC କେସ ନମ୍ବର ଓ ତାରିଖ | ଫଟୋ |
|---|---|---|---|---|---|---|
| ଫୁଲମଣି କିସ୍କୁ | ଝିଅ | ୯ ବର୍ଷ | କାଳିଆପାଣି ଥାନା ଅଧିନସ୍ଥ ବିର୍ଷାନଗର ଅଞ୍ଚଳରୁ | 'ନେଶନ' ବୁଢାକେନ୍ଦୁଆ | ୯୨/ ୨୮.୦୯.୨୦୨୦ | |
| ଦେବେନ୍ଦ୍ର କିସ୍କୁ | ପୁଅ | ୮ ବର୍ଷ | କାଳିଆପାଣି ଥାନା ଅଧିନସ୍ଥ ବିର୍ଷାନଗର ଅଞ୍ଚଳରୁ | 'ନେଶନ' ବୁଢାକେନ୍ଦୁଆ | ୯୩/ ୨୮.୦୯.୨୦୨୦ | |
| ପାଦା ମୁଣ୍ଡା | ପୁଅ | ୮ ବର୍ଷ | ପାଣିକୋଇଲି ଥାନା ଅଧିକାରୀଙ୍କ ଦ୍ୱାରା ପାଣିକୋଇଲି ଅଞ୍ଚଳରୁ | ଉତ୍କଳ ବାଳାଶ୍ରମ, ଯାଜପୁର | ୧୭୨୮/ ୩.୧୨.୨୦୧୯ | |
| ଆଶିଷ ମୁଣ୍ଡା | ପୁଅ | ୧୦ବର୍ଷ | ପାଣିକୋଇଲି ଥାନା ଅଧିକାରୀଙ୍କ ଦ୍ୱାରା ପାଣିକୋଇଲି ଅଞ୍ଚଳରୁ | ଉତ୍କଳ ବାଳାଶ୍ରମ, ଯାଜପୁର | ୧୭୨୮/ ୩.୧୨.୨୦୧୯ | |
| ବବଲୁ | ପୁଅ | ୪ବର୍ଷ | ଧର୍ମଶାଳା ଥାନା ଅଧିକାରୀଙ୍କ ଦ୍ୱାରା ଆରୁହା ଅଞ୍ଚଳର ଏକ ହୋଟେଲ ନିକଟରୁ | ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗୃହ, ଉତ୍କଳ ବାଳାଶ୍ରମ | ୧୨୯/ ୧୯.୧୨.୨୦୨୦ | |

OIPR-33033/11/0002/2122 ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ, ଯାଜପୁର


# ଶୁଖୁଆପଡ଼ା ଖଣ୍ଡୋଲାଇଟ ଖଣି ଜନଶୁଣାଣି

ଚଣ୍ଡିଖୋଲ, ୧୫।୧୨(ଡି.ଏନ.ଏ.)

ଓଡ଼ିଶା ଖଣି ନିଗମ(ଓଏମ୍‌ସି) ପକ୍ଷରୁ ଯାଜପୁର ଜିଲା ଦର୍ପଣ ତହସିଲ ଅଧୀନ ଶୁଖୁଆପଡ଼ା ଖଣ୍ଡୋଲାଇଟ ଖଣି ପାଇଁ ବୁଧବାର ଜନଶୁଣାଣି ଅନୁଷ୍ଠିତ ହୋଇଛି। ପଲାଇସ୍ଥିତ ଯକ୍ଷ ପଡ଼ିଆରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଆୟୋଜିତ ଶିବିରରେ ଖନନକୁ ନେଇ କୌଣସି ଅଭିଯୋଗ ମିଳି ନ ଥିଲା। ଯାଜପୁର ଅତିରିକ୍ତ ଜିଲାପାଳ ଅକ୍ଷୟ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅଞ୍ଚଳବାସୀ ଯୋଗଦେଇ ବିଭିନ୍ନ ସମସ୍ୟା ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଶୁଖୁଆପଡ଼ା ଗ୍ରାମବାସୀ ଖନନକୁ ବିରୋଧ କରି ନ ଥିଲେ ମଧ ମୂର୍ତ୍ତି ନିର୍ମାଣ ପାଇଁ ପଥର ଦେବାକୁ ଦାବି କରିଥିଲେ। ଏଠାରୁ ପୁରୀକୁ ଅବଢ଼ା ଯୋଜନା ନିମନ୍ତେ ପଥର ଯୋଗାଇ ଦିଆଯିବ। ପରେ ଏହି ପଥର ପ୍ରସ୍ତର ଶିଳ୍ପୀଙ୍କୁ ଯୋଗାଇ ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଜନଶୁଣାଣିରେ ପ୍ରଦୂଷଣ ବୋର୍ଡ ଆଞ୍ଚଳିକ ଅଧିକାରୀ ପ୍ରମୋଦ ବେହେରା, ଖଣି ନିଗମ ଆଞ୍ଚଳିକ ଅଧିକାରୀ ଅଶୋକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାରୁ

### ସ୍ମାର୍ଟ ହେଲ୍‌ଥ...

ବିଏସ୍‌କେୱାଇରେ ସେବା ଆରମ୍ଭ ହୋଇଛି। ଓଡ଼ିଶା ସ୍ୱାସ୍ଥ୍ୟ ସେବାରେ ନୂଆ ଯୁଗର ଆରମ୍ଭ ହୋଇଛି। ସ୍ମାର୍ଟ ହେଲ୍‌ଥ କାର୍ଡ ରାଜ୍ୟବାସୀଙ୍କ ଚିକିତ୍ସା ଖର୍ଚ୍ଚ ଚିନ୍ତା ଦୂର କରିବ। ଖଣ୍ଡିଏ କାର୍ଡ ଧରି ଗରିବ ଲୋକମାନେ ଦେଶର ୨୦୦ ବଡ଼ ବଡ଼ ହସ୍ପିଟାଲରେ ବିନା ପଇସାରେ ଚିକିତ୍ସା ସୁବିଧା ପାଇପାରିବେ। ଏଭଳି ଅଭିନବ ଯୋଜନାରେ ବ୍ୟକ୍ତିଗତ ଭାବେ ଖୁସି ବୋଲି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡ଼ା ଜିଲା ପାଇଁ ୧୫୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। କେନ୍ଦ୍ରାପଡ଼ା ସହିତ ବିଜୁବାବୁଙ୍କ ସମ୍ପର୍କକୁ ମନେପକାଇ ସେ କହିଲେ, କେନ୍ଦ୍ରାପଡ଼ା ଥିଲା ବିଜୁବାବୁଙ୍କ କର୍ମଭୂମି। ସେଠାକାର ମାଟି, ପାଣି ଓ ପବନରେ ବିଜୁବାବୁଙ୍କ ସ୍ମୃତି ଜଡ଼ିତ ହୋଇରହିଛି। ଜିଲାରେ ଶିଳ୍ପର ବିକାଶ ଦୀର୍ଘଦିନର ଦାବି ଥିଲା। ରାଜ୍ୟ ସରକାର ବିଶ୍ୱପ୍ରସିଦ୍ଧ ଷ୍ଟିଲ୍ କମ୍ପାନୀ ଆର୍ସେଲର ମିତ୍ତଲ ସହିତ ରାଜିନାମା କରିଛନ୍ତି । ଏହାଦ୍ୱାରା କେନ୍ଦ୍ରାପଡ଼ା ଜାତୀୟ ଶିଳ୍ପ ମାନଚିତ୍ରରେ ଯୋଡ଼ିହେବ। ସେହିପରି ବଳରାମ ଯୋଜନାରେ ଜିଲାର ୨୧ ହଜାର ଭୂମିହୀନ ଚାଷୀଙ୍କୁ ୪୩ କୋଟି ଟଙ୍କାର ସହାୟତା ଦିଆଯାଇଛି। ଭୂମିହୀନ ଚାଷୀଙ୍କୁ ସହାୟତା ଦେବାରେ ଓଡ଼ିଶା ଦେଶରେ ଏକ ନମ୍ବର ରାଜ୍ୟ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଅନୁରୂପ ଭାବେ ଯାଜପୁରରେ ମୁଖ୍ୟମନ୍ତ୍ରୀ ୨୦୦୦ କୋଟି ଟଙ୍କା ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଜିଲାରେ କାର୍ଯ୍ୟରତ ମିଶନ ଶକ୍ତିର ମା'ମାନଙ୍କ କାମକୁ ପ୍ରଶଂସା କରି ସେ କହିଲେ, ସେମାନଙ୍କର ବ୍ୟବସାୟ ବଢ଼ାଇବା ପାଇଁ ୨୨୨ କୋଟି ଟଙ୍କାର ଋଣ ସହାୟତା ଦିଆଯାଇଛି। ଯାଜପୁର ମ୍ୟୁନିସିପାଲିଟିର ସବୁ ପରିବାର ପାଇପ୍ ପାଣି ସୁବିଧା ପାଇପାରିଛନ୍ତି। ବ୍ୟାସନଗର ସହିତ ଆଉ ୮ ବ୍ଲକରେ ପାଇପ୍ ପାଣି ସଂଯୋଗ ପାଇଁ ୧୦୦୦ କୋଟି ଟଙ୍କାର ପ୍ରକଳ୍ପ ଆରମ୍ଭ କରାଯାଇଛି। ବରି ଓ କୋରେଇ ବ୍ଲକ୍ ପାଇଁ ପ୍ରକଳ୍ପ ପ୍ରସ୍ତୁତ କରାଯାଉଛି। ୨୦୨୪ ସୁଦ୍ଧା ଜିଲାର ସବୁ ପରିବାରକୁ ପାଇପ୍ ପାଣିର ସୁବିଧା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। କେନ୍ଦ୍ରାପଡ଼ାରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ, ଜଳସମ୍ପଦ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ବିଧାୟକ ଶଶିଭୂଷଣ ବେହେରା, ଯାଜପୁରରେ ସ୍ୱାସ୍ଥ୍ୟମନ୍ତ୍ରୀ, ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ଅଶୋକ ପଣ୍ଡା, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦୂରଦର୍ଶୀ ନେତୃତ୍ୱ ଯୋଗୁ ଓଡ଼ିଶା ବିଭିନ୍ନ କ୍ଷେତ୍ରରେ ଆଦର୍ଶ ସୃଷ୍ଟି କରିପାରିଛି ବୋଲି ସେମାନେ କହିଥିଲେ। ସରକାରୀ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ସମେତ ଯାଜପୁରର ସମସ୍ତ ବିଧାୟକ ଓ ଏମ୍‌ପି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ୩୦ ଜିଲାର କଳାକାର ସାମିଲ ହୋଇଥିଲେ। ଶେଷରେ ଆକର୍ଷଣୀୟ ଆତସବାଜି ପ୍ରଦର୍ଶନ କରାଯାଇଥିଲା।


**EXPRESSION OF INTEREST**

**STATE INSTITUTE OF HOTEL MANAGEMENT**

**TITILAGARH ROAD, BALANGIR - 767001 (ODISHA)**

**No. 535/SIHM/2021-22/TENDER Date: 15.12.2021**

E-tender invited by SIHM, Balangir from individuals/companies/firms registered in India for Supply/Outsourcing of Manpower at SIHM, Balangir for the academic session 2022-23. Interested parties may kindly visit the below mentioned website for further details:

**www.tenderwizard.com/SIHM or www.sihmbalangir.org.**

**Sd./- Principal**



**GOVERNMENT OF ODISHA** No. B-803

**"E" Procurement Tender Notice**

**OFFICE OF THE EXECUTIVE ENGINEER, RAYAGADA (R&B) DIVISION NO. - II**

E-mail ID: eepwd765017@gmail.com, Phone: (06856) 299969

**Bid Identification No. RC (RANDB) RGD No.-II 15/2021-22 (Online Tender)**

No. 6009 Dated: 10.12.2021

1. Total No. of the works : 01 No. of Building work
2. Approximate estimated cost : Rs.43.06 lakhs
3. Period of Completion : 6 (Six) Calendar Months
4. Date & time of availability of bid document in the portal : 11.00 hrs. of Dtd.17.12.2021 to 17.00 hrs. of Dtd.29.12.2021 for Online bidding
5. Last date/time for receipt of bids in the portal : Upto 17.00 hrs. of Dt.29.12.2021
6. Name and address of the Officer Inviting BID : Executive Engineer, Rayagada (R&B) Division No.- II
7. Date of opening of Bid : At 11.00 hours on Dt.30.12.2021
8. Further details can be seen from the e-procurement portal: www.tendersodisha.gov.in.
9. Further Addendum/Corrigendum if any will be hosted in the above website only.

Sd./- Executive Engineer
Rayagada (R&B) Division No. - II
OIPR-34040/11/0009/2122



**DIRECTORATE OF GEOLOGY, ODISHA**

BHUBANESWAR - 751001

**REVISED TENDER CALL NOTICE**

No. G-13: The Director of Geology, Odisha, Bhubaneswar invites sealed tenders (Under two Bid System) on behalf of the Governor of Odisha, from registered manpower service providers fulfilling the terms & conditions for "Providing the Services of Six (6) Surveyors and Three (3) Drivers for a period of One year w.e.f. 01.01.2022 on contract basis to carry out Topographical Survey/Survey and driving the Govt. vehicles at different zonal offices/fields under the Directorate of Geology, Odisha, Bhubaneswar" with maximum monthly consolidated remuneration of Rs.21,100/- (Surveyor) and Rs.11,100/- (Driver) for each excluding EPF, ESI and other taxes and charges as fixed vide Finance Department Circular No. 28090 dated 22.09.2017, Circular No. 11835 dated 31.03.2018 and No. 30722/F dated 06.11.2021. Bid for individual category will also be considered.

**IMPORTANT DATES**

| | | |
|---|---|---|
| 1 | Date of commencement of Sale of Revised Tender Document | 16.12.2021 |
| 2 | Last date of Sale of Revised Tender Document | 27.12.2021 |
| 3 | Processing Fees | Rs.1,000/- |
| 4 | Last date of submission of Bid (Only through Regd. Post/Speed Post/ Courier/By hand) | 27.12.2021 (by 05.30 P.M.) |
| 5 | Date of Opening of the Technical Bids | 28.12.2021 (11.30 A.M.) |
| 6 | Date of opening of the Technical Bids | 28.12.2021 (12.30 P.M.) |
| 7 | Place of Opening of the Financial Bids | Conference Hall of Directorate of Geology (O) |
| 8 | Address for Communication | Directorate of Geology, Bhu-Bigyan Bhawan, Odisha, Bhubaneswar - 751001 |

The Revised Tender Paper will be available on the website **https://www.odishaminerals.gov.in** which may be submitted within the stipulated date & time along with a Non-refundable fee of Rs.1,000/- in shape of crossed Bank Draft, drawn in favour of "Director of Geology, Odisha, Bhubaneswar" at any Nationalized Bank, payable at Bhubaneswar.

Bidders are asked to visit the above website for any addition, alteration or change related to this tender.

Sd./- Director of Geology, Odisha
OIPR-30003/11/0007/2122



## ଓଡ଼ିଶା ଉଠା ଜଳସେଚନ ନିଗମ ଲିଃ, ମୁଖ୍ୟ କାର୍ଯ୍ୟାଳୟ
(ଓଡ଼ିଶା ସରକାରଙ୍କ ଏକ ସଂସ୍ଥା)

ପ୍ଲଟ୍ ନଂ. ଏନ୍-୧୭/୨, ନୂଆପଲ୍ଲୀ, ଭୁବନେଶ୍ୱର

**Website: www.odishalift.co.in**

**ସୌରଶକ୍ତି ପମ୍ପ ଜରିଆରେ ଗଭୀର ନଳକୂପ ପ୍ରକଳ୍ପ ସ୍ଥାପନ: ୨୦୨୧-୨୨**

No. CAD-2284: ଓଡ଼ିଶା ସରକାରଙ୍କର ଜଳ ସମ୍ପଦ ବିଭାଗ, ଉଠା ଜଳସେଚନ ନିଗମ ଜରିଆରେ ରାଜ୍ୟର ୯ଗୋଟି ଜିଲ୍ଲାରେ ''ବିଜୁ କୃଷକ ବିକାଶ ଯୋଜନା – ଡିପ୍ ବୋର୍‌ୱେଲ ସେଚ କାର୍ଯ୍ୟକ୍ରମ'' ମାଧ୍ୟମରେ ସୌରଶକ୍ତି ପମ୍ପ ଜରିଆରେ ଗଭୀର ନଳକୂପ ପ୍ରକଳ୍ପ ବ୍ୟକ୍ତିଗତ ମାଲିକାନା ଭିତ୍ତିରେ ସ୍ଥାପନ କରାଯିବ। ଏହି ପ୍ରକଳ୍ପ ନିମନ୍ତେ ଆବେଦନକାରୀଙ୍କର ଅନ୍ୟୂନ ୧.୦ ଏକର ଜମି ଥିବା ଆବଶ୍ୟକ। ୨ଟି ବୋର୍‌ୱେଲ ମଧ୍ୟରେ ଅନ୍ୟୂନ ୨୦୦ ମିଟର ଦୂରତା ରହିବା ଆବଶ୍ୟକ। ପ୍ରସ୍ତାବିତ ପ୍ରକଳ୍ପ ଅଗମ୍ୟ ଅଞ୍ଚଳରେ ସ୍ଥାପନ କରାଯିବ ଯେଉଁଠାରେ ବିଦ୍ୟୁତ୍ ସରବରାହ ୧୧/୦.୪ କେ.ଭି. ଲାଇନର ସୁବିଧା ନ ଥିବ କିମ୍ବା ୧୧/୦.୪ କେ.ଭି ଲାଇନ ୩୦୦ ମିଟର ଦୂରତାଠାରୁ ଅଧିକ ଥିବ। ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷ ପାଇଁ ରାଜ୍ୟରେ ନିମ୍ନଲିଖିତ ଜିଲ୍ଲାମାନଙ୍କରେ ନୂଆକରି ଆବେଦନ ପତ୍ର Onlineରେ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ଚାଷୀଭାଇ ଓ ଭଉଣୀମାନେ ଉପରୋକ୍ତ ଯୋଜନାରେ ସାମିଲ ହେବାପାଇଁ ଉଠା ଜଳସେଚନ ନିଗମର Website: **www.odishalift.co.in**ରେ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ତା୧୬।୧୨।୨୦୨୧ରିଖଠାରୁ ତା୨୪।୧୨।୨୦୨୧ରିଖ ମଧ୍ୟରେ ଆବେଦନ କରିପାରିବେ। ଏହି ଦରଖାସ୍ତ ନିକଟସ୍ଥ ଜନସେବା କେନ୍ଦ୍ରରେ ମଧ ଆବେଦନ ହୋଇପାରିବ। ଏଥି ସହିତ ହିତାଧିକାରୀ ଅଂଶଧନ (Beneficiary Share) ବାବଦକୁ ଏକକାଳୀନ ଟ୨୦,୦୦୦/-ଙ୍କା (ସାଧାରଣ ବର୍ଗ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ) ଓ ଟ୧୦,୦୦୦/-ଙ୍କା (ବି.ପି.ଏଲ୍ ତାଲିକାଭୁକ୍ତ SC/ST ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ) ନିଜ ଜିଲ୍ଲାରେ ଅବସ୍ଥିତ Union Bank of Indiaର ନିର୍ଦ୍ଧାରିତ ଶାଖା କାର୍ଯ୍ୟାଳୟରେ ତା୨୪।୧୨।୨୦୨୧ରିଖ ପର୍ଯ୍ୟନ୍ତ ପଇଠ କରିପାରିବେ। ଏହି ଯୋଜନାରେ ପର୍ଯ୍ୟାପ୍ତ ରିହାତି ବ୍ୟବସ୍ଥା ଥିବାରୁ ଚାଷୀମାନେ ଏହାର ସୁଯୋଗ ନେବାକୁ ଆହ୍ୱାନ କରାଯାଉଅଛି।

| କ୍ରମିକ ସଂଖ୍ୟା | ଜିଲ୍ଲାର ନାମ | କାର୍ଯ୍ୟକାରୀ ହେବା ବ୍ଲକର ନାମ |
|---|---|---|
| ୧ | ବଲାଙ୍ଗିର | ବେଲପଡ଼ା, ମୁରିବାହାଲ, ପାଟଣାଗଡ଼, ପୁଇଁତଲା, ଟୁରେଇକେଲା |
| ୨ | ଗଜପତି | ରାୟଗଡ଼ା |
| ୩ | କଳାହାଣ୍ଡି | ଥୁଆମୂଳରାମପୁର |
| ୪ | କନ୍ଧମାଳ | ବାଲିଗୁଡା, ଦାରିଙ୍ଗିବାଡି, ଜି.ଉଦୟଗିରି, କୋଟଗଡ, ଫିରିଙ୍ଗିଆ, ରାଇକିଆ, ଟିକାବାଲି, ତୁମୁଡିବନ୍ଧ |
| ୫ | କୋରାପୁଟ | କୋରାପୁଟ, ଲମତାପୁଟ, ନନ୍ଦପୁର |
| ୬ | ମାଲକାନଗିରି | ଖଇରପୁଟ, କୁଡୁମୁଲୁଗୁମା (ଚିତ୍ରକୋଣ୍ଡା) |
| ୭ | ନବରଙ୍ଗପୁର | ଡାବୁଗାଁ, କୋସାଗୁମୁଡା, ପାପଡ଼ାହାଣ୍ଡି, ତେନ୍ତୁଳିଖୁଣ୍ଟି |
| ୮ | ରାୟଗଡ଼ା | କାଶୀପୁର |
| ୯ | ସୁନ୍ଦରଗଡ଼ | ହେମଗିରି, କୋଇରା, କୁଆଁରମୁଣ୍ଡା, କୁତ୍ରା, ନୂଆଗାଁ, ଟାଙ୍ଗରପାଲି |

ଏ ସମ୍ପର୍କିତ ଅନ୍ୟାନ୍ୟ ତଥ୍ୟ ଓ ନିୟମାବଳୀ ବିଷୟରେ ନିକଟସ୍ଥ ଉଠାଜଳସେଚନ କାର୍ଯ୍ୟାଳୟରେ ଅବଗତ ହେବାକୁ ଚାଷୀଭାଇ ଓ ଭଉଣୀମାନଙ୍କୁ ଅନୁରୋଧ କରାଯାଉଅଛି।

OIPR-32135/11/0015/2122 ସ୍ୱା./- ପରିଚାଳନା ନିର୍ଦ୍ଦେଶିକା

## ଆଲିୟାଙ୍କ ଆକଳନ

କଥାରେ ଅଛି ଅପେକ୍ଷାର ଫଳ ମିଠା। ହେଲେ ଅପେକ୍ଷା କରିବାକୁ ଧୈର୍ଯ୍ୟର ଆବଶ୍ୟକତା ରହିଛି। ତେବେ ଏଥିପାଇଁ ମନ ଦୁଃଖ କରୁନାହାନ୍ତି ମହେଶ ତନୟା ଆଲିୟା ଭଟ୍ଟ। କାରଣ ତାଙ୍କ ଅଭିନୀତ ବିଗ୍ ବଜେଟ ଫିଲ୍ମ 'ଆର୍‌ଆର୍‌ଆର୍'



ଆସନ୍ତା ବର୍ଷ ରିଲିଜ ହେବାକୁ ଯାଉଛି। ଏହି ଫିଲ୍ମଟି ଜାନୁୟାରୀ ୭ରେ ପରଦା ଉପରକୁ ଆସିବାର ଯୋଜନା ରହିଛି। ପୁଣି ଓଟିଟି ଫର୍ମାଟରେ ନୁହେଁ, ପ୍ରେକ୍ଷାଳୟରେ ହିଁ ଫିଲ୍ମଟି ରିଲିଜ ହେବ ବୋଲି ସୂଚନା ଦେଇଛନ୍ତି ଏହାର ନିର୍ଦ୍ଦେଶକ ଏସ.ଏସ. ରାଜମୌଳି। ୪୦୦ କୋଟି ବଜେଟରେ ପ୍ରସ୍ତୁତ ଏହି ଚିତ୍ରରେ ରାମ ଚରଣ, ଏନଟିଆର ଜୁନିୟର, ଅଜୟ ଦେବଗନ ଏବଂ ଆଲିୟା ଭଟ୍ଟ ଅଭିନୟ କରିଛନ୍ତି।



## ପରିବେଶ ଚିନ୍ତା

ମୌନି ରୟଙ୍କ ମୁଣ୍ଡକୁ ଏବେ ଏକ ନୂଆ କଥା ଜୁଟିଛି। ଅଭିନୟ ତ ଚାଲୁ ରହିବ, ତା' ସହ ଆଉ ଏକ କ୍ଷେତ୍ରରେ ପାଦ ରଖୁଛନ୍ତି ସେ। ତାହା ହେଲା ପରିବେଶ ସୁରକ୍ଷା। କଥା କ'ଣ କି ନିକଟରେ ସେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଉଥିଲେ। ବାଟରେ ଯିବା ବେଳେ ତାଙ୍କର ପ୍ରଦୂଷିତ ପରିବେଶ ଉପରେ ନଜର ପଡ଼ିଲା। ବାସ୍, ତା'ପରେ ଏହାର ସୁରକ୍ଷା ପାଇଁ ନିଜେ ଅଣ୍ଟା ଭିଡ଼ିବାକୁ ନିଷ୍ପତ୍ତି ନେଇଥିଲେ। ଖାସ୍ କଥା ହେଲା ପରିବେଶକୁ କିପରି ପ୍ରଦୂଷଣମୁକ୍ତ ରଖାଯାଇପାରିବ ସେ ନେଇ କିଛି ଯୋଜନା ମଧ୍ୟ ନିଜେ ପ୍ରସ୍ତୁତ କରିଛନ୍ତି। ଏପରି ଯୋଜନା ବିଷୟରେ ମୌନି କହନ୍ତି, 'ପ୍ରଦୂଷିତ ପରିବେଶ ଆମ ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତିକାରକ ତାହା ଆମେ ସମସ୍ତେ ଉପଲବ୍ଧି କରିବାର ସମୟ ଆସିଛି। ଏ ନେଇ ମୁଁ ଏବେ ନୂଆ ଯୋଜନା ଆରମ୍ଭ କରିଛି। ଏଥିପାଇଁ ଏକ ସଂସ୍ଥା ଗଠନ କରିବା ସହ କିଛି ଲୋକଙ୍କୁ ପରିବେଶ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ପାଇଁ ନିୟୋଜିତ ରଖିବି। ତା'ସହ ଏ ନେଇ ପରିବେଶବିତ୍‌ଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିବି। ଯେତେ ବ୍ୟସ୍ତ ରହିଲେ ମଧ୍ୟ ମୁଁ ଏଥିପାଇଁ ନିଶ୍ଚୟ ସମୟ ବାହାର କରିବି।' ଅନ୍ୟପକ୍ଷରେ କରନ୍ ଜୋହରଙ୍କ ପ୍ରଯୋଜିତ, ରଣବୀର କପୁର ଏବଂ ଆଲିୟା ଭଟ୍ଟ ଅଭିନୟ କରିଥିବା ତଥା ରିଲିଜ ଅପେକ୍ଷାରେ ଥିବା 'ବ୍ରହ୍ମାସ୍ତ୍ର'ରେ ମୌନି ଅଭିନୟ କରିଛନ୍ତି।

ମୌନି ରୟ



(ବାମରୁ) ସସ୍ମିତା–ଜ୍ୟୋତି–ଦିବ୍ୟା

## ନୂଆ ସିନେମା
## ଓମ୍ ସ୍ୱାହା

ପିଲାଟିକୁ ଜନ୍ମ ଦେବା ପରେ ମା'–ବାପା ତାହାର ଲାଳନପାଳନ କରିବା ସହ ସେ ଭବିଷ୍ୟତରେ କିପରି ଜଣେ ଭଲ ମଣିଷ ହୋଇପାରିବ ସେ ନେଇ ଚେଷ୍ଟା କରନ୍ତି। ପିଲାଟି ଯେତେବେଳେ ତାହାର ଲକ୍ଷ୍ୟ ହାସଲ କରେ ସେତେବେଳେ ମା'–ବାପାଙ୍କ ପ୍ରତି ସେମାନଙ୍କର ମଧ୍ୟ କିଛି କର୍ତ୍ତବ୍ୟ ରହିଛି। କିନ୍ତୁ କେତେଜଣ ନିଜର ଲକ୍ଷ୍ୟ ପଥରେ ଅଗ୍ରସର ହେବା ସମୟରେ ମା–ବାପାଙ୍କୁ ଭୁଲି ଯାଆନ୍ତି। ହେଲେ ଯେତେବେଳେ ସେମାନେ ନିଜର ଭୁଲକୁ ବୁଝିପାରନ୍ତି ଆଉ ଅନୁତାପ କରି ମା–ବାପାଙ୍କ ସେବା କରିବାକୁ ଆଗଭର ହୁଅନ୍ତି ସେମାନେ ସେଥିରେ ସଫଳ ହୁଅନ୍ତି ତ ? ଭାଙ୍ଗି ଯାଇଥିବା ସଂସାର ପୁଣି ଥରେ ଗଢ଼ି ଉଠେ କି ? ବାପା–ପୁଅ ଏବଂ ଭାଇ–ଭଉଣୀର ଅନାବିଳ ସମ୍ପର୍କକୁ ନେଇ କାହାଣୀ ଗତିଶୀଳ, ଯାହାକୁ ଆଧାର କରି ନିର୍ମିତ ହେଉଛି ନୂଆ ଓଡ଼ିଆ ସିନେମା 'ଓମ୍ ସ୍ୱାହା'। ଅର୍ଚ୍ଚନା ମୁଭିଜ ଏବଂ ସିଆର ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହାର ମହୁରତ ନିକଟରେ ଅନୁଷ୍ଠିତ ହୋଇଯାଇଛି। ବିଜୟ ଦ୍ୱିବେଦୀ ଉକ୍ତ ସିନେମାର ପ୍ରଯୋଜନା କରିବା ସହ କାହାଣୀ ମଧ୍ୟ ରଚନା କରିଛନ୍ତି। ସଂଳାପ ଦାୟିତ୍ୱରେ ଅଛନ୍ତି ଜଲିଉଡ୍‌ର ଆଗଧାଡ଼ିର ନାଟ୍ୟକାର ହର ବାରିକ। ଅର୍ଚ୍ଚନା ଦ୍ୱିବେଦୀଙ୍କ ସହ ପ୍ରଯୋଜନାରେ ଡା. ନିର୍ମଳ ନାୟକ ଏବଂ ହର ବାରିକଙ୍କ ରଚିତ ଏଥିରେ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ମଳୟ ମିଶ୍ର। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଏସ. ଦିଲୀପ ପଣ୍ଡା। ଫିଲ୍ମର ବିଭିନ୍ନ ଭୂମିକାରେ ଜ୍ୟୋତି, ଦିବ୍ୟା, ସସ୍ମିତା, ରାଇମୋହନ, ପ୍ରତିଭା ସାହୁ, ଅସିତ ପତି, ପ୍ରତିଭା ପଣ୍ଡା, କେକେ, ଜୀବନ ପଣ୍ଡା, ବାବୁ ପ୍ରଧାନ, ଚିନ୍ତାମଣି ବିଶ୍ୱାଳଙ୍କୁ ଦେଖିବାକୁ ମିଳିବ। ଚଳିତ ମାସ ୧୯ରୁ ଏହାର ଶୁଟିଂ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ଚିତ୍ରର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ।

## ଏଥର ଖଳନାୟକ

ଅଭିନେତା–କମ୍–ପ୍ରଯୋଜକ ଅର୍ଦ୍ଧେନ୍ଦୁ ସାହୁ। ଖୁବ୍‌ଶୀଘ୍ର ତାଙ୍କୁ ଖଳନାୟକ ଭାବରେ ବଡ଼ ପରଦାରେ ଦେଖିବାକୁ ମିଳିବ। ଏହି ଫିଲ୍ମର ଟାଇଟଲ ରହିଛି 'ଭିଲେନ୍'। ହୋମ୍ ବ୍ୟାନର ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟରେ ଏହାର ପ୍ରଯୋଜନା କରୁଛନ୍ତି ଆଦିକନ୍ଦ ସାହୁ। ଚିତ୍ରନାଟ୍ୟ ସହ ସଂଳାପ ରଚନା କରିଛନ୍ତି ଦେବୀଦତ୍ତ ମହାନ୍ତି। ତପୁ ନାୟକ ଏବଂ ବାପୁ ଗୋସ୍ୱାମୀଙ୍କ ରଚିତ ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ଜାପାନୀ ଭାଇ। ଏହାର କୋରିଓଗ୍ରାଫି ଦାୟିତ୍ୱ ତୁଲାଇବେ ବିଦ୍ଧୁ–ଲୁବୁନ୍। ଖାସ୍ କଥା ହେଲା, ଏହି ଫିଲ୍ମରେ ଜଣେ ନାରୀ ଚରିତ୍ର ବ୍ୟତୀତ ମୋଟ ୪୦ ଜଣ କଳାକାର ଅଭିନୟ କରିବେ। ଏହାପୂର୍ବରୁ ଅର୍ଦ୍ଧେନ୍ଦୁ 'ଅ ଆ ହର୍ଷେଇ', 'ବ୍ଲାକ୍‌ମେଲ୍', 'ପରଦେଶୀ ଚଢ଼େଇ' ଏବଂ 'ଷଷ୍ଠରୁ ନଷ୍ଟ' ସିନେମାରେ ଅଭିନୟ କରିସାରିଛନ୍ତି।

## ବୋଲ୍ଡ ଶଟ୍ ପାଇଁ..

ନୁସରତ ଭରୁଚାଙ୍କ ଆଇଡିଆକୁ ମାନିବାକୁ ପଡ଼ିବ। ନିକଟରେ ସେ ଅଭିନୟ କରୁଥିବା ସିନେମା 'ଛୋଟେ ଛୋଟେ ପେଗ୍' ଟାଇଟଲ ବିଶିଷ୍ଟ ଏକ ସିନେମାର ଶୁଟିଂ ସେଟ୍‌କୁ ନିଜ ପରିବାରକୁ ନେଇ ଯାଇଥିଲେ। କିନ୍ତୁ ଶୁଟିଂ ଅଧାରେ ତାଙ୍କ ପରିବାରକୁ ଘରକୁ ଫେରିବାକୁ ପଡ଼ିଥିଲା। ହେଲେ ତାହାର କାରଣ ଜାଣନ୍ତି ? କାରଣ ସେଦିନ ଲଞ୍ଚ୍ ସେସନ ପରେ ଏକ ବୋଲ୍ଡ ଶଟ୍ ଶୁଟିଂ ହେବାର ଥିଲା। ଯେଉଁଥିରେ ନୁସରତ ବୋଲ୍ଡ ଗେଟ୍‌ଅପ୍‌ରେ ଡ୍ୟାନ୍ସ କରିଥାଆନ୍ତେ। ତେଣୁ ଏପରି ଶଟ୍ ପାଇଁ ଶୁଟିଂ ଆରମ୍ଭ ହେବା ପୂର୍ବରୁ ସେ କିଛି କାରଣ ଦେଖାଇ ନିଜ ପରିବାରକୁ ଘରକୁ ପଠାଇ ଦେଇଥିଲେ। ଏହି ଫିଲ୍ମରେ ନୁସରତଙ୍କ ବ୍ୟତୀତ କାର୍ତ୍ତିକ ଆର୍ଯ୍ୟନ ଏବଂ ସନ୍ନି ସିଂଙ୍କୁ ମଧ୍ୟ ଦେଖିବାକୁ ମିଳିବ।



ନୁସରତ

## ଅକ୍ସିଜେନ୍

ମଣିଷ ବଞ୍ଚିବା ପାଇଁ ଅକ୍ସିଜେନ୍ କେତେ ଆବଶ୍ୟକ ତାହା କହିବା ବାହୁଲ୍ୟ। ବର୍ତ୍ତମାନ କଳକାରଖାନା, ଆପାର୍ଟମେଣ୍ଟ ଜଙ୍ଗଲ କଟାଯିବା ଦ୍ୱାରା ଅକ୍ସିଜେନ୍ ସ୍ତର ପ୍ରଭାବିତ ହେଉଛି। ତେବେ ଏପରି ଏକ ବିଷୟବସ୍ତୁକୁ ନେଇ ନିର୍ମିତ ହେବାକୁ ଯାଉଛି ଓଡ଼ିଆ ସିନେମା 'ଅକ୍ସିଜେନ୍'। ଏହାର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ଡା. ରଶ୍ମିରଞ୍ଜନ ପଣ୍ଡା। ଶିବ ପ୍ରସାଦ ପଣ୍ଡାଙ୍କ ଦ୍ୱାରା ପ୍ରଯୋଜିତ ଏହି ଫିଲ୍ମର କାହାଣୀ ବିଷୟରେ ରଶ୍ମି କହନ୍ତି, 'ଏହା ଏକ ରୋମାଣ୍ଟିକ କମେଡି ଫିଲ୍ମ। ହେଲେ ଏଥିରେ ଫ୍ୟାମିଲି ଡ୍ରାମା, ଇମୋଶନ ଏବଂ ଆକ୍ସନ ରହିଛି। ଏଥିରେ ଏପରି ଏକ ସୋସିଆଲ ମେସେଜ ରହିଛି ଯାହା ସମାଜ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହେବ। ଫିଲ୍ମଟିର ନିର୍ଦ୍ଦେଶନା ଭାର ସମ୍ଭାଳୁଛନ୍ତି 'ଜୋର୍ କା ଝଟକା', 'ଇନ୍ଦ୍ରଜାଲ୍' ଏବଂ 'ଲଗାମ୍'ର ନିର୍ଦ୍ଦେଶକ ପିନ୍ଟୁ ନାୟକ। ଡ. ନିର୍ମଳ ନାୟକ, ତପୁ ନାୟକ ଏବଂ ସତ୍ୟ ରଞ୍ଜନ ବଳଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଆଗଧାଡ଼ିର ଅନ୍ୟତମ ସ୍ୱର ସଂଯୋଜକ ଅଭିଜିତ୍ ମଜୁମଦାର। ଏହାର ଲିଡ୍ ରୋଲ୍‌ରେ ସମ୍ବିତ–ତମନ୍ନା ଯୋଡ଼ିକୁ ଦେଖିବାକୁ ମିଳିବ। ଅନ୍ୟପକ୍ଷରେ ବବି ମିଶ୍ର, ବାବୁ ପ୍ରଧାନ, ଟନିଆ, ନିଖିଲେଶ ଘୋଷ, ଉମାକାନ୍ତ ମୁଦୁଲି, କ୍ରିଷ୍ଣା, ଶ୍ରାବଣୀ, ରଶ୍ମି ଆଦି କଳାକାରଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ।

ତମନ୍ନା



## ଅତୀତରୁ

–ପୌରାଣିକ ଚଳଚ୍ଚିତ୍ର 'ଶ୍ରୀ ଲୋକନାଥ'ର ପ୍ରଯୋଜନା କରିଥିଲେ ଗୋକୁଳ ଚନ୍ଦ୍ର କାନୁନଗୋ। ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ସାମୁଏଲ ସାହୁ ଏବଂ ମଣିମାଳା।

–ସୁକୁମାର ଗାଙ୍ଗୁଲିଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ଚିତ୍ର 'ଶ୍ରୀ ଶ୍ରୀ ପତିତପାବନ'। ଶ୍ୟାମସୁନ୍ଦର ଏବଂ ଲକ୍ଷ୍ମୀପ୍ରିୟାଙ୍କୁ ଏଥିରେ ଦେଖିବାକୁ ମିଳିଥିଲା।

## ହିରୋଗିରି

'କଳିଙ୍ଗ ପୁତ୍ର' ସିନେମାରୁ ଆକାଶ ଦାସନାୟକ ଆରମ୍ଭ କରିଥିଲେ ତାଙ୍କର ଓଲିଉଡ୍ କ୍ୟାରିୟର। ଯା' ଭିତରେ ସେ ବେଶ୍ କେତୋଟି ଚଳଚ୍ଚିତ୍ରରେ ନାୟକ ସାଜି ସାରିଛନ୍ତି। ରାଜନୀତିରେ ବ୍ୟସ୍ତ ରହିଲେ ମଧ୍ୟ ବଡ଼ ପରଦାଠାରୁ ସେ ନିଜକୁ ଦୂରେଇ ନେଇପାରିନାହାନ୍ତି। ତାଙ୍କ ଅଭିନୀତ 'ହିରୋଗିରି' ଖୁବ୍ ଶୀଘ୍ର ରିଲିଜ ହେବାକୁ ଯାଉଛି। ଏଥିରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ମେଘା ଘୋଷ। ସତ୍ୟପ୍ରିୟ ବେହେରା ଏହାର ପ୍ରଯୋଜନା କରିବା ସହ ଚିତ୍ରର କାହାଣୀ ମଧ୍ୟ ରଚନା କରିଛନ୍ତି। ଚିତ୍ରନାଟ୍ୟ ଏବଂ ସଂଳାପ ଲେଖିଛନ୍ତି ଡ. ନିର୍ମଳ ନାୟକ। ସଙ୍ଗୀତ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ଅଭିଜିତ ମଜୁମଦାର। ସଂଯୋଜିତ ଗୀତଗୁଡ଼ିକ ପାଇଁ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଅସୀମା ପଣ୍ଡା, ବିନୋଦ ରାଠୋଡ, ପାମେଲା ଜୈନ ଏବଂ ସ୍ୱୟଂ ପାଢ଼ୀ। ଅଶ୍ୱିନୀ ଗଡ଼ନାୟକଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ସମରେଶ ରାଉତରାୟ, ପିଣ୍ଟୁ ନନ୍ଦ, ସ୍ନିଗ୍ଧା ମହାନ୍ତି, ପୁଷ୍ପା ପଣ୍ଡା, ଗୁଡୁ, ବିଦୁସ୍ମିତା, ପ୍ରକୃତି ମିଶ୍ର, ସ୍ୱର୍ଗତ ସଲୀଲ ମିତ୍ର, ମୀନକେତନ, ଦେବୁ ବୋଷ ପ୍ରମୁଖ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିବ।

ଆକାଶ–ମେଘା



## ଆରମ୍ଭରୁ ଫ୍ଲପ୍, ତା' ପରେ..

ନୋରା ଫତେହି ୨୦୧୪ରେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ଫିଲ୍ମଟି ଥିଲା 'ରୋର୍ : ଟାଇଗର୍‌ସ ଅଫ୍ ଦ ସୁନ୍ଦରବନସ୍'। ହେଲେ ଏହାକୁ ନେଇ ତାଙ୍କର ଯେଉଁ ଆଶା ଥିଲା ତାହା ପାଣି ଫୋଟକା ପରି ମିଳେଇ ଯାଇଥିଲା। ଅର୍ଥାତ୍ ପ୍ରଥମ ଫିଲ୍ମଟି ବକ୍ସ ଅଫିସରେ ଫ୍ଲପ୍ ସାବ୍ୟସ୍ତ ହୋଇଥିଲା। କିନ୍ତୁ ଏଥିରେ ଭାଙ୍ଗି ପଡ଼ି ନ ଥିଲେ ନୋରା। ଆରମ୍ଭରୁ ବିଫଳତାର ସ୍ୱାଦ ଚାଖିଥିଲେ ମଧ୍ୟ ନିଜ ମାନସିକ ସ୍ତରକୁ ଦୃଢ଼ ରଖିଥିଲେ। ଏ ନେଇ ନୋରା କହନ୍ତି, 'ମୋର ଡେବ୍ୟୁ ସିନେମା ଫ୍ଲପ୍ ହୋଇଥିଲା। ତା'ପରେ ମୁଁ ଟିକେ ନିରାଶ ହୋଇଥିଲି। କିନ୍ତୁ ଏହି ଫ୍ଲପ୍ ଫିଲ୍ମ ମୋ ପାଇଁ ଶୁଭପ୍ରଦ ସାବ୍ୟସ୍ତ ହୋଇଥିଲା ବୋଲି କହିବି। ଏହାପରେ ମୋତେ ବ୍ୟାକ୍–ଟୁ–ବ୍ୟାକ୍ ଆଠଟି ଅଫର ମିଳିଥିଲା। ମୁଁ ମାନୁଛି, ମୁଁ ନିଜକୁ ନାୟିକା ଦୌଡରେ ସାମିଲ କରିପାରିନାହିଁ। ହେଲେ ଏ ନେଇ ମୁଁ ମନ ଦୁଃଖ କରୁନାହିଁ। ବଲିଉଡ୍‌ରୁ ମୁଁ ଏ ପର୍ଯ୍ୟନ୍ତ ଯାହା ପାଇଛି ତାହା ମୋ ପାଇଁ ଯଥେଷ୍ଟ। କାରଣ ମୁଁ ବଡ଼ ଆଶା ନେଇ ଆସିନାହିଁ। ଦର୍ଶକଙ୍କ ଭଲ ପାଇବା ମୋ ପ୍ରତି ରହିଛି। ତାହା ଯେତେଦିନ ପର୍ଯ୍ୟନ୍ତ ଥିବ ସେତେଦିନ ପର୍ଯ୍ୟନ୍ତ ମୁଁ ବଲିଉଡ୍‌ରେ ତିଷ୍ଠି ରହିଥିବି।'



ନୋରା

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୧୬/୨୦୨୧ Bhubaneswar, Thursday, December 16/ 2021

# ଭାରତର ବୃହତ୍ ବିଜୟ

**ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି**

ଢାକା, ୧୫।୧୨

ଏସିଆନ ଚାମ୍ପିୟନ୍ସ ଟ୍ରଫି ହକିରେ ଭାରତ ବୁଧବାର ବାଂଲାଦେଶକୁ ୯-୦ ଗୋଲରେ ପରାସ୍ତ କରିଛି। ଦିଲପ୍ରୀତ୍ ସିଂଙ୍କ ହ୍ୟାଟ୍ରିକ ଓ ଜରମନପ୍ରୀତ ସିଂଙ୍କ ଡବଲ ଗୋଲ ବଳରେ ଭାରତ ଏହି ବୃହତ୍ ବିଜୟ ହାସଲ କରିଛି। ମଙ୍ଗଳବାର ଉଦ୍‌ଘାଟନୀ ମ୍ୟାଚରେ ଦକ୍ଷିଣ କୋରିଆ ବିପକ୍ଷରେ ମ୍ୟାଚ ଡ୍ର ରଖି ଅଭିଯାନ ଆରମ୍ଭ କରିଥିବା ଗତଥରର ଚାମ୍ପିୟନ ଭାରତ ଦ୍ୱିତୀୟ ମ୍ୟାଚରେ ବିଜୟ ସ୍ୱାଦ ଚାଖିଛି। ମାଲେସିଆ ଦଳରେ କରୋନା ସଂକ୍ରମଣ ଯୋଗୁ ଟୁର୍ନାମେଣ୍ଟ ଏବେ ୫ ଦଳବିଶିଷ୍ଟ ହୋଇଯାଇଛି। ଏଥିମଧ୍ୟରୁ ୪ଟି ଶ୍ରେଷ୍ଠ ଦଳ ସେମିଫାଇନାଲରେ ପ୍ରବେଶ କରିବ। ୨ ମ୍ୟାଚରୁ ୪ ପଏଣ୍ଟ ସହିତ ଭାରତ ଟେବୁଲରର ଶୀର୍ଷରେ ରହିଛି।

ବାଂଲାଦେଶ ବିପକ୍ଷ ମ୍ୟାଚର ୪ଟି ଯାକ କ୍ୱାର୍ଟର ଭାରତ ନିୟନ୍ତ୍ରଣରେ ରହିଥିଲା। ୧୨ତମ ମିନିଟରେ ଦିଲପ୍ରୀତ୍ ଏକ ଫିଲ୍ଡ ଗୋଲ ସହାୟତାରେ ଭାରତକୁ ଅଗ୍ରଣୀ କରାଇଥିଲେ। ଫଳରେ ପ୍ରଥମ କ୍ୱାର୍ଟରରେ ଭାରତ ୧-୦ରେ ଅଗ୍ରଣୀ ରହିଥିଲା। ୨୨ତମ ମିନିଟରେ ଦିଲପ୍ରୀତ୍ ଏହାକୁ ୨-୦ରେ ପରିଣତ କରିଥିବାବେଳେ ୨୯ ମିନିଟରେ ଦଳକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଲଳିତ କୁମାର ଉପାଧ୍ୟାୟ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଦଳର ଅଗ୍ରଣୀ ବ୍ୟବଧାନକୁ ୩-୦ରେ ପହଞ୍ଚାଇଥିଲେ। ତୃତୀୟ କ୍ୱାର୍ଟରରେ ୩ଟି ଗୋଲ ହୋଇଥିଲା। ୩୧ ଓ ୪୩ତମ ମିନିଟରେ ପେନାଲ୍ଟି କର୍ନରରୁ ଗୋଲ ଦେଇଥିଲେ ଜରମନପ୍ରୀତ ସିଂ। ୪୪ତମ ମିନିଟରେ ଆଉ ଏକ ଫିଲ୍ଡ ଗୋଲ ଦେଇ ହ୍ୟାଟ୍ରିକ ପୂରଣ କରିଥିଲେ ଦିଲପ୍ରୀତ। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ମଧ୍ୟ ଭାରତର ଦବ୍‌ଦବା ଜାରି ରହିଥିଲା। ୫୪ତମ ମିନିଟରେ ଆକାଶଦୀପ ସିଂ ଏକ ଫିଲ୍ଡ ଗୋଲ ଦେଇଥିବାବେଳେ ୫୫ତମ ମିନିଟରେ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିଥିଲେ ମନଦୀପ ମୋର୍। ଶେଷ ପର୍ଯ୍ୟନ୍ତ ଭାରତ ଆକ୍ରମଣ ଜାରି ରଖିଥିଲା। ଫଳରେ ୫୭ତମ ମିନିଟରେ ଆଉ ଏକ ପେନାଲ୍ଟି କର୍ନର ମିଳିଥିଲା। ଏଥିରୁ ଗୋଲ ଦେଇ ଗୁରିନ୍ଦର ସିଂ ଭାରତର ବିଜୟ ବ୍ୟବଧାନକୁ ୯-୦ରେ ପହଞ୍ଚାଇଥିଲେ। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ଶୁକ୍ରବାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ଖେଳିବ। ପାକିସ୍ତାନ ଏହାର ପ୍ରଥମ ମ୍ୟାଚକୁ ଜାପାନ ସହିତ ଗୋଲଶୂନ୍ୟ ଡ୍ର ରଖିଛି। ମ୍ୟାଚଟି ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ କେହି ଗୋଲ ଦେବାକୁ ସକ୍ଷମ ହୋଇ ନ ଥିଲେ। ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଥିଲେ।


ଗୋଲ ଦେବାପରେ ଦିଲପ୍ରୀତ୍ ସିଂ (ବାମରୁ ଦ୍ୱିତୀୟ)ଙ୍କୁ ସାଥି ଖେଳାଳିଙ୍କ ବଧେଇ।

**୧୯ ବର୍ଷରୁ କମ୍ କୁଚ୍‌ବିହାର ଟ୍ରଫି**

# ଓଡ଼ିଶା ୨୫୯/୭

**ଭୁବନେଶ୍ୱର, ୧୫।୧୨(କ୍ରୀଡ଼ା ପ୍ରତିନିଧି):** ପୁଣେରେ ଚାଲିଥିବା ୧୯ ବର୍ଷରୁ କମ୍ କୁଚ୍‌ବିହାର ଟ୍ରଫି କ୍ରିକେଟ ମ୍ୟାଚରେ ପଞ୍ଜାବ ୪୭୨/୯ରେ ଇନିଂସ ଘୋଷଣା କରିବା ପରେ ବୁଧବାର ତୃତୀୟ ଦିବସ ଶେଷସୁଦ୍ଧା ଓଡ଼ିଶା ପ୍ରଥମ ଇନିଂସରେ ୭ ଉଇକେଟ ହରାଇ ୨୫୯ ରନ ସଂଗ୍ରହ କରିଛି। ଦଳ ପକ୍ଷରୁ ଦୀନେଶ ମାଝି ୭୧, ଅଂଶୁମାନ ସାହୁ ୬୦ ରନ କରି ଆଉଟ ହୋଇଥିବାବେଳେ ସୂର୍ଯ୍ୟ ମହାପାତ୍ର ୫୨ ଓ ନିରଞ୍ଜନ ଗୌଡ଼ ୧୭ ରନରେ ଅପରାଜିତ ଅଛନ୍ତି। ପଞ୍ଜାବ ପକ୍ଷରୁ ଆଶିଷ ଓ ହର୍ଜନ ସିଂ ଟଣ୍ଡନ ୨ଟି ଲେଖାଏ ଉଇକେଟ ନେଇଛନ୍ତି। ହାତରେ ମାତ୍ର ୩ ଉଇକେଟ ଥିବାବେଳେ ଓଡ଼ିଶା ପଞ୍ଜାବ ପ୍ରଥମ ଇନିଂସଠାରୁ ଆହୁରି ୨୧୩ ରନରେ ପଛରେ ରହିଛି। ଗୁରୁବାର ମ୍ୟାଚର ଅନ୍ତିମ ଦିବସ।

# ନିଶାନ ଟେକ୍ନିକାଲ ଅଫିସିଆଲ



**ଭୁବନେଶ୍ୱର, ୧୫।୧୨ (କ୍ରୀଡ଼ା ପ୍ରତିନିଧି):** ବେଙ୍ଗାଲୁରୁଠାରେ ଚଳିତ ମାସ ୧୮ରୁ ୨୯ ପର୍ଯ୍ୟନ୍ତ ପ୍ରଥମ ହକି ଇଣ୍ଡିଆ ସିନିୟର ପୁରୁଷ ଆନ୍ତଃ ବିଭାଗୀୟ ହକି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ନିଶାନ ଜ୍ୟୋତି ମହାନ୍ତି ଟେକ୍ନିକାଲ ଅଫିସିଆଲ ଦାୟିତ୍ୱ ତୁଲାଇବେ। ନିଶାନ ସମ୍ପ୍ରତି ଇଷ୍ଟକୋଷ୍ଟ ରେଲୱେ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱରରେ କାର୍ଯ୍ୟରତ ଥିବାରୁ ହକି ଇଣ୍ଡିଆ ପକ୍ଷରୁ ଏ ସମ୍ପର୍କରେ ପତ୍ର ଯୋଗେ ରେଲୱେ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡକୁ ଅବଗତ କରାଯାଇଛି। ନିଶାନ ପ୍ରଥମଥରପାଇଁ ଏପରି ଏକ ସମ୍ମାନଜନକ ଟୁର୍ନାମେଣ୍ଟରେ ଅଫିସିଆଲ ଦାୟିତ୍ୱ ନିର୍ବାହ କରିବେ। ପୂର୍ବରୁ ନିଶାନ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ସଫଳତାର ସହିତ ଅମ୍ପାୟର ଏବଂ ଟେକ୍ନିକାଲ ଅଫିସିଆଲ ଦାୟିତ୍ୱ ତୁଲାଇଛନ୍ତି। ନିକଟରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଶେଷ ହୋଇଥିବା ଜୁନିୟର ହକି ବିଶ୍ୱକପରେ ସେ ଟେକ୍ନିକାଲ ଆସିଷ୍ଟାଣ୍ଟ କାର୍ଯ୍ୟ କରିଥିଲେ।

# କିଟ୍ ଟେନିସ ଦଳକୁ ଯୋଗ୍ୟତା

**ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ**

ଭୁବନେଶ୍ୱର, ୧୫।୧୨ (କ୍ରୀଡ଼ା ପ୍ରତିନିଧି)

ରାୟପୁରର ପଣ୍ଡିତ ରବିଶଙ୍କର ଶୁକ୍ଲା ବିଶ୍ୱବିଦ୍ୟାଳୟ ପରିସରରେ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଟେନିସ (ପୁରୁଷ) ଟୁର୍ନାମେଣ୍ଟ ଗତ ୧୪ରୁ ଆରମ୍ଭ ହୋଇଛି। ଏହା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ବୁଧବାର କିଟ୍ ବିଶ୍ୱବିଦ୍ୟାଳୟ ମୁଜାଫରପୁରର ବାବାସାହେବ ଭୀମରାଓ ଆମ୍ବେଦକର ବିହାର ବିଶ୍ୱବିଦ୍ୟାଳୟକୁ କ୍ୱାର୍ଟର ଫାଇନାଲରେ ୨-୦ ସେଟ୍‌ରେ ପରାସ୍ତ କରିଛି। ଫଳରେ ପୁଲ୍ 'ଏ'ରେ ପ୍ରଥମସ୍ଥାନ ଅଧିକାର କରି ଦଳ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ୨୦୨୨ ଏବଂ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ ଟେନିସ (ପୁରୁଷ) ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛି। କିଟ୍ ଦଳରେ କବିର ହନ୍ସ, ଜଷ୍ଟିନ କାଶୁଇଗୁଆଙ୍ଗ ପାନ୍‌ମେଇ ଓ ଆଶିଷ କୁମାର ଖେଳାଳି ଏବଂ ଜୟେଶ ମାଙ୍ଗେଲା କୋଚ୍ ଥିଲେ। ୨୦୨୨ ଫେବୃୟାରୀ ୧ରୁ ୫ ପର୍ଯ୍ୟନ୍ତ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ ଟେନିସ (ପୁରୁଷ) ଟୁର୍ନାମେଣ୍ଟ କିଟ୍ ପରିସରରେ ଅନୁଷ୍ଠିତ ହେବ।


 କୋଚ୍‌ଙ୍କ ସହ କିଟ୍ ଟେନିସ ଦଳର ଖେଳାଳି।

# ବ୍ଲାକ୍ କ୍ୟାପ୍, ଜେଏମ୍‌ଡି ବିଜୟୀ

**ଭୁବନେଶ୍ୱର, ୧୫।୧୨ (କ୍ରୀଡ଼ା ପ୍ରତିନିଧି):** ସ୍ଥାନୀୟ ସୁନ୍ଦରପଦା, କପିଳ ପ୍ରସାଦ ସାକ୍ସ ଖେଳ ପଡ଼ିଆରେ ଚାଲିଥିବା ୧୩ତମ ହାଡ଼ିବନ୍ଧୁ ଏବଂ ସତ୍ୟବାଦୀ ସ୍ମାରକୀ ଅଲ୍ ଓଡ଼ିଶା କ୍ରିକେଟ ଟୁର୍ନାମେଣ୍ଟରେ ବୁଧବାର ୨ଟି ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ୟୁନିକ ଷ୍ଟାରକୁ ବ୍ଲାକ କ୍ୟାପ୍ ଏବଂ ରୟାଲ ସିଟିକୁ ଜେଏମ୍‌ଡି ଦଳ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ବ୍ଲାକ୍ କ୍ୟାପ ନିର୍ଦ୍ଧାରିତ ୧୬ ଓଭରରେ ୧୫୨ ରନ କରିଥିଲା। ୟୁନିକ ଷ୍ଟାର ୧୫ ଓଭରରେ ୧୧୫ ରନକରି ଅଲଆଉଟ ହୋଇ ଯାଇଥିଲା। ବିଜୟୀ ଦଳର ସନ୍ତୋଷ ମ୍ୟାନ୍‌ଅଫ୍‌ଦି ମ୍ୟାଚ ବିବେଚିତ ହୋଇଥିଲେ। ଅନ୍ୟ ମ୍ୟାଚଟିରେ ରୟାଲ ସିଟି ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୮୨ ରନକରି ଅଲଆଉଟ ହୋଇଥିଲା। ଜବାବରେ ଜେଏମ୍‌ଡି ୬ ଓଭରରେ ୮୭ ରନ ସଂଗ୍ରହ କରି ନେଇଥିଲା। ଜେଏମ୍‌ଡିର ଭିକି ଦିଗଲ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

# ଭାରତ ପ୍ରଥମେ ପାକିସ୍ତାନକୁ ଭେଟିବ

ଦୁବାଇ, ୧୫।୧୨(ପି.ଟି.)

୨୦୨୨ ମାର୍ଚ୍ଚ ୪ରେ ନ୍ୟୁଜିଲାଣ୍ଡରେ ଆରମ୍ଭ ହେବାକୁଥିବା ମହିଳା ଦିନିକିଆ ବିଶ୍ୱକପ କ୍ରିକେଟ ଟୁର୍ନାମେଣ୍ଟରେ ଭାରତ ପ୍ରଥମେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟି ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚ ମାର୍ଚ୍ଚ ୬ରେ ଟୌରଙ୍ଗାଠାରେ ଅନୁଷ୍ଠିତ ହେବ। ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ୍ (ଆଇସିସି) ପକ୍ଷରୁ ବୁଧବାର ଏହି ଘୋଷଣା କରାଯାଇଛି। ସେହିପରି ଅଷ୍ଟ୍ରେଲିଆ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଗତଥରର ଚାମ୍ପିୟନ ଇଂଲଣ୍ଡ ବିପକ୍ଷରେ ମାର୍ଚ୍ଚ ୫ରେ ଏହାର ପ୍ରଥମ ମ୍ୟାଚ ଖେଳିବ। ଏହି ମ୍ୟାଚ ହାମିଲଟନର ଶେଡନ ପାର୍କରେ ଖେଳାଯିବ। ୩୧ ଦିନରେ ମୋଟ ୩୧ଟି ମ୍ୟାଚ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିବେ। ଟୁର୍ନାମେଣ୍ଟର ମ୍ୟାଚଗୁଡ଼ିକ ଅକ୍‌ଲାଣ୍ଡ, ଖ୍ରିଷ୍ଟଚର୍ଚ୍ଚ, ଡୁନେଡିନ, ହାମିଲଟନ, ଟୌରଙ୍ଗା ଓ ୱେଲିଂଟନ ଆଦି ୬ଟି ସହରରେ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ମ୍ୟାଚ ଘରୋଇ ନ୍ୟୁଜିଲାଣ୍ଡ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଟୌରଙ୍ଗାର ବେ' ଓଭାଲରେ ୪ ତାରିଖରେ ଖେଳାଯିବ।

୨୦୧୭ରୁ ୨୦୨୦ ମଧ୍ୟରେ ଅନୁଷ୍ଠିତ ଆଇସିସି ମହିଳା କ୍ରିକେଟ ଚାମ୍ପିୟନଶିପ୍‌ରେ ସେମାନଙ୍କର ପୋଜିଶନ ଯୋଗୁ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା ଓ ଭାରତ ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଆୟୋଜକ ଦେଶଭାବେ ନ୍ୟୁଜିଲାଣ୍ଡ ସ୍ୱାଭାବିକ ଯୋଗ୍ୟତା ପାଇଛି। ଟିମ୍ ର୍ୟାଙ୍କିଙ୍ଗ ଅନୁସାରେ ବାଂଲାଦେଶ, ପାକିସ୍ତାନ ଓ ୱେଷ୍ଟଇଣ୍ଡିଜ ଅନ୍ୟ ୩ ଦଳଭାବେ ସେମାନଙ୍କ ସହ ଯୋଗ ଦେଇଛନ୍ତି। କୋଭିଡ୍-୧୯ ଜନିତ ଅନିଶ୍ଚିତତା କାରଣରୁ ମହିଳା କ୍ରିକେଟ ବିଶ୍ୱକପ କ୍ୱାଲିଫାୟର ବାତିଲ ହୋଇଥିଲା। ପ୍ରତିଯୋଗିତା ଲିଗ୍ ଭିତ୍ତିରେ ଅନୁଷ୍ଠିତ ହେବ। ପ୍ରତି ଦଳ ପରସ୍ପରକୁ ଭେଟିବା ପରେ ଶ୍ରେଷ୍ଠ ୪ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ୱେଲିଂଟନର ବେସିନ ରଜର୍ଭଠାରେ ମାର୍ଚ୍ଚ ୩୦ରେ ପ୍ରଥମ ସେମିଫାଇନାଲ ଅନୁଷ୍ଠିତ ହେବ। ଦ୍ୱିତୀୟ ସେମିଫାଇନାଲ ଖ୍ରିଷ୍ଟଚର୍ଚ୍ଚର ହଗ୍‌ଲେ ଓଭାଲଠାରେ ୩୧ ତାରିଖରେ ଖେଳାଯିବ। ଏପ୍ରିଲ ୩ରେ ମେଗା ଫାଇନାଲ ଅନୁଷ୍ଠିତ ହେବ। ଦୁଇଟି ଯାକ ସେମିଫାଇନାଲ ଓ ଫାଇନାଲ ପାଇଁ ରିଜର୍ଭ ଦିବସ ରହିବ। ମହିଳା କ୍ରିକେଟରେ ଶେଷଥର ପାଇଁ ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟ ଟି୨୦ ବିଶ୍ୱକପ ୨୦୨୦ ମାର୍ଚ୍ଚରେ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ହୋଇଥିଲା। ଏହାର ଫାଇନାଲରେ ଭାରତକୁ ହରାଇ ଆୟୋଜକ ଅଷ୍ଟ୍ରେଲିଆ ଚାମ୍ପିୟନ ହୋଇଥିଲା। ଆଗାମୀ ବିଶ୍ୱକପ୍ ପୂର୍ବରୁ ଭାରତୀୟ ଦଳ ନ୍ୟୁଜିଲାଣ୍ଡ ଗସ୍ତରେ ଯାଇ ନିଜକୁ ପ୍ରସ୍ତୁତ କରିବା କାର୍ଯ୍ୟକ୍ରମ ରହିଛି।

# କର୍ନାଟକ, ଚଣ୍ଡିଗଡ଼ କ୍ୱାର୍ଟର ଫାଇନାଲରେ

**ଜାତୀୟ ସିନିୟର ହକି**



ବୁଧବାର କର୍ନାଟକ-ଅରୁଣାଚଳ ଏବଂ ଚଣ୍ଡିଗଡ଼-ତ୍ରିପୁରା ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

ପୁଣେ, ୧୫।୧୨

ସ୍ଥାନୀୟ ପିମ୍ପ୍ରି ଚିନଚ୍ୱାଡଠାରେ ଚାଲିଥିବା ୧୧ତମ ଜାତୀୟ ସିନିୟର ପୁରୁଷ ହକି ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ କର୍ନାଟକ ଓ ଚଣ୍ଡିଗଡ଼ ପ୍ରବେଶ କରିଛି। ଲିଗ୍ ପର୍ଯ୍ୟାୟରେ କର୍ନାଟକ ଓ ଚଣ୍ଡିଗଡ଼ ୩ଟି ଲେଖାଏ ମ୍ୟାଚ ଖେଳି ଅପରାଜେୟ ରହିଛନ୍ତି। ବୁଧବାର ଅନୁଷ୍ଠିତ ସମ୍ପୂର୍ଣ୍ଣ ଏକପାଖିଆ ମ୍ୟାଚରେ କର୍ନାଟକ ୧୪-୦ ଗୋଲରେ ଅରୁଣାଚଳକୁ ପରାସ୍ତ କରିଥିଲା। ଫଳରେ ଏହି ଦଳ ପୁଲ୍ 'ସି'ରେ ଶୀର୍ଷସ୍ଥାନ ଅଧିକାର କରିଥିଲା। ପୁଲ୍ 'ଇ'ର ଅନ୍ୟ ଏକ ମ୍ୟାଚରେ ଚଣ୍ଡିଗଡ଼ ରେକର୍ଡ ୨୩-୦ ଗୋଲରେ ତ୍ରିପୁରାକୁ ହରାଇ ଦେଇଥିଲା। ଏହି ଦଳ ମଧ୍ୟ ନିଜ ପୁଲ୍‌ର ଶୀର୍ଷରେ ରହିଥିଲା। ଚଳିତ ସପ୍ତାହ ଶେଷରେ ମଣିପୁର ସର୍ବାଧିକ ୨୧-୦ ଗୋଲରେ ତ୍ରିପୁରାକୁ ହରାଇଥିଲା। ଚଣ୍ଡିଗଡ଼ ଏବେ ଏହି ରେକର୍ଡକୁ ଭାଙ୍ଗିଛି। ଫଳରେ ଏହି ଦୁଇ ଦଳ ସହ ପୂର୍ବରୁ ପଞ୍ଜାବ ନକ୍‌ଆଉଟ ପର୍ଯ୍ୟାୟରେ ପହଞ୍ଚିଛି। ତ୍ରିପୁରା ୩ଟି ମ୍ୟାଚରେ ୬୨ ଗୋଲ ବରଣ କରି ବିଦାୟ ନେଇଛି। ଏହି ଦଳ ଗୋଟିଏ ହେଲେ ଗୋଲ ଦେବାରେ ସକ୍ଷମ ହୋଇ ନ ଥିଲା। ପୁଲ୍ 'ସି'ର ଏକ ମ୍ୟାଚରେ ପୁଡୁଚେରୀ ୫-୧ ଗୋଲରେ ଜମ୍ମୁ କଶ୍ମୀରକୁ ପରାସ୍ତ କରିଛି। ସେହିପରି ମଣିପୁର ୭-୩ ଗୋଲରେ ରାଜସ୍ଥାନକୁ ହରାଇଛି। ଲିଗ୍ ପର୍ଯ୍ୟାୟ ଶେଷରେ ମଣିପୁର ୬ ଓ ରାଜସ୍ଥାନ ୩ ପଏଣ୍ଟ ପାଇଛି। ପୁଲ୍ 'ବି'ର ଏକ ମ୍ୟାଚରେ ହରିୟାଣା ୩-୦ ଗୋଲରେ ଦିଲ୍ଲୀକୁ ପରାସ୍ତ କରିଛି। ପୁଲ୍ 'ଡି'ରେ ଆନ୍ଧ୍ରପ୍ରଦେଶ ୪-୧ ଗୋଲରେ ଉତ୍ତରାଖଣ୍ଡକୁ ହରାଇଛି।

# ବିଦ୍ୟାସାଗର ଚାମ୍ପିୟନ, କିଟ୍ ରନର୍ସ ଅପ୍

**ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଫୁଟ୍‌ବଲ**

**ଉତ୍କଳ ବିଶ୍ୱବିଦ୍ୟାଳୟକୁ ତୃତୀୟ ସ୍ଥାନ**

ଭୁବନେଶ୍ୱର, ୧୫।୧୨(କ୍ରୀଡ଼ା ପ୍ରତିନିଧି)

ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ସହଯୋଗରେ କିସ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଛି। ଏଥିରେ ପଶ୍ଚିମବଙ୍ଗର ବିଦ୍ୟାସାଗର ବିଶ୍ୱବିଦ୍ୟାଳୟ ଚାମ୍ପିୟନ ହୋଇଥିବାବେଳେ କିଟ୍ ରନର୍ସଅପ୍ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଛି। ୟୁନିଭର୍ସିଟି ଅଫ୍ କୋଲକାତା ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ରହିଛି। ଅନ୍ତିମ ଦିବସରେ ଅନୁଷ୍ଠିତ ମ୍ୟାଚଗୁଡ଼ିକରେ ବିଦ୍ୟାସାଗର ୨-୦ରେ କିଟ୍‌କୁ ହରାଇଥିବାବେଳେ ଉତ୍କଳ ଏବଂ କୋଲକାତା ମଧ୍ୟରେ ମ୍ୟାଚ ଡ୍ର ରହିଥିଲା। ଅନ୍ୟ ମ୍ୟାଚରେ କିଟ୍ ୨-୦ ଗୋଲରେ କୋଲକାତାକୁ ଏବଂ ବିଦ୍ୟାସାଗର ୧-୦ରେ ଉତ୍କଳକୁ ପରାସ୍ତ କରିଥିଲା। କିଟ୍ ଓ ଉତ୍କଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ଡ୍ର ରହିଥିଲା। ଶେଷ ମ୍ୟାଚରେ ବିଦ୍ୟାସାଗର ୪-୦ ଗୋଲରେ ୟୁନିଭର୍ସିଟି ଅଫ୍ କୋଲକାତାକୁ ହରାଇଥିଲା। କିଟ୍ ଫୁଟବଲ ଷ୍ଟାଡିୟମରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ କିସ୍ ବିଶ୍ୱବିଦ୍ୟାଳୟ ଭାଇସ ଚାନ୍ସେଲର ଦୀପକ କୁମାର ବେହେରା ମୁଖ୍ୟ ଅତିଥି ଏବଂ ରେଜିଷ୍ଟ୍ରାର ପ୍ରଶାନ୍ତ କୁମାର ରାଉତରାୟ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।



ରନର୍ସ ଅପ୍ କିଟ୍ ବିଶ୍ୱବିଦ୍ୟାଳୟର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

# ଓଡ଼ିଶା ଏଚ୍‌ପିସି ବିଜୟୀ

ନୂଆଦିଲ୍ଲୀ, ୧୫।୧୨(ପି.ଟି.)

ଏଠାରେ ବୁଧବାର ଆରମ୍ଭ ହୋଇଥିବା ପ୍ରଥମ ଖେଲୋ ଇଣ୍ଡିଆ ୨୧ ବର୍ଷରୁ କମ୍ ମହିଳା ହକି ଲିଗ୍ (ଫେଜ୍-୧)ରେ ଓଡ଼ିଶା ନାଭାଲ ଟାଟା ହାଇ ପରଫରମାନ୍ସ ସେଣ୍ଟର (ଓଡ଼ିଶା ଏଚ୍‌ପିସି) ୧-୦ ଗୋଲରେ କର୍ନଲର ରାଜା କରନ ହକି ଏକାଡେମୀକୁ ହରାଇ ଅଭିଯାନ ଆରମ୍ଭ କରିଛି। ମ୍ୟାଚର ୨୬ତମ ମିନିଟରେ ବିଜୟୀ ଦଳ ପକ୍ଷରୁ ପ୍ରିୟା ଟପ୍ପୋ ପେନାଲ୍ଟି କର୍ନରରୁ ଏକମାତ୍ର ଗୋଲଟି ଦେଇଥିଲେ। ପ୍ରଥମ ଦିବସରେ ଅନୁଷ୍ଠିତ ଅନ୍ୟ ମ୍ୟାଚ ଗୁଡ଼ିକ ମଧ୍ୟରେ ଇଣ୍ଡିଆ ଜୁନିୟର୍ସ ୬-୦ ଗୋଲରେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ 'ବି', ଅମୃତସରର ଖାଲସା ହକି ଏକାଡେମୀ ୧୫-୦ ଗୋଲରେ ମୁମ୍ବାଇ ସ୍କୁଲ୍ସ ସ୍ପୋର୍ଟ୍ସ ଆସୋସିଏଶନ, ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ 'ଏ' ୭-୧ ଗୋଲରେ ଓଡ଼ିଶା ସ୍ପୋର୍ଟ୍ସ ହଷ୍ଟେଲକୁ ପରାସ୍ତ କରିଛି।

# ଜାତୀୟ ଭାରୋତ୍ତୋଳନ ପାଇଁ ଓଡ଼ିଶା ଦଳ ଚୟନ


ଖେଳାଳି ମନୋନୟନ ପାଇଁ ବୁଧବାର ଚୟନ କମିଟି ବୈଠକ।

ଭୁବନେଶ୍ୱର, ୧୫।୧୨(କ୍ରୀଡ଼ା ପ୍ରତିନିଧି)

୨୦୨୨ ଜାନୁୟାରୀ ୮ରୁ ୧୬ ପର୍ଯ୍ୟନ୍ତ ଭୁବନେଶ୍ୱରରେ ହେବାକୁଥିବା ଜାତୀୟ ଯୁବ, ଜୁନିୟର ଓ ସିନିୟର ବର୍ଗର ଜାତୀୟ ଭାରୋତ୍ତୋଳନ ପ୍ରତିଯୋଗିତା ପାଇଁ ବୁଧବାର ଓଡ଼ିଶା ଦଳ ଚୟନ କରାଯାଇଛି। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଓଡ଼ିଶା ଭାରୋତ୍ତୋଳନ ସଂଘ ଆନୁକୂଲ୍ୟରେ ଜାତୀୟ ପ୍ରତିଯୋଗିତା ଆୟୋଜନ ହେବ। ନିକଟରେ କଳିଙ୍ଗ ଷ୍ଟାଡିୟମରେ ହୋଇ ଯାଇଥିବା ରାଜ୍ୟ ଭାରୋତ୍ତୋଳନ ପ୍ରତିଯୋଗିତାର ଫଳାଫଳକୁ ଆଧାର କରି ଓଡ଼ିଶା ଦଳ ଚୟନ କରାଯାଇଛି। ରାଜ୍ୟ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ସମ୍ପାଦକ ନାରାୟଣ ସାହୁ, ଉପସଭାପତି କୁମୁଦ ଚନ୍ଦ୍ର ସାହୁ, ହରିପ୍ରସାଦ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ରମେଶ ଚନ୍ଦ୍ର ପାଢ଼ୀ, କୋଷାଧ୍ୟକ୍ଷ ଯଜ୍ଞନାରାୟଣ ନନ୍ଦ, ସୀତା ପ୍ରସାଦ ପଟ୍ଟନାୟକ ଓ ଅଲିମ୍ପିଆନ ରବି କୁମାରଙ୍କୁ ନେଇ ଗଠିତ କମିଟି ଖେଳାଳି ଚୟନ କରିଥିଲେ। ଦଳ ସହ ମ୍ୟାନେଜର ଭାବେ ହରିପ୍ରସାଦ ପଟ୍ଟନାୟକ, ନକୁଳ ସାହୁ ଓ ପ୍ରଦୀପ କୁମାର ସାହାଣୀ ଏବଂ କୋଚ୍‌ଭାବେ ଚନ୍ଦ୍ରଶେଖର ସାହୁ, କାଦିମ ପଞ୍ଜାବୀ, କୃଷ୍ଣଚନ୍ଦ୍ର ସାହୁ, ବଳରାମ ସାହୁ, ଗୋପାଳ ଦାସ ଓ ବିବେକାନନ୍ଦ ସାହୁ କାର୍ଯ୍ୟ କରିବେ ବୋଲି ସମ୍ପାଦକ ନାରାୟଣ ସାହୁ ପ୍ରକାଶ କରିଛନ୍ତି।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୬ ଡିସେମ୍ବର, ୨୦୨୧


## ସଂକ୍ଷେପରେ

### ୧୯ରେ ଆଲୁମ୍ନି କମିଟି କର୍ମକର୍ତ୍ତା ଚୟନ

**ବୋଲଗଡ଼,୧୫।୧୨(ଡି.ଏନ୍.ଏ.):** ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପରାମର୍ଶକ୍ରମେ ସ୍ଥାନୀୟ ପରମାନନ୍ଦ ମହାବିଦ୍ୟାଳୟର ମୋ କଲେଜ ଅଭିଯାନ ସଙ୍ଗଠନ ପକ୍ଷରୁ ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଆଲୁମ୍ନି କମିଟି ଗଠନ କରାଯିବା ଲାଗି ନିଷ୍ପତ୍ତି ହୋଇଛି। ଏନେଇ ଆସନ୍ତା ରବିବାର ତଥା ୧୯ ତାରିଖରେ କଲେଜ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହେବ। ଏଥିରେ ପୁରାତନ ଛାତ୍ରୀଛାତ୍ର ଯୋଗଦେଇ କର୍ମକର୍ତ୍ତା ଚୟନ କରିବା ସହ ମହାବିଦ୍ୟାଳୟର ଭୌତିକ, ବୌଦ୍ଧିକ, ଶୈକ୍ଷିକ ଓ ଭାବଗତ ଦିଗଗୁଡ଼ିକ ସହ ଯୋଡ଼ି ହୋଇ ଏହାର ସର୍ବାଙ୍ଗୀନ ବିକାଶରେ ସାମିଲ ହେବା ପାଇଁ ଅଧକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ଓ କାର୍ଯ୍ୟକ୍ରମ ସଂଯୋଜକ ପ୍ରାଧାପକ କର୍ମୋଦୟ ଛୋଟରାୟ ଅନୁରୋଧ କରିଛନ୍ତି।

### ଜଳିଗଲା କଳେଇ ଗଦା

**ବେଗୁନିଆ,୧୫।୧୨(ଡି.ଏନ୍.ଏ.):** ବେଗୁନିଆ ତହସିଲ ଅନ୍ତର୍ଗତ ବଡ଼ବେରଣା ଗ୍ରାମର ଚାଷୀ ଲକ୍ଷ୍ମଣ ପଣ୍ଡାଙ୍କ କଳେଇ ଗଦାରେ ଅଗ୍ନିକାଣ୍ଡ ଘଟି ସମ୍ପୂର୍ଣ୍ଣ ଜଳିଯାଇଛି। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ସୂଚନା ମୁତାବକ, ଲକ୍ଷ୍ମଣ ଜମିରୁ ସଂଗୃହୀତ କଳେଇ ବିଡ଼ାକୁ ରାସ୍ତା ପାର୍ଶ୍ୱରେ ଗଦାକରି ରଖିଥିଲେ। ବୁଧବାର ପୂର୍ବାହ୍ନରେ କଳେଇ ଗଦା ଜଳୁଥିବା ଦେଖିବାକୁ ପାଇଥିଲେ। ଖବରପାଇ ବେଗୁନିଆ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ପ୍ରାୟ ୫୦ହଜାର ଊର୍ଦ୍ଧ୍ୱ ଟଙ୍କାର ଧାନ ପୋଡ଼ିଯାଇଥିବା ଜଣାପଡ଼ିଛି। କିଛିଦିନ ପୂର୍ବେ ଲଗାଣ ବର୍ଷା ଯୋଗୁ ବ୍ୟାପକ ଫସଲ ନଷ୍ଟ ହୋଇଥିଲା। ଏବେ ପୁଣି ଅଗ୍ନିକାଣ୍ଡରେ ଧାନ ଜଳି ଯାଇଥିବାରୁ ବର୍ଷକ ଆହାରକୁ ନେଇ ଲକ୍ଷ୍ମଣ ଚିନ୍ତାରେ ପଡ଼ିଯାଇଛନ୍ତି।

### ବିଦ୍ୟାଳୟ ରୂପାନ୍ତରଣ ପ୍ରସ୍ତୁତି ବୈଠକ

**ଟାଙ୍ଗୀ(ଖୋର୍ଦ୍ଧା),୧୫।୧୨(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠର ରୂପରେଖ ବଦଳିବ। ଏହି ବିଦ୍ୟାଳୟ ରୂପାନ୍ତର ଲାଗି ମନୋନୀତ ହୋଇଛି। ଏହି କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଧାନ ଶିକ୍ଷକ ରମେଶ କୁମାର ବଳବନ୍ତରାୟ, ସମ୍ପାଦକ ବିଜୟ କୁମାର ରାଉତ, ଉପସଭାପତି ଡ. ମଧୁସୂଦନ ସେନାପତି, ପରିଚାଳନା କମିଟି ସଭାପତି ସୁନୀଲ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ନାଁରେ ଜମି ଅଧିଗ୍ରହଣ, ବିଦ୍ୟାଳୟର ପ୍ରତିଷ୍ଠା ଦିବସ ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ ପୂର୍ବତନ ସରପଞ୍ଚ ଭରତ ଚରଣ ବେହେରା, ସାମାଜିକ କର୍ମୀ କିଶୋର ବେହେରା, ଖବରଦାତା ରଘୁନାଥ ସାହୁ, ସରୋଜ କୁମାର ପାଇକରାୟ, ଅଶୋକ କୁମାର ମହାପାତ୍ର, ଗଙ୍ଗାଧର ବେହେରା, ରାମଚନ୍ଦ୍ର ପରିଡ଼ା, ଗଣେଶ ବାରିକ, ଯୁଧିଷ୍ଠିର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷକ ବିଶ୍ୱଜିତ୍ ପଲାଇ ଧନ୍ୟବାଦ ଦେଇଥିଲେ।

### ନାଟ୍ୟକାର ଗୋଲଖ ପ୍ରଧାନଙ୍କ ପରଲୋକ



**ବାଣପୁର,୧୫।୧୨ (ଡି.ଏନ୍.ଏ.):** ଖୋର୍ଦ୍ଧା ଜଲା ବାଣପୁର ବ୍ଲକ ଅନ୍ତର୍ଗତ ଗାଲୁଆ ଗ୍ରାମର ବିଶିଷ୍ଟ ନାଟ୍ୟକାର, ସଂକୀର୍ତ୍ତନ ଗାୟକ ତଥା ସାମାଜିକ କର୍ମୀ ଗୋଲଖ ପ୍ରଧାନ(୭୨)ଙ୍କ ବୁଧବାର ଅପରାହ୍ନରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଅନେକ କାବ୍ୟ, କବିତା, ନାଟକ ଲେଖିଛନ୍ତି। ତାଙ୍କର ପ୍ରଥମ ନାଟକ 'କଳ୍ପନା' ବେଶ୍ ଲୋକପ୍ରିୟ ହୋଇଥିଲା। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ମଝିଆ ପୁଅ ରମେଶ ମୁଖାଗ୍ନି ଦେଇଥିଲେ।

### ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ସ୍ମୃତିଚାରଣ

**ଟାଙ୍ଗୀ(ଖୋର୍ଦ୍ଧା),୧୫।୧୨(ଡି.ଏନ୍.ଏ.):** କେରେଣ୍ଡାଟାଙ୍ଗୀ ସ୍ଥିତ ବାଳକୃଷ୍ଣ ବିଦ୍ୟାପୀଠର ପ୍ରତିଷ୍ଠାତା ନିମାଇଁ ଚରଣ ପାଇକରାୟଙ୍କ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସେ କନ୍ଧନୟାଗଡ଼ଠାରେ ଶହୀଦ ରଘୁ ଦିବାକର ହାଇସ୍କୁଲ, କେରେଣ୍ଡାଟାଙ୍ଗୀର ମଧ ଇଂରାଜୀ ବିଦ୍ୟାଳୟ ପ୍ରତିଷ୍ଠା କରିବା ସହ ଅବିଭକ୍ତ ଚାନ୍ଦପୁର ପଞ୍ଚାୟତର ସରପଞ୍ଚ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ନାରାୟଣ ମହାପାତ୍ର, ରଘୁନାଥ ସାହୁ, ବାଉରୀବନ୍ଧୁ ସାହୁ ଯୋଗଦେଇ ଥିଲେ।

# 'ସର୍ବନିମ୍ନ ପେନ୍‌ସନ ୯ ହଜାର ହେଉ'

**ଖୋର୍ଦ୍ଧା ଅଫିସ,୧୫।୧୨**





ସମ୍ମିଳନୀରେ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଓ ଅନ୍ୟ ଅତିଥି।



ସମ୍ମିଳନୀରେ ଉପସ୍ଥିତ ପେନ୍‌ସନ୍‌ଭୋଗୀ ଏବଂ ପଞ୍ଜୀକୃତ ସଭ୍ୟାସଭ୍ୟ।

## ଏଓଇପିଏଫ୍‌ପିଏର ଜିଲା ସମ୍ମିଳନୀ

ଅଲ୍ ଓଡ଼ିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନ (ଏଓଇପିଏଫପିଏ) ଖୋର୍ଦ୍ଧା ଜିଲାର ବାର୍ଷିକ ସମ୍ମିଳନୀ ବୁଧବାର ସ୍ଥାନୀୟ ମା' ବାଟ ଭୂଆଶୁଣୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଶାଖା ସଭାପତି ବିଜୟ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥି, ରାଜ୍ୟ ସାଧାରଣ ସମ୍ପାଦକ ତଥା କେନ୍ଦ୍ରୀୟ ଉପାଧକ୍ଷ ଭାଗ୍ୟଧର ବ୍ରହ୍ମା, ଜିଲା ସମ୍ପାଦକ ମାୟାଧର ମଲ୍ଲିକ, ଉପସଭାପତି ବିପିନ ବିହାରୀ ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ। ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅଲଓଡ଼ିଶା ଇପିଏଫ ପେନସନର୍ସ ଆସୋସିଏଶନ ସାରା ରାଜ୍ୟରେ ୧୨ହଜାରରୁ ଊର୍ଦ୍ଧ୍ୱ ସଭ୍ୟ ପଞ୍ଜୀକରଣ କରିଥିବା ବେଳେ ଖୋର୍ଦ୍ଧା ଜିଲାରୁ ୧୧୦୦ରୁ ଊର୍ଦ୍ଧ୍ୱ ସଭ୍ୟ ପଞ୍ଜୀକରଣ କରିଛନ୍ତି। ଓଡ଼ିଶାର ୧ ଲକ୍ଷ ୬୨ହଜାର ପେନସନର୍ସଙ୍କ ସମସ୍ୟା ସମାଧାନ ଏବଂ ଦାବି ହାସଲ ଲାଗି ରାଜ୍ୟ ସଙ୍ଗଠନ କାର୍ଯ୍ୟ କରୁଛି। ଏହି ଅବସରରେ ସଂଘ ପକ୍ଷରୁ ୩ଟି ଦାବି ଉପସ୍ଥାପନ କରାଯାଇଛି। ସର୍ବନିମ୍ନ ମାସିକ ପେନସନ ୯ହଜାର ଟଙ୍କା ସହ ମହଙ୍ଗା ଭତ୍ତା, ଦରମା ଅନୁସାରେ ବର୍ଦ୍ଧିତ ପେନ୍‌ସନ୍ ଦିଆଯାଉ। ଏଥିସହିତ ସମସ୍ତ ପେନ୍‌ସନ୍‌ଭୋଗୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ସାମିଲ ଲାଗି ସଂଘ ଦାବି କରିଛି। ଜିଲା ସମ୍ପାଦକ ମାୟାଧର ମଲ୍ଲିକ ବିବରଣୀ ପାଠ କରିଥିବା ବେଳେ ସଚ୍ଚିଦାନନ୍ଦ ସାମନ୍ତରାୟ, ନବ କିଶୋର ରାଣା, ମିହିର କୁମାର ରାୟ, ବିପିନ ବିହାରୀ ସ୍ୱାଇଁ, ହରେନ୍ଦ୍ର ନାରାୟଣ ପାଲ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ସମ୍ମିଳନୀରେ ଜିଲାର ବିଭିନ୍ନ ସ୍ଥାନରୁ ପେନ୍‌ସନ୍‌ଭୋଗୀ ଏବଂ ପଞ୍ଜୀକୃତ ସଭ୍ୟାସଭ୍ୟମାନେ ଉପସ୍ଥିତ ଥିଲେ।





ନିଯୁକ୍ତ ସୃଷ୍ଟି ଦାବିରେ ବୁଧବାର ଭୁବନେଶ୍ୱରସ୍ଥିତ ଲୋୟର ପିଏମଜିରେ ହିନ୍ଦୀ, ସଂସ୍କୃତ ଓ କ୍ରୀଡ଼ା ଶିକ୍ଷକ କାନଧରି ଆଣ୍ଠେଇଛନ୍ତି।

# ନିଯୁକ୍ତି ଦାବିରେ ଆଣ୍ଠେଇଲେ ହିନ୍ଦୀ, ସଂସ୍କୃତ, କ୍ରୀଡ଼ା ଶିକ୍ଷକ

**ଭୁବନେଶ୍ୱର,୧୫।୧୨(ବ୍ୟୁରୋ)**

କିଏ ଆଣ୍ଠେଇ ପାଠ ପଢ଼ୁଛି ତ' ଆଉ କିଏ କାନ ଧରିଛି। ଏଭଳି ଭାବେ ଦେଖିବାକୁ ମିଳିଥିଲା ଏସ୍.ଏସ୍.ଟି.ଇ.ଟି ପାସ କରିଥିବା ଅଣ ନିଯୁକ୍ତ ହିନ୍ଦି, ସଂସ୍କୃତ ଓ କ୍ରୀଡ଼ା ଶିକ୍ଷକ ସଂଘ। ୨୦୧୪ ମସିହାରୁ ଦୀର୍ଘ ୭ବର୍ଷ ପରେ ଚଳିତ ବର୍ଷ ଅଗଷ୍ଟ ୧୩ରେ ନିଯୁକ୍ତି ବାହାର କରାଗଲା। କିନ୍ତୁ ସି.ବି.ଟି ପରୀକ୍ଷାର କମ୍ପ୍ୟୁଟର ତ୍ରୁଟି, ପ୍ରଶ୍ନଗୁଡ଼ିକ ପି.ଜି ଓ ନେଟ ଲେବଲର ହୋଇଥିବାରୁ ୪୫% ପଦବୀ ପୂରଣ ହୋଇପାରିଲା ନାହିଁ। ୭ଦଫା ଦାବି ନେଇ ଲୋୟର ପିଏମଜିଠାରେ ୪ଦିନ ହେବ ଧାରଣାରେ ବସିଛନ୍ତି। ୨୦୨୧ରେ ନୂତନ ଖାଲିଥିବା ପଦବୀ ପୂରଣ ପାଇଁ ତୁରନ୍ତ ବିଜ୍ଞାପନ ପ୍ରକାଶ, ମୂଲ୍ୟାୟନ ୨ଭାଗ ନକରି ସମ୍ପୂର୍ଣ୍ଣ ମାର୍କରୁ ୩୦ ପାସ୍ ମାର୍କ ସବୁ ବର୍ଗ ପାଇଁ ସମାନ ରଖାଯାଉ, ସି.ପି.ଇ.ଡି(ପି.ଇ.ଟି)ର ସିଲାବସରେ ବହିର ନାମ, ଲେଖକଙ୍କ ନାମ ରଖାଯାଉ, ସଂରକ୍ଷଣ ସିଟ୍‌ଗୁଡ଼ିକ ଖାଲି ପଡ଼ିଲେ ତାହା ସବର୍ଣ୍ଣମାନଙ୍କ ଦ୍ୱାରା ପୂରଣ କରାଯାଉ ଯାହା ଫଳରେ ବିଦ୍ୟାଳୟରେ ଶିକ୍ଷକମାନଙ୍କର ଅଭାବ ଦେଖାଯିବ ନାହିଁ ଏଥି ସହିତ ଅନ୍ୟାନ୍ୟ ଦାବିଗୁଡ଼ିକ ରହିଛି।

# ବିଡିଏର ଦଲିଲ ସମ୍ପାଦନ ଅବଧି ବଢ଼ିଲା

**ଭୁବନେଶ୍ୱର,୧୫।୧୨(ବ୍ୟୁରୋ)**

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)ଙ୍କ ନିକଟରୁ ପ୍ଲଟ, ଘର ଓ ଦୋକାନ ଘର ନେଇଥିବା ମାଲିକମାନେ ସେମାନଙ୍କର ଲିଜ୍ ଡିଡ୍‌କୁ ଦଲିଲଭୁକ୍ତ କରିବା ପାଇଁ ଆବେଦନ କରିଥିଲେ। ଏହିପ୍ରକ୍ରିୟା ଏବେ ଚାଲୁ ରହିଛି। ଦଲିଲ ସମ୍ପାଦନ ନିମନ୍ତେ ଆବଶ୍ୟକ କାଗଜପତ୍ର ଡିସେମ୍ବର ୧୫ ସୁଦ୍ଧା ଦାଖଲ କରିବାକୁ କୁହାଯାଇଥିଲା। ତେବେ କେତେକ ବ୍ୟକ୍ତି ଉକ୍ତ ସମୟ ସୀମା ମଧ୍ୟରେ ତାହା ଦାଖଲ କରି ପାରିନାହାନ୍ତି। ଏହାକୁ ବିଚାରକୁ ନେଇ ବିଡିଏ ଦଲିଲ ସମ୍ପାଦନ ପାଇଁ ଆବେଦନ ସମୟ ଡିସେମ୍ବର ୨୦ରୁ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏହି ସମୟ ମଧ୍ୟରେ www.bda.gov.inରେ ଅନ୍‌ଲାଇନ୍ ଆବେଦନ କରିବାକୁ କୁହାଯାଇଛି। ଯଦି ଅନ୍‌ଲାଇନ୍ ଆବେଦନ କରିବାରେ କୌଣସି ସମସ୍ୟା ଉପୁଜେ ତେବେ ଟେଲିଫୋନ୍ ନମ୍ବର ୦୬୭୪୨୩୯୬୪୩୭ରେ ଯୋଗାଯୋଗ କରିବା ପାଇଁ ପରାମର୍ଶ ଦିଆଯାଇଛି। ବିଡିଏ ପକ୍ଷରୁ ଜାରି କରାଯାଇଥିବା ଏହି ନୋଟିସ୍ ଇଚ୍ଛାଧୀନ କୋଟା/ଟାକ୍ସଫୋର୍ସ/ ଅଡିଟ୍ ରିପୋର୍ଟ ଅର୍ନ୍ତଭୁକ୍ତ/ତୃତୀୟ ପକ୍ଷ ଦ୍ୱାରା ପ୍ରାପ୍ତ ହୋଇଥିବା ଏବଂ ଅନ୍ୟାନ୍ୟ ଆଇନଗତ ସମସ୍ୟା ଥିବା ଲିଜ୍ ଡିଡ୍ ଗୁଡ଼ିକୁ ଏଥିରେ ଅନ୍ତର୍ଭୁକ୍ତ କରାଯିବ ନାହିଁ। ଏହାଛଡ଼ା ଏହି ନୋଟିସ୍ ଲିଙ୍ଗରାଜ ବିହାର ହାଉସିଂ ଓ ସର୍ପିଂ ସ୍କିମ୍, ବରମୁଣ୍ଡା ହାଉସିଂ ସ୍କିମ୍ ଓ ସପିଂ ସ୍କିମ୍, ଡିଷ୍ଟ୍ରିକ୍ଟ ସେଣ୍ଟର, କମର୍ସିଆଲ୍ କମ୍ପ୍ଲେକ୍ସ, ମହତାବ ମାର୍କେଟ, ଶୁଭମ୍ ମାର୍କେଟ ଓ ବାରଭୁଜା ମାର୍କେଟ୍ କମ୍ପ୍ଲେକ୍ସ ପାଇଁ ପ୍ରଯୁର୍ଜ୍ୟ ନୁହେଁ ବୋଲି କୁହାଯାଇଛି।

# ୨ ଦିନିଆ ବ୍ୟାଙ୍କ ଧର୍ମଘଟ





**ଭୁବନେଶ୍ୱର,୧୫।୧୨**

- ବନ୍ଦ ରହିବ ଶାଖା, ଏଟିଏମ୍ ଖୋଲା
- ବ୍ୟାଙ୍କିଙ୍ଗ୍ ଆଇନ (ସଂଶୋଧନ) ବିଲ୍-୨୧କୁ ବିରୋଧ

କେନ୍ଦ୍ର ସରକାରଙ୍କ ବ୍ୟାଙ୍କ ଘରୋଇକରଣ ନିଷ୍ପତ୍ତି ବିରୋଧରେ ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିୟନ (ୟୁଏଫ୍‌ବିୟୁ) ପକ୍ଷରୁ ୨ଦିନିଆ ସର୍ବଭାରତୀୟ ବ୍ୟାଙ୍କ ଧର୍ମଘଟ ଡାକରା ଦିଆଯାଇଛି। ଚଳିତ ମାସ ୧୬ ଏବଂ ୧୭ ତାରିଖରେ ଦେଶର ସମସ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଶାଖା ବନ୍ଦ ରହିବ। ଏହି ପରିପ୍ରେକ୍ଷୀରେ ଅନ୍‌ଲାଇନ ବ୍ୟାଙ୍କିଙ୍ଗ୍ ସେବା ଓ ଏଟିଏମ୍ କେନ୍ଦ୍ରଗୁଡିକ ଖୋଲା ରହିବ ବୋଲି ୟୁଏଫ୍‌ବିୟୁ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ୟୁଏଫ୍‌ବିୟୁର ଓଡିଶା ଶାଖା ପକ୍ଷରୁ ବୁଧବାର ଏକ ଖବରଦାତା ସମ୍ମିଳନୀ କରାଯାଇ ବ୍ୟାଙ୍କ ଧର୍ମଘଟ ଓ ଘରୋଇକରଣ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରି ଏହାର ରାଜ୍ୟ ଆବାହକ ରଘୁନାଥ ପ୍ରସାଦ ଦାସ କହିଛନ୍ତି, ଦେଶର ୧% ପୁଞ୍ଜିପତିଙ୍କ ସ୍ୱାର୍ଥ ସାଧନ ପାଇଁ ୯୯% ଲୋକଙ୍କ ଅର୍ଥ କାରବାର ଓ ସେବାକୁ ସରକାର ବଳି ପକାଇଦେବାକୁ ବସିଛନ୍ତି। ସେହିଭଳି ଦେଶର ୭୨% ଋଣ ଅର୍ଥ ଅସାଧୁ ବ୍ୟବସାୟୀଙ୍କ ନିକଟରେ ରହିଥିବା ବେଳେ ମାତ୍ର ୨୮% ଋଣ ଅର୍ଥ ସାଧାରଣ ବର୍ଗର ଗ୍ରାହକଙ୍କ ପାଖରେ ପଡିରହିଛି। ସରକାର ପୁଞ୍ଜିପତିଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଯେଉଁ ବ୍ୟାଙ୍କିଙ୍ଗ୍ ଆଇନ (ସଂଶୋଧନ) ବିଲ୍ ପାରିତ କରିବାକୁ ଯୋଜନା କରୁଛନ୍ତି। ସେସବୁ ଯୋଜନା ଦେଶର ସ୍ୱାର୍ଥ ପାଇଁ ଆମେମାନେ ଏକତ୍ର ହୋଇ ନିଜ ନିଜ ଶାଖା ସମ୍ମୁଖରେ ହରତାଳ ସହ ବ୍ୟାଙ୍କ ଘରୋଇକରଣକୁ ବିରୋଧ କରିବାକୁ ରାଜ୍ୟର ସମସ୍ତ ବ୍ୟାଙ୍କ କର୍ମଚାରୀ ଓ ଅଧିକାରୀମାନଙ୍କୁ ଆହ୍ୱାନ ଦିଆଯାଇଛି। ଏହି ୨ଦିନିଆ ଧର୍ମଘଟରେ ଓଡ଼ିଶାରୁ ପ୍ରାୟ ୬୦୦୦ ଶାଖା ଓ ୩୦ହଜାର ସବୁ ବର୍ଗର କର୍ମଚାରୀ ସହଯୋଗ ପ୍ରଦାନ କରିବେ ବୋଲି ୟୁଏଫ୍‌ବିୟୁ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସମ୍ମିଳନୀରେ ୟୁଏଫ୍‌ବିୟୁର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଏହାର ଉପଦେଷ୍ଟା ବରିଷ୍ଠ ବ୍ୟାଙ୍କର ଦାମୋଦର ନନ୍ଦ ରାଜ୍ୟର ସମସ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କର କର୍ମଚାରୀ ଓ ଅଧିକାରୀଙ୍କୁ ସହଯୋଗ ପାଇଁ ନିବେଦନ କରିଛନ୍ତି।

## ୟୁଜି, ପିଜିର ସମସ୍ତ ପରୀକ୍ଷା ଅଫ୍‌ଲାଇନ୍‌ରେ ହେବ

**ଭୁବନେଶ୍ୱର, ୧୫।୧୨(ବ୍ୟୁରୋ)**

ଏଣିକି ୟୁଜି ଓ ପିଜିର ସମସ୍ତ ପରୀକ୍ଷା ଅଫ୍‌ଲାଇନ୍ ମୋଡ୍‌ରେ ହେବ। ଏ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି। ବୁଧବାର ବିଭାଗୀୟ ସଚିବ ଶାଶ୍ୱତ ମିଶ୍ର ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତି ଏବଂ ସରକାରୀ ଓ ବେସରକାରୀ କଲେଜ ଅଧକ୍ଷଙ୍କୁ ଚିଠି ଲେଖି ଜଣାଇଛନ୍ତି। ରାଜ୍ୟର ସମସ୍ତ କଲେଜ, ବିଶ୍ୱବିଦ୍ୟାଳୟରେ ୟୁଜି ଓ ପିଜିର ବାର୍ଷିକ ଏବଂ ସେମିଷ୍ଟର ପରୀକ୍ଷା ଅଫ୍‌ଲାଇନ୍ ମୋଡ୍‌ରେ କରିବା ପାଇଁ ଚିଠିରେ ଉଲ୍ଲେଖ କରାଯାଇଛି। ତେବେ କୋଭିଡ୍ ଗାଇଡ୍‌ଲାଇନ୍‌କୁ କଡ଼ାକଡ଼ି ଭାବେ ପାଳନ କରି ପରୀକ୍ଷା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ଅନ୍ତେବାସୀଙ୍କୁ ଶୀତବସ୍ତ୍ର ପ୍ରଦାନ

**ବୋଲଗଡ଼,୧୫।୧୨(ଡି.ଏନ୍.ଏ.)**

ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ଜନ୍ମଦିନକୁ ସମର୍ଥକମାନେ ନିଆରା ଢଙ୍ଗରେ ପାଳନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲା ଯୁବ ବିଜେଡି ଉପସଭାପତି ଦିଲୀପ କୁମାର ମହାପାତ୍ରଙ୍କ ନେତୃତ୍ୱରେ ବିଜେଡି କର୍ମୀମାନେ ହାଟବସ୍ତ ଗ୍ରାମସ୍ଥିତ ଜରାନିବାସର ଅନ୍ତେବାସୀଙ୍କୁ ଶୀତବସ୍ତ୍ର ବଣ୍ଟନ କରିଛନ୍ତି। କାର୍ଯ୍ୟକ୍ରମରେ ପାପୁନା ରାଉତ, ସୁକାନ୍ତ ପଟ୍ଟନାୟକଙ୍କ ସମେତ ବହୁ ବିଜେଡି କର୍ମୀ ସହଯୋଗ କରିଥିଲେ।

# ପରିବାଚାଷ ଦେଇଛି ପରିଚୟ

**ଖୋର୍ଦ୍ଧା ଅଫିସ,୧୫।୧୨**

## ଯୁବପିଢ଼ିଙ୍କ ପ୍ରେରଣାର ଉତ୍ସ ପାଲଟିଛନ୍ତି ଶଙ୍କର

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ଗୋପପୁରୁଆ ପାଟଣା ଗ୍ରାମର ଶଙ୍କର ମହାପାତ୍ର। ବୟସ ୬୨ ଛୁଇଁଲାଣି। ଏହି ବୟସରେ ବି ସେ ବେଶ୍ ଚଳଚଞ୍ଚଳ। ଦୀର୍ଘ ୨୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବାରିରେ ପନିପରିବା ଚାଷ କରି ଖୋର୍ଦ୍ଧା ବଜାରରେ ବୁଲି ବିକ୍ରି କରୁଛନ୍ତି। ତାଙ୍କ ବାରି ଶାଗର ବେଶ୍ ଚାହିଦା ରହିଛି। ଏବେ ଏହି ପରିବା ଚାଷ ତାଙ୍କୁ ପରିଚୟ ଦେଇଛି ବୋଲି ସେ କହିଛନ୍ତି।

ଶଙ୍କରଙ୍କ କହିବାନୁଯାୟୀ, ପିଲାବେଳୁ ଜେଜେ ବାଞ୍ଛାନିଧି ଏବଂ ବାପା ଶିଖରଙ୍କ ନିକଟରୁ ଚାଷ କରିବା ଶିଖିଥିଲି। ଧାନ ଚାଷ କରିବା ସହ ବାରିପଟେ ଥିବା ଜମିରେ ବିଭିନ୍ନ ପନିପରିବା ଚାଷ କରିଛି। ଶୀତଦିନେ ଶାଗର ବେଶ୍ ଚାହିଦା ରହିଛି। ପ୍ରାୟ ୧୦ ପଟାଳି ଶାଗ ଓ ମୂଳା ଲଗାଇଛି । ଫୁଲଚାଷ ସହ ଖରାଟିଆ ପନିପରିବା ଚାଷ ମଧ୍ୟ କରେ। ଦିନକୁ ପ୍ରାୟ ୫୦ବିଡ଼ା ଶାଗ, ୪୦ବିଡା ମୂଳା ବିକ୍ରି ହୁଏ। ପନିପରିବା ଚାଷ କେବଳ ଜୈବିକ ପଦ୍ଧତିରେ କରିଥାଏ। କୌଣସି ରାସାୟନିକ ସାର ପ୍ରୟୋଗ କରି ନ ଥାଏ। ଫଳରେ ବଜାରରେ ମୋ ବାରି ଶାଗର ଚାହିଦା ରହିଛି। ଏଥିସହ ଶଙ୍କର ଏକ ହୋଟେଲରେ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ପରିବାରରେ ସ୍ତ୍ରୀ, ୨ପୁଅ ଏବଂ ଭାଇମାନେ ଅଛନ୍ତି। ଦୁଇ ପୁଅ ବ୍ୟବସାୟ କରୁଛନ୍ତି। ଘରେ ବସି ସମୟ ଅପଚୟ କରିବା ଅପେକ୍ଷା ବାରିରେ ଫୁଲଚାରା ଲଗାଇବା, ପନିପରିବା ଚାଷ କରିବା ଆଶାରେ ଆରମ୍ଭ କରିଥିଲି। ଏବେ ତାହା କାମରେ ଆସୁଛି। ଚାଷ କାର୍ଯ୍ୟରୁ ଯୁବପିଢ଼ି ମୁହଁ ଫେରାଉଥିବା ବେଳେ ଶଙ୍କର ଚାଷୀଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି।





ପରିବା ଚାଷୀ ଶଙ୍କର ମହାପାତ୍ର।

# ସହାୟତା ଅପେକ୍ଷାରେ କର୍କଟ ପୀଡ଼ିତ

**ଖୋର୍ଦ୍ଧା ଅଫିସ,୧୫।୧୨**

- ସରକାରୀ ଯୋଜନା ସ୍ୱପ୍ନ ପାଲଟିଛି
- ପରିତ୍ୟକ୍ତ ଘରେ ରହୁଛନ୍ତି ପରିବାର



ଶରତ ମଙ୍ଗରାଜ

ସରକାର ଗରିବ ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ଲାଗି ବିଭିନ୍ନ ଯୋଜନା କରିଛନ୍ତି। ଏଥିସହ ସମସ୍ତଙ୍କ ଘରେ ପକ୍କା ଛାତ ରହିବ। କେହି ଭୋକିଲା ରହିବେ ନାହିଁ। ଏହି ସମସ୍ତ ଯୋଜନା ଖୋର୍ଦ୍ଧା ବ୍ଲକ ନରଣଗଡ଼ ପଞ୍ଚାୟତ ଭୋଗପୁର ଗ୍ରାମର ଶରତ ମଙ୍ଗରାଜ (୭୨)ଙ୍କ କ୍ଷେତ୍ରରେ ଉପହାସ ପାଲଟିଛି। ଗତ ୩ବର୍ଷ ହେବ ସେ କର୍କଟ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଛନ୍ତି। ଆର୍ଥିକ ଅସ୍ୱଚ୍ଛଳତା କାରଣରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି କିମ୍ବା ରେଡକ୍ରସ ପାଣ୍ଠିରୁ ଚିକିତ୍ସା ସହାୟତା ଯୋଗାଇଦେବା ଲାଗି ବ୍ଲକ ଠାରୁ ଜିଲା କାର୍ଯ୍ୟାଳୟକୁ ବାରମ୍ବାର ଦୌଡୁଛନ୍ତି। ପ୍ରତିଶ୍ରୁତି ବ୍ୟତୀତ କୌଣସି ସହାୟତା ମିଳୁନାହିଁ। ସରକାରୀ ସହାୟତା ତାଙ୍କ ପାଇଁ ଯେପରି ସ୍ୱପ୍ନ ପାଲଟିଛି। ସବୁଆଡୁ ନିରାଶ ହେବା ପରେ ପୁଣି ଥରେ ଶରତ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ସୂଚନା ମୁତାବକ, ଶରତଙ୍କ ପୁଅ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ଗତ ୭ବର୍ଷ ତଳେ ଦୃଷ୍ଟିଶକ୍ତି ହରାଇଥିଲେ। ଦୁଇ ଝିଅଙ୍କୁ ବହୁ କଷ୍ଟରେ ବିବାହ କରିଥିଲେ। ତେବେ କୌଣସି କାରଣରୁ ଉଭୟ ଝିଅ ଏବେ ତାଙ୍କ ପାଖରେ ରହୁଛନ୍ତି। ମୂଲ ଲାଗି ଯାହା ରୋଜଗାର କରୁଥିଲେ, ସେଥିରେ ଶରତ ପରିବାର ଚଳାଉଥିଲେ। ୩ବର୍ଷ ପୂର୍ବେ ତାଙ୍କ ପାଟିରେ ଘା' ହୋଇଥିଲା। ଯନ୍ତ୍ରଣା ହେଲେ ଔଷଧ ଆଣି ଖାଉଥିଲେ। ପରବର୍ତ୍ତୀ ସମୟରେ ଘା' ଶୁଖିବା ପରିବର୍ତ୍ତେ ଯନ୍ତ୍ରଣା ବଢ଼ିବାରୁ ଚିକିତ୍ସା କରିବା ବେଳେ ତାଙ୍କୁ ମୁଖ କର୍କଟ ହୋଇଥିବା ଜାଣିବାକୁ ପାଇଥିଲେ। ଦୀର୍ଘ ଦିନ ଧରି ଭୁବନେଶ୍ୱର ଏମ୍ସ ଏବଂ କଟକ ବଡ ମେଡିକାଲରେ ଚିକିତ୍ସାଧୀନ ହେବା ପରେ ଏବେ ଘରେ ରହି ଚିକିତ୍ସିତ ହେଉଛନ୍ତି। ପୂର୍ବ ଭଳି ସେ ଆଉ ଠିକ୍ ଭାବେ କଥା କହିପାରୁନାହାନ୍ତି। ବୟସାଧିକ୍ୟ କାରଣରୁ ସେ ଆଉ କାମ କରିପାରୁନାହାନ୍ତି। ଚିକିତ୍ସା ପାଇଁ ଜମିବାଡି ବିକିସାରିଲେଣି। ପାଖରେ ଟଙ୍କା ନ ଥିବାରୁ ପରିବାର ଚଳାଇବା ମଧ କଷ୍ଟକର ହୋଇପଡ଼ିଛି। ଅନ୍ୟପଟେ ରୋଗ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଗରିବ ଶ୍ରେଣୀର ହୋଇଥିବା ସତ୍ତ୍ୱେ ଆବାସ ଯୋଜନାରୁ ବଞ୍ଚିତ ହୋଇ ଏକ ଭଙ୍ଗାଘରେ ରହୁଛନ୍ତି। ତାଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବା ଲାଗି ଗ୍ରାମବାସୀ ଦାବି କରିଛନ୍ତି।

### ମହାପ୍ରଭୁଙ୍କୁ ଦର୍ଶନ କଲେ ୬୦ହଜାର ଦିବ୍ୟାଙ୍ଗ

#### ପ୍ରୟାଗରାଜରୁ ଶ୍ରୀମନ୍ଦିର

**ପୁରୀ ଅଫିସ,୧୫।୧୨**

ପ୍ରୟାଗରାଜରୁ ତିନିଦିନିଆ ଗସ୍ତରେ ପୁରୀ ଆସିଥିବା ଲୋକ ସେବକ ମଣ୍ଡଳର ୬୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ବୁଧବାର ପୁରୀରେ ପହଞ୍ଚି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ଅଧକ୍ଷ ରାଜକୁମାର ଚୋପ୍ରା ଓ ସମ୍ପାଦକ ପ୍ରଭାସ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଦିବ୍ୟାଙ୍ଗମାନେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ ଲାଭର ସୌଭାଗ୍ୟ ପାଇଛନ୍ତି। ଦିବ୍ୟାଙ୍ଗମାନଙ୍କୁ ଶ୍ରୀମନ୍ଦିର ପ୍ରବେଶରେ ଶ୍ରୀମନ୍ଦିର କାର୍ଯ୍ୟାଳୟର କର୍ମଚାରୀ ଓ ଶ୍ରୀମନ୍ଦିର ପୋଲିସ ସହାୟତା ଦେଇଛି। ଦିବ୍ୟାଙ୍ଗମାନେ ପୁରୀରେ ପହଞ୍ଚି ପ୍ରଥମେ କୋଣାର୍କ ଭ୍ରମଣ ସାରିବା ପରେ ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିଲେ। ଭଏସ ଅଫ୍ କମନ୍ ମ୍ୟାନ୍‌ର ଅଧକ୍ଷ ହେକ୍ଟର ମିଶ୍ର, ଚକ୍ରଧର ମହାପାତ୍ର, ରାଜେଶ ମିଶ୍ର ପ୍ରମୁଖ ଦିବ୍ୟାଙ୍ଗମାନଙ୍କୁ ଶ୍ରୀମନ୍ଦିର ନେବା ଆଣିବାରେ ସହାୟକ ହୋଇଥିଲେ। ଦିବ୍ୟାଙ୍ଗମାନେ ଶ୍ରୀମନ୍ଦିର ପରିସର ସମେତ ଚାରିପାଖ ମଧ ବୁଲି ଦେଖିଥିଲେ।

### ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଣ୍ଟନ କଲେ ବିଧାୟକ

**ନିରାକାରପୁର,୧୫।୧୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜଲା ନିରାକାରପୁର ଓ ଡିଆ ପଞ୍ଚାୟତ ଅଞ୍ଚଳର ଲୋକଙ୍କୁ ବୁଧବାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ କରାଯାଇଛି। ନିରାକାରପୁର ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଯୋଗଦେଇ ପ୍ରାୟ ୩୩୦ଲୋକଙ୍କୁ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ହୃଷୀକେଶ ରାଉତରାୟ, ଟାଙ୍ଗୀ ବ୍ଲକ ଅଧକ୍ଷ ବିଜୟ କୁମାର ଜେନା, ଯୁବ ସଙ୍ଗଠକ ପ୍ରଭାତ କୁମାର ସ୍ୱାଇଁ, ରବୀନ୍ଦ୍ର କୁମାର ରାଉତରାୟ, ରଞ୍ଜିତ୍ କୁମାର ଜଗଦ୍ଦେବ, ସୁକାନ୍ତ ବେହେରା, ଯୋଗାଣ ସହାୟକ ପ୍ରଶାନ୍ତ ଚନ୍ଦ୍ର ପଟ୍ଟନାୟକ, ଗ୍ରାମ ରୋଜଗାର ସେବକ ସୁବାସ ଚମ୍ପତି, ସ୍ୱାଗତିକା ପାହାଡସିଂହ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦାଶରଥି ପ୍ରତିହାରି ପ୍ରମୁଖ ଉପସ୍ଥିତ ଥିଲେ।

### ବିଜେଡିରେ ମିଶିଲେ ଶତାଧିକ କର୍ମୀ

**ବାଣପୁର,୧୫।୧୨(ଡି.ଏନ୍.ଏ.)**

ବାଣପୁର ବ୍ଲକ ନନ୍ଦପୁର ପଞ୍ଚାୟତ ଅଞ୍ଚଳର ଶତାଧିକ ଭାଜପା କର୍ମୀ ବୁଧବାର ବିଜେଡିରେ ଯୋଗଦେଇଛନ୍ତି। ଭୂଷଣ୍ଡପୁର ସ୍ଥିତ ମା'ଉଗ୍ରତାରାଙ୍କ ପୀଠ ଠାରେ ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ଜିଲା ଯୁବ ଜନତା ଦଳର ଉପସଭାପତି ଗୋପୀନାଥ ମହାରଣା, ସରପଞ୍ଚ ମନୋଜ ପ୍ରଧାନଙ୍କ ଉପସ୍ଥିତିରେ ଖୋର୍ଦ୍ଧା ଜିଲା ପରିଷଦ ୧୫ନଂ. ଜୋନ୍‌ର ସଭ୍ୟ ଦମୟନ୍ତୀ ବସ୍ତିଙ୍କ ପ୍ରତିନିଧି ଦବେରାଜ ବସ୍ତି, ବରିଷ୍ଠ ନେତା ରାଜକିଶୋର ପଣ୍ଡା, ଅରୁଣ ପଣ୍ଡା, ରବିନ୍ଦ୍ର ନାଥ ପ୍ରଧାନ, ଗୌରହରି ସାହୁ, ଚନ୍ଦ୍ର ଶେଖର ସାମନ୍ତରାୟ, ଦିଲୀପ ଖୁଣ୍ଟିଆ, ସୁଶାନ୍ତ ଖୁଣ୍ଟିଆ, ଭିକାରୀ ବିଶୋଇ, ବିଜୟ ସାହୁଙ୍କ ସମେତ ଶତାଧିକ ଭାଜପା କର୍ମୀ ମୁଖ୍ୟମନ୍ତ୍ରୀଙ୍କ ଜନକଲ୍ୟାଣକାରୀ ଯୋଜନା ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଛନ୍ତି। ବିଧାୟକ ଜଗଦ୍ଦେବ ନୂତନ କର୍ମକର୍ତ୍ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ପ୍ରଦୀପ୍ତ ପ୍ରଧାନ, ସୁକାନ୍ତ ବିଶୋଇ, ପ୍ରକାଶ ପାଢି, ଆଲୋକ ପଣ୍ଡା, ସୁରେଶ ତ୍ରିପାଠୀଙ୍କ ସମେତ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଶନିଶ୍ଚରଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ବାଲିପାଟଣା,୧୫।୧୨(ଡି.ଏନ୍.ଏ.)**

ବାଲିପାଟଣା ବ୍ଲକଅଧୀନ ଦେଉଳିଧରପୁର ପଞ୍ଚାୟତ ଭେଙ୍କଟରାୟପୁର ଗ୍ରାମର ମାଳପଡ଼ିଆ ଶନିଶ୍ଚର ମଠ ପ୍ରାଙ୍ଗଣରେ ଶନିଶ୍ଚରଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ୩ ଦିନ ଧରି ଚାଲିଥିଲା। ଏଥିରେ ଅଙ୍କୁରାଧିବାସ, କଳସଯାତ୍ରା, ବିଗ୍ରହଙ୍କ ଧ୍ୟାନାଧିବାସ, ସୂର୍ଯ୍ୟପୂଜା, ଶାଳା ସଂସ୍କାର, ଅଗ୍ନିସ୍ଥାପନ ଓ ବେଦପାଠ ଆଦି ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାମର କଣ୍ଟାଲକ୍ଷ୍ମୀ ଯୁବକ ସଂଘ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## ସଂକ୍ଷେପରେ

### ୧୨ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ୭ ଗିରଫ

**ଭୁବନେଶ୍ୱର, ୧୫।୧୨(ବ୍ୟୁରୋ):** ନୟାପଲ୍ଲୀ ଥାନା ପୋଲିସ ଚଢ଼ାଉ କରି ବ୍ରାଉନସୁଗାର କାରବାରରରେ ସମ୍ପୃକ୍ତ ଥିବା ୭ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସ୍ଥାନୀୟ ଥାନା ସାଲିଆସାହିର ଅଶୋକ କୁମାର ବଳ(୪୮), ରାଜେଶ କୁମାର ବଳ(୨୬), ରାକେଶ କୁମାର ବଳ(୨୨), ବିଜୟ କୁମାର ମଣ୍ଡଳ(୩୨), ବିଶ୍ୱଜିତ୍ ପ୍ରଧାନ(୨୮), ଈଶ୍ୱର ନାୟକ(୨୩) ଓ ଖଣ୍ଡଗିରି ଥାନା ଜାଗମରାର ଜିତେନ୍ଦ୍ର ପାତ୍ର(୩୫)। ଏମାନଙ୍କ ନିକଟରୁ ୧୨ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ ହୋଇଛି। ତେବେ ଚଢ଼ାଉ ବେଳେ ଆଉ କେତେଜଣ ଖସି ପଳାଇଥିଲେ। ସେମାନଙ୍କୁ ଧରିବାକୁ ପୋଲିସ ତଦନ୍ତ ଜାରି ରଖିଛି। ଏମାନେ କେଉଁଠୁ ବ୍ରାଉନସୁଗାର ଆଣିଥିଲେ, କିଏ ଏଥିରେ ସମ୍ପୃକ୍ତ ଅଛନ୍ତି ସେନେଇ ପୋଲିସ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ସାଲିଆସାହି ନୀଳଚକ୍ରନଗର ବସ୍ତିରେ କେତେଜଣ ଯୁବକ ବ୍ରାଉନସୁଗାର କାରବାର ଚଳାଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଏସ୍ଆଇ ସତ୍ୟନାରାୟଣ ବାରିକଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ବସ୍ତିରେ ହଠାତ୍ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଧରିଥିଲା। ଏ ନେଇ ପୋଲିସ ଏକ ମାମଲା (ନଂ.୫୪୮/୨୧) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିଲା।

# ସୀମାନ୍ତ ଜିଲାକୁ ଅଧିକ ଫୋକସ୍

**ଭୁବନେଶ୍ୱର, ୧୫।୧୨(ବ୍ୟୁରୋ)**

### ଓମିକ୍ରନ୍ ମୁକାବିଲା ପାଇଁ ସଜାଗ ସରକାର



ଦିନକୁ ଦିନ ଦେଶରେ ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଛି। ପଡୋଶୀ ରାଜ୍ୟଗୁଡ଼ିକରେ ମଧ କରୋନାର ଏହି ନୂଆ ଭୂତାଣୁ ନିଜର ଉପସ୍ଥିତି ଜାହିର କରିସାରିଛି। ପୂର୍ବରୁ ଆନ୍ଧ୍ରପ୍ରଦେଶରେ, ଆଉ ଏବେ ପଡୋଶୀ ପଶ୍ଚିମବଙ୍ଗରେ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହେବାପରେ ଓଡ଼ିଶାରେ ଛନକ ପଶିଛି। ଏପରିସ୍ଥିତିରେ ରାଜ୍ୟ ସରକାର ଜନସାଧାରଣଙ୍କୁ ସତର୍କ ଓ ସଚେତନ ରହିବାକୁ କହିଛନ୍ତି। ଏନେଇ ବୁଧବାର ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ଓଡ଼ିଶାରେ ଏ ପର୍ଯ୍ୟନ୍ତ ଓମିକ୍ରନ ପ୍ରବେଶ କରି ନ ଥିବାବେଳେ ଏହାର ମୁକାବିଲା ପାଇଁ ସରକାର ସଜାଗ ଅଛନ୍ତି। ସୀମାନ୍ତ ଜିଲା ଉପରେ ଅଧିକ ଫୋକସ୍ କରାଯାଉଛି। ସର୍ଭିଲାନ୍ସ ଓ ଭ୍ୟାକ୍ସିନେସନକୁ ଆମେ ଗୁରୁତ୍ୱ ଦେଉଛୁ। ବାହାରୁ ଆସୁଥିବା ଲୋକଙ୍କର ସର୍ଭିଲାନ୍ସକୁ କଡ଼ାକଡ଼ି କରାଯାଇଛି। ଜିନୋମ ସିକ୍ୱେନ୍ସିଂ କରାଯାଉଛି। ଏଥିସହ ଟିକାକୁ ମଧ ଅଧିକ ଗୁରୁତ୍ୱ ଦେଉଛୁ। ଶୀଘ୍ର ଟିକାକରଣ କାର୍ଯ୍ୟ ଜାରି ରହିଛି। ଏହାସହ ରିସ୍କ ଦେଶରୁ ଆସୁଥିବା ଲୋକଙ୍କ ଉପରେ ନଜର ରଖାଯାଇଛି। ତେବେ ଏହି ନୂଆ ଭ୍ୟାରିଆଣ୍ଟ ଅଧିକ ଘାତକ ହେଉ କି ନ ହେଉ ଆମକୁ ସତର୍କ ରହିବାକୁ ପଡ଼ିବ। ଓମିକ୍ରନର କୌଣସି ଲକ୍ଷଣ ଦେଖାଦେଲେ, ତୁରନ୍ତ ଡାକ୍ତରଖାନାରେ କୋଭିଡ଼ ପରୀକ୍ଷା କରାନ୍ତୁ। ଏହାସହ ଦେହରେ ସାମାନ୍ୟ ଥଣ୍ଡା ରହିଲେ ମଧ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ବୋଲି ଡା. ମହାପାତ୍ର ପରାମର୍ଶ ଦେଇଛନ୍ତି। ସେପଟେ ରାଜ୍ୟରେ ଗତ ୨୪ ଘଣ୍ଟାରେ ୨୧୮ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୨୮ଜଣ ୧୮ବର୍ଷରୁ କମ୍ ବୟସ୍କ ରହିଛନ୍ତି। ମୋଟ କରୋନା ପଜିଟିଭ୍ ସଂଖ୍ୟା ୧୦,୫୨,୧୪୫ରେ ପହଞ୍ଚିଛି। ସେହିଭଳି ୨ଜଣ ଆକ୍ରାନ୍ତଙ୍କ କରୋନାରେ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ମୃତକଙ୍କ ମଧ୍ୟରେ ଜଣେ କେନ୍ଦୁଝର ଓ ଜଣେ ଭୁବନେଶ୍ୱରର ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୮,୪୩୯କୁ ବୃଦ୍ଧି ପାଇଛି।

# ଆଜିଠୁ ଶ୍ରୀମନ୍ଦିରରେ ନୂଆ ଏସ୍ଓପି ଲାଗୁ

**ପୁରୀ ଅଫିସ ୧୫।୧୨**

### ଭୋର ୫ଟା ୩୦ରୁ ରାତି ୯ଟା ୩୦ ମଧ୍ୟରେ ଦର୍ଶନ



ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବୁଧବାର ନୂଆ ଏସ୍ଓପି ଜାରି କରାଯାଇଛି। ଏହି ନୂଆ ଏସ୍ଓପି ଚଳିତ ମାସ ୧୬ ତାରିଖ ଅର୍ଥାତ ଗୁରୁବାରଠାରୁ ଲାଗୁ ହେବ। କୋଭିଡ୍‌ର ସମ୍ଭାବ୍ୟ ତୃତୀୟ ଲହରି ଏବଂ ଭକ୍ତଙ୍କୁ ଶୃଙ୍ଖଳିତ ଦର୍ଶନକୁ ଦୃଷ୍ଟିରେ ରଖାଯାଇ ଏହି ଏସ୍ଓପି ଜାରି କରାଯାଇଛି। ନୂତନ ଏସ୍ଓପି ଅନୁଯାୟୀ ଶ୍ରଦ୍ଧାଳୁମାନେ ପ୍ରତିଦିନ ଭୋର ୫ଟା ୩୦ ରୁ ରାତି ୯ଟା ୩୦ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ। ମାତ୍ର ପୂର୍ବ ଭଳି ରବିବାର ସର୍ବସାଧାରଣଙ୍କ ଲାଗି ଦର୍ଶନ ବନ୍ଦ ରହିବ। ସେହିପରି ଇଂରାଜୀ ନୂଆବର୍ଷ ଅବସରରେ ଶ୍ରଦ୍ଧାଳୁମାନଙ୍କ ପ୍ରବଳ ସମାଗମକୁ ଦୃଷ୍ଟିରେ ରଖି ଡିସେମ୍ବର ୩୧ ଏବଂ ୨୦୨୨ ଜାନୁୟାରୀ ୧ ତାରିଖ ଭକ୍ତମାନଙ୍କ ନିମନ୍ତେ ଶ୍ରୀମନ୍ଦିର ବନ୍ଦ ରହିବ। ଶ୍ରୀମନ୍ଦିରରେ ଅନୁଷ୍ଠିତ ହେଉଥିବା ସ୍ୱତନ୍ତ୍ର ନୀତି ବନକଲାଗି ଏବଂ ପଇତା ଲାଗି ନୀତି ଥିଲେ ଶ୍ରୀମନ୍ଦିର ଜୟ ବିଜୟ ଦ୍ୱାର ଏବଂ ବେହେରଣ ଦ୍ୱାର ବନ୍ଦ ରହିବ। ତେବେ ଏହି ସମୟରେ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ପରିସରରେ ଥିବା ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ କରିପାରିବେ। ସେହିପରି ଆନନ୍ଦ ବଜାର ଯାଇ ମହାପ୍ରସାଦ ସେବନ କରିପାରିବେ। ଏହାବ୍ୟତୀତ ପୂର୍ବ ନିଷ୍ପତ୍ତି ଅନୁଯାୟୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ୨ ଡୋଜ ଟିକା ନଚେତ କୋଭିଡ୍ ଆର୍‌ଟିପିସିଆର ନେଗେଟିଭ ରିପୋର୍ଟ ବାଧ୍ୟତାମୂଳକ ରହିଛି। ତେବେ ପୂର୍ବରୁ ଭକ୍ତମାନେ ସକାଳ ୭ ଟାରୁ ରାତି ୯ଟା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଦର୍ଶନ କରିପାରୁଥିଲେ।

# ବଢ଼ିବ ଶୀତର ପ୍ରକୋପ

### ୨ ଡିଗ୍ରୀ ଯାଏ ଖସିଲା ପାରଦ

**ଭୁବନେଶ୍ୱର, ୧୫।୧୨(ବ୍ୟୁରୋ)**

ରାଜ୍ୟରେ ଆସନ୍ତା ୫ଦିନ ଯାଏ ପାଗ ମୁଖ୍ୟତଃ ଶୁଖିଲା ରହିବ। କିନ୍ତୁ ଶୀତର ପ୍ରକୋପ ବଢ଼ିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ଉତ୍ତର-ପଶ୍ଚିମ ତଥା ଉତ୍ତର ଦିଗରୁ ଓଡ଼ିଶା ମଧ୍ୟକୁ ବୁଧବାରଠାରୁ ଥଣ୍ଡା ଶୁଷ୍କ ବାୟୁ ପ୍ରବେଶ କରିଛି। ତେଣୁ ଆଗାମୀ ୪ରୁ ୫ ଦିନ ଯାଏ ରାତ୍ରକାଳୀନ ତାପମାତ୍ର ୨ ରୁ ୩ ଡିଗ୍ରୀ ଯାଏ କମିବ ଓ ଶୀତର ପ୍ରକୋପ ବଢ଼ିବ। ତେବେ ଉପରିଭାଗରେ ଜଳୀୟବାଷ୍ପର ବ୍ୟାପକ ଉପସ୍ଥିତି ଯୋଗୁ ରାଜ୍ୟରେ ପ୍ରାୟ ଅଞ୍ଚଳରେ ଦିନ ତାପମାତ୍ରା ସ୍ୱାଭାବିକଠାରୁ କମ୍ ସହ ପାଗ ଧୂଆଁଳିଆ ରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ସେପଟେ ବୁଧବାର ଉପକୂଳ ଓଡ଼ିଶାରେ ରାତ୍ରକାଳୀନ ତାପାମାତ୍ରା ୦.୫ରୁ ୧.୫ ଡିଗ୍ରୀ ଯାଏ ତଳକୁ ଖସିଥିବାବେଳେ ଆଭ୍ୟନ୍ତରୀଣ ଓଡ଼ିଶାରେ ୦.୫ରୁ ୨ ଡିଗ୍ରୀ ଯାଏ ତଳକୁ ଖସିଛି। ୧୯ ସ୍ଥାନରେ ରାତ୍ରକାଳୀନ ତାପମାତ୍ରା ୧୫ ଡିଗ୍ରୀ ତଳେ ରେକର୍ଡ କରାଯାଇଛି। ଦାରିଙ୍ଗବାଡ଼ିରେ ସର୍ବନିମ୍ନ ୭.୫ ଡିଗ୍ରୀ ଓ ସମତଳ ଅଞ୍ଚଳ ମଧ୍ୟରେ ଫୁଲବାଣୀରେ ସର୍ବନିମ୍ନ ୧୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିଭଳି ହୀରାକୁଦ ୧୩.୨, କଟକ ୧୪.୫, ଭୁବନେଶ୍ୱର ୧୪.୫, ନୟାଗଡ଼ ଓ ବୌଦ୍ଧରେ ୧୫, ପୁରୀ ୧୮.୧ ଡିଗ୍ରୀ ତାପମାତ୍ରା ରହିଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

# ଜେଟିରେ ଲଞ୍ଚ ରାତ୍ର ରହଣି ଦାବି




**କୃଷ୍ଣପ୍ରସାଦ,୧୫।୧୨(ଡି.ଏନ୍.ଏ.)**

ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର କୃଷ୍ଣପ୍ରସାଦଠାରୁ ବାଲୁଗାଁ ଜଳପଥ ହେଉଛି ମୁଖ୍ୟ ଯାତାୟାତ ପଥ। ବାହାର ଦେଶରୁ ଜଳପଥ ପରିବହନ ସେବା ସହ ଯାତ୍ରୀବାହୀ ଲଞ୍ଚ ଚାଲୁଥିବାରୁ ବାଲୁଗାଁରେ ଗୋଟିଏ ଯାତ୍ରୀବାହୀ ଲଞ୍ଚ ଏବଂ କୃଷ୍ଣପ୍ରସାଦ ଜେଟିରେ ଅନ୍ୟ ଏକ ଯାତ୍ରୀବାହୀ ଲଞ୍ଚ ରାତିରେ ରହିଥାଏ। ତେବେ କୌଣସି କାରଣରୁ କୃଷ୍ଣପ୍ରସାଦ ଜେଟିରେ ରହୁଥିବା ଲଞ୍ଚକୁ ପ୍ରାୟ ୧ମାସ ହେବ ବନ୍ଦ କରିଦିଆଯାଇଛି। ଫଳରେ ସକାଳ ୬ଟାରେ ଯାତ୍ରୀମାନେ ଯାତାୟାତ କରି ନ ପାରି ୩ ଘଣ୍ଟା ବ୍ୟବଧାନରେ ଅନ୍ୟ ଏକ ଲଞ୍ଚରେ ବାଲୁଗାଁ ଯାଉଛନ୍ତି। ଅପରାହ୍ଣ ୧ଟା ୩୦ରେ ବାଲୁଗାଁରୁ କୃଷ୍ଣପ୍ରସାଦକୁ ଶେଷ ଲଞ୍ଚ ଯାତ୍ରା କରୁଥିବାରୁ କାର୍ଯ୍ୟ ସାରି ଗାଁକୁ ଫେରିବା ସମ୍ଭବ ହୋଇ ନ ଥାଏ। ତେଣୁ କୃଷ୍ଣପ୍ରସାଦ ଜେଟିରେ ଏକ ଲଞ୍ଚ ରାତିରେ ରହିବା ପାଇଁ ସାଧାରଣରେ ଦାବି ହେଉଛି। ଯାନ୍ତ୍ରିକ ତ୍ରୁଟି ଯୋଗୁ ଲଞ୍ଚ ରାତିରେ ରହୁ ନ ଥିବା ଜଣାପଡ଼ିଛି। ତେବେ ଲଞ୍ଚ ମରାମତି ପାଇଁ ପ୍ରତି ବର୍ଷ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ ମରାମତି ହେଉ ନ ଥିବାରୁ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଅନ୍ୟପକ୍ଷେ କୃଷ୍ଣପ୍ରସାଦ ଜେଟିରୁ କଟକି ଦଳ କଢ଼ାଯାଉ ନ ଥିବାରୁ ବାରମ୍ବାର ଯାତ୍ରୀବାହୀ ଲଞ୍ଚ ଅଟକିବା ନଜିର ରହିଛି। ଯାତ୍ରୀଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି କୃଷ୍ଣପ୍ରସାଦ ଅଞ୍ଚଳର ସ୍ୱେଚ୍ଛାସେବୀ ତଥା ବୋଇତ ବନ୍ଦାଣ ପରିଚାଳନା କମିଟିର ସଭାପତି ବାଉରିବନ୍ଧୁ ଦଳେଇ ପ୍ରତିଦିନ ଦଳ କାଢୁଥିବାରୁ ଜନସାଧାରଣ ତାଙ୍କୁ ସାବାସି ଦେଉଛନ୍ତି।

# କୁଶପଲ୍ଲୀ, ନୁରାନୀ କ୍ଲବ ଚାମ୍ପିୟନ




ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

**ନିରାକାରପୁର,୧୫।୧୨(ଡି.ଏନ୍.ଏ.)**

### ନୁରାନୀ କପ୍ କ୍ରିକେଟ ଟୁର୍ନାମେଣ୍ଟ

ବେଗୁନିଆ ବ୍ଲକ ଅନ୍ତର୍ଗତ କୁଶପଲ୍ଲୀ ଖେଳପଡ଼ିଆରେ ୭ଦିନ ଧରି ଚାଲିଥିବା ନୁରାନୀ କପ୍ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ଗୋଟିଏ ୧୫ଓଭର ଏବଂ ଅନ୍ୟଟି ୧୦ଓଭରବିଶିଷ୍ଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ୧୫ଓଭରବିଶିଷ୍ଟ ମ୍ୟାଚରେ କୁଶପଲ୍ଲୀ କ୍ଲବ ଏବଂ ୧୦ଓଭରବିଶିଷ୍ଟ ମ୍ୟାଚରେ କୁଶପଲ୍ଲୀର ନୁରାନୀ କ୍ଲବ ଚାମ୍ପିୟନ ହୋଇଛି। ୧୫ ଓଭରବିଶିଷ୍ଟ ଫାଇନାଲ ମ୍ୟାଚରେ କୁଶପଲ୍ଲୀ କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୬ ଉଇକେଟ ବିନିମୟରେ ୧୮୯ରନ ସଂଗ୍ରହ କରିଥିଲା। ଜବାବରେ ଅର୍ଜୁନପୁର କ୍ଲବ ୯ଉଇକେଟ ବିନିମୟରେ ୯୭ରନ ସଂଗ୍ରହ କରି ପରାଜିତ ହୋଇଥିଲା। କୁଶପଲ୍ଲୀ ଟିମ୍‌ର ଏସ୍.କେ. ମୁସ୍ତାକ ୨୮ରନ୍ ସଂଗ୍ରହ କରିବା ସହ ୪ଟି ଉଇକେଟ ହାସଲ କରିଥିବାରୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେହିପରି ୧୦ଓଭର ବିଶିଷ୍ଟ ଫାଇନାଲ ମ୍ୟାଚରେ କୁଶପଲ୍ଲୀର ନୁରାନୀ କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୬ ଉଇକେଟ ବିନିମୟରେ ୧୦୧ରନ ସଂଗ୍ରହ କରିଥିଲା। ଜବାବରେ ଗେଡିଆପଲ୍ଲି କ୍ଲବ ୭.୫ଓଭରରେ ସମସ୍ତ ଉଇକେଟ ବିନିମୟରେ ୫୮ରନ ସଂଗ୍ରହ କରି ପରାଜିତ ହୋଇଥିଲା। ନୁରାନୀ କ୍ଲବର ଅନଓ୍ୱର ଅଲ୍ଲି ୧୮ରନ ସଂଗ୍ରହ କରିଥିବା ବେଳେ ୪ଟି ଉଇକେଟ ହାସଲ କରିଥିବାରୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏସ୍.କେ ହାଲିମ ଓ ଅଞ୍ଜନ ସ୍ୱାଇଁ ଉଭୟ ମ୍ୟାଚ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ପ୍ରଦୀପ ସାହୁ, ସତ୍ୟନାରାୟଣ ପ୍ରଧାନ, ଲକ୍ଷ୍ମୀକାନ୍ତ ମହାପାତ୍ର, ଓମ୍‌ପ୍ରକାଶ ବାହୁବଳେନ୍ଦ୍ର, ନବକିଶୋର ସ୍ୱାଇଁ, ଉସମାନ ଖାନ୍, ଅନସର ଖାନ୍, ମହମ୍ମଦ ମୋହିମୁଦି ଅହମ୍ମଦ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ଅର୍ଜୁନପୁର କ୍ଲବର ଆଜାଦ ଖାନ୍ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ସେହିପରି ଇମଦାଦ ଅଲ୍ଲି ମଧ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଏସ୍.କେ ହାଲିମ ଶ୍ରେଷ୍ଠ ପରିଚାଳକ ଭାବେ ବିବେଚିତ ହୋଇଥିଲେ।

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, SAMBALPUR (R&B) DIVISION NO. II, SAMBALPUR**
E-mail – eesbprnbdivision2@gmail.com, Phone -0663-2410104
**BID IDENTIFICATION No. EE / R and B / SBP II /24(online)/2021-22**

**E-procurement notice**

No.4848 / Dated 07.12.2021

**No. B-801:-** The **Superintending Engineer, Sambalpur (R&B) Division No.II, Sambalpur** on behalf of Governor of Odisha invites Percentage Rate bids in **single** cover System in ONLINE MODE.

1. No. of work :- **05 (five) Nos. of work (1 No. Lift & 2 Nos. Electrical works, 2 Nos. of Building works)**
2. Tender Cost :- **₹6,000/- & 4,000/-**
3. Class of Contractor :- OEM or its authorized dealer having tie up with electrical contractor/ Electrical Contractor / C Class/ B Class / A Class contractor
4. Availability of bid document in the website. :- **10.00 Hours of 14.12.2021 to 17.00 Hours of 22.12.2021**
5. Date of Opening of Tenders :- **11.30 Hours on dt.23.12.2021**
6. The bidders have to participate in ONLINE bidding only. Further details can be seen from the Website **www.tendersodisha.gov.in** only. Any Corrigendum / Addendum/cancellation of tender will be displayed in the website said only.

**Sd./- Superintending Engineer**
**Sambalpur (R&B) Division No.II**
OIPR-34042/11/0057/2122

**ଓଡ଼ିଶା ସରକାର**
**ସ୍ୱତନ୍ତ୍ର ରିଲିଫ୍ କମିଶନର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
**(ବିପର୍ଯ୍ୟୟ ପରିଚାଳନା)**
**ସୂଚନା**

**No. F-257:-** ଏତଦ୍ୱାରା ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ରାଜ୍ୟରେ କୋଭିଡ୍-19ରେ ମୃତ୍ୟୁ ପାଇଁ ବିପର୍ଯ୍ୟୟ ମୁକାବିଲା ପାଣ୍ଠିରୁ ସରକାର ଟ.୫୦,୦୦୦/- (ପଚାଶ ହଜାର ଟଙ୍କା) ଅନୁକମ୍ପାମୂଳକ ସହାୟତା ରାଶି ମୃତକଙ୍କ ନିକଟତମ ସମ୍ପର୍କୀୟଙ୍କୁ ଯୋଗାଇ ଦେଉଛନ୍ତି ।

ଯେଉଁ ବ୍ୟକ୍ତିଙ୍କ ନିକଟତମ ସମ୍ପର୍କୀୟ ଏହି ସହାୟତା ରାଶି ପାଇନାହାନ୍ତି, ସେମାନେ ଆବେଦନପତ୍ର/ ଦରଖାସ୍ତ ଓ ଆବଶ୍ୟକୀୟ ଦସ୍ତାବିଜ ସହିତ ଜିଲ୍ଲାପାଳଙ୍କୁ ପ୍ରତ୍ୟକ୍ଷଭାବେ (Offline) ଓ Website- **https://caps.odisha.gov.in** (Online) ଜରିଆରେ ଦାଖଲ/ଆବେଦନ କରିପାରିବେ । Web Portal (Website: https://caps.odisha.gov.in) "CAPS" (Covid-19 Ex-gratia Assistance Payment System) ତା.୦୩.୧୧.୨୦୨୧ରିଖରୁ ଜନସାଧାରଣଙ୍କ ନିମନ୍ତେ ଉପଲବ୍ଧ ହୋଇଅଛି । ଏଣୁ କୋଭିଡ୍-19ରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଆତ୍ମୀୟସ୍ୱଜନଙ୍କୁ ଯଥାଶୀଘ୍ର ଜିଲ୍ଲାପାଳଙ୍କ ଜରିଆରେ ଆବେଦନ କରିବାକୁ ଅନୁରୋଧ କରାଯାଉଅଛି ।

ଆବଶ୍ୟକସ୍ଥଳେ ଜନସାଧାରଣ ଏକ (Toll Free/ ଦେୟମୁକ୍ତ) Sanjog Helpline ନମ୍ବର **155335**କୁ ଯୋଗାଯୋଗ କରି ସହାୟତା ନେଇପାରିବେ ।

**ସ୍ୱା./-ସ୍ୱତନ୍ତ୍ର ରିଲିଫ୍ କମିଶନର ଓ**
**ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡ଼ିଶା**
OIPR-24003/11/0012/2122

**GOVT. OF ODISHA** No. MM-293
**OFFICE OF THE DIVISIONAL FOREST OFFICER, KARANJIA DIVISION, KARANJIA**
**e-Procurement Notice, KARANJIA FOREST DIVISION**
**Bid Identification No. FD-KJA-02 of 2021-22**
**email ID: dfo.karanjia@odisha.gov.in**

Letter No. 6632 Date: 12.12.2021

1. Name of Works : Construction of Building works
2. Approximate Estiamted Cost: Rs.10.75 lakh to 17.857 lakhs (As per Annexure in TCN)
3. Class of Contractor : "D" & "C" Class (As per Annexure)
4. Period of Completion : 03 (Three) Calendar months
5. Tender Paper Cost : Rs.6,000/- towards cost of bid as mentioned in Annexure (Building work).
6. Date & time of availability of bid document in the portal : Dt.16.12.2021 at 10.00 A.M.
7. Last date/time for receipt of bid in the portal : Dt.22.12.2021 upto 5.00 P.M.
8. Date of Opening Bid : Dt.23.12.2021 at 11.00 A.M.
9. Name and address of the Office Inviting Bid : Divisional Forest Officer, Karanjia Division, Karanjia
10. The bidders have to participate in ONLINE bidding only.
11. All other details can be seen from the e-procurement portal **https://www.tendersodisha.gov.in**.

**Sd./- Divisional Forest Officer, Karanjia Division**
OIPR-08019/11/0006/2122

**ODISHA PUBLIC SERVICE COMMISSION**
**CUTTACK**
**NOTICE**

**No. 9150/PSC, (1R-96-21-22) (DR-V),** **Dt. 15.12.21**
**No. D-238:-** It is for information of all concerned that, document verification of candidates having **PPSAN** mentioned below for the post of **Professor in Journalism & Mass Communication** pursuant to advertisement No.10 of 2021-22 shall be held on **22.12.2021** as per the following programme in the office of the Commission at 19, Dr. P. K. Parija Road, Cuttack -753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 22.12.2021 | 2.30 P.M. | 00110431, 00111660, 00094865 & 00111259 = **4 Candidates** |

The candidates are required to submit the following documents at the time of verification:-
1. The hard copies of **online application forms** indicating their **PPSAN at the top right hand corner**. (Not required for offline mode of applications).
2. Three passport size **photographs**.
3. Duly filled in & attested "**Attestation Form**" and duly filled in "**Bio-data Form**", (downloaded from the website of the Commission).
4. Duly filled in forms "**Appendix-I & II**" to be downloaded from the website of the Commission.
5. Ph. D. Thesis.
6. Certificate of teaching experience.
7. Following documents in Original (as per table-2 of Appendix-II of UGC regulation-2018)
   a. All original Research Publications/Books.
   b. Creation of ICT mediated Teaching/ Learning/ Pedagogy.
   c. Research guidance.
   d. Patents if any.
   e. Invited lectures/ resource Person/paper presentation in Seminar/Conference.

Besides:-
   i. Copies of the 1st pages of each Research Publications/Papers - **01 Set**
   ii. Copies of front and back cover pages of the Published Books - **01 Set**

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time.

OIPR-12002/11/0169/2122 **Sd./- Secretary**

**ODISHA PUBLIC SERVICE COMMISSION**
**CUTTACK**
**NOTICE**

**No. 9162/PSC, (1R-93-21-22) (DR-V),** **Dt. 15.12.21**
**No. D-240:-** It is for information of all concerned that, document verification of candidates having **PPSAN** mentioned below for the post of **Associate Professor in Public Administration** pursuant to advertisement No.06 of 2021/22 shall be held on **22.12.2021** as per the following programme in the office of the Commission at 19, Dr. P. K. Parija Road, Cuttack -753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 22.12.2021 | 10.30 A.M. | 00109353, 00109228, 00110366, 00109586, 00086786, 00110125, 00110480, 00094634 & 00110709 = **9 Candidates** |

The candidates are required to submit the following documents at the time of verification:-
1. The hard copies of **online application forms** indicating their **PPSAN at the top right hand corner**. (Not required for offline mode of applications).
2. Three passport size **photographs**.
3. Duly filled in & attested "**Attestation Form**" and duly filled in "**Bio-data Form**", (downloaded from the website of the Commission).
4. Duly filled in forms "**Appendix-I & II**" to be downloaded from the website of the Commission.
5. P.G. Degree mark sheet in support of percentage of mark.
6. Ph. D. Thesis.
7. Certificate of teaching experience.
8. Following documents in Original (as per table-2 of Appendix-II of UGC regulation-2018)
   a. All original Research Publications/Books.
   b. Creation of ICT mediated Teaching/ Learning/ Pedagogy.
   c. Research guidance.
   d. Patents if any.
   e. Invited lectures/ resource Person/paper presentation in Seminar/Conference.

Besides:-
   i. Copies of the 1st pages of each Research Publications/Papers - **01 Set**
   ii. Copies of front and back cover pages of the Published Books - **01 Set**

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time.

OIPR-12002/11/0171/2122 **Sd./- Secretary**

**GOVERNMENT OF ODISHA**
**OFFICE OF THE ENGINEER-IN-CHIEF, RURAL WORKS, ODISHA, BHUBANESWAR**
**(E-Mail address - cerw_bbsr@yahoo.com)**
Lr. No.36717// Dt.14.12.21
**"e" Procurement Notice for bridge works in Odisha**
**(Online-08(Bridge)/2021-22 dt. 14.12.2021)**
No. O-1346

1. **Name of the work : Construction of bridge work**
2. **Total No. of works : 01 (One) No.**
3. **Estimated cost : Rs.947.45 lakh**
4. **Class of contractor : Special Class & Super Class**
5. **Period of completion : 15 (Fifteen) calendar months**
6. **Other details :**

| Procurement Officer | Bid Identification No. | No. of bridge works | Availability of tender online for bidding | |
|---|---|---|---|---|
| | | | From | To |
| Chief Engineer, Buildings & Bridges, Rural Works, Odisha, Bhubaneswar | Online-08(Bridge) /2021-22 | 01 (One) No. | 22.12.2021 at 11.00 A.M. | 11.01.2022 upto 5.00 P.M. |

Other details can be seen in the bidding documents, which is available in website **www.tendersorissa.gov.in**

**Sd./- Chief Engineer, Buildings & Bridges**
**Rural Works, Odisha, Bhubaneswar**
OIPR-25123/11/0018/2122

## ଓଡ଼ିଶୀ ନୃତ୍ୟ ପ୍ରଶିକ୍ଷଣ ଶିବିର

ବ୍ରହ୍ମଗିରି, (ଡି.ଏନ୍.ଏ) : ଛାତ୍ରୀଛାତ୍ର ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ସଦ୍‌ଭାବନା, ରାଷ୍ଟ୍ରୀୟ ଏକତା ଓ ଓଡ଼ିଶୀ ନୃତ୍ୟର ପ୍ରଶିକ୍ଷଣ ନିମନ୍ତେ ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଓ ରାଜ୍ୟସ୍ତରୀୟ ସଂସ୍କୃତି ଅନୁଷ୍ଠାନ ସୁଧା ତରଫରୁ ବୁଧବାର ବ୍ରହ୍ମଗିରି ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ଓଡ଼ିଶୀ ନୃତ୍ୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ସୁଧାର ଓଡ଼ିଶୀ କଳାକାରମାନେ ଛାତ୍ରୀମାନଙ୍କୁ ଓଡ଼ିଶୀ ନୃତ୍ୟ ସମ୍ପର୍କରେ ଓଡ଼ିଶୀର ଶାସ୍ତ୍ରୀୟ ଓ ପାରମ୍ପରିକ କୌଶଳମାନ ଶିକ୍ଷାଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିରକୁ ସୁଧାର ଅଧକ୍ଷ ସଞ୍ଜୟ ମିଶ୍ର ପରିଚାଳନା କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୫।୧୨।୨୦୨୧

| ୩,୭୯,୮୧୦ ଟଙ୍କା | |
|---|---|
| ସୁନା | ୭.୭୦୦ ଗ୍ରାମ |
| ରୁପା | ୪୬.୯୦୦ ଗ୍ରାମ |

## ଆଜି କ'ଣ କେଉଁଠି

ପୁରୀ
- ଇଣ୍ଟର କଲେଜ ଫୁଟବଲ ଟୁର୍ନାମେଣ୍ଟ, ଇନ୍‌ଡୋର ଷ୍ଟାଡିୟମ, ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### ବଢ଼ିବ ଶୀତର ପ୍ରକୋପ ୨ ଡିଗ୍ରୀ ଯାଏ ଖସିଲା ପାରଦ

ଭୁବନେଶ୍ୱର, ୧୫।୧୨(ବ୍ୟୁରୋ)- ରାଜ୍ୟରେ ଆସନ୍ତା ୫ଦିନ ଯାଏ ପାଗ ମୁଖ୍ୟତଃ ଶୁଖିଲା ରହିବ। କିନ୍ତୁ ଶୀତର ପ୍ରକୋପ ବଢ଼ିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ଉତ୍ତର-ପଶ୍ଚିମ ତଥା ଉତ୍ତର ଦିଗରୁ ଓଡ଼ିଶା ମଧକୁ ବୁଧବାରଠାରୁ ଥଣ୍ଡା ଶୁଷ୍କ ବାୟୁ ପ୍ରବେଶ କରିଛି। ତେଣୁ ଆଗାମୀ ୪ରୁ ୫ ଦିନ ଯାଏ ରାତ୍ରକାଳୀନ ତାପମାତ୍ର ୨ ରୁ ୩ ଡିଗ୍ରୀ ଯାଏ କମିବ ଓ ଶୀତର ପ୍ରକୋପ ବଢ଼ିବ। ତେବେ ଉପରିଭାଗରେ ଜଳୀୟବାଷ୍ପର ବ୍ୟାପକ ଉପସ୍ଥିତି ଯୋଗୁ ରାଜ୍ୟରେ ପ୍ରାୟ ଅଞ୍ଚଳରେ ଦିନ ତାପମାତ୍ରା ସ୍ୱାଭାବିକଠାରୁ କମ୍ ସହ ପାଗ ଧୂଆଁଳିଆ ରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ସେପଟେ ବୁଧବାର ଉପକୂଳ ଓଡ଼ିଶାରେ ରାତ୍ରକାଳୀନ ତାପାମାତ୍ରା ୦.୫ରୁ ୧.୫ ଡିଗ୍ରୀ ଯାଏ ତଳକୁ ଖସିଥିବାବେଳେ ଆଭ୍ୟନ୍ତରୀଣ ଓଡ଼ିଶାରେ ୦.୫ରୁ ୨ ଡିଗ୍ରୀ ଯାଏ ତଳକୁ ଖସିଛି। ୧୯ ସ୍ଥାନରେ ରାତ୍ରକାଳୀନ ତାପମାତ୍ରା ୧୫ ଡିଗ୍ରୀ ତଳେ ରେକର୍ଡ କରାଯାଇଛି। ଦାରିଙ୍ଗବାଡ଼ିରେ ସର୍ବନିମ୍ନ ୭.୫ ଡିଗ୍ରୀ ଓ ସମତଳ ଅଞ୍ଚଳ ମଧରେ ଫୁଲବାଣୀରେ ସର୍ବନିମ୍ନ ୧୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିଭଳି ଝାରସୁଗୁଡ଼ାରେ ୧୦.୮, କେନ୍ଦୁଝର ୧୧.୨, ଟିଟିଲାଗଡ଼ ୧୧.୩, ସୁନ୍ଦରଗଡ଼ ୧୨, ସୋନପୁର ୧୨.୪, ଭବାନୀପାଟଣା ୧୨.୯, ଚାନ୍ଦବାଲି ୧୩.୨, ହୀରାକୁଦ ୧୩.୨, ବଲାଙ୍ଗୀର ୧୩.୬, କୋରାପୁଟ ୧୩.୮, ବାରିପଦା ୧୪, ସମ୍ବଲପୁର ୧୪, ତାଳଚେର ୧୪, କଟକ ୧୪.୫, ଭୁବନେଶ୍ୱର ୧୪.୫, ବାଲେଶ୍ୱର ୧୪.୬, ଅନୁଗୋଳ ୧୪.୬, ନୟାଗଡ଼ ଓ ବୌଦ୍ଧରେ ୧୫, ମାଲକାନଗିରି ୧୫.୫, ପାରାଦୀପ ୧୬.୮, ଗୋପାଳପୁର ୧୭.୨, ଛତ୍ରପୁର ୧୮, ପାରଳାଖେମୁଣ୍ଡି ୧୮, ପୁରୀ ୧୮.୧ ଓ ରାୟଗଡ଼ାରେ ୧୯.୨ ଡିଗ୍ରୀ ତାପମାତ୍ରା ରହିଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

### ୟୁଜି, ପିଜିର ସମସ୍ତ ପରୀକ୍ଷା ଅଫ୍‌ଲାଇନ୍‌ରେ ହେବ

ଭୁବନେଶ୍ୱର, ୧୫।୧୨(ବ୍ୟୁରୋ) - ଏଣିକି ୟୁଜି ଓ ପିଜିର ସମସ୍ତ ପରୀକ୍ଷା ଅଫ୍‌ଲାଇନ୍ ମୋଡ୍‌ରେ ହେବ। ଏ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି। ବୁଧବାର ବିଭାଗୀୟ ସଚିବ ଶାଶ୍ୱତ ମିଶ୍ର ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତି ଏବଂ ସରକାରୀ ଓ ବେସରକାରୀ କଲେଜ ଅଧକ୍ଷଙ୍କୁ ଚିଠି ଲେଖି ଜଣାଇଛନ୍ତି। ରାଜ୍ୟର ସମସ୍ତ କଲେଜ, ବିଶ୍ୱବିଦ୍ୟାଳୟରେ ୟୁଜି ଓ ପିଜିର ବାର୍ଷିକ ଏବଂ ସେମିଷ୍ଟର ପରୀକ୍ଷା ଅଫ୍‌ଲାଇନ୍ ମୋଡ୍‌ରେ କରିବା ପାଇଁ ଚିଠିରେ ଉଲ୍ଲେଖ କରାଯାଇଛି। ତେବେ କୋଭିଡ୍ ଗାଇଡ୍‌ଲାଇନ୍‌କୁ କଡ଼ାକଡ଼ି ଭାବେ ପାଳନ କରି ପରୀକ୍ଷା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

### ୪୪ ମହିଳା ଗୋଷ୍ଠୀଙ୍କୁ ଋଣ ମଞ୍ଜୁର

ସାକ୍ଷୀଗୋପାଳ, ୧୫।୧୨ (ଡି.ଏନ୍.ଏ/ ସ୍ୱ.ପ୍ର)- ଚଳିତ ମାସ ପହିଲାରୁ ରାଜ୍ୟ ସରକାରଙ୍କ ମହିଳା ବିକାଶ ଯୋଜନା ମାଧ୍ୟମରେ ଚାଲିଥିବା ମେଗା ମିଶନ ଶକ୍ତି ମେଳା ସତ୍ୟବାଦୀ ବ୍ଲକର ପଞ୍ଚାୟତ ସମିତି ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଛି। ମେଳାରେ ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଯୋଗଦେଇ ୪୪ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୧କୋଟି ୪୮ଲକ୍ଷ ଟଙ୍କାର ଋଣ ମଞ୍ଜୁର ପତ୍ର ପ୍ରଦାନ କରିଛନ୍ତି। ସମ୍ମାନିତ ଅତିଥି ଭାବରେ ବ୍ଲକ ଅଧକ୍ଷା ସସ୍ମିତା ପ୍ରଧାନ, ଉପାଧକ୍ଷ ବିକ୍ରମ ଜେନା, ବିଡିଓ କ୍ଷୀରୋଦ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ଜୀବିକା ମିଶନ ସଂଯୋଜିକା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ସ୍ଥାନୀୟ ବ୍ୟାଙ୍କ ଶାଖା ଜରିଆରେ ଋଣ ସହାୟତା ପ୍ରଦାନ କରାଯାଇଛି।

# ଆଜିଠାରୁ ଶ୍ରୀମନ୍ଦିରରେ ନୂଆ ଏସ୍‌ଓପି

ପୁରୀ ଅଫିସ ୧୫।୧୨

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବୁଧବାର ନୂଆ ଏସ୍‌ଓପି ଜାରି କରାଯାଇଛି। ଏହି ନୂଆ ଏସ୍‌ଓପି ଚଳିତ ମାସ ୧୬ ତାରିଖ ଅର୍ଥାତ୍ ଗୁରୁବାରଠାରୁ ଲାଗୁ ହେବ। କୋଭିଡ୍‌ର ସମ୍ଭାବ୍ୟ ତୃତୀୟ ଲହର ଏବଂ ଭକ୍ତଙ୍କୁ ଶୃଙ୍ଖଳିତ ଦର୍ଶନକୁ ଦୃଷ୍ଟିରେ ରଖାଯାଇ ଏହି ଏସ୍‌ଓପି ଜାରି କରାଯାଇଛି। ନୂତନ ଏସ୍‌ଓପି ଅନୁଯାୟୀ ଶ୍ରଦ୍ଧାଳୁମାନେ ପ୍ରତିଦିନ ଭୋର ୫ଟା ୩୦ ରୁ ରାତି ୯ଟା ୩୦ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ। ମାତ୍ର ପୂର୍ବ ଭଳି ରବିବାର ସର୍ବସାଧାରଣଙ୍କ ଲାଗି ଦର୍ଶନ ବନ୍ଦ ରହିବ। ସେହିପରି ଇଂରାଜୀ ନୂଆବର୍ଷ ଅବସରରେ ଶ୍ରଦ୍ଧାଳୁମାନଙ୍କ ପ୍ରବଳ ସମାଗମକୁ ଦୃଷ୍ଟିରେ ରଖି ଡିସେମ୍ବର ୩୧ ଏବଂ ୨୦୨୨ ଜାନୁୟାରୀ ୧ ତାରିଖ ଭକ୍ତମାନଙ୍କ ନିମନ୍ତେ ଶ୍ରୀମନ୍ଦିର ବନ୍ଦ ରହିବ। ଶ୍ରୀମନ୍ଦିରରେ ଅନୁଷ୍ଠିତ ହେଉଥିବା ସ୍ୱତନ୍ତ୍ର ନୀତି ବନକଲାଗି ଏବଂ ପଇତା ଲାଗି ନୀତି ଥିଲେ ଶ୍ରୀମନ୍ଦିର ଜୟ ବିଜୟ ଦ୍ୱାର ଏବଂ ବେହେରଣ ଦ୍ୱାରା ବନ୍ଦ ରହିବ । ତେବେ ଏହି ସମୟରେ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ପରିସରରେ ଥିବା ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ କରିପାରିବେ। ସେହିପରି ଆନନ୍ଦ ବଜାର ଯାଇ ମହାପ୍ରସାଦ ସେବନ କରିପାରିବେ। ଏହାବ୍ୟତୀତ ପୂର୍ବ ନିଷ୍ପତ୍ତି ଅନୁଯାୟୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ୨ ଡୋଜ ଟିକା ନଚେତ କୋଭିଡ୍ ଆର୍‌ଟିପିସିଆର ନେଗେଟିଭ ରିପୋର୍ଟ ବାଧ୍ୟତାମୂଳକ ରହିଛି। ତେବେ ପୂର୍ବରୁ ଭକ୍ତମାନେ ସକାଳ ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଦର୍ଶନ କରିପାରୁଥିଲେ।



## ମହାପ୍ରଭୁଙ୍କ ବନକଲାଗି ନୀତି ସମ୍ପନ୍ନ

ପୁରୀ ଅଫିସ,୧୫।୧୨

ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ଶ୍ରୀମୁଖ ଶୃଙ୍ଗାର ବା ବନକ ଲାଗି ନୀତି ସମ୍ପନ୍ନ ହୋଇଛି। ପ୍ରତ୍ୟେକ ମାସର ପ୍ରାୟ ବୁଧବାର ମହାପ୍ରଭୁଙ୍କ ଏହି ଶ୍ରୀମୁଖ ଶୃଙ୍ଗାର ବା ବନକ ଲାଗି ନୀତି ଅନୁଷ୍ଠିତ ହୋଇଥାଏ। ଶ୍ରୀବିଗ୍ରହଙ୍କ ଗୁପ୍ତ ନୀତି ମଧ୍ୟରେ ଏହି ନୀତି ଅନ୍ୟତମ। ଦଇତମହାପାତ୍ର ସେବକମାନେ ଏହି ନୀତିକୁ ସମ୍ପାଦନ କରିଥାନ୍ତି। ବୁଧବାର ପ୍ରାୟ ୩ ଟା ୪୫ ସମୟରେ ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡି ମଇଲମ, ତଡପଲାଗି ଏବଂ ୪ଟା ୧୦ରେ ପହୁଡ ଆଳତି ସମ୍ପନ୍ନ ହେବା ପରେ ଶ୍ରୀମନ୍ଦିର ଭିତରେ ଥିବା ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା । ମହାପ୍ରଭୁଙ୍କ ବନକ ଲାଗି ନୀତି ସମ୍ପାଦନା କରିବା ନିମନ୍ତେ ୪ଟା ୨୦ରେ ଦଇତମହାପାତ୍ର ସେବକମାନେ ଶ୍ରୀମନ୍ଦିର ଗର୍ଭଗୃହକୁ ପ୍ରବେଶ କରିଥିଲେ। ସେବକମାନେ ରତ୍ନ ସିଂହାସନ ଉପରକୁ ଉଠି ଠାକୁରମାନଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ବନକ ଲାଗିରେ ମୁଖ୍ୟତଃ ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଇଥାଏ। ଏହା ଗୁପ୍ତନୀତି ହୋଇଥିବାରୁ ନୀତି ସମୟରେ ଅନ୍ୟ ସେବାୟତଙ୍କ ସହ ସର୍ବସାଧରଣ ଦର୍ଶନ ବନ୍ଦ ରହିଥିଲା। ସନ୍ଧ୍ୟା ୬ ଟା ୪୦ରେ ଶ୍ରୀବିଗ୍ରହମାନଙ୍କର ବନକ ଲାଗି ନୀତି ସମ୍ପନ୍ନ ହୋଇଥିଲା। ଦଇତମହାପାତ୍ର ସେବକମାନେ ନୀତି ଶେଷ କରି ଶ୍ରୀମନ୍ଦିରରୁ ବାହାରିବା ପରେ ଶ୍ରୀବିଗ୍ରହଙ୍କ ମହାସ୍ନାନ ନୀତି ସମ୍ପନ୍ନ କରାଯାଇ ଅନ୍ୟାନ୍ୟ ନୀତି ବଢି ଥିଲା।




ପୁରୀ ବିଶ୍ୱମ୍ବର ବିଦ୍ୟାପୀଠର ପ୍ଲାଟିନମ୍ ଜୁବୁଲି ପାଇଁ ବୁଧବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିଦ୍ୟାଳୟର ଲୋଗୋକୁ ପୁରାତନ ଛାତ୍ର ସଂଘର ସଦସ୍ୟମାନେ ଉନ୍ମୋଚନ କରୁଛନ୍ତି।

## ମହାପ୍ରଭୁଙ୍କୁ ଦର୍ଶନ କଲେ ୬୦ହଜାର ଦିବ୍ୟାଙ୍ଗ

ପୁରୀ ଅଫିସ,୧୫।୧୨:

**ପ୍ରୟାଗରାଜରୁ ଶ୍ରୀମନ୍ଦିର**

ପ୍ରୟାଗରାଜରୁ ତିନିଦିନିଆ ଗସ୍ତରେ ପୁରୀ ଆସିଥିବା ଲୋକ ସେବକ ମଣ୍ଡଳର ୬୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ବୁଧବାର ପୁରୀରେ ପହଞ୍ଚି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ରାଜକୁମାର ଚୋପ୍ରା ଓ ସମ୍ପାଦକ ପ୍ରଭାସ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଦିବ୍ୟାଙ୍ଗମାନେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ ଲାଭର ସୌଭାଗ୍ୟ ପାଇଛନ୍ତି। ଦିବ୍ୟାଙ୍ଗମାନଙ୍କୁ ଶ୍ରୀମନ୍ଦିର ପ୍ରବେଶରେ ଶ୍ରୀମନ୍ଦିର କାର୍ଯ୍ୟାଳୟର କର୍ମଚାରୀ ଓ ଶ୍ରୀମନ୍ଦିର ପୋଲିସ ସହାୟତା ଦେଇଛି। ଦିବ୍ୟାଙ୍ଗମାନେ ପୁରୀରେ ପହଞ୍ଚି ପ୍ରଥମେ କୋଣାର୍କ ଭ୍ରମଣ ସାରିବା ପରେ ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିଲେ। ଭଏସ ଅଫ୍ କମନ୍ ମ୍ୟାନ୍‌ର ଅଧ୍ୟକ୍ଷ ହେକ୍ଟର ମିଶ୍ର, ଚକ୍ରଧର ମହାପାତ୍ର, ରାଜେଶ ମିଶ୍ର ପ୍ରମୁଖ ଦିବ୍ୟାଙ୍ଗମାନଙ୍କୁ ଶ୍ରୀମନ୍ଦିର ନେବା ଆଣିବାରେ ସହାୟକ ହୋଇଥିଲେ। ଦିବ୍ୟାଙ୍ଗମାନେ ଶ୍ରୀମନ୍ଦିର ପରିସର ସମେତ ଚାରିପାଖ ମଧ୍ୟ ବୁଲି ଦେଖିଥିଲେ।

## ଆଜିଠୁ ଶ୍ରୀମନ୍ଦିରରେ ପହିଲି ଭୋଗ ନୀତି

ପୁରୀ ଅଫିସ ୧୫।୧୨

ଧନୁ ସଂକ୍ରାନ୍ତି ଗୁରୁବାର ପଡୁଥିବାରୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପହିଲି ଭୋଗ ନୀତି ଅନୁଷ୍ଠିତ ହେବ। ଏହି ଭୋଗ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଚାଲିବ। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ପ୍ରସ୍ତୁତ କରାଯାଇଛି। ପହିଲି ଭୋଗରେ ମହାପ୍ରଭୁଙ୍କ ପାଇଁ ବିଭିନ୍ନ ବ୍ୟଞ୍ଜନ, ବଡ ଝିଲି, ବଡ଼ି, ଝିଲି, ବଡ଼ବଡା, କାକେରା, ଅମାଲୁ, ଏଣ୍ଡୁରି, ଲଡୁ, ଓ ଖଇର ଚୁଳ ପରି ବିଭିନ୍ନ ଭୋଗ ଲାଗି କରାଯିବ। ପ୍ରତିଦିନ ସୂର୍ଯ୍ୟ ଉଦୟ ପୂର୍ବରୁ ଶ୍ରୀମନ୍ଦିର ଦ୍ୱାର ଫିଟାଯାଇ ଭିତର ଶୋଧ, ମହାପ୍ରଭୁଙ୍କ ମଙ୍ଗଳ ଆରତି, ତଡ଼ପଲାଗି, ଅବକାଶ, ବେଶ ଶେଷ ପରେ ମହାପ୍ରଭୁଙ୍କୁ ପହିଲି ଭୋଗ ଲାଗି କରାଯାଏ। ଚଳିତମାସ ୧୬ରୁ ଜାନୁୟାରୀ ୧୩ତାରିଖ ପର୍ଯ୍ୟନ୍ତ ପହିଲି ଭୋଗ ନୀତି ହେବ। ଶ୍ରୀମନ୍ଦିର ସହ ପୁରୀରେ ଥିବା ଦେବଦେବୀ ଏବଂ ଜାଗା ଆଖଡା ପରିସରରେ ମଧ ପହିଲି ଭୋଗ ଆରମ୍ଭ ହେବ ।

## ଯୋଜନା ବୋର୍ଡ ଉପାଧକ୍ଷ ଇସ୍ତଫା ଦିଅନ୍ତୁ : ଭାଜପା

ବ୍ରହ୍ମଗିରି,୧୫।୧୨(ଡି.ଏନ୍.ଏ.)

ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷଙ୍କ ବ୍ୟକ୍ତିଗତ ସହଯୋଗୀ ଚିତ୍ତରଞ୍ଜନ ପଲାଇଙ୍କ ରହସ୍ୟଜନକ ମୃତ୍ୟୁକୁ ନେଇ ବ୍ରହ୍ମଗିରି ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ କରି ଉପାଧକ୍ଷ ଇସ୍ତଫା ଦେବାକୁ ଦାବି କରାଯାଇଛି। ବୁଧବାର ଗଡରୋଡଙ୍ଗରେ ଆୟୋଜିତ ଏହି ସମ୍ମିଳନୀରେ ବ୍ରହ୍ମଗିରି ବ୍ଲକ ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ରାୟଙ୍କ ଅଧକ୍ଷତାରେ ସୁରଥ ଦଳାଇ, ପ୍ରସନ୍ନ ପଲାଇ, ଭଗବାନ ପ୍ରଧାନ, ଅଧିକାରୀ ନାୟକ, ଜୟନ୍ତ ମହାନ୍ତି ପ୍ରମୁଖ ଯୋଗଦେଇ କହିଥିଲେ, ଉପାଧକ୍ଷଙ୍କ ବ୍ୟକ୍ତିଗତ ସହଯୋଗୀ ଚିତ୍ତରଞ୍ଜନଙ୍କ ନିଖୋଜର ପରଦିନ କ୍ଷତବିକ୍ଷତ ଅବସ୍ଥାରେ ନଈରୁ ମୃତଦେହ ଉଦ୍ଧାର କରାଯାଇଥିଲା। ଯାହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ଜଣାପଡୁଛି। ଏପରିକି ସ୍ୱର୍ଗତ ଚିତ୍ତରଞ୍ଜନଙ୍କ ସ୍ତ୍ରୀ ଗଣମାଧମ ଓ ପୋଲିସକୁ ବୟାନ ଦେଇଥିଲେ ଯେ, ଏହି ହତ୍ୟାକାଣ୍ଡର ମୁଖ୍ୟ କର୍ଣ୍ଣଧାର ଚିତ୍ତଙ୍କ ସାଙ୍ଗ ଜଗା ଓ ଖୋଦ୍ ଯୋଜନା ବୋର୍ଡ ଉପାଧକ୍ଷ, ଯାହାକି ବର୍ତ୍ତମାନର ତଦନ୍ତ ସାପେକ୍ଷ। ଅନ୍ୟପଟେ ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ସମୟରେ ଉପାଧକ୍ଷ କିପରି ତାଙ୍କ ପରିବାରକୁ ଭେଟିବାକୁ ଯାଇଥିଲେ। ଯାହା ଘଟଣାର ଭିନ୍ନ ମୋଡ ନେବ ବୋଲି ଆଶା ପ୍ରକାଶ କରୁଛି। ଏଣୁ ରାଜ୍ୟବାସୀଙ୍କ ପାଇଁ ଏହି ସନ୍ଦେହରୁ ମୁକ୍ତ ହେବା ପାଇଁ ଉପାଧକ୍ଷ ତାଙ୍କ ପଦବୀରୁ ଇସ୍ତଫା ଦେଇ ନିଜଆଡୁ ତଦନ୍ତ ପରିସରଭୁକ୍ତ ହୋଇ ଏହି ଘଟଣାର ଜଡିତ ଅପରାଧୀମାନଙ୍କୁ ଲୋକଲୋଚନକୁ ଆଣି ନିଜର ସ୍ୱଚ୍ଛତା ପ୍ରତିପାଦନ କରନ୍ତୁ ବୋଲି ଭାଜପା ଦାବି କରୁଛି। ଏହାସହ ଶୁକ୍ରବାର ସ୍ୱର୍ଗତ ଚିତ୍ତରଞ୍ଜନଙ୍କୁ ନ୍ୟାୟ ଦେବା ଦାବିରେ ଏକ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଛନ୍ତି।

### ଚିତ୍ତରଞ୍ଜନଙ୍କ ପରିବାରକୁ ଭେଟିଲେ ସଞ୍ଜୟ

**ପୁରୀ ଅଫିସ,୧୫।୧୨:** ଚିତ୍ତରଞ୍ଜନ ପଲାଇଙ୍କ ପରିବାରକୁ ଭେଟିଛନ୍ତି ଯୋଜନା ବୋର୍ଡ ଉପାଧକ୍ଷ ସଞ୍ଜୟ କୁମାର ଦାସବର୍ମା। ବ୍ରହ୍ମଗିରି ସାନବନ୍ଧକେରାସ୍ଥିତ ଚିତ୍ତରଞ୍ଜନଙ୍କ ବାସଭବନକୁ ଯାଇ ସଞ୍ଜୟ ପରିବାରବର୍ଗଙ୍କୁ ଭେଟିବା ସହ ନିଜର ଗଭୀର ସମବେଦନା ଜଣାଇଛନ୍ତି। ଚିତ୍ତରଞ୍ଜନଙ୍କ ବିୟୋଗରେ ପରିବାର ଲୋକେ ମର୍ମାହତ ଥିବା ବେଳେ ସଞ୍ଜୟ ତାଙ୍କୁ ଆଶ୍ୱାସନା ଦେବା ସହ କ୍ରାଇମବ୍ରାଞ୍ଚ ତଦନ୍ତରେ ପରିବାରକୁ ନ୍ୟାୟ ମିଳିବ ବୋଲି ଆଶାପ୍ରକଟ କରିଛନ୍ତି। ଅନ୍ୟପକ୍ଷରେ କୃଷ୍ଣପ୍ରସାଦ ବ୍ଲକ୍‌ର ୧୪ଟି ପଞ୍ଚାୟତର ଯୁବ ଓ ଛାତ୍ର ସଙ୍ଗଠନ ଏକାଠି ହୋଇ କମଳେଶ୍ୱର ମନ୍ଦିରଠାରୁ ଚାରିଛକ ବଜାର ପର୍ଯ୍ୟନ୍ତ କ୍ୟାଣ୍ଡେଲ ଶୋଭାଯାତ୍ରା କରିବା ସହ ଅମର ଆତ୍ମାର ଶାନ୍ତି ପାଇଁ ନୀରବ ପ୍ରାର୍ଥନା କରିଛନ୍ତି। ଦୋଷୀକୁ ଉପଯୁକ୍ତ ଦଣ୍ଡ ମିଳୁ ବୋଲି ଦାବି କରାଯାଇଛି।

## ସ୍ୱଚ୍ଛ ଟେକ୍ନୋଲୋଜି ଚ୍ୟାଲେଞ୍ଜ ଆରମ୍ଭ

ପୁରୀ ଅଫିସ,୧୫।୧୨:

ସ୍ୱଚ୍ଛ ଭାରତ ମିଶନ ଅର୍ବାନ- ୨.୦ ଅଧୀନରେ ପୁରୀ ପୌରସଂସ୍ଥା ସ୍ୱଚ୍ଛ ଟେକ୍ନୋଲୋଜି ଚ୍ୟାଲେଞ୍ଜ ଯୋଜନା ଆରମ୍ଭ କରିଛି। ଏହା ମାଧ୍ୟମରେ ସହର ସ୍ୱଚ୍ଛ ରଖିବା ପାଇଁ କେଉଁ କେଉଁ ନୂଆ ପ୍ରଯୁକ୍ତିବିଦ୍ୟାକୁ ଆପଣାଯାଇପାରିବ ସେନେଇ ପ୍ରତିଯୋଗିତା କରାଯିବ। ବ୍ୟକ୍ତିବିଶେଷ, ଷ୍ଟାର୍ଟଅପ୍, କମ୍ପାନୀ, ଶିକ୍ଷାନୁଷ୍ଠାନ, ସାମାଜିକ ଗୋଷ୍ଠୀମାନେ ପୁରୀ ପୌରସଂସ୍ଥାକୁ ୯୫୫୬୪୮୫୫୮ ନମ୍ବର ମାଧ୍ୟମରେ ଯୋଗାଯୋଗ କରି ନିଜ ପ୍ରଯୁକ୍ତିବିଦ୍ୟା ସମ୍ପର୍କରେ ଅବଗତ କରାଇବେ। ସହରକୁ ସ୍ୱଚ୍ଛ ରଖିବା ସହ ପ୍ଲାଷ୍ଟିକ ଆବର୍ଜନା ପରିଚାଳନା, ଅନ୍ୟ ବର୍ଜବସ୍ତୁ ପରିଚାଳନା ଓ ଜିରୋ ଡମ୍ପିଂ ଭଳି ଲକ୍ଷ୍ୟ ପୂରଣ ନେଇ ନୂଆ ଚିନ୍ତାଧାର ସମ୍ପର୍କିତ ମତାମତ ସଂଗ୍ରହ ହେବ। ପୁରୀ ପୌରସଂସ୍ଥା ସମ୍ପୃକ୍ତ ମତାମତ ଓ ଟକ୍ନୋଲୋଜିର ତାଲିକା ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କୁ ଜଣାଇବେ। ଏହାପରେ ରାଜ୍ୟ ସରକାର ସମ୍ପୃକ୍ତ ମତାମତକୁ କେନ୍ଦ୍ର ସରକାରଙ୍କୁ ପଠାଇବେ। କେନ୍ଦ୍ର ସରକାର କିଛି ପ୍ରଯୁକ୍ତିବିଦ୍ୟା ଓ ଜ୍ଞାନକୌଶଳକୁ ଚୟନ କରି ସମ୍ପୃକ୍ତ ବ୍ୟକ୍ତି କିମ୍ବା ସଂସ୍ଥାକୁ ସମ୍ମାନିତ କରିବା ସହ ନୂଆ ଜ୍ଞାନକୌଶଳକୁ ଜାତୀୟ ସ୍ତରରେ ଲାଗୁ କରିବେ। ଫଳରେ ସାମଗ୍ରିକ ଭାବେ ଏକ ସ୍ୱଚ୍ଛ ଭାରତ ମିଶନ ପୂରଣ କରିବା ସମ୍ଭବପର ହୋଇପାରିବ ବୋଲି ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ କହିଛନ୍ତି।

## ପଞ୍ଚାୟତ ସମିତିର ବୈଠକ

ଅସ୍ତରଙ୍ଗ, ୧୫।୧୨

ଅସ୍ତରଙ୍ଗ ବ୍ଲକର ଅସ୍ତରଙ୍ଗ ପଞ୍ଚାୟତ ସମିତିର ଶେଷ ବୈଠକ ସ୍ଥାନୀୟ ପିରଜାହାନିଆସ୍ଥିତ ନବ ନିର୍ମିତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ ସ୍ୱାଧୀନ କୁମାର ନାୟକ ଏଥିରେ ଅଧକ୍ଷତା କରିଛନ୍ତି। ବୈଠକକୁ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଉଦ୍‌ଘାଟନ କରିଥିଲେ। ସମିତି ସଭ୍ୟ ଦିବାକର ଛାଟୋଇ, ସରପଞ୍ଚ ପ୍ରଫୁଲ୍ଲ ବେହେରା, ଲକ୍ଷ୍ମୀଧର ଜେନା, ଅଧିକାରୀ ବେହେରା, ମଙ୍ଗୁଳି ପ୍ରଧାନ ପ୍ରମୁଖ ବିଗତ ଦିନରେ ହୋଇଥିବା ପଞ୍ଚାୟତ ସମିତିର କାର୍ଯ୍ୟକଳାପ ଉପରେ ଆଲୋକପାତ କରିଥିଲେ। ଜିଲା ପରିଷଦ ସଭ୍ୟ ଗଦାଧର ବିଶ୍ୱାଳ, ପଞ୍ଚାନନ ସ୍ୱାଇଁ, ଉପାଧକ୍ଷା ମମତା ସ୍ୱାଇଁ, ଏମ୍‌ପି ପ୍ରତିନିଧି ଚମ୍ପକାରିକ, ଅତିରିକ୍ତ ବିଡିଓ ପ୍ରମୁଖ ଉପସ୍ଥିତ ଥିଲେ। କୃଷି, ପଶୁସମ୍ପଦ, ଖାଉଟି କାର୍ଡ, ସ୍ୱାସ୍ଥ୍ୟ, ଆବାସ ଯୋଜନା, ଭତ୍ତା ଆଦି ଉପରେ ମଧ ଆଲୋଚନା ହୋଇଥିଲା। ତହସିଲଦାର ରାଜଲକ୍ଷ୍ମୀ ନାୟକ, ଡ. ସଞ୍ଜୟ ପ୍ରଧାନଙ୍କ ସମେତ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ବ୍ଲକର ବିଡିଓ ବେବିତା ମଞ୍ଜରୀ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ବୈଠକରେ ଅସ୍ତରଙ୍ଗ ସମିତି ସଭ୍ୟ ଦିବାକର ଛାଟୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ୫-ଟି ସ୍କୁଲ ଭିତ୍ତିଭୂମି ଦେଖିଲେ ପ୍ରକଳ୍ପ ନିର୍ଦ୍ଦେଶକ

ଗୋପ, ୧୫।୧୨(ଡି.ଏନ୍.ଏ)

ଗୋପ ବ୍ଲକ ଅଧୀନରେ ଥିବା ୬ଟି ସ୍ମାର୍ଟ ସ୍କୁଲକୁ ପ୍ରଥମ ପର୍ଯ୍ୟାୟରେ ୫-ଟିଯୋଜନା ରୂପାନ୍ତରଣରେ ସାମିଲ କରାଯାଇଥିଲା। ତେବେ ଗଣଶିକ୍ଷାମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଆଉ ୧୧ଟି ସ୍କୁଲ ଦ୍ୱିତୀୟ ପର୍ଯ୍ୟାୟରେ ୫-ଟିରେ ସାମିଲ୍ ହୋଇଛି। ଏହାପରେ ବୁଧବାର ପୂର୍ବାହ୍ନରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ମହାପାତ୍ର, ଗୋପ ବିଡ଼ିଓ ଦୀପ୍ତିରାଣୀ ଦାସଙ୍କୁ ସବୁ ସ୍କୁଲ ବୁଲି ଦେଖିବା ସହ ତୁରନ୍ତ କାର୍ଯ୍ୟ ଆରମ୍ଭ କରିବାକୁ ପୁରୀ ଜିଲାପାଳ ସମର୍ଥ ବର୍ମା ନିର୍ଦ୍ଦେଶ ଦେଇଥିଲା। ପୂର୍ବରୁ ଗୋପ ବ୍ଲକର ଗୋପ ନିଗମାନନ୍ଦ ନୋଡାଲ ଉଚ୍ଚ ବିଦ୍ୟାଳୟକୁ ୫-ଟିରେ ସାମିଲ କରାଯାଇଥିବାବେଳେ ତାହା ଜିଲାରେ ଏକ ନମ୍ବର ହୋଇପାରିଛି। ପରେ ଦାବି ମୁତାବକ କୋଣାର୍କର ଦାମୋଦର ବାଳିକା ବିଦ୍ୟାଳୟ, ବିରତୁଙ୍ଗର ସାରସ୍ୱତ ଉଚ୍ଚ ବିଦ୍ୟାଳୟ, ଏରବଙ୍ଗ ଉଚ୍ଚ ବିଦ୍ୟାଳୟ, ବଡ଼ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ସହିତ ୧୧ ଗୋଟି ସ୍କୁଲକୁ ୫-ଟି ଯୋଜନାରେ ସାମିଲ କରାଯାଇଛି। ସରକାରଙ୍କ ନିର୍ଦ୍ଦେଶ ମୁତାବକ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ, ବିଡିଓ ସ୍କୁଲଗୁଡ଼ିକର ଭିତ୍ତିଭୂମି ବୁଲି ଦେଖିଛନ୍ତି।



ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ମହାପାତ୍ର ସ୍କୁଲ ଭିତ୍ତିଭୂମି ବୁଲି ଦେଖୁଛନ୍ତି।

## ବସ୍‌ଷ୍ଟାଣ୍ଡ ପାଇଁ ମନ୍ତ୍ରୀଙ୍କ ଜମି ଅନୁଧ୍ୟାନ

ଗୋପ, ୧୫।୧୨(ଡି.ଏନ୍.ଏ)

ଗୋପରେ ଯୁଦ୍ଧକାଳୀନଭିତ୍ତିରେ ନୂତନ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଏ ନେଇ ବୁଧବାର ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ବସଷ୍ଟାଣ୍ଡ ନିର୍ମାଣ ହେବାକୁ ଜମି ନିରୂପଣ କରାଯାଇଥିବା ସ୍ଥାନ ବୁଲି ଦେଖିଛନ୍ତି। ପ୍ରକାଶ ଯେ, ପୁରୀ, କୋଣାର୍କ ସହିତ ଅନ୍ୟାନ୍ୟ ସ୍ଥାନକୁ ପ୍ରତ୍ୟେକ ଦିନ ପର୍ଯ୍ୟଟକ ବୁଲିବାକୁ ଆସୁଥିବାବେଳେ ସବୁ ସମୟରେ ଟ୍ରାଫିକ ଜାମ ହେଉଥିଲା। ଫଳରେ ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଥିଲା। ଏହାକୁ ଆଖି ଆଗରେ ରଖି ଗଣଶିକ୍ଷାମନ୍ତ୍ରୀ ରାଜ୍ୟ ସରକାରଙ୍କୁ ଅବଗତ କରିଥିଲେ। ମୁଖ୍ୟମନ୍ତ୍ରୀ ଏପରି ଏକ ସମସ୍ୟାକୁ ଗୁରୁତ୍ୱର ସହ ନେଇ ତୁରନ୍ତ ଜମି ଅଧିଗ୍ରହଣ କରିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବସ୍‌ଷ୍ଟାଣ୍ଡ ନିର୍ମାଣ ଲାଗି ଗୋପ ମୁଖ୍ୟ ବଜାର ଉପରେ ଥିବା ଜମିକୁ ଗୋପ ତହସିଲଦାରଙ୍କ ସହିତ ଆଉ କେତେକ ଅଧିକାରୀ ଜମି ବୁଲି ଦେଖିଛନ୍ତି। କିଛି ଦିନ ଧରି ଗୋପ ବଜାରରେ ବେଆଇନ ଭାବରେ ଜବରଦଖଲ ଯୋଗୁ ରାସ୍ତା ସଂକୀର୍ଣ୍ଣ ହେବାରୁ ଟ୍ରାଫିକ ସମସ୍ୟା ଦେଖାଦେଉଥିଲା। ବସଷ୍ଟାଣ୍ଡ ନିର୍ମାଣ ସମ୍ପର୍କରେ ରାସ୍ତାକଡ଼ରେ ବ୍ୟବସାୟ କରୁଥିବା ଦୋକାନୀମାନଙ୍କୁ ମାର୍କେଟ କମ୍ପ୍ଲେକ୍ସ କରାଯାଇ ଥଇଥାନ କରାଯିବ ବୋଲି ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି।

## ପୂଜା ନାଁରେ ଅର୍ଥ ମାଗୁଥିବା ଅଭିଯୋଗ

ପୁରୀ ଅଫିସ,୧୫।୧୨:

ପ୍ରଭୁ ଲୋକନାଥଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କୁ ଜବରଦସ୍ତ ପୂଜାର୍ଚ୍ଚନା ନାମରେ ଅର୍ଥ ମଗାଯାଉଥିବା ଅଭିଯୋଗ ହୋଇଛି। ଗତ ମାସକ ମଧ୍ୟରେ ଏଭଳି ଅଭିଯୋଗ ବଢ଼ିବାରେ ଲାଗିଛି। ଲୋକନାଥଙ୍କ ମନ୍ଦିରକୁ ଯାଉଥିବା ଶ୍ରଦ୍ଧାଳୁଙ୍କଠାରୁ ଭିନ୍ନ ଭିନ୍ନ ଆଳରେ ଅର୍ଥ ନେବା ପାଇଁ କେତେଜଣ ସେବାୟତ ରୀତିମତ ଉଦ୍ୟମ କରୁଛନ୍ତି। ଏଭଳି ହେବା ଦ୍ୱାରା ରାଜ୍ୟ ବାହାରୁ ଆସୁଥିବା ଯାତ୍ରୀଙ୍କର ଭାବାବେଗକୁ ଆଘାତ ଲାଗୁଛି। ମନ୍ଦିର ଭିତରେ ପ୍ରବେଶ କରିବା ପରେ ପ୍ରଭୁଙ୍କ ଦର୍ଶନ ପାଇଁ ଗର୍ଭ ଗୃହକୁ ଯିବାବେଳେ ପୂଜକମାନେ ଘେରିଯାଇ ଜବରଦସ୍ତ ପୂଜାର୍ଚ୍ଚନା କରିବାକୁ ବାଧ୍ୟ କରୁଛନ୍ତି। ଏଥିଯୋଗୁ ଅଧିକାଂଶ ଶ୍ରଦ୍ଧାଳୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ଶ୍ରଦ୍ଧାଳୁ ନିଗମ ପାତ୍ର କହିଛନ୍ତି, ମୁଁ ଦୁଇ ବନ୍ଧୁଙ୍କ ସହ ମନ୍ଦିର ଯାଇଥିଲି। ଗର୍ଭଗୃହ ଭିତରେ ପୂଜକମାନେ ଆମଠାରୁ ଭୋଗ ନେଇ ପୂଜାର୍ଚ୍ଚନା କରିବାକୁ ବାଧ୍ୟ କରିଥିଲେ। ବାରମ୍ବାର ମନା କଲେ ମଧ କେହି ଶୁଣି ନ ଥିଲେ। ମୋଠାରୁ ଶହେ ଓ ଦୁଇ ବନ୍ଧୁଙ୍କଠାରୁ ୩ଶହ ଟଙ୍କା ଲେଖାଏ ନେଇଥିଲେ। ସେହିଭଳି ଯେଉଁ ଦୀପର ମୂଲ୍ୟ ୫ ଟଙ୍କା ତାହାକୁ ୧୫ରୁ ୨୦ ଟଙ୍କା କହି ବିକ୍ରି କରାଯାଉଛି। ପ୍ରତିବାଦ କଲେ ଦୀପ ନିଅନ୍ତୁ ନାହିଁ ବୋଲି ଦୀପ ବିକାଳିମାନେ କହିଛନ୍ତି। ସେହିଭଳି ସ୍ଥାନୀୟ ଲୋକଙ୍କ କ୍ଷେତ୍ରରେ ଶୋଷଣର ମାତ୍ରା କମ୍ ହୋଇଥିବା ବେଳେ ଯାତ୍ରୀଙ୍କଠାରୁ ଇଚ୍ଛା ମୁତାବକ ଦର ନିଆଯାଉଛି। ଲୋକନାଥ ମନ୍ଦିର ଦାୟିତ୍ୱରେ ଥିବା ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ଏଭଳି ଅଭିଯୋଗ ସାମ୍ନାକୁ ଆସୁଛି। ଏ ସମ୍ପର୍କରେ ପୂର୍ବରୁ ମଧ ତାଗିଦ କରାଯାଇଛି। ଏହି ଘଟଣାକୁ ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ଚୈତନ୍ୟ, ରାଧାକୃଷ୍ଣଙ୍କୁ ଲାଗି ହେଲା ୭୦୧ ପ୍ରକାର ବ୍ୟଞ୍ଜନ

ପୁରୀ ଅଫିସ,୧୫।୧୨

**ବ୍ୟଞ୍ଜନ ଦ୍ୱାଦଶୀ ପାଳିତ**

ମାର୍ଗଶିର ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିକୁ ବ୍ୟଞ୍ଜନ ଦ୍ୱାଦଶୀ ଭାବେ ବୈଷ୍ଣବ ସମ୍ପ୍ରଦାୟରେ ପାଳନ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ବୁଧବାର ଶ୍ରୀଗୌରବିହାର ଆଶ୍ରମ(ମାତା ମଠ) ପରିସରରେ ବ୍ୟଞ୍ଜନ ଦ୍ୱାଦଶୀ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ତିଥିରେ ଶ୍ରୀଚୈତନ୍ୟ ମହାପ୍ରଭୁ ଏବଂ ଶ୍ରୀରାଧାକୃଷ୍ଣଙ୍କ ନିକଟରେ ୭୦୧ ପ୍ରକାର ବ୍ୟଞ୍ଜନ ନୈବେଦ୍ୟ ଅର୍ପଣ କରାଯାଇଥିଲା। ମଠର ମହନ୍ତ ସୁବଳ ଚରଣ ଦାସ ମହାରାଜଙ୍କ ତତ୍ତ୍ୱାବଧାନରେ ଶ୍ରଦ୍ଧାଳୁମାନେ ଯୋଗ ଦେଇଥିଲେ। ଭୋରୁ ସମସ୍ତ ଦେବନୀତି ସମାପ୍ତ ପରେ ମଧ୍ୟାହ୍ନରେ ଶ୍ରୀଚୈତନ୍ୟ ଓ ଶ୍ରୀକୃଷ୍ଣଙ୍କୁ ନୈବେଦ୍ୟ ଅର୍ପଣ କରାଯାଇଥିଲା।

ମହନ୍ତ ସୁବଳ ଚରଣ ଦାସଙ୍କ କହିବା ଅନୁଯାୟୀ, ୨୦୧୭ରେ ୬୧୧, ୨୦୧୮ରେ ୬୩୫ ଓ ୨୦୧୯ରେ ୬୭୫, ୨୦୨୦ରେ କରୋନା କଟକଣା ମଧ୍ୟରେ ୧୫୧ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥିଲା। ସେହିପରି ଚଳିତବର୍ଷ ୭୦୧ ପ୍ରକାରର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଛି। ୭୦୧ ପ୍ରକାର ବ୍ୟଞ୍ଜନ ମଧ୍ୟରେ ୨୦ରୁ ଊର୍ଦ୍ଧ୍ୱ ପ୍ରକାରର ଅନ୍ନ, ଡାଲି, ତରକାରି, ୫୦ ପ୍ରକାରର ଭଜା, ୨୫ ପ୍ରକାରର ଶାଗ, ୨୩୩ ପ୍ରକାର ଚଟଣି, ବିଭିନ୍ନ ପ୍ରକାର ଖିରି, ମିଠା, କଚୋଡି ପ୍ରସ୍ତୁତ କରାଯାଇଥିଲା। ପୂର୍ବରାତି ୧୨ଟା ପରେ ସମସ୍ତ ବ୍ୟଞ୍ଜନ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ୭୦ଜଣ ସେବକ ୨୦ଟି ଚୁଲିରେ ବ୍ୟଞ୍ଜନ ପ୍ରସ୍ତୁତ କରିଥିଲେ। ବ୍ୟଞ୍ଜନ ପ୍ରସ୍ତୁତିରେ ପୁରୀ, ପଶ୍ଚିମବଙ୍ଗ ଏବଂ ରାଜ୍ୟର ବିଭିନ୍ନ ସ୍ଥାନରୁ ଭକ୍ତମାନେ ଆସି ସହଯୋଗ କରିଥିଲେ। ବ୍ୟଞ୍ଜନ ଦ୍ୱାଦଶୀ ଅବସରରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଭାସ୍କର ମିଶ୍ରଙ୍କ ରଚିତ ଗ୍ରନ୍ଥ ଶ୍ରୀକ୍ଷେତ୍ରର ବିବିଧ ଉପାସନା ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଉତ୍ସବରେ ଶ୍ରୀ ମାଧ୍ୱଗୌରେଶ୍ୱର ବୈଷ୍ଣବ ସଂଘ ସଭାପତି ମହନ୍ତ ସୁବଳ ଚରଣ ଦାସ ମହାରାଜ, ମହନ୍ତ ଡ. ରାମଚରଣ ମହାରାଜ, ବରିଷ୍ଠ ଦଇତାପତି ସେବକ ରାମଚନ୍ଦ୍ର ଦାସ ମହାପାତ୍ର, ସାହିତ୍ୟିକ କୃଷ୍ଣଚନ୍ଦ୍ର ରଥ, ଶ୍ରୀମନ୍ଦିର ବଢୁ ସୁଆର ନିଯୋଗର ସଭାପତି ବିଶ୍ୱନାଥ ସାମନ୍ତରା ଏବଂ ଶ୍ରୀ ଗୌରବିହାର ଆଧାତ୍ମିକ ଦାତବ୍ୟ ଟ୍ରଷ୍ଟର ସମ୍ପାଦକ ସାରଦା ପ୍ରସନ୍ନ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଉତ୍ସବକୁ ରାୟ ରାମାନନ୍ଦ ସ୍ମୃତି ପରିଷଦର ସଭାପତି ଦିଲୀପ ପଟ୍ଟନାୟକ ଏବଂ ହରିହର ଡୋରା ପରିଚାଳନା କରିଥିଲେ।

## ଭାଜପାର ସାଙ୍ଗଠନିକ ବୈଠକ

ଗୋପ, ୧୫।୧୨(ଡି.ଏନ୍.ଏ)

ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପ୍ରଥମ ସଂକଳ୍ପରେ ଗୋପ ବ୍ଲକ ଦଖଲ କରାଯିବ। ଆମକୁ ବ୍ୟକ୍ତିଗତ ସ୍ୱାର୍ଥ ନୁହେଁ, ସମୂହ ସ୍ୱାର୍ଥକୁ ଦେଖିବା ପାଇଁ ଭାଜପାର ସାଂଗଠନିକ ବୈଠକରେ ରାଜ୍ୟ ଉପସଭାପତି ପ୍ରଭାତି ପରିଡା ଉପସ୍ଥିତ କର୍ମୀ ଓ ଲୋକଙ୍କୁ ସୂଚନା ଦେଇଥିଲେ। ଭାଜପା ଦଳ ପକ୍ଷରୁ ଗୋପ ବଜାରରେ ମଙ୍ଗଳବାର ରୋଡ ଶୋ' ହୋଇଥିଲା। ଶତାଧିକ ଭାଜପା କର୍ମୀ ବଜାର ପରିକ୍ରମା କରି ନିକଟସ୍ଥ ଗୋପ ଅଖଣ୍ଡଳେଶ୍ୱର ପଡ଼ିଆରେ ପହଞ୍ଚିଥିଲେ। କାର୍ଯ୍ୟକ୍ରମରେ ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ, ଦିଲୀପ ନାୟକ, ତପସ୍ୱିନୀ ବେହେରା, ରାଜକିଶୋର ନାୟକ, ଆଲୋକ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭାଜପା ଦଳ ଯେପରି ଗୋପ ବ୍ଲକ ଦଖଲ କରିବ ସେଥିପ୍ରତି ଆମକୁ ଏବେଠାରୁ ପ୍ରସ୍ତୁତି କରିବାକୁ ପଡ଼ିବ ବୋଲି ସୂଚନା ଦେଇଥିଲେ।

# ବଡ଼ପୁଅକୁ ଆଜୀବନ କାରାଦଣ୍ଡାଦେଶ

## ମା'ଙ୍କୁ ହତ୍ୟା ଅଭିଯୋଗ

ନିମାପଡ଼ା, ୧୫।୧୨(ଡି.ଏନ୍.ଏ.) :

ନିମାପଡ଼ା ଅତିରିକ୍ତ ଜିଲା ଦୌରାଜଜ (ଏଡିଜେ)ଙ୍କ କୋର୍ଟରେ ବୁଧବାର ଏକ ରାୟ ପ୍ରକାଶ ପାଇଛି। ପାରିବାରିକ ବିବାଦକୁ ନେଇ ବଡ଼ ପୁଅ ମା'ଙ୍କୁ କୁରାଢ଼ିରେ ଆଣି ହତ୍ୟା କରିଥିବା ମାମଲାର ବିଚାର କରି ଏଡିଜେ କୋର୍ଟର ଅତିରିକ୍ତ ଜିଲା ଦୌରାଜଜ ଲୋକନାଥ ସାହୁ ଅଭିଯୁକ୍ତ ବଡ଼ପୁଅଙ୍କୁ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏପରିକି ୫ହଜାର ଟଙ୍କା ଜରିମାନା, ଜରିମାନା ଅନାଦାୟ ଅଧିକ ୬ମାସ ସଶ୍ରମ କାରାଦଣ୍ଡ ଶୁଣାଇଥିଲେ। ଅଭିଯୁକ୍ତ ହେଲେ ଅସ୍ତରଙ୍ଗ ଥାନା ଅଧୀନ ଅଶନ ଗ୍ରାମର ଉଲ୍ଲାସ ଜେନା। ସୂଚନାଯୋଗ୍ୟ, ପାରିବାରିକ ବିବାଦକୁ ନେଇ ୨୦୧୭ ଜୁଲାଇ ୮ତାରିଖରେ ଉଲ୍ଲାସ ତାଙ୍କ ମା' ଟିକଲତାଙ୍କୁ ହାଣି ହତ୍ୟା କରିଥିଲେ। ଏପରିକି ରୋକିବାକୁ ଆସିଥିବା ପଡ଼ୋଶୀ ମହିଳାଙ୍କୁ ମଧ୍ୟ ସେ ଆକ୍ରମଣ କରିଥିଲେ। ଏ ନେଇ ଟିକଲତାଙ୍କ ସାନପୁଅ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୪୧/୧୭) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତେବେ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର ସୀତାକାନ୍ତ ଦାଶ ଏହି ମାମଲା ପରିଚାଳନା କରୁଥିଲେ।



ଚନ୍ଦ୍ରଭାଗା ବେଳାଭୂମିରେ ଆୟୋଜିତ କୋଣାର୍କ ଇକୋ ରିଟ୍ରିଟ୍ ଉତ୍ସବ ଅବସରରେ ପ୍ରସ୍ତୁତ ହୋଇଥିବା ବାଲୁକା କଳା।


ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ କୋଣାର୍କ ଇକୋ ରିଟ୍ରିଟ୍ ମଞ୍ଚକୁ ସୁସଜ୍ଜିତ କରାଯାଇଛି ।

# ଧର୍ମଘଟ: ୨ ଦିନ ବନ୍ଦ ରହିବ ବ୍ୟାଙ୍କ

## ବ୍ୟାଙ୍କିଙ୍ଗ୍ ଆଇନ(ସଂଶୋଧନ) ବିଲ୍-୨୧କୁ ବିରୋଧ

ଭୁବନେଶ୍ୱର,୧୫।୧୨:

କେନ୍ଦ୍ର ସରକାରଙ୍କ ବ୍ୟାଙ୍କ ଘରୋଇକରଣ ନିଷ୍ପତ୍ତି ବିରୋଧରେ ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିୟନ (ୟୁଏଫ୍‌ବିୟୁ) ପକ୍ଷରୁ ୨ଦିନିଆ ସର୍ବଭାରତୀୟ ବ୍ୟାଙ୍କ ଧର୍ମଘଟ ଡାକରା ଦିଆଯାଇଛି। ଚଳିତ ମାସ ୧୬ ଏବଂ ୧୭ ତାରିଖରେ ଦେଶର ସମସ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଶାଖା ବନ୍ଦ ରହିବ। ଏହି ପରିପ୍ରେକ୍ଷୀରେ ଅନ୍‌ଲାଇନ ବ୍ୟାଙ୍କିଙ୍ଗ୍ ସେବା ଓ ଏଟିଏମ୍ କେନ୍ଦ୍ରଗୁଡ଼ିକ ଖୋଲା ରହିବ ବୋଲି ୟୁଏଫ୍‌ବିୟୁ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ୟୁଏଫ୍‌ବିୟୁର ଓଡିଶା ଶାଖା ପକ୍ଷରୁ ବୁଧବାର ଏକ ଖବରଦାତା ସମ୍ମିଳନୀ କରାଯାଇ ବ୍ୟାଙ୍କ ଧର୍ମଘଟ ଓ ଘରୋଇକରଣ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରି ଏହାର ରାଜ୍ୟ ଆବାହକ ରଘୁନାଥ ପ୍ରସାଦ ଦାସ କହିଛନ୍ତି, ଦେଶର ୧% ପୁଞ୍ଜିପତିଙ୍କ ସ୍ୱାର୍ଥସାଧନ ପାଇଁ ୯୯% ଲୋକଙ୍କ ଅର୍ଥ କାରବାର ଓ ସେବାକୁ ସରକାର ବଳି ପକାଇଦେବାକୁ ବସିଛନ୍ତି। ସେହିଭଳି ଦେଶର ୭୨% ଋଣ ଅର୍ଥ ଅସାଧୁ ବ୍ୟବସାୟୀଙ୍କ ନିକଟରେ ରହିଥିବା ବେଳେ ମାତ୍ର ୨୮% ଋଣ ଅର୍ଥ ସାଧାରଣ ବର୍ଗର ଗ୍ରାହକଙ୍କ ପାଖରେ ପଡିରହିଛି। ସରକାର ପୁଞ୍ଜିପତିଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଯେଉଁ ବ୍ୟାଙ୍କିଙ୍ଗ୍ ଆଇନ (ସଂଶୋଧନ) ବିଲ୍ ପାରିତ କରିବାକୁ ଯୋଜନା କରୁଛନ୍ତି। ସେସବୁ ଯୋଜନା ଦେଶର ସ୍ୱାର୍ଥ ପାଇଁ ଆମେମାନେ ଏକତ୍ର ହୋଇ ନିଜ ନିଜ ଶାଖା ସମ୍ମୁଖରେ ହରତାଳ ସହ ବ୍ୟାଙ୍କ ଘରୋଇକରଣକୁ ବିରୋଧ କରିବାକୁ ରାଜ୍ୟର ସମସ୍ତ ବ୍ୟାଙ୍କ କର୍ମଚାରୀ ଓ ଅଧିକାରୀମାନଙ୍କୁ ଆହ୍ୱାନ ଦିଆଯାଇଛି। ଏହି ୨ଦିନିଆ ଧର୍ମଘଟରେ ଓଡ଼ିଶାରୁ ପ୍ରାୟ ୬୦୦୦ ଶାଖା ଓ ୩୦ହଜାର ସବୁ ବର୍ଗର କର୍ମଚାରୀ ସହଯୋଗ ପ୍ରଦାନ କରିବେ ବୋଲି ୟୁଏଫ୍‌ବିୟୁ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସମ୍ମିଳନୀରେ ୟୁଏଫ୍‌ବିୟୁର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଏହାର ଉପଦେଷ୍ଟା ବରିଷ୍ଠ ବ୍ୟାଙ୍କର ଦାମୋଦର ନନ୍ଦ ରାଜ୍ୟର ସମସ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କର କର୍ମଚାରୀ ଓ ଅଧିକାରୀଙ୍କୁ ସହଯୋଗ ପାଇଁ ନିବେଦନ କରିଛନ୍ତି।

# ତହସିଲ କାର୍ଯ୍ୟାଳୟରେ ତାଲା ପକାଇଲେ ଆଇନଜୀବୀ

ପୁରୀ ଅଫିସ,୧୫।୧୨

ବିଭିନ୍ନ ଦାବି ସହ ତହସିଲ କାର୍ଯ୍ୟାଳୟର ମନମୁଖି କାର୍ଯ୍ୟକୁ ବିରୋଧ କରି ବୁଧବାର ପୁରୀ ଓକିଲ ସଂଘର ଆଇନଜୀବୀମାନେ ତହସିଲ କାର୍ଯ୍ୟାଳୟରେ ତାଲା ପକାଇଦେଇଥିଲେ। ସଂଘର ଅଭିଯୋଗ ଯେ, ତହସିଲ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ବିଭିନ୍ନ ସମୟରେ ତହସିଲ ଅଫିସକୁ ନ ଆସିବା ସହ ମନମୁତାବକ କାର୍ଯ୍ୟ କରୁଛନ୍ତି। ଫଳରେ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଅନେକ ସମୟରେ ଲୋକେ ଓ ଆଇନଜୀବୀମାନେ ସେମାନଙ୍କ କାର୍ଯ୍ୟ ନ ହେବା କାରଣରୁ କାର୍ଯ୍ୟାଳୟରୁ ନିରାଶରେ ଫେରୁଛନ୍ତି। ଲୋକଙ୍କ ଜାଗା ପଟ୍ଟା ଠାରୁ ଆରମ୍ଭ କରି ବାସ ପ୍ରମାଣପତ୍ର ପର୍ଯ୍ୟନ୍ତ କୌଣସି କାମ ସଠିକ୍ ସମୟରେ ହେଉନାହିଁ। ସମସ୍ୟା ସମ୍ପର୍କରେ ପୂର୍ବରୁ ଅଧିକାରୀମାନଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ସେହିଭଳି ଏ ସମସ୍ୟା ସମ୍ପର୍କରେ କିଛିଦିନ ତଳେ ଜିଲାପାଳଙ୍କୁ ଆଇନଜୀବୀମାନେ ଭେଟି ସମସ୍ୟାର ସମାଧାନ ପାଇଁ କୁହାଯାଇଥିଲା। ମାତ୍ର ଜିଲାପାଳ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି ବୋଲି ଆଇନଜୀବୀମାନେ ଅଭିଯୋଗ କରିଥିଲେ। ତେଣୁ ଜିଲାପାଳ ଏହି ସମସ୍ୟାକୁ ଗୁରୁତର ସହ ନେଇ ସମାଧାନ କରନ୍ତୁ ବୋଲ ଆଇନଜୀବୀମାନେ ଦାବି କରିଥିଲେ।

# ପ୍ଲାଷ୍ଟିକ, ପଲିଥିନ୍ ସମୁଦ୍ର ଜଳ ଓ ଜୀବ ପାଇଁ ବିପଦ



ପୁରୀ ବେଳାଭୂମିରେ ଏନ୍‌ସିସି କ୍ୟାଡେଟଙ୍କ ଦ୍ୱାରା ପୁନିତ ସାଗର ଅଭିଯାନରେ ଅଂଶଗ୍ରହଣ କରିଥିବା କ୍ୟାଡେଟ ଓ ଅନ୍ୟ ସଦସ୍ୟମାନେ।

ପୁରୀ ଅଫିସ, ୧୫।୧୨

ବିଭିନ୍ନ ବର୍ଜ୍ୟବସ୍ତୁ ଯଥା ପ୍ଲାଷ୍ଟିକ ଓ ପଲିଥିନ୍ ଦ୍ୱାରା ସମୁଦ୍ର ଜଳ ଦୂଷିତ ହେବା ସହ ଏହା ମାନବ ସମାଜ ପାଇଁ ସଙ୍କଟର କାରଣ ସାଜୁଛି। ବେଳାଭୂମିରେ ପ୍ଲାଷ୍ଟିକ ପ୍ରଦୂଷଣ ଏକ ଗୁରୁତର ସମସ୍ୟା ସୃଷ୍ଟି କରୁଛି। ଏବେ ଠାରୁ ହିଁ ଏହା ଉପରେ ଚିନ୍ତା କରିବାର ସମୟ ଆସିଛି ବୋଲି ଅତିଥିମାନେ ମତ ପ୍ରକାଶ କରିଛନ୍ତି।

ପ୍ଲାଷ୍ଟିକ ତଥା ଅନ୍ୟାନ୍ୟ ବର୍ଜ୍ୟବସ୍ତୁରୁ ସମୁଦ୍ର କୂଳକୁ ମୁକ୍ତ କରିବା ଉଦ୍ଦେଶ୍ୟରେ ଦେଶବ୍ୟାପୀ ପୁନିତ ସାଗର ଅଭିଯାନ ଚଳିତ ମାସ ପହିଲାରୁ ୩୧ତାରିଖ ମଧ୍ୟରେ ସମୁଦ୍ରବେଳାଭୂମିରେ ପାଳିତ ହେଉଛି। ଭାରତ ସରକାରଙ୍କ ରକ୍ଷା ମନ୍ତ୍ରଣାଳୟ ତଥା ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ(ଏନ୍‌ସିସି) ମହାନିର୍ଦ୍ଦେଶାଳୟ ନୂଆଦିଲ୍ଲୀ ପକ୍ଷରୁ ଏହା ଆରମ୍ଭ କରାଯାଇଛି। ଏହି ଅଭିଯାନରେ ଦେଶର ୧୨୭ଟି ଉପକୂଳ କ୍ଷେତ୍ରରେ ଏନସିସି ୟୁନିଟ୍‌ର ମୋଟ ୩ ଲକ୍ଷ ୪୦ ହଜାର କ୍ୟାଡେଟ୍ ଅଂଶଗ୍ରହଣ କରିଛନ୍ତି। ଏହି ପରିପେକ୍ଷୀରେ ବୁଧବାର ଷଷ୍ଠ ଓଡ଼ିଶା ଏନ୍‌ସିସି ବାଟାଲିୟନ ଆନୁକୂଲ୍ୟରେ ପୁରୀ ଜିଲାର ୧୯ଟି କଲେଜର ଶତାଧିକ ଏନ୍‌ସିସି କ୍ୟାଡେଟ ପୁରୀ ବେଳାଭୂମିରେ ସଫେଇ ଏବଂ ସଚେତନତା କାର୍ଯ୍ୟକ୍ରମ କରିଛନ୍ତି। ଏହାସହ ବେଳାଭୂମିର ସ୍ୱଚ୍ଛତାର ସୁରକ୍ଷା ପାଇଁ ପଦଯାତ୍ରା ଓ ପଥପ୍ରାନ୍ତ ନାଟକ କରାଯାଇ ସ୍ଥାନୀୟ ଜନତା ତଥା ପର୍ଯ୍ୟଟକଙ୍କୁ ସଚେତନ କରାଯାଇଛି। ଏଥିରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ମାନସ କୁମାର ସାହୁଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ, ପୁରୀର ଏନ୍‌ସିସି କ୍ୟାଡେଟଙ୍କ ଦ୍ୱାରା ବାଲୁକା କଳା ପ୍ରସ୍ତୁତ କରାଯାଇଥିଲା। ଏଥିରେ ପ୍ଲାଷ୍ଟିକ ତଥା ଅନ୍ୟାନ୍ୟ ବର୍ଜ୍ୟବସ୍ତୁରୁ ସମୁଦ୍ର କୂଳକୁ ମୁକ୍ତ ରଖିବାକୁ କ୍ୟାଡେଟମାନେ ସଚେତନତା ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମକୁ ଷଷ୍ଠ ଓଡ଼ିଶା ଏନ୍‌ସିସି ବାଟାଲିୟନ ପୁରୀର କମାଣ୍ଡିଂ ଅଫିସର କଲୋନେଲ ସୁଦର୍ଶନ ଯୋଶୀ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜିକ କର୍ମୀ ବଦ୍ରି ମିଶ୍ର, ପରିବେଶବିତ୍ ଜଗନ୍ନାଥ ବସ୍ତିଆ, ମଧୁସୂଦନ ମିଶ୍ର ଓ ବାଲୁକା ଶିଳ୍ପୀ ମାନସ କୁମାର ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି କ୍ୟାଡେଟମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ଏହି ସାମାଜିକ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ବେଳାଭୂମିରୁ ସଂଗୃହୀତ ହୋଇଥିବା ବର୍ଜ୍ୟବସ୍ତୁକୁ ମ୍ୟୁନିସିପାଲିଟିକୁ ହସ୍ତାନ୍ତର କରାଯାଇଥିଲା। କାର୍ଯ୍ୟକ୍ରମରେ ଶତାଧିକ ଏନ୍‌ସିସି କ୍ୟାଡେଟଙ୍କ ସହ ଏନ୍‌ସିସି ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଦିବ୍ୟାଙ୍ଗ ମହିଳା ପରେ ପୁଣି ଏକ ପରିବାରର ଅନଶନ

ପିପିଲି,୧୫।୧୨(ସ୍ୱ.ପ୍ର.):


ଅନଶନ କରିଥିବା ପରିବାରଙ୍କୁ ପ୍ରଶାସନିକ ଅଧିକାରୀ ବୁଝାଉଛନ୍ତି ।

ପିପିଲି ବ୍ଲକ ଅଞ୍ଚଳର ଜଣେ ଦିବ୍ୟାଙ୍ଗ ମହିଳାଙ୍କ ପରିବାର ଫନୀ କ୍ଷତିପୂରଣ ଦାବି ନେଇ ଦୁଇଦିନ ହେବ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଥିବା ବେଳେ ମଙ୍ଗଳବାର ଅଞ୍ଚଳର ଦିବ୍ୟାଙ୍ଗ ସୁଶାନ୍ତ ବେହେରା ପରିବାର ସହ ସେହି ଦାବି ନେଇ ଅନଶନରେ ବସିଛନ୍ତି। ହେଲେ ପ୍ରଶାସନ ଅନଶନକାରୀଙ୍କ ସମସ୍ୟା ବୁଝିବା ପରିବର୍ତ୍ତେ ବେଆଇନ ଦର୍ଶାଇ ନୋଟିସ କରିଥିଲା। ଫଳରେ ରାତି ୯ଟାରେ ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ, ପିପିଲି ଆଇଆଇସି ଅଭିମନ୍ୟୁ ନାୟକ, ତହସିଲଦାର ସପନ ନନ୍ଦ ପୋଲିସ ଫୋର୍ସ ପହଞ୍ଚି ବୁଝାଶୁଝା କରିଥିଲେ। କିନ୍ତୁ କୌଣସି ସମାଧାନ ନ ହେବାରୁ ପ୍ରଶାସନ ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ଡକାଇ ଅନଶନକାରୀଙ୍କ ପିଲାଙ୍କ ଅସୁସ୍ଥତା କାରଣ ଦର୍ଶାଇ ସମସ୍ତଙ୍କୁ ପିପିଲି ସରକାରୀ ମେଡିକାଲକୁ ନେଇ କିଛି ସମୟ ପରେ ଛାଡ଼ିଦେଇଛନ୍ତି। ପିପିଲି ପୌରାଞ୍ଚଳର ଦିବ୍ୟାଙ୍ଗ ସୁଶାନ୍ତଙ୍କ ମଧ୍ୟ ବାତ୍ୟା ଫନୀରେ ଘର ଭାଙ୍ଗିଯାଇଥିବା ବେଳେ ୨ବର୍ଷ ବିତିଯାଇଥିଲେ ମଧ୍ୟ ସହାୟତା ମିଳିପାରି ନାହିଁ। ପ୍ରଶାସନ ପକ୍ଷରୁ କେହି ନ ଶୁଣିବାରୁ ଅନଶନରେ ବସିଥିଲେ। ଏ ନେଇ ସୁଶାନ୍ତଙ୍କ ମା' କୁହନ୍ତି, ଫନୀ ହିତାଧିକାରୀ ତାଲିକାରେ ପୁଅର

■ ଫନୀ ସହାୟତା ଦାବି

■ ବେଆଇନ ଦର୍ଶାଇ ଉଠାଇନେଲା ପ୍ରଶାସନ

ନାମ ଥାଇ ମଧ୍ୟ ସରକାରୀ ସହାୟତା ମିଳିଲା ନାହିଁ। ପୁଅ ଛୋଟା ଗୋଡରେ ବାରମ୍ବାର ତହସିଲ ଅଫିସ ଦୌଡ଼ି ନିରାଶ ହେବା ପରେ ଅନଶନ କରିଥିଲା। କିନ୍ତୁ ପୋଲିସ ଜବରଦସ୍ତ ଉଠାଇନେଇଥିଲା। ଅନ୍ୟପଟେ ଆଗାମୀ ୧୦ଦିନ ମଧ୍ୟରେ ଫନୀ କ୍ଷତିପୂରଣ ନ ମିଳିଲେ ରାଜରାସ୍ତାରେ ସପରିବାର ଆତ୍ମହତ୍ୟା କରିବୁ ବୋଲି ସୁଶାନ୍ତ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇ କହିଛନ୍ତି। ଏ ନେଇ ତହସିଲଦାରଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

GOVERNMENT OF ODISHA
OFFICE OF THE SUPERINTENDING ENGINEER, SAMBALPUR (R&B) DIVISION NO. II, SAMBALPUR
E-mail – eesbprnbdivision2@gmail.com, Phone -0663-2410104
BID IDENTIFICATION No. EE / R and B / SBP II /24(online)/2021-22
E-procurement notice
No.4848 / Dated 07.12.2021
No. B-801:- The Superintending Engineer, Sambalpur (R&B) Division No.II, Sambalpur on behalf of Governor of Odisha invites Percentage Rate bids in single cover System in ONLINE MODE.
1. No. of work :- 05 (five) Nos. of work (1 No. Lift & 2 Nos. Electrical works, 2 Nos. of Building works)
2. Tender Cost :- ₹6,000/- & 4,000/-
3. Class of Contractor :- OEM or its authorized dealer having tie up with electrical contractor/ Electrical Contractor / C Class/ B Class / A Class contractor
4. Availability of bid document in the website. :- 10.00 Hours of 14.12.2021 to 17.00 Hours of 22.12.2021
5. Date of Opening of Tenders :- 11.30 Hours on dt.23.12.2021
6. The bidders have to participate in ONLINE bidding only. Further details can be seen from the Website www.tendersodisha.gov.in only. Any Corrigendum / Addendum/cancellation of tender will be displayed in the website said only.
Sd./- Superintending Engineer
Sambalpur (R&B) Division No.II
OIPR-34042/11/0057/2122

ଓଡ଼ିଶା ସରକାର
ସ୍ୱତନ୍ତ୍ର ରିଲିଫ୍ କମିଶନର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
(ବିପର୍ଯ୍ୟୟ ପରିଚାଳନା)
ସୂଚନା
No. F-257:- ଏତଦ୍ୱାରା ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ରାଜ୍ୟରେ କୋଭିଡ୍-19ରେ ମୃତ୍ୟୁ ପାଇଁ ବିପର୍ଯ୍ୟୟ ମୁକାବିଲା ପାଣ୍ଠିରୁ ସରକାର ଟ.୫୦,୦୦୦/- (ପଚାଶ ହଜାର ଟଙ୍କା) ଅନୁକମ୍ପାମୂଳକ ସହାୟତା ରାଶି ମୃତକଙ୍କ ନିକଟତମ ସମ୍ପର୍କୀୟଙ୍କୁ ଯୋଗାଇ ଦେଉଛନ୍ତି ।
ଯେଉଁ ବ୍ୟକ୍ତିଙ୍କ ନିକଟତମ ସମ୍ପର୍କୀୟ ଏହି ସହାୟତା ରାଶି ପାଇନାହାନ୍ତି, ସେମାନେ ଆବେଦନପତ୍ର/ ଦରଖାସ୍ତ ଓ ଆବଶ୍ୟକୀୟ ଦସ୍ତାବିଜ ସହିତ ଜିଲ୍ଲାପାଳଙ୍କୁ ପ୍ରତ୍ୟକ୍ଷଭାବେ (Offline) ଓ Website- https://caps.odisha.gov.in (Online) ଜରିଆରେ ଦାଖଲ/ଆବେଦନ କରିପାରିବେ । Web Portal (Website: https://caps.odisha.gov.in) "CAPS" (Covid-19 Ex-gratia Assistance Payment System) ତା.୦୩.୧୧.୨୦୨୧ରିଖରୁ ଜନସାଧାରଣଙ୍କ ନିମନ୍ତେ ଉପଲବ୍ଧ ହୋଇଅଛି । ଏଣୁ କୋଭିଡ୍-19ରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଆତ୍ମୀୟସ୍ୱଜନଙ୍କୁ ଯଥାଶୀଘ୍ର ଜିଲ୍ଲାପାଳଙ୍କ ଜରିଆରେ ଆବେଦନ କରିବାକୁ ଅନୁରୋଧ କରାଯାଉଅଛି ।
ଆବଶ୍ୟକସ୍ଥଳେ ଜନସାଧାରଣ ଏକ (Toll Free/ ଦେୟମୁକ୍ତ) Sanjog Helpline ନମ୍ବର 155335କୁ ଯୋଗାଯୋଗ କରି ସହାୟତା ନେଇପାରିବେ ।
ସ୍ୱା./-ସ୍ୱତନ୍ତ୍ର ରିଲିଫ୍ କମିଶନର ଓ
ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡ଼ିଶା
OIPR-24003/11/0012/2122

GOVT. OF ODISHA No. MM-293
OFFICE OF THE DIVISIONAL FOREST OFFICER, KARANJIA DIVISION, KARANJIA
e-Procurement Notice, KARANJIA FOREST DIVISION
Bid Identification No. FD-KJA-02 of 2021-22
email ID: dfo.karanjia@odisha.gov.in
Letter No. 6632 Date: 12.12.2021
1. Name of Works : Construction of Building works
2. Approximate Estiamted Cost: Rs.10.75 lakh to 17.857 lakhs (As per Annexure in TCN)
3. Class of Contractor : "D" & "C" Class (As per Annexure)
4. Period of Completion : 03 (Three) Calendar months
5. Tender Paper Cost : Rs.6,000/- towards cost of bid as mentioned in Annexure (Building work).
6. Date & time of availability of bid document in the portal : Dt.16.12.2021 at 10.00 A.M.
7. Last date/time for receipt of bid in the portal : Dt.22.12.2021 upto 5.00 P.M.
8. Date of Opening Bid : Dt.23.12.2021 at 11.00 A.M.
9. Name and address of the Office Inviting Bid : Divisional Forest Officer, Karanjia Division, Karanjia
10. The bidders have to participate in ONLINE bidding only.
11. All other details can be seen from the e-procurement portal https://www.tendersodisha.gov.in.
Sd./- Divisional Forest Officer, Karanjia Division
OIPR-08019/11/0006/2122

ODISHA PUBLIC SERVICE COMMISSION
CUTTACK
NOTICE
No. 9150/PSC, (1R-96-21-22) (DR-V), Dt. 15.12.21
No. D-238:- It is for information of all concerned that, document verification of candidates having PPSAN mentioned below for the post of Professor in Journalism & Mass Communication pursuant to advertisement No.10 of 2021-22 shall be held on 22.12.2021 as per the following programme in the office of the Commission at 19, Dr. P. K. Parija Road, Cuttack -753001.
PROGRAMME OF DOCUMENT VERIFICATION

| Date | Time of Verification | PPSAN |
|---|---|---|
| 22.12.2021 | 2.30 P.M. | 00110431, 00111660, 00094865 & 00111259 = 4 Candidates |

The candidates are required to submit the following documents at the time of verification:-
1. The hard copies of online application forms indicating their PPSAN at the top right hand corner. (Not required for offline mode of applications).
2. Three passport size photographs.
3. Duly filled in & attested "Attestation Form" and duly filled in "Bio-data Form", (downloaded from the website of the Commission).
4. Duly filled in forms "Appendix-I & II" to be downloaded from the website of the Commission.
5. Ph. D. Thesis.
6. Certificate of teaching experience.
7. Following documents in Original (as per table-2 of Appendix-II of UGC regulation-2018)
a. All original Research Publications/Books.
b. Creation of ICT mediated Teaching/ Learning/ Pedagogy.
c. Research guidance.
d. Patents if any.
e. Invited lectures/ resource Person/paper presentation in Seminar/Conference.
Besides:-
i. Copies of the 1st pages of each Research Publications/Papers - 01 Set
ii. Copies of front and back cover pages of the Published Books - 01 Set
The candidates are advised to report in the office of the Commission half an hour before the commencement of verification on the scheduled date & time as mentioned above. Every candidate is strictly advised to adhere to the COVID guidelines as notified by the Government from time to time.
OIPR-12002/11/0169/2122
Sd./- Secretary

ODISHA PUBLIC SERVICE COMMISSION
CUTTACK
NOTICE
No. 9162/PSC, (1R-93-21-22) (DR-V), Dt. 15.12.21
No. D-240:- It is for information of all concerned that, document verification of candidates having PPSAN mentioned below for the post of Associate Professor in Public Administration pursuant to advertisement No.06 of 2021/22 shall be held on 22.12.2021 as per the following programme in the office of the Commission at 19, Dr. P. K. Parija Road, Cuttack -753001.
PROGRAMME OF DOCUMENT VERIFICATION

| Date | Time of Verification | PPSAN |
|---|---|---|
| 22.12.2021 | 10.30 A.M. | 00109353, 00109228, 00110366, 00109586, 00086786, 00110125, 00110480, 00094634 & 00110709 = 9 Candidates |

The candidates are required to submit the following documents at the time of verification:-
1. The hard copies of online application forms indicating their PPSAN at the top right hand corner. (Not required for offline mode of applications).
2. Three passport size photographs.
3. Duly filled in & attested "Attestation Form" and duly filled in "Bio-data Form", (downloaded from the website of the Commission).
4. Duly filled in forms "Appendix-I & II" to be downloaded from the website of the Commission.
5. P.G. Degree mark sheet in support of percentage of mark.
6. Ph. D. Thesis.
7. Certificate of teaching experience.
8. Following documents in Original (as per table-2 of Appendix-II of UGC regulation-2018)
a. All original Research Publications/Books.
b. Creation of ICT mediated Teaching/ Learning/ Pedagogy.
c. Research guidance.
d. Patents if any.
e. Invited lectures/ resource Person/paper presentation in Seminar/Conference.
Besides:-
i. Copies of the 1st pages of each Research Publications/Papers - 01 Set
ii. Copies of front and back cover pages of the Published Books - 01 Set
The candidates are advised to report in the office of the Commission half an hour before the commencement of verification on the scheduled date & time as mentioned above. Every candidate is strictly advised to adhere to the COVID guidelines as notified by the Government from time to time.
OIPR-12002/11/0171/2122
Sd./- Secretary

GOVERNMENT OF ODISHA
OFFICE OF THE ENGINEER-IN-CHIEF, RURAL WORKS, ODISHA, BHUBANESWAR
(E-Mail address - cerw_bbsr@yahoo.com)
Lr. No.36717//
Dt.14.12.21
"e" Procurement Notice for bridge works in Odisha
No. O-1346 (Online-08(Bridge)/2021-22 dt. 14.12.2021)
1. Name of the work : Construction of bridge work
2. Total No. of works : 01 (One) No.
3. Estimated cost : Rs.947.45 lakh
4. Class of contractor : Special Class & Super Class
5. Period of completion : 15 (Fifteen) calendar months
6. Other details :

| Procurement Officer | Bid Identification No. | No. of bridge works | Availability of tender online for bidding | |
|---|---|---|---|---|
| | | | From | To |
| Chief Engineer, Buildings & Bridges, Rural Works, Odisha, Bhubaneswar | Online-08(Bridge) /2021-22 | 01 (One) No. | 22.12.2021 at 11.00 A.M. | 11.01.2022 upto 5.00 P.M. |

Other details can be seen in the bidding documents, which is available in website www.tendersorissa.gov.in
Sd./- Chief Engineer, Buildings & Bridges
Rural Works, Odisha, Bhubaneswar
OIPR-25123/11/0018/2122

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୬ ଡିସେମ୍ବର, ୨୦୨୧

## କଳିଙ୍ଗ ନୋଡାଲ ବିଦ୍ୟାପୀଠରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

ଚୌଦ୍ୱାର,(ଡି.ଏନ୍.ଏ.): ଚୌଦ୍ୱାରସ୍ଥିତ କଳିଙ୍ଗ ନୋଡାଲ ବିଦ୍ୟାପୀଠରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଗୌତମ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଲ୍ୟୁଟ୍‌ନାଣ୍ଟ କଲୋନେଲ ସୌମ୍ୟ ପ୍ରକାଶ ଓତା ଅତିଥି ଭାବେ ଯୋଗଦେଇ ସଚେତନତା କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରିଥିଲେ। ଏନ୍‌ସିସି ଅଫିସର ପଞ୍ଚାନନ ମଲ୍ଲ କାର୍ଯ୍ୟକ୍ରମ ପରିଚାଳନା ଓ ଶିକ୍ଷକ ପ୍ରଦୀପ୍ତ ପଣ୍ଡା ଧନ୍ୟବାଦ ଦେଇଥିଲେ।



## ସଂକ୍ଷେପରେ

### ୨ ଗୋଷ୍ଠୀ ମାରପିଟ, ୫ଆହତ

ଚୌଦ୍ୱାର,୧୫।୧୨(ଡି.ଏନ୍.ଏ.): ଚୌଦ୍ୱାର ଥାନା ଟିପିଏମ ଫାଣ୍ଡି ଅନ୍ତର୍ଗତ ପାଇକରାପୁର ଗ୍ରାମରେ ବୁଧବାର ୨ଗୋଷ୍ଠୀ ମଧ୍ୟରେ ମାରପିଟ୍ ହୋଇଛି। ଏଥିରେ ଉଭୟ ପକ୍ଷରୁ ୫ ଜଣ ଆହତ ହୋଇଛନ୍ତି। ସେମାନଙ୍କ ପରିଚୟ ମିଳି ନ ଥିବାବେଳେ ଚିକିତ୍ସାଲାଗି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଅପରାହ୍ନରେ ଗ୍ରାମର ଉପରସାହିର କାର୍ତ୍ତିକେଶ୍ୱରଙ୍କ ଭଷାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ମେଢ ତଳସାହି ପରିକ୍ରମା କରିବାବେଳେ କୌଣସି କାରଣକୁ ନେଇ ଉପରସାହି ଓ ତଳସାହି ଯୁବକଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। ଏନେଇ ଉଭୟ ପକ୍ଷରୁ ୨ଟି ଅଭିଯୋଗ ହେବା ପରେ ପୋଲିସ ୧୫ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ବିନା ଅନୁମତିରେ ଭସାଣୀ ଉତ୍ସବ ହୋଇଥିବାରୁ ପୋଲିସ ବାଜା ସହ ସମସ୍ତ ସରଞ୍ଜାମ ଜବତ କରିଛି। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପାଇକରାପୁର ଗ୍ରାମରେ ପିସିଆର ଭ୍ୟାନ୍ ପାଟ୍ରୋଲିଂ କରୁଛି।

### କଟକରୁ ନିଯୁକ୍ତି ପାଇବେ ୪୩୮ ଶିକ୍ଷକ

କଟକ ଅଫିସ,୧୫।୧୨: ରାଜ୍ୟର ୬୧୩୧ ଜଣ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ନିଯୁକ୍ତି ଦେବେ। ସେଥିମଧ୍ୟରେ କଟକ ଜିଲାର ୪୩୮ ଜଣ ଶିକ୍ଷକ ରହିଛନ୍ତି। ତେବେ ସେମାନଙ୍କୁ ନେଇ ବୁଧବାର ରେଭେନ୍‌ଶା କଲିଜିଏଟ ସ୍କୁଲରେ ଓରିଏଣ୍ଟେଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୪୩୦ ଜଣ ଶିକ୍ଷକ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ପାଠ ପଢ଼ାଇବା, ପାଠପଢ଼ାକୁ ଗୁରୁତ୍ୱ ଦେବା, ସରକାରୀ ସର୍ତ୍ତାବଳୀ ମାନିବା ଓ କର୍ମ କ୍ଷେତ୍ରରେ ଦେଖାଯିବାକୁଥିବା ବିଭିନ୍ନ ଆହ୍ୱାନ ବିଷୟରେ ଆଲୋଚନା ହୋଇଥିବା ଜିଲା ଶିକ୍ଷା ଅଧିକାରୀ (ଡିଇଓ) କୃଷ୍ଣଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି। ଏଥିସହ ଉକ୍ତ ଶିକ୍ଷକଙ୍କ ପାଇଁ କଟକରୁ ୯ଟି ବସ୍ ବ୍ୟବସ୍ଥା କରାଯାଇଛି। ସେମାନେ ଭୁବନେଶ୍ୱର ପହଞ୍ଚି ମୁଖ୍ୟମନ୍ତ୍ରୀଠାରୁ ଗୁରୁବାର ନିଯୁକ୍ତି ପତ୍ର ଗ୍ରହଣ କରିବେ।

### ୪୦ ହିତାଧିକାରୀ ପାଇଲେ ସ୍ମାର୍ଟ ହେଲ୍‌ଥ କାର୍ଡ

କଣ୍ଟାପଡା,୧୫।୧୨(ଡି.ଏନ୍.ଏ.): କଣ୍ଟାପଡା ବ୍ଲକ ପରିସରରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏଥିରେ ନିଆଳି ବିଧାୟକ ପ୍ରମୋଦ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ କଣ୍ଟାପଡା ଓ ବାଗଲପୁର ପଞ୍ଚାୟତର ୪୦ ଜଣ ହିତାଧିକାରୀଙ୍କୁ ଏହି କାର୍ଡ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ କଣ୍ଟାପଡା ବିଡିଓ ସନ୍ତୋଷ କୁମାର ପତି, ପଞ୍ଚାୟତ ସମିତି ଅଧ୍ୟକ୍ଷା ସ୍ମିତାରାଣୀ ସ୍ୱାଇଁ, ଉପାଧ୍ୟକ୍ଷ ସୁଦର୍ଶନ ରାଉତରାୟ, ଜଗତ୍‌ସିଂହପୁର ଏମ୍‌ପିଙ୍କ ନୋମିନୀ ବିମାନ ବିହାରୀ ବେହେରା, ଅଡଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଭରତ ଚନ୍ଦ୍ର ମହାପାତ୍ର, କଣ୍ଟାପଡା ସରପଞ୍ଚ ପ୍ରୀତିଲତା ବେହେରା ଓ ବାଗଲପୁର ସରପଞ୍ଚ ଦ୍ୱାରିକାନାଥ ଦାଶ ପ୍ରମୁଖ ଯୋଗଦେଇଥିଲେ।

### କଟକ ସଦର ପଞ୍ଚାୟତ ସମିତି ବୈଠକ

କଟକ ସଦର, ୧୫।୧୨(ଡି.ଏନ୍.ଏ.): କଟକ ସଦର ପଞ୍ଚାୟତ ସମିତିର ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତି ଅଧ୍ୟକ୍ଷା ଶ୍ରୀମନ୍ତିନି ବେହେରା ଅନୁପସ୍ଥିତ ଥିବାରୁ ଉପାଧ୍ୟକ୍ଷ ବିଭୂତି ଭୂଷଣ ପରିଡ଼ା ପୌରୋହିତ୍ୟ କରିଥିଲେ। ବୈଠକରେ ବୋଧପୁର ପଞ୍ଚାୟତ ଉନ୍ନୟନମୂଳକ କାର୍ଯ୍ୟରେ ବିଳମ୍ବକୁ ନେଇ ସରଗରମ ଆଲୋଚନା ହୋଇଥିଲା। ସରପଞ୍ଚ ସନ୍ଧ୍ୟାରାଣୀ ବେହେରା ଓ ସମିତି ସଭ୍ୟ ବିଶ୍ୱନାଥ ବସ୍ତିଆ ବିଭିନ୍ନ ଉନ୍ନୟନ କାର୍ଯ୍ୟର ବିଳମ୍ବ ସମ୍ପର୍କରେ ବିଡିଓ ରାଜୀବ ଲୋଚନ ପରିଡାଙ୍କୁ ପ୍ରଶ୍ନ ପଚାରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗକ୍ରମେ କାର୍ଯ୍ୟରେ ମନ୍ଥରତା ଦେଖାଯାଇଛି ବୋଲି ବିଡିଓ ପରିଡ଼ା କହିଥିଲେ। ଏହାଛଡା ରାସ୍ତା ସମ୍ପର୍କରେ କିଶନନଗର ତହସିଲଦାରଙ୍କଠାରୁ ସ୍ପଷ୍ଟୀକରଣ ମଗାଯାଇଛି ବୋଲି ବୋଧପୁର ସରପଞ୍ଚଙ୍କ ଅନ୍ୟଏକ ପ୍ରଶ୍ନର ଉତ୍ତରରେ ବିଡିଓ ପରିଡ଼ା କହିଥିଲେ। ଶେଷରେ ୨୦୨୨-୨୦୨୩ ଆର୍ଥିକ ବର୍ଷର ପ୍ରକଳ୍ପ ତାଲିକା ମଞ୍ଜୁର ହୋଇଥିଲା। ଏହି ବୈଠକରେ ଅତିରିକ୍ତ ବିଡିଓ ଗିରିଜା ପ୍ରସାଦ ବାରିକଙ୍କ ସମେତ ବ୍ଲକସ୍ତରୀୟ ସମସ୍ତ ଅଧିକାରୀ ଓ ଯନ୍ତ୍ରୀ ଉପସ୍ଥିତ ରହିଥିଲେ।

# ସ୍ଥାୟୀ ଡାକ୍ତର ନାହାନ୍ତି, ଚିକିତ୍ସା ବାଧାପ୍ରାପ୍ତ

ଫୁଲନଖରା, ୧୫।୧୨(ଡି.ଏନ୍.ଏ.)


ଫୁଲନଖରା ପ୍ରାଣୀ ଚିକିତ୍ସାଳୟ।

**ଫୁଲନଖରା ପ୍ରାଣୀ ଚିକିତ୍ସାଳୟ**

- ଜଣେ ଡାକ୍ତର ଦୁଇଦିନ ପାଇଁ ଡେପୁଟେଶନରେ ଆସୁଛନ୍ତି

କଟକ ସଦର ଥାନା ଅଧୀନ ଫୁଲନଖରା ଟ୍ରାଫିକ ଛକଠାରେ ଥିବା ପ୍ରାଣୀ ଚିକିତ୍ସାଳୟରେ ସ୍ଥାୟୀ ଡାକ୍ତର ନାହାନ୍ତି। ଏଥିଯୋଗୁ ପ୍ରାଣୀ ଚିକିତ୍ସା ବାଧାପ୍ରାପ୍ତ ହେଉଛି। ଫଳରେ ଗୋପାଳନ କରି ପରିବାର ପ୍ରତିପୋଷଣ କରୁଥିବା ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ତୁରନ୍ତ ଏଠାରେ ସ୍ଥାୟୀ ଡାକ୍ତର ନିଯୁକ୍ତି ପାଇଁ ସେମାନେ ଦାବି କରିଛନ୍ତି।

୧୯୫୭ ମସିହାରେ ଏହି ପ୍ରାଣୀ ଚିକିତ୍ସାଳୟ ପ୍ରତିଷ୍ଠା ହୋଇଥିଲା। ଏହା ଉପରେ ୮୦ଟି ଗ୍ରାମର ଲୋକେ ନିର୍ଭରଶୀଳ। ହେଲେ ଏଠାରେ ଏବେ ଅଧିକାଂଶ ସମୟ ଡାକ୍ତର ରହୁ ନ ଥିବା ଅଭିଯୋଗ ହେଉଛି। ଫଳରେ ଗୋରୁମାନଙ୍କୁ ଚିକିତ୍ସା ପାଇଁ ନେଇ ଆସୁଥିବା ଲୋକେ ନିରାଶ ହୋଇ ଫେରୁଛନ୍ତି। ୨୦୧୮ରେ ଉକ୍ତ ଚିକିତ୍ସାଳୟରେ ସ୍ଥାୟୀ ଭାବେ ନିଯୁକ୍ତି ପାଇଥିବା ଜଣେ ଡାକ୍ତରଙ୍କୁ ଭୁବନେଶ୍ୱର ଶହୀଦ ନଗରସ୍ଥିତ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ନିୟୋଜିତ କରାଯାଇଛି ବୋଲି ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ମଧୁସୂଦନ ସୁବୁଦ୍ଧି କହିଛନ୍ତି। ଏଥିପାଇଁ ବାରଙ୍ଗ ପ୍ରାଣୀ ଚିକିତ୍ସାଳୟର ଡାକ୍ତର ପାର୍ଥସାରଥି ସ୍ୱାଇଁଙ୍କୁ ଫୁଲନଖରା ପ୍ରାଣୀ ଚିକିତ୍ସାଳୟକୁ ଦୁଇଦିନ ପାଇଁ ଡେପୁଟେଶନରେ ପଠାଯାଉଛି। ସେ ଏହି ଦୁଇଦିନ ଚିକିତ୍ସାଳୟକୁ ଆସୁଥିବାବେଳେ ଅନ୍ୟଦିନଗୁଡିକରେ ପ୍ରାଣୀମାନଙ୍କ ଚିକିତ୍ସା କରାଯାଇପାରୁନାହିଁ। ଏପରିକି ଚିକିତ୍ସା ଅଭାବରୁ ଗୋରୁ ଓ ମଇଁଷିଙ୍କ ମୃତ୍ୟୁ ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଫୁଲନଖରା ପ୍ରାଣୀ ଚିକିତ୍ସାଳୟରେ ନିଯୁକ୍ତି ପାଇଥିବା ଚିକିତ୍ସକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

**ଏମାନେ କୁହନ୍ତି...**

“ ଫୁଲନଖରା ପ୍ରାଣୀ ଚିକିତ୍ସାଳୟରେ ଅଧିକାଂଶ ସମୟ ଡାକ୍ତର ରହୁ ନ ଥିବାରୁ ଅନଭିଜ୍ଞ କର୍ମଚାରୀ ପ୍ରାଣୀଙ୍କ ଚିକିତ୍ସା କରୁଛନ୍ତି। ଏଥିଯୋଗୁ ଠିକ୍ ଚିକିତ୍ସା ମିଳିପାରୁନାହିଁ। ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ମୋର ୩ଟି ଛେଳିର ମୃତ୍ୟୁ ଘଟିଲା।

**ତିଲୋତ୍ତମା ଭୋଇ, ନୂଆକାଚରାମାଳ ଗ୍ରାମବାସୀ**

“ ମୁଁ ପାଳିଥିବା ଏକ ଜାପାନୀ କୁକୁର ହଠାତ୍ ଅସୁସ୍ଥ ହୋଇପଡିବାରୁ ଫୁଲନଖରା ପ୍ରାଣୀ ଚିକିତ୍ସାଳୟକୁ ନେଇଥିଲି। ହେଲେ ସେଠାରେ ଡାକ୍ତର ନ ଥିବାରୁ ନିରାଶ ହୋଇ ଫେରିବାକୁ ପଡିଥିଲା। ପରେ ଅଧିକ ଖର୍ଚ୍ଚାନ୍ତ ହୋଇ ଶହୀଦ ନଗର ପ୍ରାଣୀ ଚିକିତ୍ସାଳୟକୁ ଯାଇଥିଲି। ଚିକିତ୍ସା ସତ୍ତ୍ୱେ କୁକୁର ବଞ୍ଚିଲା ନାହିଁ।

**ସୁରେନ୍ଦ୍ର ବେହେରା, ଆମଣ ଗ୍ରାମବାସୀ**

“ ଫୁଲନଖରା ପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସା କରିବା ପାଇଁ ମୋତେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଦୁଇଟି ସ୍ଥାନରେ କାର୍ଯ୍ୟ କରିବାରେ ଅସୁବିଧା ହେଉଛି। ଏଥିଯୋଗୁ ପ୍ରାଣୀ ଚିକିତ୍ସା ବାଧାପ୍ରାପ୍ତ ହେବା ସମ୍ଭାବନା ରହିଛି।

**ପାର୍ଥସାରଥି ସ୍ୱାଇଁ, ପ୍ରାଣୀ ଚିକିତ୍ସକ**

“ ଡାକ୍ତର ନିଯୁକ୍ତି ମୋ ହାତରେ ନାହିଁ। ହେଲେ ଏ ସମ୍ପର୍କରେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣେଇଛି। ସେ ଯାହା ନିଷ୍ପତ୍ତି ନେବେ।

**ମଧୁସୂଦନ ସୁବୁଦ୍ଧି, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ**

## ଅଶ୍ଳୀଳ ଫଟୋ ଭାଇରାଲ ଘଟଣା: ଶିକ୍ଷକ ନିଲମ୍ବିତ

କଟକ ଅଫିସ, ୧୫।୧୨

ଅଶ୍ଳୀଳ ଫଟୋ ଭାଇରାଲ କରିବା ଘଟଣାରେ କଟକ ଦରଖାପାଟଣା ସତ୍‌ସଙ୍ଗ ହାଇସ୍କୁଲ ଶିକ୍ଷକ ଭରତ ଚରଣ ବେହେରାଙ୍କୁ ବୁଧବାର କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ସେ ପୂର୍ବରୁ ଦେଉଳସାହିସ୍ଥିତ ରଘୁନାଥଜୀଉ ହାଇସ୍କୁଲରେ କାର୍ଯ୍ୟ କରୁଥିଲେ। ମଙ୍ଗଳବାର ସେ ରଘୁନାଥଜୀଉ ହାଇସ୍କୁଲରୁ ସତ୍‌ସଙ୍ଗ ହାଇସ୍କୁଲକୁ ବଦଳି ହୋଇଥିଲେ। ହେଲେ ନୂତନ ବିଦ୍ୟାଳୟରେ କାର୍ଯ୍ୟରେ ଯୋଗଦେବା ପୂର୍ବରୁ ବେହେରାଙ୍କ ମୋବାଇଲ ନମ୍ବରରୁ ଛାତ୍ରୀଛାତ୍ର ଏବଂ ଶିକ୍ଷକଙ୍କ ବିଭିନ୍ନ ଗ୍ରୁପରେ ଅଶ୍ଳୀଳ ଫଟୋ ଆସିଥିଲା। ଏହା ଭାଇରାଲ ହେବାପରେ ବିଭିନ୍ନ ସ୍ଥାନରୁ ତାଙ୍କ ନାମରେ ଅଭିଯୋଗ ଆସିଥିଲା। ପରେ ରଘୁନାଥଜୀଉ ହାଇସ୍କୁଲ ପକ୍ଷରୁ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କୁ ଅବଗତ କରାଯାଇଥିଲା। ଏହାପରେ ଡିଇଓ ଉକ୍ତ ଶିକ୍ଷକଙ୍କୁ ନିଲମ୍ବିତ କରିଛନ୍ତି। ଏଥିସହ ଏହି ସମୟ ମଧ୍ୟରେ ସେ ସାଲେପୁର ଗୋପୀନାଥପୁର ହାଇସ୍କୁଲରେ ରହିବା ପାଇଁ ସ୍ଥିର କରାଯାଇଛି।

## କଂଗ୍ରେସରେ ଶତାଧିକ ଛାତ୍ର ସାମିଲ

କଟକ ଅଫିସ,୧୫।୧୨

ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମଙ୍କ ଆବାସିକ କାର୍ଯ୍ୟାଳୟରେ ବୁଧବାର ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦଳର ନୀତି, ଆଦର୍ଶ ଓ ବିଚାରଧାରା ପ୍ରତି ଆକୃଷ୍ଟ ହୋଇ ବିଧାୟକଙ୍କ ଉପସ୍ଥିତିରେ କଟକ ନଗର ଛାତ୍ର କଂଗ୍ରେସ ସଭାପତି ସୌମ୍ୟରଞ୍ଜନ ଦାସଙ୍କ ନେତୃତ୍ୱରେ କଟକର ବିଭିନ୍ନ କଲେଜର ଶତାଧିକ ଛାତ୍ର କଂଗ୍ରେସରେ ସାମିଲ ହୋଇଥିଲେ। ଛାତ୍ରମାନେ ଅଧିକରୁ ଅଧିକ ରାଜନୈତିକ ବିଧି ବ୍ୟବସ୍ଥାରେ ସକ୍ରିୟ ଅଂଶ ଗ୍ରହଣ କଲେ ଗଣତନ୍ତ୍ର ମଜଭୁତ ହେବ ବୋଲି ବିଧାୟକ କହିଥିଲେ। ଏଥିରେ କଟକ ନଗର ଛାତ୍ର କଂଗ୍ରେସ ପ୍ରଭାରୀ ସନ୍ଦୀପ ପଣ୍ଡା, କଟକ ନଗର ଜିଲା କଂଗ୍ରେସ ସଭାପତି ଗିରିବାଳା ବେହେରା, ରାଜ୍ୟ ଯୁବ କଂଗ୍ରେସ ଉପ ସଭାପତି ମହମ୍ମଦ ଅଲିମ, କଟକ ନଗର ଛାତ୍ର କଂଗ୍ରେସର ପୂର୍ବତନ ସଭାପତି ସାହିଲ ପରଭେଜ ପ୍ରମୁଖ ଉପସ୍ଥିତ ରହିଥିଲେ।



ଇ ଅଫିସ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

# ଦକ୍ଷତା ବୃଦ୍ଧିରେ ଇ-ଅଫିସ ସହାୟକ ହେବ

କଟକ ଅଫିସ, ୧୫।୧୨

ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ପ୍ରଥମଥର ପାଇଁ ଇ ଅଫିସ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ସିଣ୍ଡିକେଟ ହଲ୍‌ରେ ପଦ୍ମଶ୍ରୀ ଡ. ପ୍ରିୟମ୍ବଦା ମହାନ୍ତି ହେଜମାଦି ଏହାକୁ ଉଦ୍‌ଘାଟନ କରି କହିଥିଲେ, ପାରଦର୍ଶିତା, ଦକ୍ଷତା ବୃଦ୍ଧିରେ ଏହି ଇ-ଅଫିସ ସହାୟକ ହେବ। ଏହା ମାଧ୍ୟମରେ ବିଶ୍ୱବିଦ୍ୟାଳୟ ନୂତନ ଉଚ୍ଚତା ହାସଲ କରିପାରିବ ବୋଲି ସେ କହିଥିଲେ। ସେହିପରି ପିଜି କାଉନ୍‌ସିଲ ଅଧ୍ୟକ୍ଷା ଅସୀମା ସାହୁ କହିଛନ୍ତି, ୫-ଟି ଅଧୀନରେ ଏହାକୁ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟକାରୀ କରାଯାଇଛି। ମହାମାରୀ ସମୟରେ ଯେଉଁ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥିଲା ବର୍ତ୍ତମାନ ସେଭଳି ହେବ ନାହିଁ । ଅଫିସଠାରୁ ଦୂରରେ ରହି ମଧ୍ୟ କାର୍ଯ୍ୟ କରିହେବ। ଏହି କାର୍ଯ୍ୟକ୍ରମରେ ଡ. ବୈରାଗୀ ଚରଣ ମଲ୍ଲିକ, ପିନାକି ମହାନ୍ତି, ବି. ଶତପଥୀ ପ୍ରମୁଖ ଉପସ୍ଥିତଥିଲେ । ଭକ୍ତ ଚରଣ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଦିବ୍ୟକାଶୀ ଭବ୍ୟ କାଶୀ ଲୋକାର୍ପଣ ଉତ୍ସବ

ସାଲେପୁର,୧୫।୧୨(ଡି.ଏନ୍.ଏ.)

କଟକ ଜିଲା ଭାଜପା ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଦିବ୍ୟକାଶୀ ଭବ୍ୟ କାଶୀ ଲୋକାର୍ପଣ ଉତ୍ସବ ସାଲେପୁରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାମେଶ୍ୱର ମଣ୍ଡଳ ଅଧୀନ ସାଲେପୁର ବ୍ଲକ ଅନ୍ତର୍ଗତ ଗୋପୀନାଥ ପଞ୍ଚାୟତସ୍ଥିତ ମୁକ୍ତେଶ୍ୱର ମହାଦେବଙ୍କ ପୀଠରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଭାଜପା ସଭାପତି ପ୍ରକାଶ ଚନ୍ଦ୍ର ବେହେରା ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ସନ୍ଥ ଅଞ୍ଜନେୟା ନନ୍ଦଗିରି ଯୋଗଦେଇ କାଶୀ ବିଶ୍ୱନାଥଙ୍କ ମହିମା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ବରିଷ୍ଠ ଭାଜପା ନେତା ଦିଲୀପ ମଲ୍ଲିକ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଯାଜ୍ଞସେନୀ ଜେନା, ସୁବ୍ରତ ମିଶ୍ର ଓ ଅଶ୍ୱିନୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ଜିଲା ଭାଜପା ସାଧାରଣ ସମ୍ପାଦକ ରାମନାରାୟଣ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଦିଲୀପ କୁମାର ରାଉତ, ବିଶ୍ୱରଞ୍ଜନ ଦାଶ, ପୂର୍ଣ୍ଣିମା ବସ୍ତିଆ, ଅମୂଲ୍ୟ ବେହେରା ଓ ଲକ୍ଷ୍ମୀଧର ନାଥ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଅଟଳ ଟିଙ୍କରିଂ ଲାବରେଟୋରିଜ ଉଦ୍‌ଘାଟିତ



ପ୍ରକଳ୍ପକୁ ଅତିଥି ଓ ଛାତ୍ରୀଛାତ୍ରମାନେ ଦେଖୁଛନ୍ତି।

କଟକ ଅଫିସ, ୧୫।୧୨

ସିଡିଏ ସେକ୍ଟର-୯ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅଟଳ ଟିଙ୍କରିଂ ଲାବରେଟୋରିଜ୍ (ଏଟିଏଲ୍) ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଭାରତୀର ପୂର୍ବକ୍ଷେତ୍ର ସଂଗଠନ ମନ୍ତ୍ରୀ ଦିବାକର ଘୋଷ ଏହାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଉପସଭାପତି ସତ୍ୟଜିତ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ମୁଖ୍ୟବକ୍ତା ଭାବେ ଡ. କିଶୋର ଚନ୍ଦ୍ର ମହାନ୍ତି, ସମ୍ମାନିତ ଅତିଥି ଭାବେ ବୈଜ୍ଞାନିକ ମାନସ କୁମାର ଦଳାଇ ଓ ବିଶ୍ୱଜିତ୍ ବେହେରା ଯୋଗଦେଇ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକଳ୍ପ ଦେଖିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ସତ୍ୟବ୍ରତ ମହାନ୍ତି, ଆଚାର୍ଯ୍ୟା ସଂଘମିତ୍ରା ଦାସ, ଝରେନ୍ଦ୍ର ନାଥ ସିଂ ଉପସ୍ଥିତ ଥିଲେ। ପ୍ରଧାନଆଚାର୍ଯ୍ୟ ସୁକାନ୍ତ କୁମାର ସାହୁ ଅତିଥି ପରିଚୟ ଓ କୋଷାଧ୍ୟକ୍ଷ ମନୋରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ।

## ଶିଶିର ଉତ୍ସବ

କଟକ ଅଫିସ, ୧୫।୧୨

ସାହିତ୍ୟ ସଂସଦ ପକ୍ଷରୁ ୬୨ତମ ଶିଶିର ଉତ୍ସବ ବୁଧବାର ଖାନ୍‌ନଗରସ୍ଥିତ କାଳୀଭବନଠାରେ ଉଦ୍‌ଘାଟିତ ହୋଇଯାଇଛି। ଡା. ଦୀନବନ୍ଧୁ ମହାରଣା ଏହାକୁ ଉଦ୍‌ଘାଟନ କରିଥିଲେ। ଗାଳ୍ପିକ ରଘୁନାଥ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ଡ. ବିନୋଦ କୁମାର ମଲ୍ଲିକ, ମୁଖ୍ୟବକ୍ତା ଭାବେ ତ୍ରିଲୋଚନ ମହାଲିକ ଯୋଗଦେଇ ସାହିତ୍ୟ ଓ ସାମ୍ବାଦିକତା ଶୀର୍ଷକ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ମୈତ୍ରୀ ଭୂଷଣ ଖୁଣ୍ଟିଆ ଓ ବିଭୁଦତ୍ତ ଖଣ୍ଡାୟତରାୟଙ୍କ ସଂଯୋଜନାରେ ୯ଟି କ୍ଷୁଦ୍ରଗଳ୍ପ ପାଠ କରାଯାଇଥିଲା। ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଜିତ କୁମାର ମହାପାତ୍ର ପ୍ରାରମ୍ଭିକ ସୂଚନା ଓ ସଙ୍ଗଠନ ସମ୍ପାଦକ ସୁରଜିତ ନାଥ ଧନ୍ୟବାଦ ଦେଇଥିଲେ।

# ଫାଇନାଲରେ ୟୁନାଇଟେଡ୍ କ୍ଲବ

ଟିଗିରିଆ,୧୫।୧୨(ଡି.ଏନ୍.ଏ.)

**ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

ଟିଗିରିଆ ବ୍ଲକ ଅନ୍ତର୍ଗତ ପଙ୍କାଳସ୍ଥିତ ଇନ୍ଦିରାଗାନ୍ଧୀ ମିନିଷ୍ଟାଡ଼ିୟମରେ ଯୁବଜ୍ୟୋତି କ୍ଲବ ପକ୍ଷରୁ ଚାଲିଥିବା ୧୫ତମ ଫଜୁଲ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଦ୍ରକର ୟୁନାଇଟେଡ କ୍ଲବକୁ ୩-୧ ଗୋଲରେ ଜୟଦୁର୍ଗା କ୍ଲବ(ଖୋର୍ଦ୍ଧା)କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଖେଳର ପ୍ରଥମାର୍ଦ୍ଧରେ ୟୁନାଇଟେଡ଼ କ୍ଲବର ମହମ୍ମଦ ଆକ୍ରମ ଓ ବିରା ଅନୁରାଗ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧରେ ବିରା ଅନ୍ୟଏକ ଗୋଲ ସ୍କୋର କରି ଦଳକୁ ୩-୦ ଅଗ୍ରଣୀ କରିଥିଲେ। ଏହି ସମୟରେ ଜୟଦୁର୍ଗା କ୍ଲବର ୧୫ନଂ. ଖେଳାଳି ସନ୍ତୋଷ ଶାସ୍ତ୍ରୀ ଏକ ପେନାଲଟି ଶର୍ଟକୁ ଗୋଲରେ ପରିଣତ କରି ଦଳ ପାଇଁ ଶାନ୍ତ୍ୱନାମୂଳକ ସ୍କୋର କରିବାକୁ ସକ୍ଷମ ହୋଇଥିଲେ। ମ୍ୟାଚରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଫେସର ଅବଦୁଲ୍ଲ ଇସ୍‌ମାଇଲ ଖାଁ, ସମ୍ମାନିତ ଅତିଥିଭାବେ ପୂର୍ବତନ ସମିତି ସଭ୍ୟ ଜୈନୁଲ ଆବେଦିନ ଖାଁ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚକୁ ରେଫରି ଅନିଲ ନନ୍ଦ ପରିଚାଳନା କରିଥିଲେ। ତାଙ୍କୁ ଲାଇନରେ ଆଶୀର୍ବାଦ କାନୁନଗୋ ଓ ଦେବରାଜ ସାମଲ ସହାୟତା କରିଥିଲେ। ୪ର୍ଥ ରେଫରିଭାବେ ଅଫଜଲ ଖାଁ ଓ ସମସୁର ଖାଁ ଦାୟିତ୍ୱ ନିର୍ବାହ କରିଥିଲେ। ଗୁରୁବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ କିଶୋର କ୍ଲବ ଭୁବନେଶ୍ୱର ଓ ନୟାଗଡ ଇଲେଭେନ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ପ୍ରକାଶ କରିଛନ୍ତି।

## ଅଭିଯୁକ୍ତଙ୍କୁ ଘରୁ ଉଠାଇନେଲା ସୋର ପୋଲିସ

**କାର୍ ଚୋରି ଅଭିଯୋଗ**

ନିଶ୍ଚିନ୍ତକୋଇଲି,୧୫।୧୨ (ସ୍ୱ.ପ୍ର.)

କାର ଚୋରି ଅଭିଯୋଗରେ ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳର ଜଣେ ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କ ପୁଅକୁ ବାଲେଶ୍ୱର ଜିଲା ସୋର ଥାନା ପୋଲିସ ବୁଧବାର ଉଠାଇ ନେଇଛି। ସେ ହେଲେ କଟିକଟା ପଞ୍ଚାୟତ ଅନ୍ତର୍ଗତ ପଶ୍ଚିମଖଣ୍ଡଭୋଳ ଗ୍ରାମର ଭାସ୍କର କରଙ୍କ ପୁତ୍ର ମନୋରଞ୍ଜନ। ସେ ଘରେ ଏକ ଚୋରା କାର୍ ନମ୍ବର ବଦଳାଉଥିବାବେଳେ ସୋର ପୋଲିସ ତାଙ୍କ ଘର ଉପରେ ନିଶ୍ଚିନ୍ତକୋଇଲି ପୋଲିସ ସହାୟତାରେ ଚଢ଼ାଉ କରିଥିଲା। ସମ୍ପୃକ୍ତ ଗାଡ଼ି ସୋରରୁ ଚୋରି ହୋଇଥିବା ପୋଲିସ ସୂତ୍ରରୁ ପ୍ରକାଶ।

# ୧୬ରୁ ମହାନଦୀ ଉତ୍ସବ

କଟକ ଅଫିସ, ୧୫।୧୨

- ଖୋଲିବ ଓର୍‌ମାସ ଷ୍ଟଲ
- ପରିବେଷଣ ହେବ ସାଂସ୍କୃତିକ କାର୍ଯ୍ୟକ୍ରମ

ରାଜ୍ୟ ଜଳ ସମ୍ପଦ ଓ ଜିଲା ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଆସନ୍ତା ୧୬ରୁ ୨୦ ତାରିଖ ପର୍ଯ୍ୟନ୍ତ କଟକ ବାଲିଯାତ୍ରା ଉପର ପଡିଆରେ ମହାନଦୀ ଉତ୍ସବ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ୫ ଦିନ ବ୍ୟାପୀ ମହାନଦୀ ଆଳତି ସହ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ସେହିପରି ପ୍ରତ୍ୟେକ ଦିନ ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପରିବେଶ ସନ୍ତୁଳନକୁ ନେଇ ଆଲୋଚନାଚକ୍ର, ବକ୍ତୃତା, ଚିତ୍ରାଙ୍କନ, ପ୍ରବନ୍ଧ, କବିତା ପ୍ରତିଯୋଗିତା କରାଯିବ। ତେବେ ମହାନଦୀ ଉତ୍ସବ ପ୍ରତ୍ୟହ ଅପରାହ୍ନ ୨ଟାରୁ ରାତି ୮.୩୦ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ କେବଳ ୧୬ ତାରିଖରେ ଅପରାହ୍ନ ୪ଟାରୁ ରାତି ୮.୩୦ ପର୍ଯ୍ୟନ୍ତ ଚାଲିବ। ଏହି ଉପଲକ୍ଷେ ଓର୍‌ମାସ ପକ୍ଷରୁ ବିଭିନ୍ନ ଷ୍ଟଲ ଖୋଲାଯିବ ବୋଲି ବୁଧବାର ବାଲିଯାତ୍ରା ଉପର ପଡିଆରେ ଆୟୋଜିତ ଖବରଦରତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ଓର୍‌ମାସର ମୁଖ୍ୟ କାର୍ଯ୍ୟନିର୍ବାହୀ ବିପିନ ରାଉତଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହିଥିଲେ। ସୂଚନାଯୋଗ୍ୟ, ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରାଯାଉଛି। ଏହି ମହୋତ୍ସବକୁ ଅଧିକ ଉଜ୍ଜୀବିତ କରିବା ପାଇଁ ଦେଶର ୧୦ଟି ନଦୀରେ ଆଳତି ବନ୍ଦାପନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

# ‘କୃଷକ କଲ୍ୟାଣକାରୀ ଯୋଜନା ଚାଷୀଙ୍କ ନିକଟରେ ପହଞ୍ଚାଅ’

କଟକ ଅଫିସ, ୧୫।୧୨


ବୈଠକରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ସହ ଅନ୍ୟମାନେ।

**ଭାଜପା କୃଷକ ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ**

କଟକ ସାରଳା ଭବନରେ ଭାଜପା କୃଷକ ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି, ଅନ୍ୟ ଅତିଥି ଭାବେ ଛତିଶଗଡ଼ର ପୂର୍ବତନ ମନ୍ତ୍ରୀ ତଥା କୃଷକ ମୋର୍ଚ୍ଚା ଓଡ଼ିଶା ପ୍ରଭାରୀ ପିଙ୍କି ଶିବରାଜ, ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର, କୃଷକ ମୋର୍ଚ୍ଚା ରାଷ୍ଟ୍ରୀୟ ସମ୍ପାଦକ ବିଜୟ ଖାଲକୋ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦୀଲୀପ ସ୍ୱାଇଁ, କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଲକ୍ଷ୍ମଣ ବାଗ, କଟକ ନଗର ଭାଜପା ସଭାପତି ଲଲାଟେନ୍ଦୁ ବସ୍ତ୍ରୁ, ବରିଷ୍ଠ ନେତା ରଞ୍ଜନ ପଟେଲ ପ୍ରମୁଖ ଯୋଗଦେଇଥିଲେ। କର୍ଟ୍‌ନି ଛଟ୍‌ନି ଦ୍ୱାରା ଚାଷୀଙ୍କୁ କ୍ଷତି ପହଞ୍ଚାଉଥିବା ମିଲରଙ୍କୁ ଗିରଫ ନ କରିବା, ଗତ ବାତ୍ୟାରେ କ୍ଷୟକ୍ଷତି ଆକଳନ କରିବାକୁ ଆସିଥିବା କେନ୍ଦ୍ରୀୟ ଟିମ୍‌କୁ ଅସହଯୋଗ ରାଜ୍ୟ ସରକାରଙ୍କ ଚାଷୀ ବିରୋଧୀ ନୀତି ବୋଲି ଅଭିହିତ କରିଥିଲେ। ରାଜ୍ୟ ସଭାପତି ମହାନ୍ତି କହିଥିଲେ, କେନ୍ଦ୍ର ସରକାରଙ୍କ କୃଷକ କଲ୍ୟାଣକାରୀ ଯୋଜନାର ସୁଫଳ ଚାଷୀଙ୍କ ନିକଟରେ ପହଞ୍ଚାଇବା ପାଇଁ ମୋର୍ଚ୍ଚା କାର୍ଯ୍ୟକର୍ତ୍ତା ତୃଣମୂଳ ସ୍ତରରୁ କାର୍ଯ୍ୟ କରିବା ଆବଶ୍ୟକ। ରାଜ୍ୟ ଉପସଭାପତି ହୃଷୀକେଶ ଜେନା କାର୍ଯ୍ୟକାରିଣୀରେ ଚିଠା ପ୍ରସ୍ତାବ ଆଗତ କରିଥିଲେ। ଉକ୍ତ ବୈଠକରେ ରାଜ୍ୟର ସମସ୍ତ ଜିଲା ସଭାପତି ଓ ସାଧାରଣ ସମ୍ପାଦକ ମାନଙ୍କ ସହିତ ରାଜ୍ୟ କାର୍ଯ୍ୟକାରିଣୀର ଶତାଧିକ କାର୍ଯ୍ୟକର୍ତ୍ତା ଏଥିରେ ଯୋଗଦେଇଥିଲେ । ବୈଠକରେ ବରିଷ୍ଠ ନେତା ଯତୀନ ମହାନ୍ତି, ଠାକୁର ରଣଜିତ ଦାସ, କୃଷ୍ଣଚନ୍ଦ୍ର ଜଗଦେବ, ମହେଶ୍ୱର ସାହୁ, ଦିଲ୍ଲୀପ ମଲ୍ଲିକ, ନୟନ କିଶୋର ମହାନ୍ତି, ଶୁଭ୍ରାଂଶୁ ପାଢ଼ୀ, ବ୍ରଜେନ୍ଦ୍ର ରାୟ, ସତ୍ୟବାଦୀ ଚଇନି, ପୂର୍ଣ୍ଣଚନ୍ଦ୍ର ଜେନା, ସ୍ମୃତି ପଟ୍ଟନାୟକ, ରଶ୍ମିରେଖା ଦାସ, ରଣଜିତ ବୋଷ, ସୁଶାନ୍ତ ମହାନ୍ତିଙ୍କ ସମେତ ରାଜ୍ୟର ସମସ୍ତ ଜିଲା ସଭାପତି ଓ ସାଧାରଣ ସମ୍ପାଦକ ଯୋଗଦେଇଥିଲେ।

**୪ ବଖରା ଜଳିଗଲା**

**କଟକ ସଦର,(ଡି.ଏନ୍.ଏ.):** କିଶନନଗର ତହସିଲ ଅନ୍ତର୍ଗତ ରଟିଲୋ ଗ୍ରାମରେ ମଙ୍ଗଳବାର ରାତିରେ ଅଗ୍ନିକାଣ୍ଡ ଘଟି କୃଷ୍ଣଚନ୍ଦ୍ର ପ୍ରଧାନ, ଚିତ୍ତରଞ୍ଜନ ପ୍ରଧାନ, ଅଶୋକ ପ୍ରଧାନ ଓ ମୀନକେତନ ପ୍ରଧାନଙ୍କର ୪ ବଖରା ଜଳିଯାଇଛି। ଏଥିରେ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡିଯାଇଛି। ଖବରପାଇ ସାଲେପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ବିପନ୍ନ ପରିବାର ନିକଟସ୍ଥ ଅଙ୍ଗନୱାଡି କେନ୍ଦ୍ରରେ ଆଶ୍ରୟ ନେଇଛନ୍ତି। କିଶୋରନଗର ଅଞ୍ଚଳର ବିପଦର ବନ୍ଧୁ ସେବା ସଙ୍ଗଠନ ପକ୍ଷରୁ ସେମାନଙ୍କୁ ଲୁଗା, ଶୀତବସ୍ତ୍ର ଓ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଇଛି। ସ୍ଥାନୀୟ ତହସିଲ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଇଛି। ସରକାର ବିପନ୍ନ ପରିବାରକୁ ବିଜୁପକ୍କା ଘର ଯୋଗାଇଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ମହିଳାଙ୍କ ଆତ୍ମହତ୍ୟା ଘଟଣା, ସ୍ୱାମୀ କୋର୍ଟ ଚାଲାଣ

**ଖୁଣ୍ଟୁଣୀ, ୧୫।୧୨(ଡି.ଏନ୍.ଏ.)**

ମହିଳା ଆତ୍ମହତ୍ୟା କରିବା ଘଟଣାରେ ଖୁଣ୍ଟୁଣୀ ପୋଲିସ ତାଙ୍କ ସ୍ୱାମୀ ପ୍ରକାଶ ବେହେରାଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଅଭିଯୋଗ ଅନୁଯାୟୀ, ଖୁଣ୍ଟୁଣୀ ଗ୍ରାମର ସଙ୍ଗୀତା ବେହେରା ଏହି ଥାନା ଅଧୀନ ଧୁରୁଷିଆ ଗ୍ରାମର ପ୍ରକାଶଙ୍କୁ ବିବାହ କରିଥିଲେ। ବିବାହର ୧୫ ଦିନ ପରେ ଶାଶୁଘର ଲୋକେ ସଙ୍ଗୀତାଙ୍କୁ ଯୌତୁକ ପାଇଁ ନିର୍ଯାତନା ଦେଇଥିଲେ। ସେ ନିର୍ଯାତନା ସହି ନ ପାରି ବାପଘରକୁ ଚାଲି ଆସିଥିଲେ। ପରବର୍ତ୍ତୀ ସମୟରେ ସ୍ୱାମୀ ଓ ଶାଶୁଘର ଲୋକେ ବାରମ୍ବାର ଫୋନ କରି ଯୌତୁକ ଆଣିବାକୁ କହିଥିଲେ। ଫଳରେ ସଙ୍ଗୀତା ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ତାଙ୍କ ଭାଇ ସଂଗ୍ରାମ ଖୁଣ୍ଟୁଣୀ ଥାନାରେ ମଙ୍ଗଳବାର ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଡାକ୍ତରଖାନା ପଠାଇବା ସହ ଏକ ମାମଲା (ନଂ.୧୬୭/୨୧) ରୁଜୁ କରିଥିଲା।

# ଘର ଆଗରୁ ପିଣ୍ଡି ହଟାଯାଉ

**ନିଶ୍ଚିନ୍ତକୋଇଲି, ୧୫।୧୨(ସ୍ୱ.ପ୍ର.)**

ଘର ଆଗରୁ ପିଣ୍ଡି ହଟାଇବା ଦାବିରେ ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗୋଟିଏ ପରିବାରର ୫ ସଦସ୍ୟ ବୁଧବାର ଧାରଣା ଦେଇଛନ୍ତି। ଏହି ତହସିଲ ଅଧୀନ ହରିରାଜପୁର ମୌଜାର ଦିଲୀପ କୁମାର ମଲ୍ଲିକଙ୍କ ପୁଅ କାନୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗ୍ରାମରେ ପକ୍କାଘର କରିଥିଲେ। ମାତ୍ର ଗ୍ରାମର କିଛି ଲୋକେ ତାଙ୍କ ଘର ସମ୍ମୁଖରେ ଥିବା ଗୋଚର ଜମିରେ ପିଣ୍ଡି ନିର୍ମାଣ କରିଥିଲେ। ଫଳରେ ଦିଲୀପଙ୍କ ଘର ରାସ୍ତା ଅବରୋଧ ହୋଇଯିବାରୁ



ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପରିବାର ସଦସ୍ୟ ଧାରଣାରେ ବସିଛନ୍ତି।

ସେମାନଙ୍କୁ ବାହାରକୁ ବାହାରିବାରେ ସମସ୍ୟା ହୋଇଥିଲା। ଏନେଇ ଦିଲୀପ ଆରଡିସି, ଜିଲାପାଳ, ଉପଜିଲାପାଳ ଓ ତହସିଲଦାରଙ୍କ ନିକଟରେ ଅଭିଯୋଗ

**ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା**

କରିଥିଲେ। ଏହାପରେ ଉପଜିଲାପାଳ ପତ୍ର ନଂ. ୮୯୩୪ /୮।୯।୨୧ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ତହସିଲ ପକ୍ଷରୁ ପତ୍ର ନଂ.୩୦୫୮/୧୧।୧୧।୨୧ ଅନୁଯାୟୀ, ଜବରଦଖଲ ପିଣ୍ଡି ହଟାଇବାକୁ ସର୍ବସାଧାରଣରେ ନୋଟିସ କରାଯାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ଅବରୋଧ ହଟିନାହିଁ ବୋଲି ଦିଲୀପ ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି।

## ୟୁଜି, ପିଜିର ସମସ୍ତ ପରୀକ୍ଷା ଅଫ୍‌ଲାଇନ୍‌ରେ ହେବ

**ଭୁବନେଶ୍ୱର, ୧୫।୧୨(ବ୍ୟୁରୋ)**

ଏଣିକି ୟୁଜି ଓ ପିଜିର ସମସ୍ତ ପରୀକ୍ଷା ଅଫ୍‌ଲାଇନ୍ ମୋଡ୍‌ରେ ହେବ। ଏ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି। ବୁଧବାର ବିଭାଗୀୟ ସଚିବ ଶାଶ୍ୱତ ମିଶ୍ର ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତି ଏବଂ ସରକାରୀ ଓ ବେସରକାରୀ କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଜଣାଇଛନ୍ତି। ରାଜ୍ୟର ସମସ୍ତ କଲେଜ, ବିଶ୍ୱବିଦ୍ୟାଳୟରେ ୟୁଜି ଓ ପିଜିର ବାର୍ଷିକ ଏବଂ ସେମିଷ୍ଟର ପରୀକ୍ଷା ଅଫ୍‌ଲାଇନ୍ ମୋଡ୍‌ରେ କରିବା ପାଇଁ ଚିଠିରେ ଉଲ୍ଲେଖ କରାଯାଇଛି। ତେବେ କୋଭିଡ୍ ଗାଇଡ୍‌ଲାଇନ୍‌କୁ କଡ଼ାକଡ଼ି ଭାବେ ପାଳନ କରି ପରୀକ୍ଷା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ଜବରଦଖଲ ମୁକ୍ତ ପାଇଁ ଜିଲା ପ୍ରଶାସନକୁ ଚିଠି

**କଣ୍ଟାପଡା, ୧୫।୧୨(ଡି.ଏନ୍.ଏ.)**

କଟକ ଜିଲା ଓଲଟପୁରଠାରେ ଥିବା ଏସ୍‌ଭି ନିର୍ତାର ଦିବ୍ୟାଙ୍ଗ ସ୍ୱାସ୍ଥ୍ୟ ଓ ଗବେଷଣା ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରୁ ଜବରଦଖଲ ଉଚ୍ଛେଦ କରାଯାଉ। ଏ ନେଇ ନିର୍‌ତାର ପ୍ରଶାସନିକ ଉପନିର୍ଦ୍ଦେଶକ ରଶ୍ମିରଞ୍ଜନ ସେଠୀ କଟକ ଜିଲାପାଳଙ୍କୁ ଚିଠିଲେଖି ଜଣାଇଛନ୍ତି। ସେଥିରେ ଉଲ୍ଲେଖ କରାଯାଇଛି, ପ୍ରତିଦିନ ଚିକିତ୍ସା ପାଇଁ ନିର୍‌ତାରକୁ ୩୦୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଓ ସେମାନଙ୍କ ସହାୟକ ଆସୁଛନ୍ତି। ହେଲେ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଜବରଦଖଲ ଯୋଗୁ ସେମାନେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ନିର୍‌ତାରକୁ ରାଜ୍ୟ ଓ ରାଜ୍ୟ ବାହାରୁ ଛାତ୍ରୀଛାତ୍ରମାନେ ଆସି ପାଠ ପଢୁଛନ୍ତି। ଛାତ୍ରୀନିବାସ ପାଚେରୀ ନିକଟ ସ୍ଥାନକୁ କେତେଜଣ ବ୍ୟକ୍ତି ଜବରଦଖଲ କରି ବ୍ୟବସାୟ କରୁଛନ୍ତି। ଏଥିଯୋଗୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଥିବାବେଳେ ବିଭିନ୍ନ ସମୟରେ ଗଣ୍ଡଗୋଳ ଘଟୁଛି। ଏହା ଏକ କେନ୍ଦ୍ରୀୟ ଅନୁଷ୍ଠାନ ହୋଇଥିବାରୁ ବିଭିନ୍ନ ସମୟରେ ଅନ୍ୟ ଦେଶର ଛାତ୍ରୀଛାତ୍ରମାନେ ଏଠାକୁ ଗବେଷଣା ପାଇଁ ଆସିଥାନ୍ତି। ଅପରପକ୍ଷେ ଜବରଦଖଲ ଯୋଗୁ କେନ୍ଦ୍ରୀୟ ଅଧିକାରୀମାନେ ଉକ୍ତ ଅନୁଷ୍ଠାନକୁ ଅଣଓସାରିଆ ରାସ୍ତାରେ ଯାତାୟାତ କରିବାକୁ ବାଧ ହୋଇଥାନ୍ତି। ଜିଲା ପ୍ରଶାସନ ଏହାକୁ ଗୁରୁତର ସହ ବିଚାର କରି ପଦକ୍ଷେପ ନେବାକୁ ଚିଠିରେ ଉଲ୍ଲେଖ କରାଯାଇଛି।

## ବ୍ୟାଙ୍କ ଧର୍ମଘଟ ସଫଳ କରିବାକୁ ଆହ୍ୱାନ

**କଟକ ଅଫିସ, ୧୫।୧୨**

କେନ୍ଦ୍ର ସରକାରଙ୍କର ବ୍ୟାଙ୍କ ଘରୋଇକରଣ ନିଷ୍ପତ୍ତି ବିରୋଧରେ ୟୁନାଇଟେଡ ଫୋରମ ଅଫ୍ ବ୍ୟାଙ୍କ ୟୁନିୟନ(ୟୁଏଫ୍‌ବିୟୁ) ପକ୍ଷରୁ ଆସନ୍ତା ୧୬ ଓ ୧୭ ତାରିଖରେ ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ ଡାକରା ଦିଆଯାଇଛି। ଏହି ଧର୍ମଘଟକୁ ସଫଳ କରିବା ପାଇଁ କଟକର ବ୍ୟାଙ୍କ କର୍ମଚାରୀ ଓ ଅଫିସରଙ୍କ ପକ୍ଷରୁ ରାଣୀହାଟସ୍ଥିତ ବ୍ୟାଙ୍କ ଅଫ ଇଣ୍ଡିଆ ସମ୍ମୁଖରେ ବୁଧବାର ଏକ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଯୋଜକ ବିଶୁଦ୍ଧ ଚକ୍ର ଦାସ ଯୋଗଦେଇ ସରକାରୀ ବ୍ୟାଙ୍କ, ଗ୍ରାମ୍ୟ ବ୍ୟାଙ୍କ, ଘରୋଇ ବ୍ୟାଙ୍କର କର୍ମଚାରୀ ଓ ଅଫିସର ଧର୍ମଘଟରେ ଭାଗ ନେଉଥିବାରୁ ସମସ୍ତ ବ୍ୟାଙ୍କ ବନ୍ଦ ରହିବ ବୋଲି କହିଥିଲେ। ଏଥିସହ ବ୍ୟାଙ୍କ ଧର୍ମଘଟକୁ ସଫଳ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଏହି ବିକ୍ଷୋଭରେ କିଶୋର ଜେନା, ମୋହନ ବେହେରା, ଉପେନ୍ଦ୍ର ମହାନ୍ତି, ମନୋଜ ରାଉତ, ଦିଲ୍ଲୀପ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ସୂଚନାଯୋଗ୍ୟ, କେନ୍ଦ୍ର ସରକାର ବ୍ୟାଙ୍କ ଘରୋଇକରଣ ପାଇଁ ସଂସଦର ଚଳିତ ଅଧିବେଶନରେ ବ୍ୟାଙ୍କିଙ୍ଗ ଆଇନ (ସଂଶୋଧନ)୨୦୨୧ ବିଲ୍ ଆଣିବାକୁ ଯାଉଛନ୍ତି। ଏନେଇ ମଙ୍ଗଳବାର ଓ ବୁଧବାର କେନ୍ଦ୍ର ଶ୍ରମ କମିଶନରଙ୍କ ମଧ୍ୟସ୍ଥତାରେ ହୋଇଥିବା ଆଲୋଚନା ବିଫଳ ହୋଇଛି। ଫଳରେ ୟୁନିୟନ ପକ୍ଷରୁ ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ ଡାକରା ଦିଆଯାଇଛି।

# ଉଠାଦୋକାନୀଙ୍କଠୁ ଜରିମାନା ଆଦାୟ ପ୍ରତିବାଦରେ ବିକ୍ଷୋଭ




କଟକ ଉଠାଦୋକାନୀ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

**କଟକ ଅଫିସ, ୧୫।୧୨**

ବାଦାମବାଡିରେ ଉଠାଦୋକାନୀଙ୍କ ଠାରୁ ପୋଲିସ ଜରିମାନା ଆଦାୟ କରିବା ପ୍ରତିବାଦରେ କଟକ ଉଠାଦୋକାନୀ ସଂଘ ପକ୍ଷରୁ ସ୍ଥାନୀୟ ଅନୁଗୋଳ ବସ୍‌ଷ୍ଟାଣ୍ଡଠାରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାପରେ ସଂଘ ପକ୍ଷରୁ ଏକ ଦାବିପତ୍ର ଜୋନ-୬ ଏସିପି ଶୁଭନାରାୟଣ ମୁଦୁଲିଙ୍କୁ ଦିଆଯାଇଥିଲା। ସଂଘ ସମ୍ପାଦକ ବିନୋଦ ବେହେରା କହିଛନ୍ତି, ସିଏମ୍‌ସି ପକ୍ଷରୁ ଉଠା ଦୋକାନୀମାନଙ୍କୁ ପରିଚୟପତ୍ର ଦିଆଯାଇଛି। ଉଠା ଦୋକାନୀମାନେ ମଧ୍ୟ ବ୍ୟବସାୟ ନିମନ୍ତେ ସିଏମ୍‌ସିକୁ ମାସିକ ଦେୟ ଦେଉଛନ୍ତି। ଏହାସତ୍ତ୍ୱେ ପୋଲିସ ସେମାନଙ୍କଠାରୁ ଜରିମାନା ଆଦାୟ କରୁଛି। ଏଣୁ ଅନ୍ୟାୟ ଭାବେ ଉଠାଦୋକାନୀମାନଙ୍କୁ ହଇରାଣ କରିବା, ଜିନିଷପତ୍ର ଫୋପାଡି ଦେବା ଓ ଜରିମାନା ଆଦାୟ ବନ୍ଦ କରିବା ପାଇଁ ବେହେରା ଦାବି କରିଛନ୍ତି। ସଂଘ ସଭାପତି ଅମରେନ୍ଦୁ ମହାନ୍ତି, ଛବି ଖୁଣ୍ଟିଆ, ଶିବ ବେହେରା, ନେନା ଦେହୁରୀ, ସନ୍ତୋଷ ଖଟୁଆ ପ୍ରମୁଖ ଏସିପିଙ୍କୁ ଉକ୍ତ ଦାବିପତ୍ର ପ୍ରଦାନ କରିଥିଲେ।

## ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ତଦାରଖ କଲେ ବିଧାୟକ

**ଚୌଦ୍ୱାର, ୧୫।୧୨(ଡି.ଏନ୍.ଏ.)**

ଦୀର୍ଘଦିନ ଧରି ବନ୍ଦ ରହିଥିବା ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ବୁଧବାରଠାରୁ ଆରମ୍ଭ ହୋଇଛି। ତେବେ ରାସ୍ତା କାମ ତଦାରଖ କରିବାକୁ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେ ଠିକାସଂସ୍ଥାର କର୍ମଚାରୀଙ୍କ ସହିତ ଆଲୋଚନା କରିବା ସହ ରାସ୍ତାରେ ପ୍ରତିଦିନ ପାଣି ସିଞ୍ଚନ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ।

## ଦୁର୍ଘଟଣାରେ ଯୁବକ ମୃତ

**ନିଶ୍ଚିନ୍ତକୋଇଲି, ୧୫।୧୨(ସ୍ୱ.ପ୍ର.):** କଟକ-ଚାନ୍ଦବାଲି ରାସ୍ତାର କେନ୍ଦୁପାଟଣାଛକ ନିକଟରେ ହୋଇଥିବା ସଡକ ଦୁର୍ଘଟଣାରେ ଗୁରୁତର ହୋଇଥିବା ଯୁବକଙ୍କ ବୁଧବାର ଚିକିତ୍ସାଧୀନ ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ସେ ହେଲେ ନିଶ୍ଚିନ୍ତକୋଇଲି ବ୍ଲକ ସରପଡା ପଞ୍ଚାୟତ ଅନ୍ତର୍ଗତ ସାଧୁପୁର ଗ୍ରାମର କେଶବ ଓଝା(୩୦)। ସେ ମଙ୍ଗଳବାର ରାତିରେ ଏକ ବାଇକ୍‌ରେ ସାଲେପୁର ଅଭିମୁଖେ ଯାଉଥିଲେ। କେନ୍ଦୁପାଟଣାଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ କେଶବଙ୍କୁ ଉଦ୍ଧାର କରି ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଥିଲେ। ତାଙ୍କ ମୃତ୍ୟୁ ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ବଢ଼ିବ ଶୀତର ପ୍ରକୋପ

**ଭୁବନେଶ୍ୱର, ୧୫।୧୨(ବ୍ୟୁରୋ)**

ରାଜ୍ୟରେ ଆସନ୍ତା ୫ଦିନ ଯାଏ ପାଗ ମୁଖ୍ୟତଃ ଶୁଖିଲା ରହିବ। କିନ୍ତୁ ଶୀତର ପ୍ରକୋପ ବଢ଼ିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ଉତ୍ତର-ପଶ୍ଚିମ ତଥା ଉତ୍ତର ଦିଗରୁ ଓଡ଼ିଶା ମଧ୍ୟକୁ ବୁଧବାରଠାରୁ ଥଣ୍ଡା ଶୁଷ୍କ ବାୟୁ ପ୍ରବେଶ କରିଛି। ତେଣୁ ଆଗାମୀ ୪ରୁ ୫ ଦିନ ଯାଏ ରାତ୍ରକାଳୀନ ତାପମାତ୍ର ୨ ରୁ ୩ ଡିଗ୍ରୀ ଯାଏ କମିବ ଓ ଶୀତର ପ୍ରକୋପ ବଢ଼ିବ। ତେବେ ଉପରିଭାଗରେ ଜଳୀୟବାଷ୍ପର ବ୍ୟାପକ ଉପସ୍ଥିତି ଯୋଗୁ ରାଜ୍ୟରେ ପ୍ରାୟ ଅଞ୍ଚଳରେ ଦିନ ତାପମାତ୍ରା ସ୍ୱାଭାବିକଠାରୁ କମ୍ ସହ ପାଗ ଧୂଆଁଳିଆ ରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ସେପଟେ ବୁଧବାର ଉପକୂଳ ଓଡ଼ିଶାରେ ରାତ୍ରକାଳୀନ ତାପାମାତ୍ରା ୦.୫ରୁ ୧.୫ ଡିଗ୍ରୀ ଯାଏ ତଳକୁ ଖସିଥିବାବେଳେ ଆଭ୍ୟନ୍ତରୀଣ ଓଡ଼ିଶାରେ ୦.୫ରୁ ୨ ଡିଗ୍ରୀ ଯାଏ ତଳକୁ ଖସିଛି। ୧୯ ସ୍ଥାନରେ ରାତ୍ରକାଳୀନ ତାପମାତ୍ରା ୧୫ ଡିଗ୍ରୀ ତଳେ ରେକର୍ଡ କରାଯାଇଛି। ଦାରିଙ୍ଗବାଡ଼ିରେ ସର୍ବନିମ୍ନ ୭.୫ ଡିଗ୍ରୀ ଓ ସମତଳ ଅଞ୍ଚଳ ମଧ୍ୟରେ ଫୁଲବାଣୀରେ ସର୍ବନିମ୍ନ ୧୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିଭଳି ଝାରସୁଗୁଡ଼ାରେ ୧୦.୮, କେନ୍ଦୁଝର ୧୧.୨, ଟିଟିଲାଗଡ଼ ୧୧.୩, ସୁନ୍ଦରଗଡ଼ ୧୨, ସୋନପୁର ୧୨.୪, ଭବାନୀପାଟଣା ୧୨.୯, ଚାନ୍ଦବାଲି ୧୩.୨, ହୀରାକୁଦ ୧୩.୨, ବଲାଙ୍ଗୀର ୧୩.୬, କୋରାପୁଟ ୧୩.୮, ବାରିପଦା ୧୪, ସମ୍ବଲପୁର ୧୪, ତାଳଚେର ୧୪, କଟକ ୧୪.୫, ଭୁବନେଶ୍ୱର ୧୪.୫, ବାଲେଶ୍ୱର ୧୪.୬, ଅନୁଗୋଳ ୧୪.୬, ନୟାଗଡ଼ ଓ ବୌଦ୍ଧରେ ୧୫, ମାଲକାନଗିରି ୧୫.୫, ପାରାଦୀପ ୧୬.୮, ଗୋପାଳପୁର ୧୭.୨, ଛତ୍ରପୁର ୧୮, ପାରଳାଖେମୁଣ୍ଡି ୧୮, ପୁରୀ ୧୮.୧ ଓ ରାୟଗଡ଼ାରେ ୧୯.୨ ଡିଗ୍ରୀ ତାପମାତ୍ରା ରହିଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

**୨ ଡିଗ୍ରୀ ଯାଏ ଖସିଲା ପାରଦ**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, SAMBALPUR (R&B) DIVISION NO. II, SAMBALPUR**
E-mail – eesbprnbdivision2@gmail.com, Phone -0663-2410104
**BID IDENTIFICATION No. EE / R and B / SBP II /24(online)/2021-22**
**E-procurement notice**
No.4848 / Dated 07.12.2021
No. B-801:- The Superintending Engineer, Sambalpur (R&B) Division No.II, Sambalpur on behalf of Governor of Odisha invites Percentage Rate bids in single cover System in ONLINE MODE.
1. No. of work :- 05 (five) Nos. of work (1 No. Lift & 2 Nos. Electrical works, 2 Nos. of Building works)
2. Tender Cost :- ₹6,000/- & 4,000/-
3. Class of Contractor :- OEM or its authorized dealer having tie up with electrical contractor/ Electrical Contractor / C Class/ B Class / A Class contractor
4. Availability of bid document in the website. :- 10.00 Hours of 14.12.2021 to 17.00 Hours of 22.12.2021
5. Date of Opening of Tenders :- 11.30 Hours on dt.23.12.2021
6. The bidders have to participate in ONLINE bidding only. Further details can be seen from the Website www.tendersodisha.gov.in only. Any Corrigendum / Addendum/cancellation of tender will be displayed in the website said only.
Sd./- Superintending Engineer
Sambalpur (R&B) Division No.II
OIPR-34042/11/0057/2122

**ଓଡ଼ିଶା ସରକାର**
**ସ୍ୱତନ୍ତ୍ର ରିଲିଫ୍ କମିଶନର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
**(ବିପର୍ଯ୍ୟୟ ପରିଚାଳନା)**
**ସୂଚନା**
**No. F-257:-** ଏତଦ୍ୱାରା ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ରାଜ୍ୟରେ କୋଭିଡ୍-19ରେ ମୃତ୍ୟୁ ପାଇଁ ବିପର୍ଯ୍ୟୟ ମୁକାବିଲା ପାଣ୍ଠିରୁ ସରକାର ଟ.୫୦,୦୦୦/- (ପଚାଶ ହଜାର ଟଙ୍କା) ଅନୁକମ୍ପାମୂଳକ ସହାୟତା ରାଶି ମୃତକଙ୍କ ନିକଟତମ ସମ୍ପର୍କୀୟଙ୍କୁ ଯୋଗାଇ ଦେଉଛନ୍ତି।
ଯେଉଁ ବ୍ୟକ୍ତିଙ୍କ ନିକଟତମ ସମ୍ପର୍କୀୟ ଏହି ସହାୟତା ରାଶି ପାଇନାହାନ୍ତି, ସେମାନେ ଆବେଦନପତ୍ର/ ଦରଖାସ୍ତ ଓ ଆବଶ୍ୟକୀୟ ଦସ୍ତାବିଜ ସହିତ ଜିଲ୍ଲାପାଳଙ୍କୁ ପ୍ରତ୍ୟକ୍ଷଭାବେ (Offline) ଓ Website- **https://caps.odisha.gov.in** (Online) ଜରିଆରେ ଦାଖଲ/ଆବେଦନ କରିପାରିବେ। Web Portal (Website: https://caps.odisha.gov.in) "CAPS" (Covid-19 Ex-gratia Assistance Payment System) ତା.୦୩.୧୧.୨୦୨୧ରିଖରୁ ଜନସାଧାରଣଙ୍କ ନିମନ୍ତେ ଉପଲବ୍ଧ ହୋଇଅଛି। ଏଣୁ କୋଭିଡ୍-19ରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଆତ୍ମୀୟସ୍ୱଜନଙ୍କୁ ଯଥାଶୀଘ୍ର ଜିଲ୍ଲାପାଳଙ୍କ ଜରିଆରେ ଆବେଦନ କରିବାକୁ ଅନୁରୋଧ କରାଯାଉଅଛି।
ଆବଶ୍ୟକସ୍ଥଳେ ଜନସାଧାରଣ ଏକ (Toll Free/ ଦେୟମୁକ୍ତ) Sanjog Helpline ନମ୍ବର **155335**କୁ ଯୋଗାଯୋଗ କରି ସହାୟତା ନେଇପାରିବେ।
ସ୍ୱା./-ସ୍ୱତନ୍ତ୍ର ରିଲିଫ୍ କମିଶନର ଓ
ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡ଼ିଶା
OIPR-24003/11/0012/2122

**GOVT. OF ODISHA** No. MM-293
**OFFICE OF THE DIVISIONAL FOREST OFFICER, KARANJIA DIVISION, KARANJIA**
**e-Procurement Notice, KARANJIA FOREST DIVISION**
**Bid Identification No. FD-KJA-02 of 2021-22**
**email ID: dfo.karanjia@odisha.gov.in**
**Letter No. 6632** **Date: 12.12.2021**
1. Name of Works : Construction of Building works
2. Approximate Estiamted Cost: Rs.10.75 lakh to 17.857 lakhs (As per Annexure in TCN)
3. Class of Contractor : "D" & "C" Class (As per Annexure)
4. Period of Completion : 03 (Three) Calendar months
5. Tender Paper Cost : Rs.6,000/- towards cost of bid as mentioned in Annexure (Building work).
6. Date & time of availability of bid document in the portal : Dt.16.12.2021 at 10.00 A.M.
7. Last date/time for receipt of bid in the portal : Dt.22.12.2021 upto 5.00 P.M.
8. Date of Opening Bid : Dt.23.12.2021 at 11.00 A.M.
9. Name and address of the Office Inviting Bid : Divisional Forest Officer, Karanjia Division, Karanjia
10. The bidders have to participate in ONLINE bidding only.
11. All other details can be seen from the e-procurement portal **https://www.tendersodisha.gov.in.**
**Sd./- Divisional Forest Officer, Karanjia Division**
**OIPR-08019/11/0006/2122**

**ODISHA PUBLIC SERVICE COMMISSION CUTTACK**
**NOTICE**
**No. 9150/PSC, (1R-96-21-22) (DR-V),** **Dt. 15.12.21**
**No. D-238:-** It is for information of all concerned that, document verification of candidates having **PPSAN** mentioned below for the post of **Professor in Journalism & Mass Communication** pursuant to advertisement No.10 of 2021-22 shall be held on **22.12.2021** as per the following programme in the office of the Commission at 19, Dr. P. K. Parija Road, Cuttack -753001.
**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 22.12.2021 | 2.30 P.M. | 00110431, 00111660, 00094865 & 00111259 = **4 Candidates** |

The candidates are required to submit the following documents at the time of verification:-
1. The hard copies of **online application forms** indicating their **PPSAN at the top right hand corner**. (Not required for offline mode of applications).
2. Three passport size **photographs**.
3. Duly filled in & attested "**Attestation Form**" and duly filled in "**Bio-data Form**", (downloaded from the website of the Commission).
4. Duly filled in forms "**Appendix-I & II**" to be downloaded from the website of the Commission.
5. Ph. D. Thesis.
6. Certificate of teaching experience.
7. Following documents in Original (as per table-2 of Appendix-II of UGC regulation-2018)
a. All original Research Publications/Books.
b. Creation of ICT mediated Teaching/ Learning/ Pedagogy.
c. Research guidance.
d. Patents if any.
e. Invited lectures/ resource Person/paper presentation in Seminar/Conference.
Besides:-
i. Copies of the 1st pages of each Research Publications/Papers - **01 Set**
ii. Copies of front and back cover pages of the Published Books - **01 Set**
The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time.
OIPR-12002/11/0169/2122 **Sd./- Secretary**

**ODISHA PUBLIC SERVICE COMMISSION CUTTACK**
**NOTICE**
**No. 9162/PSC, (1R-93-21-22) (DR-V),** **Dt. 15.12.21**
**No. D-240:-** It is for information of all concerned that, document verification of candidates having **PPSAN** mentioned below for the post of **Associate Professor in Public Administration** pursuant to advertisement No.06 of 2021/22 shall be held on **22.12.2021** as per the following programme in the office of the Commission at 19, Dr. P. K. Parija Road, Cuttack -753001.
**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 22.12.2021 | 10.30 A.M. | 00109353, 00109228, 00110366, 00109586, 00086786, 00110125, 00110480, 00094634 & 00110709 = **9 Candidates** |

The candidates are required to submit the following documents at the time of verification:-
1. The hard copies of **online application forms** indicating their **PPSAN at the top right hand corner**. (Not required for offline mode of applications).
2. Three passport size **photographs**.
3. Duly filled in & attested "**Attestation Form**" and duly filled in "**Bio-data Form**", (downloaded from the website of the Commission).
4. Duly filled in forms "**Appendix-I & II**" to be downloaded from the website of the Commission.
5. P.G. Degree mark sheet in support of percentage of mark.
6. Ph. D. Thesis.
7. Certificate of teaching experience.
8. Following documents in Original (as per table-2 of Appendix-II of UGC regulation-2018)
a. All original Research Publications/Books.
b. Creation of ICT mediated Teaching/ Learning/ Pedagogy.
c. Research guidance.
d. Patents if any.
e. Invited lectures/ resource Person/paper presentation in Seminar/Conference.
Besides:-
i. Copies of the 1st pages of each Research Publications/Papers - **01 Set**
ii. Copies of front and back cover pages of the Published Books - **01 Set**
The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time.
OIPR-12002/11/0171/2122 **Sd./- Secretary**

**GOVERNMENT OF ODISHA**
**OFFICE OF THE ENGINEER-IN-CHIEF, RURAL WORKS, ODISHA, BHUBANESWAR**
**(E-Mail address - cerw_bbsr@yahoo.com)**
Lr. No.36717//
Dt.14.12.21
**"e" Procurement Notice for bridge works in Odisha**
**(Online-08(Bridge)/2021-22 dt. 14.12.2021)**
No. O-1346
1. Name of the work : Construction of bridge work
2. Total No. of works : 01 (One) No.
3. Estimated cost : Rs.947.45 lakh
4. Class of contractor : Special Class & Super Class
5. Period of completion : 15 (Fifteen) calendar months
6. Other details :

| Procurement Officer | Bid Identification No. | No. of bridge works | Availability of tender online for bidding | |
|---|---|---|---|---|
| | | | From | To |
| Chief Engineer, Buildings & Bridges, Rural Works, Odisha, Bhubaneswar | Online-08(Bridge) /2021-22 | 01 (One) No. | 22.12.2021 at 11.00 A.M. | 11.01.2022 upto 5.00 P.M. |

Other details can be seen in the bidding documents, which is available in website **www.tendersorissa.gov.in**
Sd./- Chief Engineer, Buildings & Bridges
Rural Works, Odisha, Bhubaneswar
OIPR-25123/11/0018/2122